- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-51 ◆FRIDAY ◆14 AUGUST 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୫୧ ◆ଶୁକ୍ରବାର ◆୧୪ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ସ୍ୱସ୍ତି ଶ୍ରେଷ୍ଠ ମହିଳା ସାଇକ୍ଲିଷ୍ଟ

▶ପୃଷ୍ଠା ୧୨ ଦେଖନ୍ତୁ...

# ବର୍ଷା ବିପ୍ଳବ

## ଦିନକରେ ନାକେଦମ୍

■ ଭୁବନେଶ୍ୱର, ୧୩।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହୋଇଛି । ସେହିପରି କେନ୍ଦୁଝର ଓ ଭଦ୍ରକରେ ମଧ୍ୟ କିଛି ଅଞ୍ଚଳରେ ବର୍ଷା ହୋଇଛି। ଫଳରେ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସନ୍ଧ୍ୟା ସୁଦ୍ଧା ବୈତରଣୀ ନଦୀ ଆଖୁଆପଦାଠାରେ ସତର୍କ ସଙ୍କେତ ପାର୍ କରିଛି, ସେହିପରି ବୁଢ଼ାବଳଙ୍ଗ ମଧ୍ୟ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି ଓ ଜଳକା ଏବେ ବିପଦ ସଙ୍କେତ ଟପିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ଭୋଗରାଇରେ ସର୍ବାଧିକ ୨୩୬ ମିମି ବର୍ଷା ହୋଇଥିବା ବେଳେ ସମାଖୁଣ୍ଟାରେ ୨୩୦ ମିମି, ବାରିପଦାରେ ୨୧୫.୨ ମିମି ଏବଂ ରାଜଘାଟରେ ୨୦୪.୮ ମିମି ବର୍ଷା ରେକର୍ଡ ହୋଇଛି। ୪ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ, ୧୫ଟି ସ୍ଥାନରେ ଅତି ପ୍ରବଳ ଏବଂ ୧୬ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି ।

ବର୍ଷା ଯୋଗୁଁ ବଡ଼ ବନ୍ୟା ଆଶଙ୍କା ନ ଥିଲେ ମଧ୍ୟ ତଳିଆ ଅଞ୍ଚଳରେ ପାଣି ଜମିବା ଆଶଙ୍କା ଦେଖା ଦେଇଛି ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି। ଜଳକା, ସାଳନ୍ଦୀ ଓ ବୈତରଣୀ ନଦୀ ଉପରେ ଏବେ ସତର୍କ ନଜର ରହିଛି। ବିଶେଷ କରି ତିହିଡ଼ି, ଚାନ୍ଦବାଲି, ବାଲେଶ୍ୱର ସଦର, ବସ୍ତା ଓ ଦଶରଥପୁର ଭଳି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଲାଗି ରହିବାର ଆଶଙ୍କା ରହିଛି। ଅବପାତଟି ଆଗାମୀ ▶ପୃଷ୍ଠା-୭



କେନ୍ଦୁଝର: ଭୀମକୁଣ୍ଡରେ ବୈତରଣୀର ଭୀମ ଗର୍ଜନ



ବାରିପଦା: ଘରେ ପଶିଲା ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା; ଗଛ ଉପରେ ବିପନ୍ନ

ବଢୁଛି ବୈତରଣୀ, ବୁଢ଼ାବଳଙ୍ଗ, ଜଳକା


ପୁଣି ଉତ୍ତର ଓଡ଼ିଶାରେ ବନ୍ୟା ଭୟ

୧୯ ବେଳକୁ ଆଉ ଏକ ଲଘୁଚାପ

## ବନ୍ୟାରେ ଭାସିଯାଇ ଯୁବକ ମୃତ

■ ରାଉରକେଲା, ୧୩।୮ (ସମିସ): ପାନପୋଷ ବସ୍ତି ପୁରୁଣା ହାଟ ନିକଟରେ ବନ୍ୟା ଜଳରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କ୍ରିଷ୍ଟା ଟିକ୍ ବେଡେକ(୪୦)। ଗୁରୁବାର ସକାଳୁ ଅବିଶ୍ରାନ୍ତ ବର୍ଷା ଯୋଗୁଁ ପାନପୋଷ ବସ୍ତିର ପୁରୁଣା ହାଟ ପାଖରୁ ଛେଣ୍ଡ ରେଳ ଫାଟକ ପର୍ଯ୍ୟନ୍ତ ଅଞ୍ଚଳରେ ୪ ଫୁଟର ପାଣି ଲହଡ଼ି ଭାଙ୍ଗୁଥିଲା। କୌଣସି କାମରେ କ୍ରିଷ୍ଟା ଚାଲି ଚାଲି ରାସ୍ତା ପାର ହେଉଥିବା ବେଳେ ଭାସି ନିଖୋଜ ହୋଇ ଯାଇଥିଲେ। ବର୍ଷା ଛାଡ଼ିବା ପରେ କ୍ରିଷ୍ଟାଙ୍କ ଶବ ନିକଟସ୍ଥ ଏକ ଡ୍ରେନରେ ଅଟକି ରହିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଶବ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସରକାରଙ୍କ ଅପାରଗତା ଜଳବନ୍ଦୀ ଲୋକଙ୍କୁ ଅଧିକ ଭୟଭୀତ କରୁଛି: ନବୀନ



■ ଭୁବନେଶ୍ୱର, ୧୩।୮ (ସମିସ): ବର୍ଷା କାରଣରୁ ରାଉରକେଲା ସହରରେ ବ୍ୟାପକ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବର୍ଷା ପାଇଁ ସ୍ମାର୍ଟ ସିଟି ରାଉରକେଲାର ସହରାଞ୍ଚଳରେ ଦେଖାଦେଇଥିବା ଜଳବନ୍ଦୀ ସ୍ଥିତି ଗମ୍ଭୀର ଚିନ୍ତାର ବିଷୟ। ସହରବାସୀଙ୍କ ଧନଜୀବନ ପ୍ରତି ଏହା ବିପଦ ସୃଷ୍ଟି କରିଥିବା ବେଳେ, ସରକାରଙ୍କ ଅପାରଗତା ଲୋକଙ୍କୁ ଅଧିକ ଭୟଭୀତ କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସହରୀ ବନ୍ୟାରେ ଲୋକେ ଦୀର୍ଘ ଦିନ ଧରି ଜଳବନ୍ଦୀ ଜୀବନ ବିତାଉଛନ୍ତି। ସରକାରୀ ସୁବିଧା ସେମାନଙ୍କ ନିକଟରେ ପହଞ୍ଚୁ ନଥିବାର ମଧ୍ୟ ଅଭିଯୋଗ ଆସୁଛି। ଏପରି ଅସମୟରେ ଲୋକଙ୍କ ସାଥିରେ ସରକାର ଦୃଢ଼ ଭାବେ ଠିଆ ହେବା ବଦଳରେ ଲୋକଙ୍କ ହାତ ଛାଡ଼ିଦେଇଥିବା ପରି ମନେ ହେଉଛି। ଲୋକଙ୍କ କଥା ନ ଶୁଣି, ଲୋକଙ୍କ ସମସ୍ୟା ସମାଧାନ ନ କରି ସରକାର ଖାଲି ଦିବା ସ୍ୱପ୍ନ ଦେଖାଉଛନ୍ତି। ▶ପୃଷ୍ଠା-୭

### ସଂସଦରେ ଏମ୍ଏମ୍ଡିଆର୍ ସଂଶୋଧନ ବିଲ୍ ଧ୍ୱନି ମତରେ ଗୃହୀତ

# ରାଜ୍ୟର ଖଣି ଟିକସ ଆଦାୟ କ୍ଷମତା ଶେଷ

■ ଭୁବନେଶ୍ୱର/ ନୂଆଦିଲ୍ଲୀ, ୧୩।୮ (ସମିସ): ଖଣିଜ ସମ୍ପଦ ଉପରେ ରାଜ୍ୟଗୁଡ଼ିକର ଟିକସ ଆଦାୟ କ୍ଷମତାକୁ ସଂକୁଚିତ କରାଯିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଏମ୍ଏମ୍ଡ଼ିଆର୍ ସଂଶୋଧନ ବିଲ୍ ୨୦୨୬ ସଂସଦର ଉଭୟ ଗୃହରେ ଧ୍ୱନୀମତରେ ଗୃହୀତ ହୋଇଛି। ବିରୋଧୀଙ୍କ ତୀବ୍ର ବିରୋଧ ଓ ହଟ୍ଟଗୋଳ ମଧ୍ୟରେ ବୁଧବାର ଲୋକସଭାରେ ବିଲ୍ ପାରିତ ହୋଇଥିବାବେଳେ ଗୁରୁବାର ରାଜ୍ୟସଭାରେ ମଧ୍ୟ ବିଲ୍କୁ ପାରିତ କରିବାରେ ସରକାର ସକ୍ଷମ ହୋଇଛନ୍ତି। ଯାହାକୁ ନେଇ ଓଡ଼ିଶା ସମେତ ସାରା ଦେଶର ଖଣି ସମୃଦ୍ଧ ରାଜ୍ୟଗୁଡ଼ିକରେ ପ୍ରତିବାଦର ସ୍ୱର ତୀବ୍ର ହୋଇଛି। ବିଲ୍ରେ ଥିବା ନୂଆ ବ୍ୟବସ୍ଥା ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟର ଖୋଲା ଉଲ୍ଲଂଘନ କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏହା ସହ ଏହି ବିଲ୍ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାତନ୍ତ୍ର୍ୟ ଓ କ୍ଷମତା ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ଦିଷ୍ଟ ବୋଲି ମଧ୍ୟ ଅଭିଯୋଗ କରାଯାଉଛି।

ଏମ୍ଏମ୍ଡ଼ିଆର୍ ଆକ୍ଟ ୧୯୫୭ରେ ରାଜ୍ୟ ସରକାର ଖଣି ଓ ଖଣି ପରିଚାଳନା କରୁଥିବା ସଂସ୍ଥାଠାରୁ ରାଜଭାଗ ଆଦାୟ କରିବା ସହ ଖଣିଜ ଅଧିକାର ଓ ଖଣିଜ ଜମି ଉପରେ କର, ସେସ୍ ଓ ଅନ୍ୟାନ୍ୟ ଲେଭି ଲଗାଇବାର କ୍ଷମତା ପାଇଥିଲେ। ମାତ୍ର କେନ୍ଦ୍ର ସରକାରଙ୍କ ନୂଆ ସଂଶୋଧନରେ ରାଜ୍ୟଗୁଡ଼ିକର ଖଣିଜ ଅଧିକାରକୁ କ୍ଷୁଣ୍ଣ କରାଯାଇଛି। ରାଜ୍ୟରେ ଥିବା ଖଣିଜ ଜମି ଉପରେ ସରକାର କର, ସେସ ବା କୌଣସି ଲେଭି ଲଗାଇ ପାରିବେ ନାହିଁ ବୋଲି ବ୍ୟବସ୍ଥା ହୋଇଛି। ଏଥିପାଇଁ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବାକୁ ଥିବା ନିୟମ ଓ ସର୍ତ୍ତ ପାଳନ କରିବାକୁ ପଡ଼ିବ। ଅର୍ଥାତ୍ ଖଣିଜ ସମ୍ପଦରୁ ରାଜ୍ୟ ସରକାରଙ୍କୁ କମ୍ ରାଜସ୍ୱ ମିଳିବ। ବିଲ୍ରେ ନୂତନ ଭାବରେ ସଂଯୋଗ କରାଯାଇଥିବା ଧାରା ୯(ଡ଼ି) ଅନୁସାରେ ଖଣିଜ ସମ୍ପଦର ପରିମାଣ, ମୂଲ୍ୟ, ରୟାଲଟି କିମ୍ବା ଅନ୍ୟ କୌଣସି ଆଧାରରେ ରାଜ୍ୟ ସରକାର କୌଣସି ଟିକସ ଲଗାଇ ପାରିବେ ନାହିଁ। କେବଳ ସେତିକି ନୁହେଁ ପୂର୍ବରୁ ଆଦାୟ ହୋଇ ନ ଥିବା ରାଜସ୍ୱ ଓ ଲେଭିକୁ ମଧ୍ୟ ଏହି ବିଲ୍ରେ ଅବୈଧ ଘୋଷଣା କରାଯାଇଛି।

ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିଲ୍ ରାଜ୍ୟଗୁଡ଼ିକର ▶ପୃଷ୍ଠା-୭

କେନ୍ଦ୍ର ନିୟନ୍ତ୍ରଣରେ ରହିବ ରାଜ୍ୟର ଖଣି ସମୃଦ୍ଧ ଅଞ୍ଚଳ

କୌଣସି ସେସ୍, ଟିକସ ଆଦାୟ କରିପାରିବନି ରାଜ୍ୟ

ଓଡ଼ିଶାକୁ ମିଳିବ ନାହିଁ ପୂର୍ବ ବକେୟା ଲକ୍ଷାଧିକ କୋଟି

ପ୍ରତିବର୍ଷ ରାଜ୍ୟ ହରାଇବ ହଜାର ହଜାର କୋଟି ରାଜସ୍ୱ

### ବିଲ୍କୁ ବିଜେଡିର ତୀବ୍ର ବିରୋଧ

## ଓଡ଼ିଶାର ସ୍ୱାର୍ଥ ବିରୋଧୀ: ମାନସ



■ ନୂଆଦିଲ୍ଲୀ, ୧୩।୮ (ସମିସ): ଏମ୍ଏମ୍ଡ଼ିଆର୍ ସଂଶୋଧନ ବିଲ୍କୁ ରାଜ୍ୟସଭାରେ ତୀବ୍ର ବିରୋଧ କରିଛି ବିଜେଡି। ଆଲୋଚନା ସମୟରେ ସାଂସଦ ମାନସ ମଙ୍ଗରାଜ ବିଲ୍କୁ ବିରୋଧ କରିବା ସହ ଏହା ଓଡ଼ିଶା ଓ ଅନ୍ୟ ଖଣିଜ ସମ୍ପଦପୂର୍ଣ୍ଣ ରାଜ୍ୟଗୁଡ଼ିକର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରିଛନ୍ତି। ଏହା ସହ ବିଲ୍କୁ ସିଲେକ୍ଟ କମିଟିକୁ ପଠାଇବାକୁ ମଧ୍ୟ ସେ ଦାବି କରିଛନ୍ତି । ଆଲୋଚନାରେ ଭାଗ ନେଇ ସେ କହିଛନ୍ତି ଯେ ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଖଣିଜ ଉତ୍ପାଦନକାରୀ ରାଜ୍ୟ। ଲୁହାପଥର, ବକ୍ସାଇଟ୍, ମାଙ୍ଗାନିଜ୍ ସମେତ ବିଭିନ୍ନ ଖଣିଜ ସମ୍ପଦ ଦେଶର ଶିଳ୍ପ ବିକାଶରେ ବଡ଼ ଅବଦାନ ରଖୁଛି। କିନ୍ତୁ ଖଣି ଅଞ୍ଚଳର ଲୋକମାନେ ଦୀର୍ଘଦିନ ଧରି ପରିବେଶୀୟ ଓ ▶ପୃଷ୍ଠା-୭

### ଛାତ୍ରଙ୍କୁ ପୁଲିସ ବର୍ବରତା, ଦାନ ଚୋରି

## ଧୋଇଗଲା ମୌସୁମୀ ଅଧିବେଶନ



■ ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟର ପ୍ରତିବାଦ କରୁଥିବା ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ଏବଂ ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ପ୍ରସଙ୍ଗକୁ କେନ୍ଦ୍ର କରି ସଂସଦର ମୌସୁମୀ ଅଧିବେଶନ ବରବାଦ ହୋଇଯାଇଛି। ବନ୍ଦେ ମାତରମ୍ର ଗାନ ଏବଂ ମାତ୍ର ୩ ମିନିଟ୍ ୧୦ ସେକେଣ୍ଡର ଶାନ୍ତ ପରିବେଶ ମଧ୍ୟରେ ସମାପ୍ତ ହୋଇଛି ମୌସୁମୀ ଅଧିବେଶନ। ନିରବତାର ଏହି ସଂକ୍ଷିପ୍ତ ସମୟ ପରେ ବାଚସ୍ପତି ଓମ୍ ବିର୍ଲା ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଉପରୋକ୍ତ ପ୍ରସଙ୍ଗରେ ସମଗ୍ର ଅଧିବେଶନ ବିରୋଧୀଙ୍କ ପ୍ରବଳ ହଙ୍ଗାମା, ସ୍ଲୋଗାନବାଜି, ଅଭିଯୋଗ-ପ୍ରତ୍ୟାଭିଯୋଗ ମଧ୍ୟରେ ଅଚଳ ରହିଥିବା ବେଳେ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ବିନା କୌଣସି ଆଲୋଚନାରେ ପାସ୍ କରାଇ ନେଇଛନ୍ତି ।

ମୌସୁମୀ ଅଧିବେଶନର ଶେଷ ଦିବସରେ ଆଜି ସକାଳେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଲୋକସଭାରେ ଉପସ୍ଥିତ ହୋଇଥିଲେ। ବିରୋଧୀ ସାଂସଦମାନେ 'କ୍ଷମା ପ୍ରାର୍ଥନା କର' ଏବଂ 'ଲାଠିଚାଳନା ନିର୍ଦ୍ଦେଶ କିଏ ଦେଲା' ବୋଲି ▶ପୃଷ୍ଠା-୭

୩ ମିନିଟର 'ବନ୍ଦେ ମାତରମ୍' ନିରବତା

ସଂସଦ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ବିନା ଆଲୋଚନାରେ ୧୧ଟି ବିଲ୍ ପାରିତ

### ଥମୁନି ରାଜ୍ୟ ପୁଲିସ ମୁଖିଆ ଚୟନ ବିବାଦ

## ଡିଜିପି ନିଯୁକ୍ତିରେ 'ସୁପ୍ରିମ' ଅଙ୍କୁଶ



କୌଣସି ନାମ ସୁପାରିସ ନ କରିବାକୁ ୟୁପିଏସ୍ସିକୁ ନିର୍ଦ୍ଦେଶ

ମାର୍ଗଦର୍ଶିକା ଉଲ୍ଲଂଘନ ହୋଇଥିବା ଆମିକସ୍ କ୍ୟୁରିଙ୍କ ସନ୍ଦେହ

ଜନସ୍ୱାର୍ଥ ମାମଲାକୁ ବିରୋଧ କଲେ ରାଜ୍ୟ ସରକାର

ରାଜ୍ୟରେ କାମଚଳା ଡିଜି ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଆରମ୍ଭ

■ ଭୁବନେଶ୍ୱର, ୧୩।୮ (ସମିସ): ରାଜ୍ୟରେ ପୁଲିସ ଡିଜି ଚୟନ ଚାଲିଥିବା ବିବାଦ ଧୀରେ ଧୀରେ ରୋମାଞ୍ଚକର ହେବାରେ ଲାଗିଛି। ଆଇନଗତ ଲଢେଇ ଯୋଗୁଁ ପୁରୁଣା ଡିଜିପି ଯିବା ପୂର୍ବରୁ ରାଜ୍ୟରେ ଆଉ ନୂଆ ସ୍ଥାୟୀ ଡିଜିପି ନିଯୁକ୍ତି ହେବାର ସମ୍ଭାବନା ନାହିଁ। ଆସନ୍ତା ଅଗଷ୍ଟ ୧୮ ପର୍ଯ୍ୟନ୍ତ ରାଜ୍ୟର ଡିଜିପି ଚୟନ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି ଓ ୟୁପିଏସ୍ସିକୁ କୌଣସି ସୁପାରିସ ନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆସନ୍ତା ୧୬ ତାରିଖରେ ବର୍ତ୍ତମାନର ଡିଜି ଅବସର ନେଉଥିବାରୁ ସରକାର କାମଚଳା ଡ଼ିଜି ନିଯୁକ୍ତି କରିପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

ରାଜ୍ୟ ପୁଲିସ ମୁଖିଆ ନିଯୁକ୍ତିରେ ସୁପ୍ରିମ୍କୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଉଲ୍ଲଂଘନ ହୋଇଥିବା ଅଭିଯୋଗ କରି ଜନସ୍ୱାର୍ଥ ମାମଲା ରୁଜୁ ପରେ ପୁଲିସ ଡିଜି ନିଯୁକ୍ତି ପ୍ରକ୍ରିୟା ବିବାଦ ଘେରକୁ ଆସିଛି। ସୁପ୍ରିମକୋର୍ଟରେ ଏହି ମାମଲା ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଡିଜିପି ଚୟନ ପ୍ରକ୍ରିୟାରେ କୌଣସି ନିୟମର ଉଲଙ୍ଘନ ହୋଇ ନ ଥିବା ଯୁକ୍ତି ବାଢ଼ିଛନ୍ତି। ଏହା ସହ ସେବା କ୍ଷେତ୍ରରେ ଜନସ୍ୱାର୍ଥ ମାମଲା ଗ୍ରହଣୀୟତାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ତେବେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ ଏହି ମାମଲାରେ ବରିଷ୍ଠ ଆଇନଜୀବୀ ତଥା ପ୍ରକାଶ ସିଂ ମାମଲାର ତତ୍କାଳୀନ ଆମିକସ କ୍ୟୁରୋ ରାଜୁ ରାମଚନ୍ଦ୍ରନ୍ଙ୍କ ମତାମତ ଲୋଡିଛନ୍ତି। ଶ୍ରୀ ରାମଚନ୍ଦ୍ରନ ଓଡ଼ିଶାରେ ଡିଜିପି ନିଯୁକ୍ତି ପ୍ରକ୍ରିୟାରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ମାର୍ଗଦର୍ଶିକା ଉଲ୍ଲଂଘନ ହୋଇଥିବା ମତାମତ ଦେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ଡିଜି ନିଯୁକ୍ତି ଉପରେ ଅଙ୍କୁଶ ଲଗାଇଛନ୍ତି।

ଏପଟେ ଅଗଷ୍ଟ ୧୬ରେ ବର୍ତ୍ତମାନର ପୁଲିସ ଡିଜି ୱାଇବି ଖୁରାନିଆ ଅବସର ନେବେ ଓ ରାଜ୍ୟ ସରକାର ତାଙ୍କର ଅବସରକୁ ଅନୁମୋଦନ ଦେଇ ସାରିଛନ୍ତି। ଏହି ସମୟ ମଧ୍ୟରେ ଡିଜିପି ନିଯୁକ୍ତି ନ ହେଲେ ରାଜ୍ୟରେ ଡିଜିପି ପଦଟି ଖାଲି ପଡ଼ିବ। ଏଣୁ କାର୍ଯ୍ୟକାରୀ ଡିଜିପି ନିଯୁକ୍ତି ହିଁ ▶ପୃଷ୍ଠା-୭

### ପଶ୍ଚିମ ଓଡ଼ିଶାରେ 'ଏଗ୍ରିଷ୍ଟାକ୍'କୁ ଜୋରଦାର ବିରୋଧ

## ପାକ୍ସ ଓ ଲ୍ୟାମ୍ପସରେ ତାଲା ପକାଇଲେ ଚାଷୀ

■ ସମ୍ବଲପୁର, ୧୩।୮ (ସମିସ): ସମ୍ବଲପୁର ଜିଲ୍ଲାରେ ଆଜି 'ଏଗ୍ରିଷ୍ଟାକ୍'କୁ ଜୋରଦାର ବିରୋଧ କରି ତାଲାମାରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରେଇପାଲି ମାର୍କେଟ୍ୟାର୍ଡରେ ଗତ ୧୧ ତାରିଖ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ବୈଠକରେ ନିଷ୍ପତ୍ତି ଅନୁଯାୟୀ, 'ଏଗ୍ରିଷ୍ଟାକ୍' ପ୍ରତ୍ୟାହାର ଏବଂ ଭାଗ ଚାଷୀଙ୍କ ଆଇରିସ୍ ସ୍କାନିଂ ବ୍ୟବସ୍ଥା ଉଠାଇବା ଦାବିରେ ଆଜି ସାଂକେତିକ ଆନ୍ଦୋଳନ କରାଯାଇଥିଲା। ଜିଲ୍ଲାର ସମସ୍ତ ସମବାୟ ସମିତି ପାକ୍ସ ଓ ଲ୍ୟାମ୍ପସ୍ ଗୁଡ଼ିକରେ ଚାଷୀମାନେ ତାଲାମାରି ବିକ୍ଷୋଭ କରିଥିଲେ। ଦିନିକିଆ ଆନ୍ଦୋଳନରେ ସମବାୟ ସମିତି ଗୁଡ଼ିକର କାର୍ଯ୍ୟ ଠପ୍ ହୋଇ ଯାଇଥିଲା। ସାରା ଜିଲ୍ଲାରେ ଚାଷୀମାନଙ୍କ ଏହି ଆନ୍ଦୋଳନ ବିଭାଗକୁ ଅଚଳ କରି ଦେଇଥିଲା। ଆଜି କୌଣସି ପଞ୍ଜୀକରଣ କିମ୍ବା ଅନ୍ୟ କାର୍ଯ୍ୟ ହୋଇ ପାରି ନ ଥିଲା। କୃଷକ ସୁରକ୍ଷା ସଙ୍ଗଠନର ଦାବିଗୁଡ଼ିକ ଆସନ୍ତା ୧୬ ତାରିଖ ମଧ୍ୟରେ ପୂରଣ ନହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସମ୍ବଲପୁର ଜିଲ୍ଲାରେ ଧାନ କିଣାବିକା ▶ପୃଷ୍ଠା-୭



### ଶକ୍ତି ବିଭାଗର ବିଜ୍ଞପ୍ତିକୁ ନେଇ ବିବାଦ

# ପଛଦ୍ୱାରରେ ଓଇଆରସି ଅଧ୍ୟକ୍ଷ ନିଯୁକ୍ତି ଯୋଜନା !

■ ଭୁବନେଶ୍ୱର, ୧୩।୮ (ସମିସ): ପୁଲିସ ଡିଜି ନିଯୁକ୍ତି ବିବାଦ ଯୋଗୁଁ ଓଡ଼ିଶା ସାରା ଦେଶରେ ଚର୍ଚ୍ଚାର ପରିଧିରେ ରହିଛି। ଏତିକିବେଳେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ପଦରେ ନିଯୁକ୍ତି ପାଇଁ ଚାଲିଥିବା ପ୍ରକ୍ରିୟାରେ ଶକ୍ତି ବିଭାଗର ବିଜ୍ଞପ୍ତିକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ନିଜ ପସନ୍ଦର ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ ପଦରେ ବସାଇବା ପାଇଁ ଶାସକ ବିଜେପିର ଗୋଟିଏ ଗୋଷ୍ଠୀ ଉଦ୍ୟମ ଆରମ୍ଭ କରିଛନ୍ତି ଯେଉଁଥିପାଇଁ ଅଧ୍ୟକ୍ଷ ପଦ ପାଇଁ ଆବେଦନ ଅବଧିକୁ ଆଉ ୭ ଦିନ ବୃଦ୍ଧି କରାଯାଇଥିବା ଚର୍ଚ୍ଚା ହେଉଛି।

ଗତ ଜୁନ୍ ୨୫ ତାରିଖରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନା ଇସ୍ତଫା ଦେଇଥିଲେ। ଓଇଆରସି ଅଧ୍ୟକ୍ଷ ପଦବୀ ପରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ଆବଶ୍ୟକ ସୁଧାର ଏବେ ଅଟକି ରହିଛି। ତେଣୁ ପ୍ରାଥମିକତାର ସହ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଥିବା ବେଳେ ଶକ୍ତି ବିଭାଗର ଏକ ବିଜ୍ଞପ୍ତି ବିଶେଷଜ୍ଞ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅଧ୍ୟକ୍ଷ ପଦରେ ନିଯୁକ୍ତି ପାଇଁ ଶକ୍ତି ବିଭାଗ ପକ୍ଷରୁ ଗତ ଜୁଲାଇ ମାସ ୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅଗଷ୍ଟ ୧୦ ତାରିଖ ମଧ୍ୟରେ ଆଶାୟୀ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ କରିବାକୁ ଏଥିରେ କୁହାଯାଇଥିଲା। ଇଚ୍ଛୁକ ପ୍ରାର୍ଥୀଙ୍କର ଇଞ୍ଜିନିୟରିଂ, ଅର୍ଥ, ବାଣିଜ୍ୟ, ଅର୍ଥଶାସ୍ତ୍ର, ଆଇନ ଆଦି ବିଷୟରେ ଅଭିଜ୍ଞତା ଥିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା। ମିଳିଥିବା ସୂଚନା ଅନୁଯାୟୀ ଏହି ଧାର୍ଯ୍ୟ ୧ ମାସ ମଧ୍ୟରେ ଅନେକ ପ୍ରାର୍ଥୀ ବିଧିବଦ୍ଧ ଭାବରେ ଆବେଦନ କରିଛନ୍ତି। ଏହା ସତ୍ତ୍ୱେ ଶକ୍ତି ବିଭାଗ ଗତ ୧୦ ତାରିଖରେ ଅକସ୍ମାତ ଆଉ ଏକ ବିଜ୍ଞପ୍ତି ପ୍ରକାଶ କରି ଆବେଦନ ଅବଧିକୁ ଆଉ ୭ ଦିନ ଅର୍ଥାତ୍ ଆସନ୍ତା ୧୭ ତାରିଖ ଯାଏଁ ଘୁଞ୍ଚାଇ ଦେଇଛି। ଯାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ୭ ଦିନିଆ ଆବେଦନ ଅବଧି ବୃଦ୍ଧି କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶକ୍ତି ବିଶେଷଜ୍ଞ ଓ ସମୀକ୍ଷକ ମହଲରେ ହେଉଥିବା ▶ପୃଷ୍ଠା-୭




କାହା ସ୍ୱାର୍ଥ ପାଇଁ ୭ ଦିନ ବଢ଼ିଲା ଆବେଦନ ଅବଧି

ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶକ୍ତି ବିଶେଷଜ୍ଞ

**ନେତାଜୀଙ୍କୁ ଅପମାନ**

## ବିଜେପି ସାଂସଦଙ୍କଠାରୁ ପ୍ରତ୍ୟାହୃତ ହେଲା ‘ବଙ୍ଗ ବିଭୂଷଣ’ ସମ୍ମାନ



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଆଜାଦ ହିନ୍ଦ୍ ଫୌଜ୍ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ବିଜେପି ରାଜ୍ୟସଭା ସାଂସଦ ନଗେନ୍ଦ୍ର ରୟ (ଅନନ୍ତ ମହାରାଜ)ଙ୍କଠାରୁ ‘ବଙ୍ଗ ବିଭୂଷଣ’ ସମ୍ମାନ ପ୍ରତ୍ୟାହାର କରିଛନ୍ତି ପଶ୍ଚିମବଙ୍ଗ ସରକାର। ଗତ ଫେବୃଆରୀ ୨୧, ୨୦୨୬ରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ରାଜ୍ୟର ଏହି ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରିଥିଲେ। ଜୁଲାଇ ୧୯ ରେ ଦିନହାଟାରେ ଆୟୋଜିତ ଏକ ସଭାରେ ଅନନ୍ତ ମହାରାଜ କହିଥିଲେ ଯେ, ‘ନେତାଜୀଙ୍କର ଆଜାଦ ହିନ୍ଦ୍ ଫୌଜ ଗଠନ କରିବାର ଦକ୍ଷତା ନଥିଲା। ସେ କହିଥିଲେ ଯେ ଆଇଏନ୍ଏରେ ଥିବା ସୈନିକମାନେ ବ୍ରିଟିଶ୍-ଭାରତୀୟ ସୈନ୍ୟ ଥିଲେ ଏବଂ ଏହାର ଅପବ୍ୟବହାର କରାଯାଇଥିଲା। ଏହି ମନ୍ତବ୍ୟ ପରେ ରାଜବଂଶୀ ସଂଗଠନ, ଫରୱାର୍ଡ ବ୍ଲକ ଏବଂ ଶାସକ ଟିଏମ୍ସି ସମେତ ବିଜେପିର ବରିଷ୍ଠ ନେତା ତଥାଗତ ରୟ ମଧ୍ୟ ଏହାକୁ ନିନ୍ଦା କରିଥିଲେ। ଫରୱାର୍ଡ ବ୍ଲକ ପୁଲିସରେ ଏତଲା ଦେବା ସହ ତାଙ୍କ ସାଂସଦ ପଦ ରଦ୍ଦ ଦାବି କରିଛି।



## ଓଡ଼ିଶାରୁ ପୂର୍ବତନ ତୃଣମୂଳ କଂଗ୍ରେସ ବିଧାୟକ ନିର୍ମଳ ଘୋଷ ଗିରଫ

କୋଲକାତା, ୧୩।୮ (ଏଜେନ୍ସି): କୋଲକାତାର ଆର୍‌ଜି କର୍ ମେଡିକାଲ କଲେଜର ଜୁନିୟର ଡାକ୍ତରଙ୍କ ବଳାତ୍କାର ଓ ହତ୍ୟା ମାମଲାରେ ପୀଡ଼ିତାଙ୍କ ଶବକୁ ସନ୍ଦେହଜନକ ଭାବେ ତରବରିଆ ଭାବେ ଦାହ କରିବା ଅଭିଯୋଗରେ ତୃଣମୂଳ କଂଗ୍ରେସର ପୂର୍ବତନ ବିଧାୟକ ନିର୍ମଳ ଘୋଷଙ୍କୁ ଓଡ଼ିଶାର ସିମୁଳିଆରୁ ଗିରଫ କରାଯାଇଛି। ପ୍ରମାଣ ନଷ୍ଟ କରିବା, ଅପରାଧିକ ଷଡ଼ଯନ୍ତ୍ର ଏବଂ ପରିବାର ଲୋକଙ୍କ ସମ୍ମତି ବିନା ଜବରଦସ୍ତ ଶବ ଦାହ କରାଇବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ୨୦୨୪ ଅଗଷ୍ଟରେ ଜୁନିୟର ମହିଳା ଡାକ୍ତରଙ୍କ ମୃତଦେହ ସେମିନାର ହଲ୍‌ରୁ ମିଳିଥିଲା।

## ସୁଖବୀର ସିଂହ ବାଦଲଙ୍କୁ ହତ୍ୟା ଉଦ୍ୟମ

ନାନ୍ଦେଡ, ୧୩।୮ (ଏଜେନ୍ସି): ଶିରୋମଣି ଅକାଳୀ ଦଳର ମୁଖ୍ୟ ତଥା ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କୁ ମହାରାଷ୍ଟ୍ରର ନାନ୍ଦେଡ୍‌ସ୍ଥିତ ଏକ ଗୁରୁଦ୍ୱାର ପରିସରରେ ଜଣେ ନିହଙ୍ଗ ଧାରୁଆ କୃପାଣ ଦ୍ୱାରା ଆକ୍ରମଣ କରିଛନ୍ତି। ଗୁରୁବାର ସକାଳ ପ୍ରାୟ ୧୧ଟା ସମୟରେ ମାତା ସାହିବ କୌର ଅଞ୍ଚଳରେ ଥିବା ଗୁରୁଦ୍ୱାରରେ ଏହି ଅଭାବନୀୟ ଘଟଣା ଘଟିଛି। ଆକ୍ରମଣରେ ବାଦଲଙ୍କ ଡାହାଣ ହାତରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ସେ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବାଦଲ ଏକ ବ୍ୟକ୍ତିଗତ ଗସ୍ତରେ ପଞ୍ଜାବରୁ ନାନ୍ଦେଡ୍ ଆସିଥିଲେ। ଗୁରୁଦ୍ୱାର ଭିତରେ ପ୍ରାର୍ଥନା କରୁଥିବା ସମୟରେ ଜଣେ ନିହଙ୍ଗ ହଠାତ୍ କୃପାଣ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଇନ୍ସପେକ୍ଟର ସନ୍ତୋଷ କେନ୍ଦ୍ରେ ତୁରନ୍ତ ବାଦଲଙ୍କୁ ବଞ୍ଚାଇବାକୁ ଯାଇ ନିଜେ ମଧ୍ୟ ଆହତ ହୋଇଛନ୍ତି। ଘଟଣା ପରେ ବାଦଲଙ୍କୁ ସ୍ଥାନୀୟ ଯଶୋସାଇ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି। ସୁରକ୍ଷାକର୍ମୀ ଓ ପୁଲିସ ଅଭିଯୁକ୍ତ ଆକ୍ରମଣକାରୀଙ୍କୁ ତୁରନ୍ତ କାବୁ କରି ଅଟକ ରଖିଛନ୍ତି। ଆକ୍ରମଣର କାରଣ ଜାଣିବା ପାଇଁ ପୁଲିସ ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚୁରା ଚଳାଇବା ସହ ଅଧିକ ତଦନ୍ତ ଜାରି ରଖିଛି। ପ୍ରକାଶଥାଉ କି, ଏହା ପୂର୍ବରୁ ୨୦୨୪ ଡିସେମ୍ବର ମାସରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ପରିସରରେ ଧାର୍ମିକ ଦଣ୍ଡ ବିଧାନର ଅଂଶସ୍ୱରୂପ ସେବା କରୁଥିବା ସମୟରେ ମଧ୍ୟ ବାଦଲଙ୍କୁ ଗୁଳିଚାଳନା ଦ୍ୱାରା ଆକ୍ରମଣ ଉଦ୍ୟମ କରାଯାଇଥିଲା।



## ଦୁର୍ଘଟଣାସ୍ଥଳରେ ୧୦ ମିନିଟ୍‌ରେ ନ ପହଞ୍ଚିଲେ ଆମ୍ବୁଲାନ୍ସକୁ ୧୦ ହଜାର ଜରିମାନା



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଜାତୀୟ ରାଜପଥରେ ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ନିୟମକୁ ଅଧିକ କଡ଼ାକଡ଼ି କରିଛି। ନୂଆ ନିୟମାନୁସାରେ, ଦୁର୍ଘଟଣା ସୂଚନା ପାଇବାର ୧୦ ମିନିଟ୍ ମଧ୍ୟରେ ଆମ୍ବୁଲାନ୍ସ ଦୁର୍ଘଟଣା ସ୍ଥଳରେ ନପହଞ୍ଚିଲେ କିମ୍ବା ଆହତଙ୍କୁ ଗୁରୁତ୍ୱପୂର୍ଣ୍ଣ ‘ଗୋଲ୍ଡେନ୍ ଆୱାର’ ମଧ୍ୟରେ ହସ୍ପିଟାଲରେ ନ ପହଞ୍ଚାଇଲେ ୧୦, ୦୦୦ ଟଙ୍କାର ଜରିମାନା ଦେବାକୁ ପଡ଼ିବ। ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ‘୧୦୩୩’ ମାଧ୍ୟମରେ ଆସୁଥିବା ଆବେଦନ/ଟିକେଟ୍‌କୁ ୧ ମିନିଟ୍ ମଧ୍ୟରେ ଗ୍ରହଣ ନକଲେ ୫, ୦୦୦ ଟଙ୍କା ଏବଂ ପ୍ରତ୍ୟାଖ୍ୟାନ କଲେ ୧୦, ୦୦୦ ଟଙ୍କା ଜରିମାନା ଲାଗିବ। ଆମ୍ବୁଲାନ୍ସରେ ‘ଏନ୍ଏଚ୍ଏଆଇ କେୟାର’ ଆପ୍ କିମ୍ବା ଜିପିଏସ୍ ସେବା ଦିନକରେ ୧% ରୁ ଅଧିକ ସମୟ ଅକାମୀ ରହିଲେ ୨, ୫୦୦ ଟଙ୍କା ଜରିମାନା ଦେବାକୁ ହେବ। ପ୍ରତ୍ୟେକ ଆମ୍ବୁଲାନ୍ସକୁ ଦୈନିକ ୫ କିଲୋମିଟର ‘ଡ୍ରାଇ ରନ୍’ କରିବା ବାଧ୍ୟତାମୂଳକ କରାଯାଇଛି। ସଡ଼କ ଦୁର୍ଘଟଣାରେ ସମୟସୀମା ମଧ୍ୟରେ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦେଇପାରିଲେ ପ୍ରାୟ ୫୦ ପ୍ରତିଶତ ଜୀବନ ବଞ୍ଚାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ଏନ୍ଏଚ୍ଏଆଇ ନିଜର ଆମ୍ବୁଲାନ୍ସ ଓ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ଏହି କଠୋର ପଦକ୍ଷେପ ଗ୍ରହଣ କରିଛି।

## ଏୟାର ଇଣ୍ଡିଆର ସମସ୍ତ ପାଇଲଟଙ୍କର ନିଶା ପରୀକ୍ଷା


ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଫୁକେଟ-ଦିଲ୍ଲୀ ବିମାନର ମୁଖ୍ୟ ପାଇଲଟ ଗଞ୍ଜେଇ/ମାଦକ ଦ୍ରବ୍ୟ ସେବନ କରିଥିବା ଜଣାପଡ଼ିବା ପରେ ଏୟାର ଇଣ୍ଡିଆ ଗ୍ରୁପ୍ ପକ୍ଷରୁ ଗୁରୁବାରଠାରୁ ନିଜର ସମସ୍ତ ପାଇଲଟଙ୍କ ପାଇଁ ବାଧ୍ୟତାମୂଳକ ‘ସବଷ୍ଟାନ୍ସ ସ୍କ୍ରିନିଂ’ (ନିଶା ଦ୍ରବ୍ୟ



ପରୀକ୍ଷା) ଆରମ୍ଭ କରାଯାଇଛି। ବିମାନ ସେବାର ସୁରକ୍ଷା ଓ ଯାତ୍ରୀଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ କମ୍ପାନୀ ଏହି ପଦକ୍ଷେପ ନେଇଛି। ଫୁକେଟ-ଦିଲ୍ଲୀ ବିମାନ ଘଟଣା ପରେ ବେସାମରିକ ବିମାନ ଚଳାଚଳ ସଚିବ ସମୀର ସିହ୍ନା ଏୟାର ଇଣ୍ଡିଆକୁ ସୁରକ୍ଷା ସୁନିଶ୍ଚିତ କରିବାକୁ କଠୋର ନିର୍ଦ୍ଦେଶ ଦେଇଥିଲେ। ଏୟାର ଇଣ୍ଡିଆର ବରିଷ୍ଠ ଭାଇସ୍ ପ୍ରେସିଡେଣ୍ଟ (ଫ୍ଲାଇଟ୍ ଅପରେସନ୍ସ) କ୍ୟାପ୍ଟେନ୍ ମନୀଷ ଉପଲ ପାଇଲଟମାନଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, ସାଧାରଣ ନିୟମଠାରୁ ଆଗକୁ ଯାଇ ଅଗଷ୍ଟ ୧୩, ୨୦୨୬ ରୁ ସମସ୍ତ ପାଇଲଟଙ୍କର ଏହି ନିଶା ପରୀକ୍ଷା କରାଯିବ। ଗୁରୁଗ୍ରାମ ଏକାଡେମୀରେ ତାଲିମ ସମୟରେ, ବିମାନ ଉଡ଼ାଣ ପରେ ଫ୍ଲାଇଟ୍ ବ୍ରିଫିଂ ସେଣ୍ଟର କିମ୍ବା ନିଜ ନିଜ ବେସ୍‌ରେ ଏହି ପରୀକ୍ଷା କରାଯିବ। ବିମାନ ଚଳାଚଳ କ୍ଷେତ୍ରରେ ଉଚ୍ଚମାନର ସୁରକ୍ଷା ଓ ବ୍ୟବସାୟିକ ନୈତିକତା ବଜାୟ ରଖିବା ସହ ଯାତ୍ରୀଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ଏୟାର ଇଣ୍ଡିଆ ଏହି କଡ଼ା ପଦକ୍ଷେପ ଗ୍ରହଣ କରିଛି।

**ଜାତିସଂଘ ନିରାପତ୍ତା ପରିଷଦର ରିପୋର୍ଟ**

## ଲାଲ୍‌କିଲ୍ଲା ବିସ୍ଫୋରଣ ପଛରେ ଅଲ୍-କାଏଦା



**୧୧ ଜଣଙ୍କ ଜୀବନ ନେଇଥିଲା ଆତଙ୍କବାଦୀ ଆକ୍ରମଣ**

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ୨୦୨୫ ନଭେମ୍ବର ମାସରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ନିକଟରେ ହୋଇଥିବା ମାରାତ୍ମକ କାର୍ ବିସ୍ଫୋରଣ ପଛରେ ଆତଙ୍କବାଦୀ ସଂଗଠନ ‘ଅଲ୍-କାଏଦା ଇନ୍ ଦି ଇଣ୍ଡିଆନ୍ ସବ୍‌କଣ୍ଟିନେଣ୍ଟ’ (ଏକ୍ୟୁଆଇଏସ୍)ର ସମ୍ପୃକ୍ତି ଥିବା ନେଇ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍ଏସ୍‌ସି) ସ୍ପଷ୍ଟ କରିଛି। ଜାତିସଂଘର ଆନାଲିଟିକାଲ୍ ସପୋର୍ଟ ଆଣ୍ଡ ସାଙ୍କସନ୍ସ ମନିଟରିଂ ଟିମ୍‌ର ୩୮ତମ ରିପୋର୍ଟରେ ଏହି ସୂଚନା ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଏକ୍ୟୁଆଇଏସ୍ ଭାରତୀୟ ଉପମହାଦ୍ୱୀପରେ ନିଜର ଆଞ୍ଚଳିକ ନେଟୱାର୍କ ସୁଦୃଢ଼ କରିବା ସହ ଛୋଟ ଛୋଟ ଗୁପ୍ତ ଦଳ ମାଧ୍ୟମରେ ଆର୍ଥିକ ଓ ଯୋଗାଯୋଗ ବ୍ୟବସ୍ଥା ଗଢ଼ି ତୋଳିଛି। ପୂର୍ବରୁ ପ୍ରକାଶିତ ୩୭ତମ ରିପୋର୍ଟରେ ଏହି ଆକ୍ରମଣରେ ‘ଜୈଶ୍-ଏ-ମହମ୍ମଦ’ର ହାତ ଥିବା ନେଇ ସନ୍ଦେହ କରାଯାଉଥିବା ବେଳେ, ନୂତନ ରିପୋର୍ଟରେ ଏହା ଅଲ୍-କାଏଦାର ସଂଗଠିତ କାର୍ଯ୍ୟ ବୋଲି ଆନୁଷ୍ଠାନିକ ଭାବେ ଦର୍ଶାଯାଇଛି। ୨୦୨୫ ନଭେମ୍ବର ସନ୍ଧ୍ୟାରେ ଲାଲ୍‌କିଲ୍ଲା ନିକଟରେ ଚାଲିଥିବା ଏକ କାର୍‌ରେ ବିସ୍ଫୋରଣ ଘଟି ୧୧ ଜଣ ପ୍ରାଣ ହରାଇଥିଲେ ଏବଂ ୨୫ରୁ ଊର୍ଦ୍ଧ୍ୱ ଗୁରୁତର ଆହାତ ହୋଇଥିଲେ। ଆତ୍ମଘାତୀ ବିସ୍ଫୋରଣକାରୀ ଉମର ଉନ୍ ନବୀ ଏହି ଗାଡ଼ି ଚଳାଉଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏହି ଘଟଣାରେ ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ୭, ୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି, ଯାହା ଅଗଷ୍ଟ ୨୭ ତାରିଖରେ ନୂଆଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ବିଚାର ପାଇଁ ଗ୍ରହଣ କରାଯିବ।

## ବିଜୁଳି ସଙ୍କଟ ବାଂଲାଦେଶ ଅନ୍ଧାର

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ସମ୍ପ୍ରତି ଗମ୍ଭୀର ଶକ୍ତି ସଙ୍କଟ ଦେଇ ଗତି କରୁଛି ପଡ଼ଶୀ ଦେଶ ବାଂଲାଦେଶ। ଗ୍ରାମାଞ୍ଚଳଗୁଡ଼ିକରେ ଦୈନିକ ୯ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଜୁଳି କାଟ୍ ହେଉଥିବା ବେଳେ ତାରିକ୍ ରହମାନ୍ ସରକାର ଦେଶରେ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଜୁଳି ସଞ୍ଚୟ ପାଇଁ ରାତି ୮ଟା ସୁଦ୍ଧା ସମସ୍ତ ଶପିଂ ମଲ୍, ବଜାର ଓ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାକୃତିକ ଗ୍ୟାସ୍ ଏବଂ ଏଲ୍ଏନ୍‌ଜି ଟର୍ମିନାଲ୍‌ରେ ନିଆଁ ଲାଗିବା ଏବଂ ଖରାପ ପାଣିପାଗ ଯୋଗୁଁ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବାଂଲାଦେଶରେ ବିଦ୍ୟୁତ୍ ଚାହିଦା ୧୮, ୦୦୦ ମେଗାୱାଟ୍ ଥିବା ବେଳେ ଯୋଗାଣ ମାତ୍ର ୧୩, ୦୦୦ ମେଗାୱାଟ୍ ପହଞ୍ଚିପାରୁଛି। କ୍ରମାଗତ ବିଜୁଳି କାଟ୍ ଯୋଗୁଁ ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ୍ କାର୍ଯ୍ୟାଳୟ ଓ ଗ୍ରୀଡ୍‌ଗୁଡ଼ିକରେ ଭଙ୍ଗାରୁଜା ଏବଂ ନିଆଁ ଲଗାଇବା ସହ କର୍ମଚାରୀଙ୍କୁ ଆକ୍ରମଣ କରୁଛନ୍ତି। ଏଥିପାଇଁ ପୁଲିସ ସୁରକ୍ଷା ମଗାଯାଇଛି। ଚିଙ୍ଗୁଡ଼ି ଚାଷ, ବସ୍ତ୍ର ଶିଳ୍ପ ଏବଂ ବ୍ୟବସାୟୀମାନେ ଅତ୍ୟାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଶକ୍ତି ସଙ୍କଟରୁ ମୁକ୍ତି ପାଇବା ପାଇଁ ବାଂଲାଦେଶ ସରକାର ‘ଭାରତ-ବାଂଲାଦେଶ ମୈତ୍ରୀ ପାଇପଲାଇନ୍’ ମାଧ୍ୟମରେ ଅତିରିକ୍ତ ଡିଜେଲ ଯୋଗାଇଦେବାକୁ ଭାରତକୁ ଅନୁରୋଧ କରିଛନ୍ତି।

## କକ୍ରୋଚ ପାର୍ଟିର ଧମକ ପରେ ମତ ବଦଳାଇଲା ବାର କାଉନସିଲ



**ପ୍ରଧାନ ବିଚାରପତିଙ୍କୁ ‘ନାଲସାର୍’ର ଅତିଥି କରାଯିବା ବିବାଦରେ ନୂଆମୋଡ଼**

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ହାଇଦ୍ରାବାଦସ୍ଥିତ ପ୍ରସିଦ୍ଧ ‘ନାଲସାର୍’ ଆଇନ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଅତିଥି ହେବାକୁ କେତେକ ଛାତ୍ରଛାତ୍ରୀ ବିରୋଧ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ଛାତ୍ରଛାତ୍ରୀଙ୍କର ଓକିଲାତି ପଞ୍ଜୀକରଣ ଉପରେ ଆଜି କଟକଣା ଲଗାଇଥିଲା ବାର କାଉନସିଲ। ତେବେ ଏହାକୁ କକ୍ରୋଚ ଜନତା ପାର୍ଟି ବିରୋଧ କରିବା ସହିତ ଆନ୍ଦୋଳନ କରିବାକୁ ଧମକ ଦେବାରୁ ରାତିରେ ଏହି କଟକଣାକୁ ପ୍ରତ୍ୟାହାର କରିନେଇଛି ବାର କାଉନସିଲ୍।

‘ନାଲସାର୍’ ଆଇନ ବିଶ୍ୱବିଦ୍ୟାଳୟର ୨୦୨୬ ବ୍ୟାଚ୍ ଗ୍ରାଜୁଏଟଙ୍କ ଆଡଭୋକେଟ୍ ପଞ୍ଜୀକରଣ ଉପରେ କଟକଣା ଲଗାଇ ଆଜି ଭାରତୀୟ ବାର କାଉନସିଲ ଅଧ୍ୟକ୍ଷ ମନନ କୁମାର ମିଶ୍ର ନିର୍ଦ୍ଦେଶ ଜାରି କରିଥିଲେ। ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କକ୍ରୋଚ୍ ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ ଏବଂ ମୁଖପାତ୍ର ସୌରଭ ଦାସ ବାର କାଉନସିଲ ଆଦେଶକୁ ବିରୋଧ କରି କହିଥିଲେ ଯେ କୌଣସି ପ୍ରସଙ୍ଗରେ ଭିନ୍ନମତ ଦେଉଥିବା ଛାତ୍ରଛାତ୍ରୀଙ୍କ ପ୍ରତି ଏମିତି ଆଚରଣ ଗ୍ରହଣୀୟ ନୁହେଁ। ଯଦି ସମସ୍ତ ଲେଗାଲ କକ୍ରୋଚ ଆନ୍ଦୋଳନ କଲେ କଣ ହେବ ବୋଲି ସେମାନେ ଚେତାବନୀ ଶୁଣାଇଦେଇଥିଲେ। କେବଳ ଏତିକି ନୁହେଁ, ଏହି ଆଦେଶ ତୁରନ୍ତ ପ୍ରତ୍ୟାହୃତ ନହେଲେ ବାର କାଉନସିଲ ଅଫିସ ଏବଂ ମିଶ୍ରଙ୍କ ଅଫିସ ସମ୍ମୁଖରେ ସମସ୍ତ ଆଇନ ଛାତ୍ରଛାତ୍ରୀ, ଆଇନଜୀବୀ ଏବଂ କକ୍ରୋଚ କର୍ମକର୍ତ୍ତା ଧାରଣା ଦେବାକୁ ବାଧ୍ୟ ହେବେ। ଏଥିପାଇଁ ବାର କାଉନସିଲ ଅଧ୍ୟକ୍ଷ ମିଶ୍ର (ବିଜେପି ସାଂସଦ ଅଛନ୍ତି) ଉତ୍ତରଦାୟୀ ରହିବେ ବୋଲି ସେମାନେ ଧମକ ଦେଇଥିଲେ। ଏହି ଧମକ ମିଳିବା ମାତ୍ରେ ବାର୍ କାଉନ୍‌ସିଲ୍ ଏହାର କଟକଣା ସଂକ୍ରାନ୍ତ ଆଦେଶକୁ ପ୍ରତ୍ୟାହାର କରିନେଇଛି। କାଉସିଲ ସ୍ପଷ୍ଟ କରିଛି ଯେ ୨୦୨୬ ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ନିଜ ପସନ୍ଦର ଯେକୌଣସି ରାଜ୍ୟ ବାର୍ କାଉନ୍‌ସିଲ୍‌ରେ ପଞ୍ଜୀକୃତ ହୋଇପାରିବେ।

ସୂଚନାଯୋଗ୍ୟ ଯେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବକୁ ନିମନ୍ତ୍ରଣ କରାଯିବାକୁ କିଛି ଛାତ୍ର ପ୍ରତିବାଦ କରିବା ପରେ ବାର କାଉନସିଲ କଡ଼ା ପଦକ୍ଷେପ ସ୍ୱରୂପ ସମ୍ପୂର୍ଣ୍ଣ ୨୦୨୬ ବ୍ୟାଚ୍‌ର ପଞ୍ଜୀକରଣ ରୋକିବାକୁ ନିର୍ଦ୍ଦେଶ ଦେଇଥିଲା।

## ଝାଡ଼ଖଣ୍ଡ ଛାତ୍ର ଆନ୍ଦୋଳନ: ୫୦୦ ଜଣଙ୍କ ବିରୋଧରେ ଏତଲା

ରାଞ୍ଚି, ୧୩।୮ (ଏଜେନ୍ସି): ଝାଡ଼ଖଣ୍ଡ ଷ୍ଟାଫ୍ ସିଲେକ୍ସନ କମିଶନ ଗ୍ରାଜୁଏଟ୍ ଲେଭଲ୍ (ଜେଏସଏସସି-ସିଜିଏଲ୍) ପରୀକ୍ଷା ବାତିଲ ଏବଂ ଏହାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଦାବିରେ ଏଠାରେ ଚାଲିଥିବା ଛାତ୍ର ଆନ୍ଦୋଳନ ଗୁରୁବାର ୨୦ ଦିନରେ ପହଞ୍ଚିଛି। ଗତ ଅଗଷ୍ଟ ୧୦ ତାରିଖରେ ବିଧାନସଭା ଘେରାଉ ପାଇଁ ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ ପ୍ରାୟ ୫୦୦ ଜଣ ଆନ୍ଦୋଳନକାରୀ ଛାତ୍ରଙ୍କ ବିରୋଧରେ ଏଫଆଇଆର ରୁଜୁ କରିଛି। ଏଥିସହିତ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବାସଭବନ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଆନ୍ଦୋଳନକାରୀ ଛାତ୍ରମାନଙ୍କ ମଧ୍ୟରୁ ୬ ଜଣ ଅନଶନ ଜାରି ରଖିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବୃଦ୍ଧି ପାଇଛି। ଛାତ୍ର ନେତା ରାଧେ କୁମାର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବି ନଶୁଣିବା ଦୁର୍ଭାଗ୍ୟଜନକ। ଆନ୍ଦୋଳନକାରୀମାନେ ସେମାନଙ୍କ ନେତା ଦେବେନ୍ଦ୍ରନାଥ ମାହାତୋଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିବା ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ସୀଧାସଳଖ ଆଲୋଚନା କରିବାକୁ ଦାବି କରିଛନ୍ତି।

## ଲୋକସଭା ବାଚସ୍ପତିଙ୍କ ଚା’ ପାର୍ଟିକୁ କଂଗ୍ରେସ, ଟିଏମସି, ଏସପିର ବର୍ଜନ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ମୌସୁମୀ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହେବା ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ଆୟୋଜିତ ପାରମ୍ପରିକ ସୌଜନ୍ୟମୂଳକ ଚା’ ଚକ୍ରକୁ ବିରୋଧୀ ‘ଇଣ୍ଡିଆ’ ମେଣ୍ଟର ପ୍ରମୁଖ ଦଳଗୁଡ଼ିକ ବର୍ଜନ କରିଛନ୍ତି। କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ସମାଜବାଦୀ ପାର୍ଟି (ଏସପି)ର ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇନଥିବା ବେଳେ ‘ଇଣ୍ଡିଆ’ ମେଣ୍ଟର ଅନ୍ୟତମ ସହଯୋଗୀ ଡିଏମକେ ନେତ୍ରୀ କାନିମୋଝି ଏଥିରେ ଅଂଶଗ୍ରହଣ କରିଥିଲେ। ବାଚସ୍ପତିଙ୍କ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଶାସକ ମେଣ୍ଟର ଏକାଧିକ ବରିଷ୍ଠ ନେତା ଓ ମନ୍ତ୍ରୀ ଉପସ୍ଥିତ ଥିଲେ। ଗୃହ କାର୍ଯ୍ୟ ମୁଲତବୀ ପରେ ପ୍ରତି ଅଧିବେଶନ ଶେଷରେ ଏହି ପାରମ୍ପରିକ ଚା’ ଚକ୍ର ଆୟୋଜନ କରାଯାଇଥାଏ। ଅପରପକ୍ଷରେ, ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ୍‌ଙ୍କ ଦ୍ୱାରା ଆୟୋଜିତ ଚା’ ଚକ୍ରରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଏବଂ ସଂସଦୀୟ ଦଳ ପ୍ରମୁଖ ସୋନିଆ ଗାନ୍ଧୀଙ୍କ ସମେତ ଉଚ୍ଚସଦନର ଅନେକ ବିରୋଧୀ ନେତା ଯୋଗ ଦେଇଥିଲେ। ସଂସଦର ଉଭୟ ସଦନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହେବା ପରେ ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ନିଜ ନିଜ କକ୍ଷରେ ଏହି ଆପ୍ୟାୟନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

**ରାଜ୍ୟସଭା ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମରେ ଥିଲେ ଖଡ଼୍‌ଗେ, ସୋନିଆ**

## ନୋଏଡ଼ାରେ ଯୁବତୀଙ୍କୁ ହତ୍ୟା

ନୋଏଡ଼ା, ୧୩।୮ (ଏଜେନ୍ସି): ଉତ୍ତର ପ୍ରଦେଶ ନୋଏଡ଼ାର ବରୌଲା ଗ୍ରାମସ୍ଥିତ ଏକ ପେଇଂ ଗେଷ୍ଟ (ପିଜି)ରୁ ଆସାମର ୧୯ ବର୍ଷୀୟା ଯୁବତୀ ମହକ ଅହମ୍ମଦଙ୍କ ରକ୍ତାକ୍ତ ଶବ ଉଦ୍ଧାର କରାଯାଇଛି। କଳି ଓ ଝଗଡ଼ାକୁ କେନ୍ଦ୍ର କରି ସମାନ ପିଜିରେ ରହୁଥିବା ବିହାରର ଜଣେ ବି-ଟେକ୍ ସ୍ନାତକ ଯୁବକ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁଲିସ ଅଭିଯୁକ୍ତ ରମଣଙ୍କୁ ହାଜତକୁ ନେଇ ପଚରାଉଚରା ଚଳାଇଛି। ଅଗଷ୍ଟ ୮ ତାରିଖ ରାତିରେ ମଦ୍ୟପାନ କରୁଥିବା ରମଣଙ୍କ ସହ ମହକ ଓ ତାଙ୍କ ସାଙ୍ଗ ସଞ୍ଜନାଙ୍କର ବାରଣ୍ଡାରେ କୌଣସି କଥାକୁ ନେଇ କଳି ହୋଇଥିଲା। ପରଦିନ ସଞ୍ଜନା କାମରେ ବାହାରକୁ ଯାଇ ଫେରିବା ପରେ ମହକଙ୍କୁ ନପାଇ ତାଙ୍କ ଫୋନ୍‌ବନ୍ଦ ପାଇଥିଲେ। ଅଗଷ୍ଟ ୧୦ ତାରିଖରେ ରମଣଙ୍କ ତାଲାବନ୍ଦ ଘରୁ ଦୁର୍ଗନ୍ଧ ବାହାରିବାରୁ ମାଲିକ ପୁଲିସକୁ ଖବର ଦେଇଥିଲେ। ପୁଲିସ ତାଲା ଭାଙ୍ଗି ମହକଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର କରିଥିଲା। ପିଜି ମାଲିକଙ୍କ ଅଭିଯୋଗ ଆଧାରରେ ରମଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି। ଫୋରେନ୍ସିକ ଟିମ୍ ଏବଂ ପୁଲିସ ମହକଙ୍କ ମୋବାଇଲ୍ ଫୋନ୍, କଲ୍ ରେକର୍ଡ ଏବଂ ଘଟଣାର ମୂଳ କାରଣ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି। ଆସାମରୁ ନିଜ ପରିବାରକୁ ନ ଜଣାଇ ମହକ ନୋଏଡ଼ା ଆସିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ନୋଏଡ଼ାରେ ପହଞ୍ଚି ଶବ ଚିହ୍ନଟ କରିଛନ୍ତି।

## ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

କୋଲକାତା, ୧୩।୮ (ଏଜେନ୍ସି): କୋଲକାତାର ନୀଲ୍ ରତନ ସରକାର (ଏନ୍ଆର୍ଏସ୍) ମେଡିକାଲ କଲେଜ ଓ ହସ୍ପିଟାଲରେ ବୁଧବାର ରାତ୍ରି ଡ୍ୟୁଟି ସମୟରେ ଜଣେ ୩୦ ବର୍ଷୀୟା ସେବିକା (ନର୍ସ)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହସ୍ପିଟାଲର ଏଚ୍‌ଡିୟୁ ୱାର୍ଡର ଶୌଚାଳୟ ଭିତରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଉକ୍ତ ନର୍ସ ଜଣକ ରାତି ପ୍ରାୟ ୧୦ଟା ୨୦ ମିନିଟ୍‌ରେ ଶୌଚାଳୟକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଫେରିନଥିବାରୁ ଅନ୍ୟ ସହକର୍ମୀମାନେ ଯାଇ ଦେଖିବା ବେଳେ କବାଟ ଭିତରୁ ବନ୍ଦ ଥିଲା। ବାରମ୍ବାର ଡାକିବା ପରେ ମଧ୍ୟ କୌଣସି ଶବ୍ଦ ନମିଳିବାରୁ ସହକର୍ମୀମାନେ କବାଟ ଭାଙ୍ଗି ତାଙ୍କୁ ଅଚେତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲେ ହେଁ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରୁ ସୁସାଇଡ୍ ନୋଟ୍ ମିଳିନାହିଁ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ) ରିପୋର୍ଟକୁ ଅପେକ୍ଷା କରାଯାଉଛି।

## ଉତ୍ତରାଖଣ୍ଡରେ ଖଡ଼୍‌ଗେଙ୍କ ସଭା ପରେ ଶୁଦ୍ଧୀକରଣ ବିବାଦ





**ରାଜ୍ୟସଭାରେ ହଙ୍ଗାମା, ତଦନ୍ତ ଆଶ୍ୱାସନା ଦେଲେ ନଡ୍ଡା**

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଉତ୍ତରାଖଣ୍ଡର ହଲଦ୍ୱାନୀସ୍ଥିତ ରାମଲୀଳା ମୈଦାନରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ସଭା ପରେ ଏକ ହିନ୍ଦୁ ସଂଗଠନ ପକ୍ଷରୁ କରାଯାଇଥିବା ‘ଶୁଦ୍ଧୀକରଣ’ ଓ ଯଜ୍ଞକୁ ନେଇ ଗୁରୁବାର ସଂସଦର ଉଚ୍ଚସଦନ ରାଜ୍ୟସଭାରେ ପ୍ରବଳ ହଙ୍ଗାମା ସୃଷ୍ଟି ହୋଇଛି। ଗୃହରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ଖଡ଼୍‌ଗେ ଗଭୀର କ୍ଷୋଭ ପ୍ରକାଶ କରିବା ସହ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏହି ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହିବା ସହ ଏଥିରେ ଶାସକ ଦଳର କୌଣସି ସମ୍ପୃକ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସଂସଦର ମୌସୁମୀ ଅଧିବେଶନର ଶେଷ ଦିନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ଖଡ଼୍‌ଗେ ଅଭିଯୋଗ କରିଥିଲେ ଯେ, ଗତ ଅଗଷ୍ଟ ୮ ତାରିଖରେ ସେ ହଲଦ୍ୱାନୀର ଏକ ଜନସଭାରେ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଭାଷଣ ଦେଇଥିଲେ। ମାତ୍ର ସଭା ଶେଷ ହେବାର ଦୁଇ ଦିନ ପରେ ସେହି ମଞ୍ଚକୁ ଶୁଦ୍ଧୀକରଣ କରାଯାଇଥିଲା। ଜଣେ ଦଳିତ ନେତା ହୋଇଥିବାରୁ ଏଭଳି କାର୍ଯ୍ୟ କରାଯାଇଛି ବୋଲି ଦର୍ଶାଇ ସେ ପ୍ରଶ୍ନ କରିଥିଲେ ଯେ, ଏହା କ’ଣ ଗଣତନ୍ତ୍ରର ଶୋଭା ପାଏ ଏହି ଘଟଣାରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିବାକୁ ସେ ଦାବି କରିଥିଲେ। ଗୃହ ଅଧ୍ୟକ୍ଷ ଏହି ପ୍ରସଙ୍ଗରେ କହିଥିଲେ ଯେ ଅସ୍ପୃଶ୍ୟତାଠାରୁ ବଡ଼ ପାପ ଜଗତରେ କିଛି ନାହିଁ ଏବଂ ଏହା ନିନ୍ଦନୀୟ। ଶାସକ ଦଳ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ନଡ୍ଡା କହିଥିଲେ ଯେ ବିଜେପି ଏଭଳି କାର୍ଯ୍ୟକଳାପକୁ କଦାପି ସମର୍ଥନ କରେ ନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ସହ ଖଡ଼୍‌ଗେଙ୍କ ମନରେ ଆଘାତ ପହଞ୍ଚିଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଅପରପକ୍ଷରେ ଉତ୍ତରାଖଣ୍ଡ ପ୍ରଦେଶ କଂଗ୍ରେସ ସଭାପତି ଗଣେଶ ଗୋଦିୟାଲ ଅଭିଯୋଗ କରିଛନ୍ତି ଯେ, ବିଜେପି ସହ ଜଡ଼ିତ ଶ୍ରୀରାମସେନା ନାମକ ସଂଗଠନ ଏହି କାର୍ଯ୍ୟ କରି ସମାଜରେ ଜାତିଗତ ବିଭାଜନ ସୃଷ୍ଟି ଚେଷ୍ଟା କରୁଛି। ଅନ୍ୟପକ୍ଷରେ ସଂଗଠନର ସଦସ୍ୟମାନେ କହିଛନ୍ତି ଯେ ରାମଲୀଳା ମୈଦାନ ଏକ ଧାର୍ମିକ ସ୍ଥଳ ଏବଂ ସଭା ସମୟରେ ଅନ୍ୟ ଧର୍ମର ନାରାବାଜି ହୋଇଥିବାରୁ ସେମାନେ ଏହି ହବନ କରିଥିଲେ। ଉତ୍ତରାଖଣ୍ଡର ଶାସକ ଦଳର ପ୍ରବକ୍ତା ମଧ୍ୟ ଏହି ମୈଦାନର ଧାର୍ମିକ ପବିତ୍ରତା ନଷ୍ଟ ହୋଇଥିବା କାରଣରୁ ଶ୍ରଦ୍ଧାଳୁଙ୍କ ମନରେ ଆଘାତ ଲାଗିଥାଇପାରେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ସଂସଦରୁ ରାଜ୍ୟ ପର୍ଯ୍ୟନ୍ତ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ ଓ ବିଜେପି ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ଜାରି ରହିଛି। ଶାସକ ଦଳ ଘଟଣାରୁ ଦୂରତା ବଜାୟ ରଖିବା ସହ ତଦନ୍ତର ପ୍ରତିଶ୍ରୁତି ଦେଇଥିବା ବେଳେ, ବିରୋଧୀ ଦଳଗୁଡ଼ିକ ଏହାକୁ ଦଳିତ ବିରୋଧୀ ମାନସିକତାର ପ୍ରତୀକ ବୋଲି କହି ପ୍ରଧାନମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରିଛନ୍ତି।

ସକାଳ THE SAKALA
ଶୁକ୍ରବାର ୧୪ ଅଗଷ୍ଟ, ୨୦୨୬


### ଶକ୍ତି ବିଭାଗର ପ୍ରସ୍ତାବିତ ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ୨୦୩୦ ସୁଦ୍ଧା ସାରା ରାଜ୍ୟରେ ଗୁଣାତ୍ମକ ବିଦ୍ୟୁତ୍ ସେବା

**୨ ବର୍ଷ ମଧ୍ୟରେ ହୋଇଛି ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ପ୍ରତିଷ୍ଠା**

**୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ**



ଭୁବନେଶ୍ୱର, ୧୩।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ଶକ୍ତି ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ୨୧୦ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରୁ ଗତ ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯାଇଛି। ସେହିଭଳି ୨ ବର୍ଷ ମଧ୍ୟରେ ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ମଧ୍ୟ ବିଛାଯାଇଛି। ବୈଠକରେ ୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଅନୁଗୋଳ ଓ ସୁନ୍ଦରଗଡରେ ୨ଟି ୭୬୫/୪୦୦ କେଭି ଗ୍ରୀଡ୍ କାର୍ଯ୍ୟକ୍ଷମ ଥିବା ବେଳେ ଗୋପାଳପୁର ଓ ପାରାଦୀପରେ ୨ଟି ୭୬୫/୪୦୦ କେଭି ବିଶିଷ୍ଟ ଗ୍ରୀଡ୍ ଷ୍ଟେସନ୍ ନିର୍ମାଣ କରାଯାଉଛି । ଏହା ସହିତ କୋଲାବିରା, ଦୁବୁରି ଓ ଆଠଗଡ ନିକଟସ୍ଥ ବେତଖୋଲି ଠାରେ ଆଉ ୩ଟି ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି। ରାଜ୍ୟରେ ୪୦୦ କେଭି ବିଶିଷ୍ଟ ୫ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ଆଉ ୪ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣାଧୀନ ରହିଛି ଏବଂ ୨ଟି ଟେଣ୍ଡର ଷ୍ଟେଜ୍‌ରେ ଅଛି । ଆଗକୁ ଆହୁରି ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ କରିବାର ଯୋଜନା ରହିଛି। ଏସବୁ ସବ୍‌ଷ୍ଟେସନ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ। ସେହିପରି ବିଭିନ୍ନ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି। ୨୦୩୦-୩୧ ସୁଦ୍ଧା ରାଜ୍ୟରେ ପ୍ରାୟ ୫୯୦ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି । ଏହି ଶିଳ୍ପ ସଂସ୍ଥା ତଥା ଉପଭୋକ୍ତା ମାନଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୬ ହଜାର କୋଟି ଟଙ୍କାର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ, ଓପିଟିସିଏଲର ସିଏମଡି ଭାସ୍କରଜ୍ୟୋତି ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିରାପତ୍ତା ପ୍ରସଙ୍ଗ**

## ସରକାରଙ୍କୁ ହାଇକୋର୍ଟଙ୍କ ରିପୋର୍ଟ ତଲବ

କଟକ,୧୩।୮ (ସମିସ): ରାଜ୍ୟର ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ହାଇକୋର୍ଟ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗରେ ଆସନ୍ତା ୩ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୩ତାରିଖକୁ ଅଦାଲତ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା କ୍ଷେତ୍ରରେ କଣ ପଦକ୍ଷେପ ନିଆଯାଇଛି ବିସ୍ତୃତ ଭାବରେ ଦର୍ଶାଇ ଏକ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ। ମାମଲାରୁ ପ୍ରକାଶ ଯେ ନିକଟ ଅତୀତରେ ରାଜ୍ୟର ମୟୂରଭଞ୍ଜ, କୋରାପୁଟ ଓ ଗଜପତି ଜିଲ୍ଲାରେ ସରକାରୀ ବିଦ୍ୟାଳୟରେ କଂକ୍ରିଟ ଫଳକ ତଥା ପାଚେରୀ ପଡ଼ି ଏକାଧିକ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହୋଇଛି। ବିଦ୍ୟାଳୟରେଅଧ୍ୟୟନରତଛାତ୍ରଛାତ୍ରୀଙ୍କରସୁରକ୍ଷାଓନିରାପତ୍ତାନିଶ୍ଚିତକରିବାସରକାରଙ୍କଦାୟିତ୍ୱ।କିନ୍ତୁ ବାରମ୍ବାର ଏପରି ଦୁଃଖଦ ଘଟଣା ଘଟିବା ପରିପ୍ରେକ୍ଷୀରେ ବିଦ୍ୟାଳୟରେ ସୁରକ୍ଷା ସଂପର୍କିତ ମାଗଦର୍ଶିକା ପ୍ରସ୍ତୁତ କରିବା ସହ ଏକ ଟାସ୍କଫୋର୍ସ କିମ୍ବା ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରିବା, ଘଟିଥିବା ଦୁର୍ଘଟଣା ଗୁଡିକର ଉଚ୍ଚସ୍ତରୀୟ ତଦନ୍ତ କରିବା, ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ କ୍ଷତିଗ୍ରସ୍ତ ଅଭିଭାବକଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଅଦାଲତଙ୍କୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ମାମଲା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଚଳିତ ଅଗଷ୍ଟ ମାସରେ ରାଜ୍ୟର ବିଦ୍ୟାଳୟ ଗୁଡିକରେ ସୁରକ୍ଷା ସପ୍ତାହ ପାଳନ ପାଇଁ ପଦକ୍ଷେପ ନିଆଯାଇଛି। ଘଟିଥିବା ଦୁର୍ଘଟଣାଗୁଡିକର ତଦନ୍ତ ସମାପ୍ତ ହୋଇଥିବା ସହିତ କ୍ଷତିଗ୍ରସ୍ତ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଥିବା ବିଷୟରେ ମଧ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଏହି ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା।

## ବାର୍ଷିକ ୧୨ ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବ ଓଡ଼ିଶା: ବିଜେଡି

ଭୁବନେଶ୍ୱର,୧୩।୮ (ସମିସ): ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ରାଜ୍ୟ ଖଣିଜ ସମ୍ପଦର ବ୍ୟାପକ ଚୋରା ଚାଲାଣ ହେବାରେ ଲାଗିଛି। ରାଜ୍ୟରେ ଥିବା ଖଣି, ଖାଦାନର ମାଲିକ ଓଡ଼ିଶାବାସୀ ହୋଇଥିବା ବେଳେ, ଏମଏମଡିଆର ଆଇନର ସଂଶୋଧନ ହେଲେ ଓଡ଼ିଶା ବ୍ୟାପକ କ୍ଷତି ସହିବ ବୋଲି କ୍ଷୋଭକ୍ତି ପ୍ରକାଶ କରିଛି



ବିଜେଡି। ଗୁରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଏ ନେଇ ରାଜ୍ୟ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି।

ଶ୍ରୀ ଘଡ଼େଇ କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାର ଖଣିଜ ସମ୍ପଦର ବ୍ୟାପକ ଚୋରା ଚାଲାଣ ହେଉଥିବା ବେଳେ ଖଣି ରାଜସ୍ୱ ଓଡ଼ିଶାବାସୀଙ୍କ ବିକାଶ କାର୍ଯ୍ୟରେ ବିନିଯୋଗ ହୋଇପାରୁ ନାହିଁ। ଖଣିଜ ସମ୍ପଦରୁ ଆସୁଥିବା ଅର୍ଥକୁ କେନ୍ଦ୍ର ସରକାର ନେଇଯାଉଥିବା ବେଳେ ରାଜ୍ୟ ସରକାର ଚୁପ୍ ହୋଇ ବସି ରହିଛନ୍ତି। ଖଣିଜ ସମ୍ପଦର ରୟାଲିଟି ଅର୍ଥକୁ ଡିଏମଏଫ ଜରିଆରେ ରାଜ୍ୟବାସୀଙ୍କ ବିକାଶ ନିମନ୍ତେ ଖର୍ଚ୍ଚ କରାଯାଏ, କିନ୍ତୁ ତାହା ନ କରି ରାଜ୍ୟ ସରକାର କେନ୍ଦ୍ର ହାତରେ ଟେକି ଦେବାକୁ ଯୋଜନା କରୁଛନ୍ତି। ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣିରୁ

**■ ଦେଢ଼ ଲକ୍ଷ କୋଟି ଟଙ୍କାର ବକେୟା ଅର୍ଥ ହରାଇବ ଓଡ଼ିଶା**
**■ ଅନ୍ଧ-ମୂକ-ବଧୀର ପାଲଟିଛନ୍ତି ଓଡ଼ିଶାର ୨୦ ବିଜେପି ସାଂସଦ**
**■ ରାଜ୍ୟର ବ୍ୟାପକ ସ୍ୱାର୍ଥହାନିକୁ ନିରବରେ କରିଛନ୍ତି ସମର୍ଥନ**

ଆଦାୟ ହେବାକୁ ଥିବା ସମସ୍ତ ରାଜସ୍ୱ ରାଜ୍ୟବାସୀଙ୍କ ଅଧିକାରରୁ ବଞ୍ଚିତ କରିବା ପାଇଁ ବିଧିବଦ୍ଧ ଯୋଜନା ଆରମ୍ଭ ହୋଇଯାଇଛି। ବିନା ଚର୍ଚ୍ଚାରେ ସଂସଦରେ ପାରିତ ହୋଇଥିବା ଏହି ବିଲ୍‌କୁ ରାଜ୍ୟରୁ ନିର୍ବାଚିତ ହୋଇଥିବା ୨୦ ଜଣ ବିଜେପି ସାଂସଦ ସମର୍ଥନ ଜଣାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟର ରାଜସ୍ୱହାନି ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ହାନି ସମୟରେ ରାଜ୍ୟର ବିଜେପି ସାଂସଦମାନେ ଅନ୍ଧ-ମୂକ-ବଧୀର ପାଲଟିଛନ୍ତି ବୋଲି ସେ କହିଛନ୍ତି।

ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ ଏମ୍‌ଏମଡିଆର ଆକ୍ଟର ସଂଶୋଧନ କରି ଓଡ଼ିଶାକୁ ଲୁଟିବାକୁ କେନ୍ଦ୍ର ସରକାର ଅପଚେଷ୍ଟା କରିଛନ୍ତି। ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ଉନ୍ନତି ପାଇଁ ରାଜ୍ୟ ସରକାର ଖଣି କ୍ଷେତ୍ରରୁ ରାଜସ୍ୱ ଆଦାୟ କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ ସୁଦ୍ଧା, କେନ୍ଦ୍ର ବିଜେପି ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ବେଖାତିର ଆମ ଅଧିକାରକୁ ଛଡ଼ାଇ ନେଉଛନ୍ତି । ଖଣି ମାଲିକ ମାନଙ୍କ ଉପରେ ବକେୟା ଥିବା ଦେଢ଼ ଲକ୍ଷ କୋଟି ଟଙ୍କା ଆଦାୟ କରିବା ପାଇଁ ୨୦୨୪ ମସିହା ଜୁଲାଇ ମାସରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ, ରାଜ୍ୟ ବିଜେପି ସରକାର ଏହି ଅର୍ଥ ଆଦାୟ କରିବା ପାଇଁ ସାମାନ୍ୟ ଚେଷ୍ଟା କଲେନାହିଁ। ଅପରପକ୍ଷରେ ରାଜ୍ୟ ପାଉଥିବା ବାର୍ଷିକ ୧୨ ହଜାର କୋଟି ଟଙ୍କାର ରାଜସ୍ୱକୁ କେନ୍ଦ୍ର ହାତକୁ ଟେକିଦେବେ ଏହି ଆଇନ ଜରିଆରେ। ନୂତନ ବିଲ୍ ଅନୁଯାୟୀ କୌଣସି ଖଣି ମାଲିକଙ୍କ ଠାରୁ ରାଜ୍ୟ ସରକାର ଆଉ ବକେୟା ଅର୍ଥ ଆଦାୟ କରିପାରିବେ ନାହିଁ । ବଡ଼ ବଡ଼ କର୍ପୋରେଟ୍ ସଂସ୍ଥା ସହିତ ବିଜେପି ସରକାର ଜଡ଼ିତ ରହି ରାଜ୍ୟର ଯେଉଁ ବ୍ୟାପକ କ୍ଷତି କରୁଛନ୍ତି, ତାହାକୁ ଓଡ଼ିଶାବାସୀ ଆଦୌ କ୍ଷମା କରିବେ ନାହିଁ। ଏମଏମଡିଆର ଆଇନ ସଂଶୋଧନ ବିଲକୁ ରାଜ୍ୟସଭାରେ ବିଜୁ ଜନତା ଦଳ ଦୃଢ଼ ବିରୋଧ କରିଥିଲା। ଆଗାମୀ ଦିନରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ସୂଚନା ଦେଇଛନ୍ତି।

## ଓଡ଼ିଶାକୁ ଦିଲ୍ଲୀରେ ବନ୍ଧା ପକାଇଲେ ୨୦ ବିଜେପି ସାଂସଦ: କଂଗ୍ରେସ

ଭୁବନେଶ୍ୱର,୧୩।୮ (ସମିସ): ଖଣି ଓ ଖଣିଜଜାତ ପଦାର୍ଥ ବିକାଶ ସଂଶୋଧନ ବିଲ ସଂସଦରେ ଗୃହୀତ ହୋଇଛି। ଏହି ବିଲ୍ ଦ୍ୱାରା ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି ଖଣି ବହୁଳ ରାଜ୍ୟ ଗୁରୁତର ଭାବେ ପ୍ରଭାବିତ ହେବେ। ଏହି ବିଲ ରାଜ୍ୟର ଆର୍ଥିକ ସ୍ୱାୟତ୍ତତା ନଷ୍ଟ କରିଦେଇଛି ବୋଲି କଂଗ୍ରେସ କହିଛି। ଓଡିଶା ଭଳି ଗରିବ ରାଜ୍ୟ ବାର୍ଷିକ ପ୍ରାୟ




**■ ସଂଶୋଧିତ ଏମ୍‌ଏମ୍‌ଡିଆର୍ ବିଲ୍‌କୁ ନେଇ ବର୍ଷିଲା କଂଗ୍ରେସ**
**■ ଖଣିଜ ସମ୍ପଦୀୟ ବିଲ ରାଜ୍ୟ ସ୍ୱାଭିମାନ ଉପରେ କୁଠାରଘାତ**

୧୫ ହଜାର କୋଟି ଟଙ୍କାର କ୍ଷତି ସହିବ। ରାଜ୍ୟକୁ ୧.୫ ଲକ୍ଷ କୋଟିରୁ ୨ଲକ୍ଷ କୋଟି ଟଙ୍କା ମିଳିବାର ଥିଲା ଓ ଯାହା ରାଜ୍ୟ ୧୨ ଟି କିସ୍ତିରେ ଆଦାୟ କରି ପାରିଥାନ୍ତା। ଏହି ନୂଆ ବିଲ ଯୋଗୁଁ ସେସ ବା ଶୁଳ୍କ ରାଜ୍ୟ ଲଗାଇ ପାରିବ ନାହିଁ। ଏଥିରୁ ଯେଉଁ ରାଜସ୍ୱ ମିଳୁଥିଲା ତାହା କେନ୍ଦ୍ର ନିଜ ହାତକୁ ନେଇଗଲା। ତେଣୁ ଏଥିରେ ବଡ ଦୁର୍ନିତିର ଆଶଙ୍କା କେନ୍ଦ୍ରୀଭୂତ ହେଉଅଛି ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ।

କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କାନନୁଗୋ କହିଛନ୍ତି ଯେ ପୂର୍ବରୁ ସଂଘୀୟ ବ୍ୟବସ୍ଥା ଅନୁଯାୟୀ ସବୁ ଚାଲିଥିଲା। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟିକସ ଆଦାୟ ତାଲିକା ତିଆରି ହୋଇଥିଲା। କିନ୍ତୁ ଏ ସବୁ ଭାଙ୍ଗିକି ସମସ୍ତ ଟିକସ କେନ୍ଦ୍ର ମୁହାଁ ହେଇଛି। ଓଡିଶାର ମୁଖ୍ୟ ରାଜସ୍ୱ ଖଣିଜ ସମ୍ପଦରୁ ମିଳିଥାଏ ଓ ତାହା ରାଜ୍ୟର ବିକାଶ କାର୍ଯ୍ୟରେ ଲାଗିଥାଏ। ଏହି ନୂତନ ବିଲ ଅନୁସାରେ ଖଣିଜ ସମ୍ପଦ ଉପରେ ରାଜ୍ୟ ଆଉ ଟିକସ ବସାଇ ପାରିବ ନାହିଁ। ୨୦୦୫ ରେ ସମ୍ବିଧାନ ଧାରା ଅନୁଯାୟୀ ଉଚ୍ଚତମ ନ୍ୟାୟାଳରର ୯ ଜଣିଆ ବେଞ୍ଚ ଟିକସ ବସାଇବା ପାଇଁ ରାଜ୍ୟକୁ କ୍ଷମତା ପ୍ରଦାନ କରିଥିଲେ। ତାସହ ୧୨ ଟି କିସ୍ତିରେ ବକେୟା ଟିକସ ଆଦାୟ କରି ପାରିବେ ବୋଲି ରାୟ ଦେଇଥିଲେ। ମାତ୍ର ଏହି ଅର୍ଥ ଆଦାୟ ହେଲା ନାହିଁ ତେବେ କାହା ସ୍ୱାର୍ଥରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶାସନ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବିଲକୁ ରାଜ୍ୟରୁ ନିର୍ବାଚିତ ୨୦ ଜଣ ସାଂସଦ କେମିତି ସମର୍ଥନ କଲେ ବୋଲି ପ୍ରଶ୍ନ କରିବା ସହ ରାଜ୍ୟର ସ୍ୱାର୍ଥକୁ ଦିଲ୍ଲୀରେ ବିଜେପି ସାଂସଦମାନେ ବନ୍ଧା ପକାଇଦେଲେ ବୋଲି କହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନୂଆ ନୀତି ରାଜ୍ୟର ସ୍ୱାଭିମାନ ଓ ଅସ୍ମିତା ଉପରେ କୁଠାରଘାତ। ଆମ ପ୍ରକୃତିକ ସମ୍ପତ୍ତିକୁ ଟେକିଦେଇ ଭାରତ ସରକାରଙ୍କ ଠାରେ ବନ୍ଧାପଡ଼ୁଛୁ। ସେପଟେ କେନ୍ଦ୍ର ସରକାର ଦୁଇ ତିନୋଟି କମ୍ପାନୀ ହାତରେ ସବୁ ଟେକି ଦେଉଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

**ଚିଲିକାରେ ନାବାଳକ ହତ୍ୟା ଘଟଣା**

## ୧୮ ଗିରଫ; ୩ ଡଙ୍ଗା, କାଠଫାଳିଆ ଜବତ

ପୁରୀ,୧୩।୮ (ସମିସ): ଚିଲିକା ହ୍ରଦ ଭିତରେ ନାବାଳକ ଓମ୍ ଶିକାରୀଙ୍କ ହତ୍ୟା ଘଟଣାରେ କୃଷ୍ଣପ୍ରସାଦ ପୁଲିସ ୪୮ ଘଣ୍ଟା ମଧ୍ୟରେ ୧୮ ଜଣଙ୍କୁ ଗିରଫ କରିଛି। ଚିଲିକାରେ ବେଆଇନ ଚିଙ୍ଗୁଡ଼ି ଚୋରି କାରବାରରେ ସମ୍ପୃକ୍ତ ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡ ଘଟାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ପ୍ରାଥମିକ ଭାବେ ଏହି ଘଟଣାଟି ଅପହରଣ ଓ ହତ୍ୟା ଉଦ୍ୟମ ଭାବେ ରିପୋର୍ଟ ହୋଇଥିଲା। ପରବର୍ତ୍ତୀ ତଦନ୍ତରେ ଏହା ଡକାୟତି ସହ ହତ୍ୟା ମାମଲା ବୋଲି ସ୍ପଷ୍ଟ ହୋଇଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁରୀ ଏସପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀ ସଦର ଏସ୍‌ଡିପିଓ ଏବଂ କୃଷ୍ଣପ୍ରସାଦ ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକାଧିକ ପୁଲିସ ଟିମ୍ ଗଠନ କରାଯାଇଥିଲା। ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୧୮ ଜଣଙ୍କୁ ଧରାଯାଇଛି। ଅଭିଯୁକ୍ତମାନେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅଧୀନ ଚନ୍ଦ୍ରପୁଟ ଗ୍ରାମର ବାସିନ୍ଦା। ଚିଲିକାରେ ଚିଙ୍ଗୁଡ଼ି ଚୋରି କରୁଥିବା ଏକ ଦଳ ଭାବେ ସେମାନେ ସକ୍ରିୟ ରହିଛନ୍ତି ବୋଲି ବୁଧବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ଏହି ହତ୍ୟାକାଣ୍ଡ ସମ୍ପର୍କରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପୁଲିସର ପ୍ରାଥମିକ

**ଚିଙ୍ଗୁଡ଼ି ଚୋରିକୁ ବିରୋଧ କରିବାରୁ ଅଭିଯୁକ୍ତ କରିଥିଲେ ଆକ୍ରମଣ**



ତଦନ୍ତ ଅନୁସାରେ ଅଗଷ୍ଟ ୧୦ ତାରିଖ ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଅଭିଯୁକ୍ତମାନେ କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ରାମଲେଙ୍କା ପଞ୍ଚାୟତ ଅଧୀନ କୁମାରପୁର ଗ୍ରାମର ମାଛଧରା ଅଞ୍ଚଳରେ ପହଞ୍ଚିଥିଲେ। ସେମାନେ ଚିଙ୍ଗୁଡ଼ି ଚୋରି କରିବାକୁ ଆସିଥିବା ଏବଂ ବିରୋଧ କରୁଥିବା ଲୋକଙ୍କୁ ଆକ୍ରମଣ କରିବା ପାଇଁ ଅସ୍ତ୍ରଶସ୍ତ୍ର ଧରିଆସିଥିଲେ। କୁମାରପୁର ଗ୍ରାମର ଅଭିଯୋଗକାରୀ ଚିନ୍ମୟ ବେହେରାଙ୍କ ଦ୍ୱାରା ବସା ଯାଇଥିବା ଖନ୍ଧା(ମାଛଧରା ଜାଲ)ରୁ ଅଭିଯୁକ୍ତମାନେ ଚିଙ୍ଗୁଡ଼ି ଚୋରି କରୁଥିଲେ। ଏହାକୁ ଦେଖି ଚିନ୍ମୟ, ତାଙ୍କ ଭାଇ ଓ ନାବାଳକ ଓମ୍ ବିରୋଧ କରିଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଚିନ୍ମୟ ଓ ତାଙ୍କ ଭାଇ କୌଣସି ପ୍ରକାରେ ଖସିଯିବାରେ ସକ୍ଷମ ହୋଇଥିବାବେଳେ ଏହି ଆକ୍ରମଣରେ ନାବାଳକ ଓମ୍‌ଙ୍କର ମୃତ୍ୟୁ ଘଟିଥିଲା। ପ୍ରାୟ ୨୦ ଘଣ୍ଟା ପରେ ଘଟଣାସ୍ଥଳରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

କୃଷ୍ଣପ୍ରସାଦ ଥାନାରେ ଏ ନେଇ ଏକ ମାମଲା (ନଂ.୨୧୨/୨୬) ରୁଜୁ କରାଯାଇଥିଲା। ପ୍ରଥମେ ଏହି ମାମଲାକୁ ଅପହରଣ ଓ ହତ୍ୟା ଉଦ୍ୟମ ରୂପେ ପଞ୍ଜୀକରଣ କରାଯାଇଥିଲା। କିନ୍ତୁ ତଦନ୍ତ ସମୟରେ ଏହାକୁ ଡକାୟତି ସହ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଥିଲା। ପୁଲିସ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୮ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏମାନଙ୍କ ମଧ୍ୟରେ ଗଣେଶ ଦାସ, ରୋହିତ ଜାଲି, କିଶାନ ଜାଲି, ବାବୁନି ଜାଲି, ରୁବେଶ ଦାସ, ମିଥୁନ ଜାଲି, ଭରତ ଦାସ, କହ୍ନା ବେହେରା, ସାଲିଆ ଜାଲି, କାଳିଆ ଦାସଙ୍କ ସମେତ ଅନ୍ୟମାନେ ଅଛନ୍ତି। ସେହିପରି ଅପରାଧରେ ବ୍ୟବହୃତ ୩ଟି ଡଙ୍ଗା ଓ କାଠ ଫାଳିକୁ ଜବତ କରିଛି ପୁଲିସ।

## ପୁଲିସ କନେଷ୍ଟବଲଙ୍କ ଘରୁ ମୃତଦେହ ଉଦ୍ଧାର

ବୁଗୁଡ଼ା,୧୩।୮ (ସମିସ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଇଲାକାରେ ଜଣେ କନେଷ୍ଟବଲଙ୍କ ଘର ଭିତରୁ ଶରତ ଚନ୍ଦ୍ର ପଣ୍ଡା (୩୫) ନାମକ ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଥିବା ଜଣାଯାଇଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିକଟ କୁମ୍ଭାରପଡ଼ା ଗ୍ରାମର ଶରତ ଚନ୍ଦ୍ର ପଣ୍ଡା ବ୍ରହ୍ମପୁରରେ ପତ୍ନୀ ଓ ପିଲାଙ୍କ ସହ ରହି ରାନ୍ଧୁଣିଆ ଭାବେ କାମ କରୁଥିଲେ। ବୁଧବାର ନିଜର ୩ ବର୍ଷର ପୁଅକୁ ସାଙ୍ଗରେ ନେଇ ବାଲିପଦରଠାରେ ଓହ୍ଲାଇଲେ ଏବଂ ଜଣେ କନେଷ୍ଟବଲଙ୍କ ଖୋଲା ରହିଥିବା ଘର ଭିତରକୁ ପଶିଯାଇ ଭିତର ପଟୁ କବାଟ ବନ୍ଦ କରି ଆତ୍ମହତ୍ୟା କରିଥିବା ପୋଲିସ କହିଛି। ପୁଲିସ କହିବା ଅନୁସାରେ ମୃତ ବ୍ୟକ୍ତି ଜଣକ ଗତ ବୁଧବାର ରାତିରେ ନିଶାସକ୍ତ ଅବସ୍ଥାରେ ଅନ୍ୟ କେତେ ଜଣଙ୍କ ଘରକୁ ପଶିବାକୁ ମଧ୍ୟ ଚେଷ୍ଟା କରୁଥିଲେ। ଉପର ମହଲାରେ ଥିବା କନେଷ୍ଟବଲଙ୍କ ଘର ଖୋଲା ଥିବାରୁ ସେ ଭିତରକୁ ପଶି ଆତ୍ମହତ୍ୟା କରିଥିବା ନେଇ ପୋଲିସ ଅନୁମାନ କରିଥିବା ଜଣାଯାଇଛି। କନଷ୍ଟେବଲ ଉମେଶ ଗୌଡ ରାତିରେ ଡ୍ୟୁଟିରୁ ଫେରିବା ପରେ କବାଟ ଭିତର ପଟୁ ବନ୍ଦ ରହିଥିବା ଦେଖିବାକୁ ପାଇଥିଲେ। ଖୋଲିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଭିତରୁ କୌଣସି ଉତ୍ତର ନଆସିବାରୁ ସେ ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡ୍ଡୀଙ୍କୁ ଜଣାଇଥିଲେ। ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଖୋଲାଯିବା ପରେ ମୃତଦେହ ପଡିଥିବା ଦେଖିବା ସହ ପାଖରେ ମୃତକଙ୍କ ପୁଅ ଶୋଇଥିବା ଦେଖିବାକୁ ପାଇଥିଲେ। ଏହାପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ପଠାଯାଇଥିଲା। ଏ ନେଇ ପୋଲିସ କେସ ନଂ- ୩୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ଅପରାହ୍ନରେ ଛାନଭିନ୍ କରିଥିବା ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାହାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ଅନୁଗୋଳ,୧୩।୮ (ସମିସ): ଅନୁଗୋଳ ସହର ଶିମିଳିପଡ଼ା ଅଞ୍ଚଳରେ ଘଟିଥିବା ଅତି ସମ୍ବେଦନଶୀଳ ଶିଶୁକନ୍ୟା ଦୁଷ୍କର୍ମ ମାମଲାରେ ଗୁରୁବାର ଅଦାଲତ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଣି କରିଛନ୍ତି। ଦୋଷୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ଅନୁଗୋଳ ଫାଷ୍ଟ ଟ୍ରାକ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ ଶିମିଳିପଡ଼ା ଅଞ୍ଚଳର ପ୍ରମୋଦ ମିଶ୍ରଙ୍କ ପୁଅ କାଳିଆ ଓରଫ ସତ୍ୟବ୍ରତ ମିଶ୍ର (୨୨)।

ମାମଲାର ବିବରଣୀ ଅନୁଯାୟୀ ୨୦୨୫ ମେ ୧୯ ତାରିଖ ମଧ୍ୟାହ୍ନ ସମୟରେ ସତ୍ୟବ୍ରତ ଜଣେ ୭ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ କରିଥିଲା। ପୂର୍ବରୁ ମଧ୍ୟ ସେ ଉକ୍ତ ଶିଶୁକନ୍ୟାକୁ ଏକ ନିଛାଟିଆ ପଡ଼ିଆକୁ ନେଇ ଦୁଷ୍କର୍ମ କରିଥିଲା। ଏ ନେଇ ପୀଡ଼ିତାଙ୍କ ମାଆ ପରଦିନ ଅର୍ଥାତ ମେ ୨୦ ତାରିଖ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଆଇଆଇସି ଧୀରେଶ କୁମାର ଦାସ ନିଜେ ଘଟଣାର ତଦନ୍ତ କରି ୨୨ ତାରିଖ ସକାଳେ ଅଭିଯୁକ୍ତ ସତ୍ୟବ୍ରତକୁ ଗିରଫ କରିଥିଲେ। ପୀଡ଼ିତା ଶିଶୁକନ୍ୟାର ବୟାନ ଭିଡିଓଗ୍ରାଫି ମାଧ୍ୟମରେ ରେକର୍ଡ କରାଯାଇଥିଲା। ବୈଜ୍ଞାନିକ ଦଳ ଘଟଣାସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିଥିଲେ। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯିବା ସହ ଡିଏନ୍‌ଏ ପରୀକ୍ଷା ପାଇଁ ଏଫ୍‌ଟିଏ କାର୍ଡ ମାଧ୍ୟମରେ ରକ୍ତନମୁନା ଏବଂ ପୋଷାକପତ୍ର ଭୁବନେଶ୍ୱର ଏସ୍‌ଏସ୍‌ଏସ୍‌ଏଲ୍‌କୁ ପଠାଯାଇଥିଲା। ପୁଲିସ ଦ୍ୱାରା ଦାଖଲ କରାଯାଇଥିବା ଦୃଢ଼ ଚାର୍ଜସିଟ୍, ଡାକ୍ତରୀ ରିପୋର୍ଟ, ବୈଜ୍ଞାନିକ ପ୍ରମାଣ ଏବଂ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଆଡ୍‌ହକ୍ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ସତ୍ୟବ୍ରତକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଇଛନ୍ତି। ଡେପୁଟୀ ଡାଇରେକ୍ଟର ପ୍ରସିକ୍ୟୁସନ୍ ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ରଞ୍ଜନ ପାତ୍ର ଏହି ମାମଲା ପରିଚାଳନା କରୁଥିଲେ।

# ସରକାରଙ୍କୁ ବାବୁଙ୍କ ଖାତିର୍ ନାହିଁ

### ଆମଙ୍କୁ ଅନ୍ଧାରରେ ରଖିଲେ କଡ଼ା କାର୍ଯ୍ୟାନୁଷ୍ଠାନ: ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ସମିସ): ଅତ୍ୟାଧୁନିକ କୃଷି ସମ୍ପର୍କରେ ଅବଗତ ହେବା ପାଇଁ କୃଷି ଅଧିକାରୀଙ୍କୁ ବାହାର ରାଜ୍ୟ ସମେତ ବିଦେଶକୁ ପଠାଯାଉଛି। ରାଜ୍ୟ ସରକାର ଏଥିପାଇଁ ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି; ମାତ୍ର ଅଧିକାରୀମାନେ ଗସ୍ତ ସମ୍ପର୍କିତ ରିପୋର୍ଟ ଦେଉନାହାନ୍ତି। ଏହାକୁ ନେଇ ଉଦ୍ୟାନ କୃଷି ଅଧିକାରୀମାନଙ୍କ ଉପରେ ବର୍ଷିଛନ୍ତି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଗୁରୁବାର କୃଷି ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉଦ୍ୟାନ କୃଷି ଅଧିକାରୀ ସମ୍ମିଳନୀରେ ମନ୍ତ୍ରୀ କାମର ହିସାବ ମାଗିବା ସହ ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଅଧିକାରୀମାନଙ୍କୁ କଡ଼ା ତାଗିଦ କରିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ସରକାରୀ ଖର୍ଚ୍ଚରେ ବିଦେଶ କିମ୍ବା ଅନ୍ୟ ରାଜ୍ୟକୁ ଗସ୍ତ କରିଥିବା ଅଧିକାରୀମାନେ କ'ଣ ଶିଖିଲେ, କ'ଣ ଦେଖିଲେ ଏବଂ ତାହା ଓଡ଼ିଶାରେ କିପରି ପ୍ରୟୋଗ କରିବେ, ସେନେଇ ୭ ଦିନ ମଧ୍ୟରେ ରିପୋର୍ଟ ଦେବେ। ଗସ୍ତ ପରେ ରିପୋର୍ଟ ନ ଦେଇ ଚୁପ୍ ବସିଲେ ଚଳିବ ନାହିଁ। ସରକାରଙ୍କୁ ଅନ୍ଧାରରେ ରଖିବାକୁ ପ୍ରୟାସ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାରୀ ଅର୍ଥରେ ଆମୋଦପ୍ରମୋଦ ପାଇଁ ଅଧିକାରୀମାନେ ବାହାର ରାଜ୍ୟକୁ ଯାଉଛନ୍ତି କି ବୋଲି ପ୍ରଶ୍ନ କରିବା ସହ ଗସ୍ତର ପ୍ରତିଫଳନ ରାଜ୍ୟରେ କାହିଁକି ଦେଖାଯାଉନାହିଁ ବୋଲି

**ଗସ୍ତ ରିପୋର୍ଟ ୭ ଦିନରେ ଦେବାକୁ ନିର୍ଦ୍ଦେଶ**

ପଚାରିଛନ୍ତି। ସେହିପରି ଯୋଜନାର କାର୍ଯ୍ୟାନ୍ୱୟନର ସଫଳ ରୂପାୟନ ପରଖିବା ସମ୍ପର୍କରେ କଡ଼ା ମନ୍ତବ୍ୟ ଦେଇ କହିଛନ୍ତି ଯେ ନିର୍ଦ୍ଦେଶକମାନେ ସରକାର ନୁହଁନ୍ତି। ଅଫିସ୍ ଛାଡ଼ି କ୍ଷେତ୍ର ପରିଦର୍ଶନ କରନ୍ତୁ। ଗସ୍ତ ସମ୍ପର୍କିତ ସୂଚୀ ପ୍ରଦାନ କରିବା ସହ ଏହାର ରିପୋର୍ଟ ପ୍ରତି ମାସରେ ସରକାରଙ୍କୁ ପ୍ରଦାନ କରନ୍ତୁ। ଏଥିରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଛନ୍ତି। ଅଧିକାରୀଙ୍କ କ୍ୟାଡର୍ ପୁନଃଗଠନ କରିବା ସମ୍ପର୍କରେ ସରକାର ବିଚାର କରୁଛନ୍ତି। ଅଧିକାରୀଙ୍କ ସମସ୍ତ କଥା ସରକାର ବୁଝୁଛନ୍ତି; ମାତ୍ର ବୁଝାବୁଝି ଏକପାଖିଆ ହେବନାହିଁ, ସରକାରୀ ଯୋଜନା କାର୍ଯ୍ୟକାରୀ ନକଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯିଏ ଚାହିଁବେ ଯେକୌଣସି ଅଦାଲତକୁ ଯାଇପାରିବେ ବୋଲି ରୋକଠୋକ୍ ଶୁଣାଇଛନ୍ତି। ମନ୍ତ୍ରୀଙ୍କ ତାଗିଦ୍ ପରେ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଥିବାବେଳେ ରିପୋର୍ଟ ଦେଉ ନ ଥିବା ଅଧିକାରୀଙ୍କ ବିରୋଧରେ ଆଗକୁ କାର୍ଯ୍ୟାନୁଷ୍ଠାନ ହେବାର ଆଶଙ୍କା ଘାରିଛି।

ଏହି ଅବସରରେ 'ଖେତୀ ଆଗ୍ରୋ ପ୍ରାଇଭେଟ ଲିମିଟେଡ୍' ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ମଧ୍ୟରେ ଜଳବାୟୁ ସହନଶୀଳ କୃଷି ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୫୮ଟି ଶୀତଳ ଭଣ୍ଡାର ପାଇଁ ୨୫୨ କୋଟି ବରାଦ; ଗୋଟିଏ ବି ସରିଲାନି

ଭୁବନେଶ୍ୱର,୧୩।୮ (ସମିସ): ରାଜ୍ୟରେ ବିଜେପି ସରକାର ଆସିବା ପରେ ସମସ୍ତ ଉପଖଣ୍ଡରେ ଶୀତଳଭଣ୍ଡାର କରିବାକୁ ଘୋଷଣା କରାଯାଇଥିଲା। ଏନେଇ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଧ୍ୟ ପ୍ରସ୍ତାବ ପାରିତ ହୋଇଥିଲା। ମାତ୍ର ୨ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ଗୋଟିଏ ହେଲେ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହୋଇପାରିନି। ପୁରୀରେ ମାତ୍ର ଗୋଟିଏ ଶୀତଳଭଣ୍ଡାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଅଧିକାରୀଙ୍କ ଉପରେ କୃଷି ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଖପ୍ପା ହୋଇଛନ୍ତି। ରାଜ୍ୟ ସରକାର ରବର ଷ୍ଟାମ୍ପ ନୁହନ୍ତି ବା ସେ ମଧ୍ୟ ରବର ଷ୍ଟାମ୍ପ ନୁହଁନ୍ତି କହି କଡ଼ା ବାର୍ତ୍ତା ଦେଇଛନ୍ତି।

ଅଧିକାରୀମାନଙ୍କୁ ଚେତାବନୀ ଦେଇ ମନ୍ତ୍ରୀ କହିଛନ୍ତି ଯେ 'ତୁମେ ସରକାର ଚଳାଉନାହଁ, ଆମେ ସରକାର ଚଳାଉଛୁ। ଯିଏ ମାନିବ ନାହିଁ, ସିଏ ଘରକୁ ପଳେଇବେ। ସରକାରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଅବହେଳା କଲେ, କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ'। ପ୍ରାଥମିକ ପର୍ଯ୍ୟାୟରେ ୧୫ଟି ଶୀତଳଭଣ୍ଡାର ନିର୍ମାଣ ପାଇଁ ସରକାର ଗୋ-ଆହେଡ୍ ପତ୍ର ଦେଇଛନ୍ତି। କେବଳ ଗୋଟିଏର ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବିଭାଗୀୟ ସଚିବ ସଚିନ ରାମଚନ୍ଦ୍ର ଯାଦବ ସୂଚନା ଦେଇଥିଲେ। ଏହାକୁ ଉଦ୍ଧୃତ କରି ମନ୍ତ୍ରୀ କହିଛନ୍ତି ଯେ ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଏହାର ନିର୍ମାଣ ସମ୍ପର୍କରେ ସାଧାରଣ ଲୋକଙ୍କଠାରୁ କ୍ୟାବିନେଟ୍ ବୈଠକରେ ସେ ପ୍ରଶ୍ନର ସମ୍ମୁଖୀନ ହେଉଛନ୍ତି। ବିଧାନସଭାରେ ଏହାର ଉତ୍ତର ରଖୁଛନ୍ତି। ମାତ୍ର ଅଧିକାରୀମାନେ ସରକାରଙ୍କ ନିର୍ଦ୍ଦେଶକୁ ସଠିକ୍ ସମୟରେ ପାଳନ କରୁନାହାନ୍ତି। ଦାୟିତ୍ୱରେ ଖିଲାପ କରୁଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚୋତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଚାଷୀଙ୍କ ଅମଳକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଉପଖଣ୍ଡରେ ୫୮ଟି ନୂଆ ଶୀତଳଭଣ୍ଡାର ନିର୍ମାଣ କରିବାକୁ ସରକାର ଘୋଷଣା କରିଥିଲେ। ଏଥିପାଇଁ ୨୫୨ କୋଟି ଟଙ୍କା ବ୍ୟୟବରାଦ ମଧ୍ୟ ହୋଇଛି।

# ବିଭିନ୍ନ ସ୍ଥାନରେ 'ହର ଘର ତ୍ରିରଙ୍ଗା' ଯାତ୍ରା


ଅନୁଗୋଳ


ବଅଁରପାଳ


କିଶୋରନଗର



ଅନୁଗୋଳ



ବଇଣ୍ଡା


ଛେଣ୍ଡିପଦା



ପାଲଲହଡ଼ା

ଅନୁଗୋଳ,୧୩।୮ (ସମିସ):

'ହର ଘର ତ୍ରିରଙ୍ଗା' ଅଭିଯାନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ଗୁରୁବାର ବିଶାଳ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଛି। ପୂର୍ବାହ୍ନରେ ସ୍ଥାନୀୟ ସଭାଗୃହରୁ ଶୋଭାଯାତ୍ରା ବାହାରି ଥାନା ଛକ, ରାଜା ଛକ, ଡେଲି ମାର୍କେଟ, ବଜାର ଛକ, ସୂଚନା କେନ୍ଦ୍ର ଛକ ଦେଇ ସହର ପରିକ୍ରମା କରିଥିଲା। ତ୍ରିରଙ୍ଗାର ଗୌରବ ଓ ଦେଶପ୍ରେମରେ ସାରା ସହର ଉତ୍ସବମୁଖର ହୋଇଥିଲା। ସମାରୋହରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ''ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ବିଡିଓ ଡ. ବିଶ୍ୱଭୂଷଣଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସେନା ଅଧିକାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

**ବଅଁରପାଳ:** ବଅଁରପାଳରେ ଉତ୍ସାହ ପରିବେଶରେ ''ହର ଘର ତ୍ରିରଙ୍ଗା' ଯାତ୍ରା ଅନୁଷ୍ଠିତ ହୋଇଛି। ଶତାଧିକ କାର୍ଯ୍ୟକର୍ତ୍ତା ହାତରେ ତ୍ରିରଙ୍ଗା ଧରି ଦେଶପ୍ରେମର ବାର୍ତ୍ତା ଦେଇ ପଦଯାତ୍ରାରେ ସାମିଲ ହୋଇଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପାଞ୍ଚଗଡ଼ ଅଞ୍ଚଳର ବହୁ କାର୍ଯ୍ୟକର୍ତ୍ତା ନୂଆହତା ଗ୍ରାମ ଟେଲକୋଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ତ୍ରିରଙ୍ଗା ଧରି ଦେଶଭକ୍ତିମୂଳକ ସ୍ଲୋଗାନ ଦେଇ ପଦଯାତ୍ରା ଆରମ୍ଭ ହୋଇଥିଲା। ପଦଯାତ୍ରା ୫୫ ନମ୍ବର ଜାତୀୟ ରାଜପଥ ଦେଇ ବଅଁରପାଳ ଟାମଡ଼ା ବଜାର ପର୍ଯ୍ୟନ୍ତ ଯାଇଥିଲା। ତ୍ରିରଙ୍ଗାକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ସହ ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ଆହୁରି ମଜବୁତ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ବିଧାୟକ ପ୍ରଧାନ କହିଥିଲେ।

**କିଶୋରନଗର:** ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର କିଶୋରନଗରଠାରେ 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପରେ ତାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ବାମୁର ଡାକବଙ୍ଗଳାଠାରେ ଅବସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି, ଅନୁଗୋଳ ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସରୋଜ ସାହୁ, ଅର୍ଜୁନ ସାହୁ, ହୃଦାନନ୍ଦ ପ୍ରଧାନ, ଡା. ଅଲେଖ ପ୍ରଧାନ, ଏସଡିଏସସି ଅଧ୍ୟକ୍ଷ ବଶିଷ୍ଠ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ପ୍ରଧାନ, ଅଜିତ କୁମାର ପ୍ରଧାନ, ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତିମିର ନାୟକ ପ୍ରମୁଖଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦଳୀୟ କର୍ମୀମାନେ ବାଇକ୍ ରାଲିରେ କିଶୋରନଗର, ଜଏରାଟ, ଓସ୍କାପାଲ୍ଲୀ ଦେଇ ବାମୁର ଡାକବଙ୍ଗଳା ପହଞ୍ଚିଥିଲେ। ଅତିଥିମାନେ ଜାତୀୟ ପତାକାର ସମ୍ମାନ ରକ୍ଷା, ପରିବେଶ ସୁରକ୍ଷା ଓ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ଅନୁସରଣ କରିବା ପାଇଁ ଆହ୍ୱାନ ଜଣାଇଥିଲେ।

**ଅନୁଗୋଳ:** ଛେଳିଆପଡ଼ା ରୟାଲ ଯୁବକ ସଂଘ ଏବଂ ସାମାଜିକ ଅନୁଷ୍ଠାନ 'ସ୍ପନ୍ଦନ' ତରଫରୁ ଛେଳିଆପଡ଼ା ଗ୍ରାମରେ ହର ଘର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ସମାଜସେବୀ ତଥା ଉତ୍କଳ ସମ୍ମିଳନୀ, ଅନୁଗୋଳର କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଆଗାମୀ ଦିନରେ ଆମ ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବା ଅବସରରେ ସମସ୍ତ ଜନସାଧାରଣ ବିଶେଷକରି ଯୁବବର୍ଗଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା, ଦେଶ ପ୍ରତି ଆମ ଦାୟିତ୍ୱବୋଧ, ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସବୁବେଳେ ସମ୍ମାନ ଦେବା, ସେମାନଙ୍କ ନୀତିଆଦର୍ଶକୁ ଅନୁସରଣ କରିବା ଏବଂ ଜଣେ ଜଣେ ସୁନାଗରିକ ଭାବେ ନିଜକୁ ପ୍ରତିଷ୍ଠା କରିବା ପାଇଁ ପ୍ରବର୍ତ୍ତାଇଥିଲେ। ରୟାଲ ଯୁବକ ସଂଘ ଉପଦେଷ୍ଟା ଅସିତ ସାହୁ ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ଘର, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ସମ୍ମାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛେଳିଆପଡ଼ା ଶିବ ମନ୍ଦିର ନିକଟରୁ ଏକ ବିଶାଳ ପଦଯାତ୍ରା ଆରମ୍ଭ ହୋଇ ତାଳବୁରି ସାହି, ବେହେରା ସାହି, ଦେହୁରୀ ସାହି, ମୁଦୁଲି ସାହି ପରିକ୍ରମା କରିଥିଲା। ଛେଳିଆପଡ଼ା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପିଲାମାନଙ୍କୁ ଦେଶପ୍ରେମ ତଥା ଘରେ ଘରେ ତ୍ରିରଙ୍ଗା ଉତ୍ତୋଳନ ବିଷୟରେ ବାର୍ତ୍ତା ପ୍ରେରଣ କରାଯାଇ ସେମାନଙ୍କୁ ଜାତୀୟ ପତାକା ବିତରଣ କରାଯାଇଥିଲା। ରୟାଲ ଯୁବକ ସଂଘ ସଭାପତି ମିଳନ ପ୍ରଧାନ, ସମ୍ପାଦକ ଟୁଙ୍କୁ ପ୍ରଧାନ, ଉପସଭାପତି ସଞ୍ଜୟ ପ୍ରଧାନ, ସିପୁନ ନାଥ, ଦାମୋଦର ବାରିକ, ପ୍ରଦ୍ୟୁମ୍ନ ପ୍ରଧାନଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ପନ୍ଦନର ସଦସ୍ୟ-ସମ୍ପାଦକ ସୁଶାନ୍ତ ବେହେରା ପଦଯାତ୍ରା ସଞ୍ଚାଳନରେ ସହଯୋଗ କରିଥିଲେ।

**ବଇଣ୍ଡା:** କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଗୁରୁବାର ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବିଜେପି ରାଜ୍ୟ ଉପସଭାପତି ଗୋଲଖ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଯାତ୍ରାରେ ସାମିଲ ହୋଇଥିଲେ। ବିଜେପି ଜିଲ୍ଲା ଉପସଭାନେତ୍ରୀ ଅଞ୍ଜଳି ପ୍ରଧାନ, ପୂର୍ବତନ ଜିଲ୍ଲା ଉପସଭାପତି ଅର୍ଜୁନ କୁମାର ସାହୁ, ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳ, ନୁନୁକାପସି ସରପଞ୍ଚ ଦୀପ୍ତିମୟୀ ସାହୁ, ଡ. ଅଲେଖ ପ୍ରଧାନ, ଅରବିନ୍ଦ ସାହୁ, ଧ୍ରୁବଚରଣ ସାହୁ, ମାନସ ସାହୁ, ସ୍ୱୟଂବର ପ୍ରଧାନ, ବିଶ୍ୱଜିତ ମିଶ୍ରଙ୍କ ସମେତ ବହୁ ବିଜେପି କର୍ମୀ ଯୋଗଦେଇଥିଲେ। ସମସ୍ତ କର୍ମକର୍ତ୍ତା ହାତରେ ତ୍ରିରଙ୍ଗା ଧରି ନଗର ପରିକ୍ରମା କରିଥିଲେ।

**ଛେଣ୍ଡିପଦା:** ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଗଡ଼ିଆ ମଣ୍ଡଳ କଣଲୋଇ ପଞ୍ଚାୟତରେ ଗୁରୁବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା କଣଲୋଇଠାରୁ ମାରୁଡିପ ଗ୍ରାମ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତ ବର୍ଗର ଲୋକେ ହାତରେ ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ପାଲଲହଡ଼ା:** ୮୦ତମ ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଗୁରୁବାର ପାଲଲହଡ଼ାରେ 'ହର ଘର ତ୍ରିରଙ୍ଗା' ଅଭିଯାନ ଅନ୍ତର୍ଗତ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରବଳ ବର୍ଷା ସତ୍ତ୍ୱେ ବିଭିନ୍ନ ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ବିଡିଓ ନିଶାନ ମିଶ୍ର, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ଆଇନଜୀବୀ ତନ୍ମୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୧ଟାରେ ମହତାବ ହାଇସ୍କୁଲଠାରୁ ଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଛାତ୍ରଛାତ୍ରୀ ଓ ମହିଳା ଗୋଷ୍ଠୀ ହାତରେ ତ୍ରିରଙ୍ଗା ଧରି ଦେଶଭକ୍ତିମୂଳକ ସ୍ଲୋଗାନ ଦେଇଥିଲେ।

## ହାତୀ ଆକ୍ରମଣରେ ଚାଷୀ ଗୁରୁତର

ଛେଣ୍ଡିପଦା,୧୩।୮ (ସମିସ): ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ ପାଟକୁମୁଣ୍ଡା ପଞ୍ଚାୟତ ଭାଲୁଖାଇ ଡିପ ଗ୍ରାମରେ ଗୁରୁବାର ସକାଳ ପ୍ରାୟ ୮ଟାରେ ହାତୀ ଆକ୍ରମଣରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ପରମେଶ୍ୱର ସାହୁ (୪୫)। ପରମେଶ୍ୱର ବିଲକୁ ଯାଉଥିବା ବେଳେ ତାଙ୍କ ଘର ପଛପଟେ ପୂର୍ବରୁ ରହିଥିବା ହାତୀ ଆକ୍ରମଣ କରିଥିଲା।





ତାଙ୍କର ଛାତି ଓ ଗୋଡ଼ରେ ଆଘାତ ହୋଇଛି। ପରିବାର ଲୋକେ ପ୍ରଥମେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ବନ ବିଭାଗ ପକ୍ଷରୁ ପରମେଶ୍ୱରଙ୍କ ଚିକିତ୍ସା ବ୍ୟବସ୍ଥା ଯୋଗାଇବା ସହ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଦୀର୍ଘଦିନ ଧରି ଛେଣ୍ଡିପଦା ରେଞ୍ଜ ଅନ୍ତର୍ଗତ ନୂଆଗାଁ, କଣଲୋଇ, ପାଟକୁମୁଣ୍ଡା, ବାଗଡ଼ିଆ, ବରସାହି, ପାତ୍ରପଡ଼ା, ଟାଙ୍ଗିରୀ, ମାଛକୁଟା, ବସନ୍ତପୁର ଆଦି ପଞ୍ଚାୟତରେ ବର୍ଷତମାମ ହାତୀପଲ ଚଳପ୍ରଚଳ କରୁଥିବାରୁ ବ୍ୟାପକ ଧନଜୀବନ ଓ ଫସଲ ହାନି ହେଉଛି। ଏ ନେଇ ଅଞ୍ଚଳବାସୀ ସର୍ବଦା ଭୟଭୀତ ଅବସ୍ଥାରେ ରହୁଛନ୍ତି। ସନ୍ଧ୍ୟା ହେଲେ ଲୋକେ ବାହାରକୁ ବାହାରିବା ସୁରକ୍ଷିତ ମଣୁନାହାନ୍ତି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଙ୍ଗଲ ବିଭାଗ ଏହାର ସ୍ଥାୟୀ ପ୍ରତିକାର ନ କଲେ ଆଗାମୀ ଦିନରେ ହାତୀ-ମଣିଷ ବିବାଦ ବଢ଼ିଚାଲିବ ବୋଲି ଆଲୋଚନା ହେଉଛି।

## ● ଓପି ଜିନ୍ଦଲ ସ୍ମାରକୀ ଫୁଟବଲ
## କଟକ ସ୍ପୋର୍ଟସ ହଷ୍ଟେଲକୁ ହରାଇଲା କେନ୍ଦୁଝର

ଅନୁଗୋଳ,୧୩।୮ (ସମିସ): କଦମ ପଡ଼ିଆରେ ଚାଲିଥିବା ଓପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର କଟକ ସ୍ପୋର୍ଟସ ହଷ୍ଟେଲ ଓ କେନ୍ଦୁଝର ରାଇଜିଂ ଷ୍ଟାର୍ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଶେଷରେ ସଡନ୍ ଡେଥ ପଦ୍ଧତି ଅନୁସରଣ କରାଯାଇଥିଲା।



କେନ୍ଦୁଝର ୬-୫ରେ ବିଜୟୀ ହୋଇଛି। କେନ୍ଦୁଝରର ଶାଟିୟାଲ ଗୁଡ଼ିଆ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅନୁଗୋଳ ବିଡିଓ ବିଶ୍ୱଭୂଷଣ ଦାସ ମୁଖ୍ୟଅତିଥି, ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଜିନ୍ଦଲ ଆଇଟି ମୁଖ୍ୟ ବିପିନ ବିହାରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଦିଲୀପ ରାଉତ ଖେଳ ପରିଚାଳନା କରିଥିଲେ। ଶଶିକାନ୍ତ ଦାସିଆ ଓ ଆଲୋକ ଦେହୁରୀ ଲାଇନ୍‌ରେ ସହାୟତା କରିଥିଲେ। ଜିନ୍ଦଲ କ୍ରୀଡ଼ା ଅଧିକାରୀ ତାପସ ମହାନ୍ତି ଏବଂ ଆଲୋକ ଦେବତା ସମାରୋହ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ଅନୁଗୋଳ ଏବଂ ଢେଙ୍କନାଳ ପପୁଲାର କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଚଳନ୍ତା କଣ୍ଟେନରରେ ଲାଗିଲା ନିଆଁ

ପାଲଲହଡ଼ା,୧୩।୮ (ସମିସ): ୪୯ ନମ୍ବର ଜାତୀୟ ରାଜପଥର ପାଲଲହଡ଼ା ଥାନା କଲେଜ ଛକ ନିକଟରେ ଚଳନ୍ତା କଣ୍ଟେନରରେ ନିଆଁ ଲାଗିଯାଇଛି। ତେବେ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି। କଣ୍ଟେନରଟି କଣିହାଁ ପଟୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ହଠାତ୍ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ କଣ୍ଟେନର ଭିତରେ ଥିବା ଗୋଟିଏ ବାଇକ ସମେତ



ଜରୁରୀ କାଗଜପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ ଲାଗିବା ପରେ ସ୍ଥାନୀୟ ଲୋକେ ତୁରନ୍ତ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଦୁଇଦିନ ହେବ ଅନ୍ଧାରରେ ଲୋହରାପଦା

### ● ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ
### ● ରାସ୍ତାରୋକ ଚେତାବନୀ

ଅନୁଗୋଳ,୧୩।୮ (ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ସାପଘରା ପଞ୍ଚାୟତ ଲୋହରାପଦା ଗ୍ରାମରେ ଦୁଇଦିନ ହେବ ବିଦ୍ୟୁତ ନାହିଁ। ବିଭାଗର ଅବହେଳା ଯୋଗୁଁ ବିଦ୍ୟୁତ ସଂଯୋଗ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗୁରୁବାର ଗ୍ରାମବାସୀ ମେଲ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସାପଘରା ପଞ୍ଚାୟତ ୧୪ ନମ୍ବର ୱାର୍ଡ ଲୋହରାପଦା ଗ୍ରାମରେ ୮୦ ପରିବାର ବାସ କରୁଛନ୍ତି। ସମସ୍ତେ ଆଦିବାସୀ ସମ୍ପ୍ରଦାୟର। ଜଙ୍ଗଲ ଅଧ୍ୟୁସିତ ଅଞ୍ଚଳରେ ଏହି ଗ୍ରାମ ଥିବା ବେଳେ ଜଙ୍ଗଲ ଦେଇ ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯାଇଛି। ହେଲେ ବନ ବିଭାଗର ଅବହେଳା ଯୋଗୁଁ ଦୀର୍ଘଦିନ ଏହି ଗ୍ରାମକୁ ଯାଇଥିବା ବିଦ୍ୟୁତ ତାରରେ ହୁକ ପକାଇ ଜନ୍ତୁ ଶିକାର କରାଯାଉଛି। ଜନ୍ତୁ ଶିକାର କରାଯାଉଥିବା ଦର୍ଶାଇ ମଙ୍ଗଳବାରଠାରୁ ବିଦ୍ୟୁତ ବିଭାଗ ଗ୍ରାମକୁ ସଂଯୋଗ ବିଚ୍ଛିନ୍ନ କରିଦେଇଛି। ଫଳରେ ଗ୍ରାମ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ଜନ୍ତୁ ଶିକାର ରୋକିବା ପାଇଁ ଗ୍ରାମରେ ଶପଥପାଠ କରାଯାଇଥିବା ବେଳେ ବିଦ୍ୟୁତ ବିଭାଗ ବାହାନା କରି ଅନେକ ସମୟରେ ବିଦ୍ୟୁତ ବିଚ୍ଛିନ୍ନ କରୁଛି। ପୂର୍ବରୁ ସପ୍ତାହରେ ୨ ଦିନ ବିନା କାରଣରେ ବିଦ୍ୟୁତ କାଟି ଦିଆଯାଉଛି। ଗ୍ରାମରେ ବିଦ୍ୟୁତ ନ ଥିବାରୁ ଛାତ୍ରଛାତ୍ରୀ ପାଠ ପଢ଼ିପାରୁ ନାହାନ୍ତି। ଏପରିକି ଜଙ୍ଗଲ ନିକଟରେ ଗ୍ରାମ ଥିବାରୁ ସନ୍ଧ୍ୟା ହେଲେ ଲୋକେ ତାଟିକବାଟ ପକାଇ ଘର ଭିତରେ ରହୁଛନ୍ତି। ତୁରନ୍ତ ଗ୍ରାମକୁ ବିଦ୍ୟୁତ ସଂଯୋଗ କରା ନ ଗଲେ ସାନହୁଲା ନିକଟରେ ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଗ୍ରାମର ପ୍ରଶ୍ନକୁମାର ନାୟକ, ଦିଲୀପ କୁମାର ନାୟକ, ରଷିନାଥ ନାୟକ, ରଞ୍ଜନ ନାୟକ, ତରଣି ନାୟକ, ପ୍ରଭାକର ନାୟକଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ବଇଣ୍ଡା ବିଦ୍ୟୁତ ବିଭାଗ ଏସଡିଓ ଶୁଭକାନ୍ତ ପ୍ରଧାନ କୁହନ୍ତି, ଉକ୍ତ ଗ୍ରାମକୁ ଯାଇଥିବା ବିଦ୍ୟୁତ ତାରରେ ଶିକାର କରିବା ପାଇଁ ହୁକ ପକାଇଥିଲେ। ବିଭାଗ ଯାଞ୍ଚ ସମୟରେ ହୁକ ଜବତ କରିଛି। ଫଳରେ ବିଦ୍ୟୁତ କାଟ କରାଯାଇଛି ବୋଲି ସେ କହିଛନ୍ତି।

## ମୋବାଇଲ ଚୋରି ଘଟଣା / ପୁଲିସ କବ୍‌ଜାରେ ୨ ନାବାଳକ

ତାଳଚେର,୧୩।୮ (ସମିସ): ଜୁଲାଇ ୨୪ ତାରିଖ ରାତିରେ ସ୍ଥାନୀୟ ହାଟତୋଟା ଓ ହାଣ୍ଡିଧୂଆଁ ବଜାର ଅଞ୍ଚଳର ୨ଟି ମୋବାଇଲ ଦୋକାନରୁ ବହୁ ମୋବାଇଲ ଓ ଆନୁଷଙ୍ଗିକ ସାମଗ୍ରୀ ଚୋରି ମାମଲାରେ ପୁଲିସ ଦୁଇ ନାବାଳକଙ୍କୁ ହେପାଜତକୁ ନେଇଛି। ଏମାନଙ୍କଠାରୁ ୨୨ଟି ନୂଆ ଓ ପୁରୁଣା ମୋବାଇଲ ସହ ୭ଟି ଇୟର ପୋଡ୍, ଗୋଟିଏ ସିସି କ୍ୟାମେରା, ୬ଟି ସ୍କ୍ରିଉ ଡ୍ରାଇଭର ଆଦି ବହୁ ଆନୁଷଙ୍ଗିକ ସାମଗ୍ରୀ ଜବତ କରାଯାଇଛି।

## ରେଙ୍ଗାଲି ଡ୍ୟାମ୍‌ର ଆଉ ଏକ ଗେଟ୍ ଖୋଲିଲା



### ● ଦୁଇ ଗେଟ୍ ଦେଇ ୩୫୩୦ ଘନମିଟର ଜଳ ନିଷ୍କାସନ
### ● ତଳମୁଣ୍ଡରେ ବନ୍ୟା ଆଶଙ୍କା

କଣିହାଁ,୧୩।୮ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଲି ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଡ୍ୟାମ୍ କର୍ତ୍ତୃପକ୍ଷ ଗୁରୁବାର ଆଉ ଏକ ଗେଟ୍ ଖୋଲିଛନ୍ତି। ପୂର୍ବରୁ ୮ ନମ୍ବର ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିବାବେଳେ ଗୁରୁବାର ଅପରାହ୍ନ ୩ଟାରେ ୧୦ ନମ୍ବର ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଦୁଇଟି ଗେଟ୍ ଦେଇ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡ ୩୫୩୦ ଘନମିଟର ଜଳ ନିଷ୍କାସିତ ହେଉଛି। ଡ୍ୟାମର ଉପରମୁଣ୍ଡରେ ବର୍ଷା ପରିମାଣ ବୃଦ୍ଧି ପାଇଥିବାରୁ ଆଗାମୀ ସମୟରେ ଜଳଭଣ୍ଡାରକୁ ପ୍ରାୟ ୪୦୦୦ ଘନମିଟର ଜଳ ପ୍ରବେଶ କରିବା ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରର ଜଳସ୍ତର ନିୟନ୍ତ୍ରଣ ପାଇଁ ଅତିରିକ୍ତ ଗେଟ୍ ଖୋଲାଯାଇଛି। ଦୁଇଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିବାରୁ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଏ ନେଇ ଡ୍ୟାମ୍ କର୍ତ୍ତୃପକ୍ଷ ତଳମୁଣ୍ଡରେ ଥିବା ଗ୍ରାମବାସୀଙ୍କ ସମେତ ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସତର୍କ ସୂଚନା ଜାରି କରିଛନ୍ତି। ଜଳ ନିଷ୍କାସନ ପରିମାଣ ବୃଦ୍ଧି ପାଇବା ସମ୍ଭାବନା ଥିବାରୁ ତଳମୁଣ୍ଡରେ ଥିବା ଲୋକଙ୍କୁ ନଦୀ ଓ ଜଳପଥ ନିକଟକୁ ନ ଯିବା ସହ ସତର୍କ ରହିବାକୁ ସତର୍କ କରାଯାଇଛି।

# କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ସଫଳ





ପାଲଲହଡ଼ା,୧୩।୮ (ସମିସ):

ଅନୁଗୋଳ ଜିଲ୍ଲା କଂଗ୍ରେସ ଆହ୍ୱାନ କ୍ରମେ ୧୪ ଦଫା ଦାବି ପୂରଣ ନିମନ୍ତେ ବୁଧବାର ୧୨ ଘଣ୍ଟିଆ ଜିଲ୍ଲା ବନ୍ଦ ପାଳନର ପ୍ରଭାବ ପାଲଲହଡ଼ା ଉପଖଣ୍ଡରେ ଦେଖିବାକୁ ମିଳିଛି। ଯୁବନେତା ସୁବ୍ରତ ଗଡ଼ନାୟକଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ସକାଳ ୭ଟାରେ ଜାତୀୟ ରାଜପଥ ୪୯ ଏବଂ ୧୪୯କୁ କଂଗ୍ରେସ କର୍ମୀମାନେ ବନ୍ଦ କରିଥିଲେ। ଫଳରେ ଶହଶହ ଗାଡ଼ି ଅଟକି ରହିଥିଲା। ପାଲଲହଡ଼ା ଉପଖଣ୍ଡରୁ ବସ୍ ସେବା ବନ୍ଦ ଥିବା ବେଳେ ଦୋକାନ ବଜାର ସମେତ ସମସ୍ତ ବିଦ୍ୟାଳୟ ଓ ବ୍ୟାଙ୍କଗୁଡ଼ିକୁ କର୍ମୀମାନେ ବନ୍ଦ କରାଇଥିଲେ। ଜଳସେଚନ ପାଇଁ ନିର୍ମିତ ଡ୍ୟାମ୍‌ରୁ କମ୍ପାନୀମାନଙ୍କୁ ପାଣି ବନ୍ଦ କରିବା, କମ୍ପାନୀ ଦ୍ୱାରା ଜିଲ୍ଲାର ଜଳବାୟୁକୁ ପ୍ରଦୂଷଣରୁ ରକ୍ଷା କରିବାକୁ ଦାବି ଉପସ୍ଥାପନ କରିଥିଲେ। ବ୍ଲକ ସଭାପତି ସରୋଜ ସାହୁ, ଯୁବନେତା ସୁମନ ନାଏକ, ନିଲୁ ରାଜହଂସ, ବରିଷ୍ଠ ନେତା ଦୋଳଗୋବିନ୍ଦ ସାହୁ, ସୁରେନ୍ଦ୍ର ନାୟକ, ମିହିର ପାଲ, ରଞ୍ଜନ ଜିତ, ରମେଶ ଗଡ଼ନାୟକ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏଥିରେ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ।

**କଣିହାଁ:** ଅନୁଗୋଳ ଜିଲ୍ଲାରେ ଥିବା ପ୍ରକଳ୍ପ ଓ ଖଣିଖାଦାନର ପାରିପାଶ୍ୱିର୍କ ସାମାଜିକ ଦାୟିତ୍ୱବୋଧ ପାଣି ଏବଂ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ସ୍ଥାୟୀ ଓ ଠିକାଭିତ୍ତିକ ନିଯୁକ୍ତିରେ ଅନିୟମିତତା ପ୍ରତିବାଦରେ କଣିହାଁ ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ମାନସ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସତ୍ୟାନନ୍ଦ ସାହୁ, ଦେବଦତ୍ତ ପ୍ରାସାଦ ପ୍ରଧାନ, ଶିବରାମ ଦାସ, କୁଶଧ୍ୱଜ ସାମଲ, ପ୍ରତାପ ଶତପଥୀ, ସୁଶ୍ରୀ ବେହେରା, ସୁବ୍ରତ ମହାନ୍ତି, ବସନ୍ତ ପ୍ରଧାନ, ଗଣେଶ୍ୱର ସାହୁ, ବିରଞ୍ଚି ବେହେରା ପ୍ରମୁଖ ବହୁ କର୍ମୀ ବୁଧବାର ଏନଟିପିସି ବାଇପାସ ଛକରେ ସକାଳ ୬ଟାରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବନ୍ଦ ପାଳନ କରିଥିଲେ। ଫଳରେ କୋଇଲା ପରିବହନ, ଉତ୍ପାଦନ ବନ୍ଦ ରହିଥିଲା। ଏନଟିପିସି ବଜାର ସ୍ୱତଃ ବନ୍ଦ ରହିଥିଲା। ଦିନ ୧୧ଟାରେ ଆନ୍ଦୋଳନ ହଟିଥିଲା। ବ୍ଲକର ଅନ୍ୟ ସ୍ଥାନରେ ମଧ୍ୟ ବନ୍ଦ ପାଳନ କରାଯାଇଛି।

# ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

ପରଜଙ୍ଗ,୧୩।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ରୋଡ଼ ପଞ୍ଚାୟତ ନୂଆରାଢ଼ ବଣିଆସାହିଠାରୁ ବଉଳ ଛକ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତାରେ ଫାଟ ଦେଖାଯାଇଛି। ରାସ୍ତା ନିର୍ମାଣକୁ କିଛି ମାସ ନ ପୂରୁଣୁ ଫାଟିଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାମ ଯୋଗୁଁ ଏପରି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ୮ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହୋଇଥିଲା। ନିର୍ମାଣ ସମୟରୁ ହିଁ କାମର ମାନକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଥିଲେ। କାମ ସମୟରେ ଯନ୍ତ୍ରୀଙ୍କ ନିୟମିତ ଉପସ୍ଥିତି ନ ଥିବା ଅଭିଯୋଗ କରାଯାଇଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ବର୍ତ୍ତମାନ ରାସ୍ତାରେ ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଏହି ରାସ୍ତା ଯାତାୟାତରେ ସମସ୍ୟା ଓ ବିପଦ ସୃଷ୍ଟି କରିପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏନେଇ ରାସ୍ତା ନିର୍ମାଣ କରିଥିବା ବିଭୂତି ସାହୁ କହିଛନ୍ତି, ରାସ୍ତା ତଳେ ବୋଧହୁଏ ଖଳିମାଟି ରହିଥିବାରୁ ଏଭଳି ଫାଟ



ସୃଷ୍ଟି ହୋଇଥାଇପାରେ। ଅନ୍ୟପକ୍ଷରେ କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ଅବିନାଶ ପଣ୍ଡା ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ ଯୋଗେ ଅବଗତ କରିଛନ୍ତି। ସେହିପରି ବିଭିନ୍ନ କାର୍ଯ୍ୟରେ ଅନିୟମିତତା ଓ 'ପିସି' କାରବାର ଅଭିଯୋଗ ଉଠାଇ ନିମ୍ନମାନର କାମ ହେଉଥିବା ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ କନିଷ୍ଠ ଯନ୍ତ୍ରୀ ସବ୍ୟସାଚୀ ସାମଲଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ପୂର୍ବରୁ ପୁରୁଣା ମାଟି ହଟାଇ କାମ କରାଯାଇଥିବା କହିଛନ୍ତି। ତେବେ ରାସ୍ତାରେ କାହିଁକି ଫାଟ ସୃଷ୍ଟି ହୋଇଛି, ସେ ନେଇ ସ୍ଥଳ ପରିଦର୍ଶନ କରି ଯାଞ୍ଚ କରିବେ ବୋଲି କହିଛନ୍ତି। ରାସ୍ତା ନିର୍ମାଣର ଗୁଣବତ୍ତା ଓ ଫାଟିବାର ପ୍ରକୃତ କାରଣ ନେଇ ତଦନ୍ତ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବାଇକରୁ ଖସିପଡ଼ି ମହିଳା ମୃତ

ହିନ୍ଦୋଳ,୧୩।୮ (ସମିସ): ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ଗୁଡ଼ିଆକାଟେଣୀ ଛକ ନିକଟ ଦେବଦେବୀ ପୀଠ ନିକଟରେ ଏକ ଖାଲରେ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କମଳାଙ୍ଗ ଗ୍ରାମରେ ରହୁଥିବା ରବୀନ୍ଦ୍ର ସାହୁଙ୍କ ସ୍ତ୍ରୀ ଶଶି ସାହୁ (୪୪)। ରବୀନ୍ଦ୍ର ଓ ଶଶି କୌଣସି କାର୍ଯ୍ୟରେ ଓଡ଼ାପଡ଼ା ବ୍ଲକକୁ ଯାଇ ଫେରୁଥିବା ବେଳେ ବାଇକ୍ ରାସ୍ତା ମଝିରେ ଥିବା ଏକ ଖାଲରେ ପଡ଼ିଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଉଭୟ ପଡ଼ିଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଅନ୍ୟଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଶଶି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ମେଡିକାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଗତ ୧୫ ଦିନ ମଧ୍ୟରେ ହିନ୍ଦୋଳ ରୋଡ୍‌ଠାରୁ ଗୁଡ଼ିଆକାଟେଣି ମଧ୍ୟରେ ଏହି ରାସ୍ତାରେ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ହେଲାଣି।

# ସିଦ୍ଧେଶ୍ୱର ମନ୍ଦିର ଜମି ହେଲା ମାପଚୁପ

ଭୁବନ,୧୩।୮ (ସମିସ)

ଭୁବନ ଏନ୍‌ଏସି ୱାର୍ଡ ନମ୍ବର-୨ ନୂଆଭୁବନ ଛକ ନିକଟ ସିଦ୍ଧେଶ୍ୱର ଶିବମନ୍ଦିର ଜମିକୁ ନେଇ ଗତ ରବିବାର ସୃଷ୍ଟି ହୋଇଥିବା ଉତ୍ତେଜନା ପରେ ପ୍ରଶାସନ ଏବେ ତତ୍ପରତା ପ୍ରକାଶ କରିଛି। ମନ୍ଦିର ଜମିର ସୀମା ନିର୍ଦ୍ଧାରଣ ସହ ଜବରଦଖଲ ଅଭିଯୋଗ ଏବଂ ଚାଷୀଙ୍କ ଦାଣ୍ଡି ରାସ୍ତାକୁ ନେଇ ଉଠିଥିବା ବିବାଦ ଏବେ ପ୍ରଶାସନ ଦୃଷ୍ଟିକୁ ଆସିଛି। ମନ୍ଦିର ଅଧୀନରେ ଥିବା ଜମିରେ ଦୀର୍ଘଦିନ ଧରି ଜବରଦଖଲ ହୋଇଥିବା ଅଭିଯୋଗ ରହିଥିଲା। ଏନେଇ ପ୍ରଶାସନକୁ ପ୍ରାୟ ୧୫ ଦିନ ପୂର୍ବରୁ ଅବଗତ କରାଯାଇଥିଲେ ମଧ୍ୟ ତୁରନ୍ତ କୌଣସି ପଦକ୍ଷେପ ନ ହେବାରୁ ରବିବାର ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଜବରଦଖଲ ହଟାଇବା ଉଦ୍ଦେଶ୍ୟରେ ଜେସିବି ମେସିନ ନେଇ କାର୍ଯ୍ୟ ଆରମ୍ଭ କରିବା ସମୟରେ ମନ୍ଦିର କମିଟି ଓ ଜବରଦଖଲକାରୀ ସ୍ୱର୍ଗତ ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରିବାର ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ଘଟଣାର ଗୁରୁତ୍ୱକୁ ଅନୁଭବ କରି କାମାକ୍ଷାନଗର ଉପଜିଲ୍ଲାପାଳ, ଭୁବନ ତହସିଲଦାର ଓ ପୁଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଉଭୟ ପକ୍ଷଙ୍କ ମତାମତ ନେବା ସହ ଜମିର କାଗଜପତ୍ର ଓ ସ୍ଥିତି ସମ୍ପର୍କରେ ତଦନ୍ତ କରାଯାଇଥିଲା। ପରେ ସୋମବାର ଭୁବନ ଆର୍‌ଆଇଙ୍କ ପକ୍ଷରୁ ଉଭୟ ପକ୍ଷଙ୍କୁ ନୋଟିସ ଜାରି କରାଯାଇଥିଲା। ନୋଟିସ



ନମ୍ବର ୨୭୫/୯.୮.୨୬ ଅନୁଯାୟୀ ଜମିର ସ୍ଥିତି ଓ ସୀମା ନିର୍ଦ୍ଧାରଣ ପାଇଁ ମାପଚୁପ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ବାରୁଆଁ ରାଜସ୍ୱ ନିରୀକ୍ଷକ ଦୀପ୍ତିରଞ୍ଜନ ସାହୁଙ୍କ ସମେତ ଅମିନ ଓ ସୁପରଭାଇଜରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ମନ୍ଦିର କମିଟି ସମ୍ପାଦକ ନରେନ୍ଦ୍ର କୁମାର ସାହୁ ପ୍ରଶାସନର ସହଯୋଗ ଲୋଡ଼ିଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ଜମିର ସ୍ଥିତି ଯାଞ୍ଚ କରାଯାଇଥିଲା। ଭଦଳିଆପଶି ମୌଜାର ଖାତା ନଂ-୪୩୬, ପ୍ଲଟ ନଂ-୨୬୧୪ର ମାପଚୁପ ପାଇଁ ନୋଟିସ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ପ୍ଲଟ ନମ୍ବର ୨୬୧୧, ୨୬୧୨ ଓ ୨୬୧୫ର ମଧ୍ୟ ମାପଚୁପ କରାଯାଇଥିଲା। ତେବେ ପ୍ଲଟ ନଂ-୨୬୧୦ ଅଞ୍ଚଳରେ ଜଳାଶୟ ଥିବାରୁ ସେଠାରେ ମାପଚୁପ ସମ୍ଭବ ହୋଇନାହିଁ। ମାପଚୁପ ପରେ ମନ୍ଦିର କମିଟି ପକ୍ଷରୁ ଜମିର ସୀମା ଚିହ୍ନଟ କରିବା ନିମନ୍ତେ ସିମେଣ୍ଟ ଖୁଣ୍ଟ ପୋତାଯାଇଥିଲା।

ତେବେ କେବଳ ମନ୍ଦିର ଜମି ନୁହେଁ, ମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା ଦାଣ୍ଡି ରାସ୍ତାକୁ ନେଇ ମଧ୍ୟ ଏବେ ନୂଆ ପ୍ରଶ୍ନ ଉଠିଛି। ଚାଷୀଙ୍କ ଅଭିଯୋଗ ଅନୁସାରେ, ଏହି ରାସ୍ତାକୁ ସ୍ୱର୍ଗତ ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରିବାର ଦୀର୍ଘବର୍ଷ ଧରି ଦଖଲ କରି ରଖିଥିବାରୁ ଚାଷୀମାନେ ନିଜ ଚାଷଜମିକୁ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏହି ଦାଣ୍ଡି ରାସ୍ତା ଖୋଲାଗଲେ ପ୍ରାୟ ୨୦୦ ଏକର ଚାଷଜମିକୁ ଯାତାୟାତ ସୁବିଧା ମିଳିପାରିବ। ଚାଷୀମାନେ ବର୍ଷ ବର୍ଷ ଧରି ଏହି ରାସ୍ତା ପାଇଁ ଦାବି କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ବିଗତ ଦିନରେ ରାସ୍ତା ଖୋଲିବା ପାଇଁ ସ୍ଥାନୀୟ ଲୋକେ ଉଦ୍ୟମ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏବେ ମନ୍ଦିର ଜମି ବିବାଦ ପ୍ରଶାସନର ଦୃଷ୍ଟିକୁ ଆସିବା ପରେ ଚାଷୀଙ୍କ ଦାଣ୍ଡି ରାସ୍ତା ପ୍ରସଙ୍ଗ ମଧ୍ୟ ସାମ୍ନାକୁ ଆସିଛି। ଚାଷୀଙ୍କ ଏହି ସମସ୍ୟା ନେଇ ଭୁବନ କୃଷକ ସମାଜ ମଧ୍ୟ ଅଣ୍ଟା ଭିଡ଼ିଛି। ସରକାରୀ ଜାଗାରୁ ଜବରଦଖଲ ହଟାଇବା ସହ ଚାଷୀଙ୍କ ପାଇଁ ଦାଣ୍ଡି ରାସ୍ତା ଖୋଲିବା ଦାବିରେ କୃଷକ ସମାଜ ପକ୍ଷରୁ ଭୁବନ ତହସିଲଦାରଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଛି। ଭୁବନ କୃଷକ ସମାଜ ସଭାପତି ବାସୁଦେବ ଗୁରୁ, ମା'

- ■ ଚାଷୀଙ୍କ ଦାଣ୍ଡି ରାସ୍ତା ପାଇଁ କୃଷକ ସମାଜର ଦାବିପତ୍ର
- ■ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା

ସିଦ୍ଧରାମଚଣ୍ଡୀ ପାଣି ପଞ୍ଚାୟତ, ଭଦଳିଆପଶିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ବୈକୁଣ୍ଠ ନାଥ ବେହେରା, ପ୍ରଭାକର ସାହୁ, ନିରଞ୍ଜନ ମିଶ୍ର, ରଞ୍ଜନ ସାହୁ, ଉଦୟନାଥ ମିଶ୍ର ଓ ଆନନ୍ଦାନନ୍ଦ ମିଶ୍ର ପ୍ରମୁଖ ତହସିଲଦାର ଜ୍ୟୋତିରୂପା ଶତପଥୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏବେ ସମସ୍ତଙ୍କ ନଜର ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି। ମାପଚୁପ ରିପୋର୍ଟ ଆଧାରରେ ଜମିର ପ୍ରକୃତ ସ୍ଥିତି ସ୍ପଷ୍ଟ ହେବା ସହ ଯଦି କୌଣସି ସରକାରୀ କିମ୍ବା ମନ୍ଦିର ଜମି ଜବରଦଖଲ ହୋଇଥାଏ, ତେବେ ତାହା ଉଚ୍ଛେଦ କରାଯିବ କି ନାହିଁ, ସେ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରଶାସନ ନିରପେକ୍ଷ ଭାବେ ରାଜସ୍ୱ ରେକର୍ଡ ଓ ସ୍ଥଳସ୍ଥିତି ଯାଞ୍ଚ କରି ଚାଷୀଙ୍କ ଯାତାୟାତ ସମସ୍ୟା ସମାଧାନ କରିବା ସହ ମନ୍ଦିର ଜମି ଜବରଦଖଲମୁକ୍ତ କରିବାକୁ ସ୍ଥାନୀୟ ଲୋକ ଓ କୃଷକ ସମାଜ ପକ୍ଷରୁ ଦାବି ହୋଇଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

ପରଜଙ୍ଗ,୧୩।୮ (ସମିସ): ପୋଖରୀରେ ବୁଡ଼ି କାମାକ୍ଷାନଗର ଥାନା ଜୟପୁରା କାଟେଣୀ ପଞ୍ଚାୟତ ନୀଳକଣ୍ଠପୁର ଗାଁର ବିଜୟ ନାୟକଙ୍କ ମୃତ୍ୟୁ ଘଟିଛି। ବିଜୟ ଗାଁ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମାତ୍ର ତାଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟାରେ ଗାଁର କିଛି ଲୋକ ଶୌଚ ପାଇଁ ପୋଖରୀ ନିକଟକୁ ଯାଇଥିବା ବେଳେ ପୋଖରୀ କୂଳରେ ବିଜୟଙ୍କ ଚପଲ ପଡ଼ିଥିବା ଦେଖିଥିଲେ। ଫଳରେ ବିଜୟ ପୋଖରୀରେ ବୁଡ଼ିଯାଇଥିବା ସନ୍ଦେହ ହୋଇଥିଲା। ଖବର ପାଇ ପରଜଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବିଜୟଙ୍କ ମୃତଦେହ ଉଦ୍ଧାର କରିଛି।

## କୁକୁର ଆକ୍ରମଣରେ ହରିଣ ମୃତ


ହିନ୍ଦୋଳ,୧୩।୮ (ସମିସ): ହିନ୍ଦୋଳ ବନାଞ୍ଚଳ ଏକତାଳି ଡ୍ୟାମ୍ ନିକଟରେ କୁକୁରଙ୍କ ଆକ୍ରମଣରେ ଏକ ହରିଣର ମୃତ୍ୟୁ ଘଟିଛି। ହରିଣଟି ପାଣି ପିଇବା ପାଇଁ ବୁଧବାର ଡ୍ୟାମ୍ ନିକଟକୁ ଆସିଥିଲା। ଏହି ସମୟରେ କିଛି କୁକୁର ତାକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଫଳରେ ହରିଣଟି ଗୁରୁତର ଆହତ ହୋଇ ରକ୍ତାକ୍ତ ହୋଇପଡ଼ିଥିଲା। ସ୍ଥାନୀୟ ଗ୍ରାମବାସୀ ଓ ବନବିଭାଗ କର୍ମଚାରୀ ତାକୁ ଉଦ୍ଧାର କରି ହିନ୍ଦୋଳ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସା ଆରମ୍ଭ ହୋଇଥିଲେ ମଧ୍ୟ ହରିଣର ମୃତ୍ୟୁ ହୋଇଛି। ପରେ ହିନ୍ଦୋଳ ବନାଞ୍ଚଳ କାର୍ଯ୍ୟାଳୟରେ ହରିଣର ବ୍ୟବଚ୍ଛେଦ କରାଯାଇ ନିୟମ ଅନୁସାରେ ନିକଟସ୍ଥ ଜଙ୍ଗଲରେ ପୋତି ଦିଆଯାଇଥିବା ହିନ୍ଦୋଳ ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ଦେହୁରୀ ପ୍ରକାଶ କରିଛନ୍ତି।

# ବିପୁଳ ଶାଳ କାଠ ଜବତ, ୨ ଅଟକ



ହିନ୍ଦୋଳ,୧୩।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ କାନ୍ଦରାଶୁଣି ସଂରକ୍ଷିତ ଜଙ୍ଗଲରେ ବନବିଭାଗର ଏକ ଟିମ ବିପୁଳ ପରିମାଣରେ ଶାଳଗଣ୍ଡୀ ଜବତ କରିବାସହ କାନ୍ଦରାଶୁଣି ଗ୍ରାମର ଦୁଇ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛନ୍ତି। ଏଥିସହ ଅଭିଯୁକ୍ତଙ୍କ ଠାରୁ ସାଇକେଲ ଏବଂ କୁରାଢ଼ୀ ଜବତ କରିଛି ବନବିଭାଗ। ଅଟକ ଥିବା ଦୁଇଜଣ ହେଲେ ରଙ୍ଗାଧର ବେହେରା ଓ କୁଞ୍ଜ ବେହେରା। କାନ୍ଦରାଶୁଣି ସଂରକ୍ଷିତ ଜଙ୍ଗଲରୁ ପୂର୍ବରୁ ଅନେକ ମୂଲ୍ୟବାନ ଶାଳ, ପିଆଶାଳ, ଶାଗୁଆନ, ଖଙ୍ଗଡ଼ା ଭଳି ମୂଲ୍ୟବାନ କାଠ ଦୁର୍ବୃତ୍ତମାନେ ଚୋରି କରୁଥିବା ଅଭିଯୋଗ ହୋଇଆସୁଥିଲା। ଅନେକଥର କାଠ ମାଫିଆ ମାନଙ୍କୁ ଧରିବାକୁ ବନବିଭାଗ ଜାଲ ବିଛାଇଥିବା ବେଳେ ମାଫିଆ ମାନେ ବନବିଭାଗକୁ ଚକମା ଦେଇଆସୁଥିଲେ। ତେବେ ଆଜି ବିଶେଷ ସୂତ୍ରରୁ ଖବର ପାଇ ହିନ୍ଦୋଳ ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ଦେହୁରୀଙ୍କ ନିର୍ଦ୍ଦେଶ କ୍ରମେ ବନବିଭାଗର ଏକ ଟିମ ଅତର୍କିତ ଚଢ଼ାଉ କରି ମୂଲ୍ୟବାନ ଶାଳ କାଠ ଜବତ କରିବାସହ ଦୁଇ କାଠ ମାଫିଆଙ୍କୁ ଧରିବାରେ ସଫଳ ହୋଇଛି ଏବଂ ଆସନ୍ତା କାଲି ଦୁଇ ଅଟକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ।

# ଟାଙ୍ଗର ନିକଟରେ ୭ ଟିକିଆ ହାତୀପଲ



କାମାକ୍ଷାନଗର,୧୩।୮ (ସମିସ): ଜିରାଳ ଫରେଷ୍ଟ ସେକ୍ସନ କାମାକ୍ଷାନଗର ବ୍ଲକ ଟାଙ୍ଗର ଗ୍ରାମ ନିକଟରେ ରହିଛନ୍ତି ସାତଟିକିଆ ହାତୀପଲ। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଗୁରୁବାର ସକାଳୁ ଭୁବନ ବନାଞ୍ଚଳରୁ ଏହି ହାତୀପଲ ଟାଙ୍ଗର ଗ୍ରାମ ନିକଟରେ ପହଞ୍ଚିଥିଲେ। ହାତୀପଲ ପଣ୍ଡୁଆ-ଜିରାଳ ପୂର୍ବ ବିଭାଗ ରାସ୍ତା ପାର ହୋଇ ଟାଙ୍ଗର ଗ୍ରାମ ପାଶ୍ୱର୍ରେ ରାସ୍ତା ପାର ହୋଇଥିବା ବେଳେ ଫସଲ ବେଉଷଣ ସମୟରେ ହାତୀପଲଙ୍କୁ ଦେଖି ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ବନବିଭାଗ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଥିବା ବେଳେ ବର୍ତ୍ତମାନ ହାତୀପଲ ଗାଁ ନିକଟ ଜଙ୍ଗଲରେ ଅଛନ୍ତି।

## ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି

ଭୁବନ,୧୩।୮ (ସମିସ): ଭୁବନ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ତିନିଟି ଅଙ୍ଗନୱାଡି କେନ୍ଦ୍ରରେ ବର୍ତ୍ତମାନ ବର୍ଷାପାଣି କାରଣରୁ ବହୁ ସମସ୍ୟା ଉପୁଜିଛି। ସାମାନ୍ୟ ବର୍ଷାରେ ବାଳିକା ଉଚ୍ଚ ବିଦ୍ୟାଳୟ ପଛପଟ ଖେଳପଡ଼ିଆରେ ଥିବା ଏହି ୩ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଲହଡ଼ି ଭାଙ୍ଗୁଛି ପାଣି। ଫଳରେ ଛାତ୍ରଛାତ୍ରୀଙ୍କ ଯାତାୟାତରେ ବହୁ ସମସ୍ୟା ଉପୁଜୁଛି। ଅଭିଭାବକମାନେ ବହୁ ଅସୁବିଧାରେ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରକୁ ନବାଆଣିବା କରୁଛନ୍ତି। ସେହିପରି କୋମଳମତି ଛାତ୍ରଛାତ୍ରୀମାନେ ବର୍ଷାପାଣିରେ ଖେଳି ବିଭିନ୍ନ



ରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ଏହି କେନ୍ଦ୍ରକୁ ରାସ୍ତା ନିର୍ମାଣ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବିରୋଧ ହେଉଥିବା ଭୁବନ ସିଡିପିଓ ପ୍ରକାଶ କରିଛନ୍ତି। ତୁରନ୍ତ ସମସ୍ୟା ସମାଧାନ କରି ରାସ୍ତା ନିର୍ମାଣ କରାଯିବ ବୋଲି ମଧ୍ୟ ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା

ଢେଙ୍କାନାଳ,୧୩।୮ (ସମିସ): ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଅବଗତ କରାଇ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ଦାବୀ-ଆପତି ପାଇଁ ଫର୍ମ-୯, ୧୦, ୧୧, ୧୧-ଏ ଓ



୧୧-ବି ପ୍ରଦାନ କରିଥିଲେ। ଏହି ବୈଠକରେ ଇ.ଆର.ଓ.-ସବ୍ କଲେକ୍ଟର ୫୫-ଢେଙ୍କାନାଳ ପଦ୍ମ ଚରଣ ସାହୁ, ଡେ଼ପୁଟୀ କଲେକ୍ଟର ନିର୍ବାଚନ ନିବେଦିତା ରାଉତଙ୍କ ସମେତ ବିଜେଡିର ପ୍ରତିନିଧି ଗୋପାଳ ପାତ୍ର ଏବଂ ବିଷ୍ଣୁ ପ୍ରସାଦ କର, ଜାତୀୟ କଂଗ୍ରେସର ବନମାଳୀ ଦାସ ଓ ଶିଳ୍ପୀଶ୍ରୀ ହରିଚନ୍ଦନ ଏବଂ ଆମ୍ ଆଦମୀ ପାର୍ଟିର ପ୍ରତିନିଧି ପଙ୍କଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍‌ରୁ ପଡ଼ି ବିଦ୍ୟୁତ୍ କର୍ମଚାରୀ ଗୁରୁତର




ଭୁବନ,୧୩।୮ (ସମିସ): ୫୩ ନଂ ଜାତୀୟ ରାଜପଥର ଭୁବନ ଥାନା ଡେଙ୍ଗାବାହାଳୀ ଛକରେ ବାଇକ୍‌ରୁ ପଡ଼ି ବିଦ୍ୟୁତ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପର୍ଜଙ୍ଗ ଗ୍ରାମର ନାରାୟଣ ବେହେରା। ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ନାରାୟଣ ଘରୁ ନିଜ ବାଇକ୍ ଯୋଗେ ପିଙ୍ଗୁଆ ବିଦ୍ୟୁତ କାର୍ଯ୍ୟାଳୟକୁ ଡ୍ୟୁଟି କରିବାକୁ ଯାଉଥିବା ବେଳେ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

**ସମ୍ପତ୍ତି ପାଇଁ ତୁଚ୍ଛହେଲା ସମ୍ପର୍କ**

# ୨ ନାବାଳିକା ଝିଅ ସହ ମହିଳାଙ୍କୁ ବାହାର କରି ଦିଆଗଲା

ଭୁବନ,୧୩।୮ (ସମିସ)





ସମ୍ପତ୍ତି ଆଗରେ ସମ୍ପର୍କ ତୁଚ୍ଛ ହୋଇଯାଇଛି। କୋର୍ଟଙ୍କ ଆଦେଶ ଅନୁଯାୟୀ ବୁଧବାର ଜଣେ ମହିଳା ଓ ତାଙ୍କ ଦୁଇ ନାବାଳିକା ଝିଅଙ୍କୁ ଘରୁ ବାହାର କରିଦିଆଯାଇଛି। ବାଲେଶ୍ୱର ଜିଲ୍ଲା ରେମୁଣା ଏନ୍‌ଏସି ଅନ୍ତର୍ଗତ ୬ନଂ ୱାର୍ଡ ବାସନ୍ତୀ ମାର୍କେଟ ନିକଟ ଗନିପୁର ଗ୍ରାମରେ ଏଭଳି ଘଟଣା ଘଟିଛି। ଗନିପୁର ଗ୍ରାମରେ ବସନ୍ତ ସାହୁ ଓ ତାଙ୍କ ସାନଭାଇ ପ୍ରଦ୍ୟୁମ୍ନ ସାହୁ ଦୀର୍ଘବର୍ଷ ଧରି ନିଜନିଜ ପରିବାର ସହ ରହିଆସୁଥିଲେ। ବସନ୍ତ ୨୦୧୧ରେ ଭୁବନ ଗ୍ରାମ ୱାର୍ଡ ୯ ଅଞ୍ଚଳର ସୁନୀତା ମହାରଣାଙ୍କୁ ବିବାହ କରିଥିଲେ। ସେମାନଙ୍କର ୮ ଓ ୧୨ ବର୍ଷ ବୟସ୍କ ଦୁଇଝିଅ ଅଛନ୍ତି। ପରବର୍ତ୍ତୀ ସମୟରେ ବସନ୍ତ ଓ ତାଙ୍କ ପତ୍ନୀ ସୁନୀତାଙ୍କ ମଧ୍ୟରେ ପାରିବାରିକ ବିବାଦ ଦେଖାଦେଇଥିଲା। ସୁନୀତା ସ୍ୱାମୀଙ୍କ ଚରିତ୍ରକୁ ସନ୍ଦେହ କରିଥିଲେ। ସୁନୀତାଙ୍କ କହିବା ଅନୁଯାୟୀ, ବସନ୍ତ ପ୍ରାୟ ୨ ବର୍ଷ ହେଲା ତାଙ୍କୁ ଓ ଦୁଇଝିଅଙ୍କୁ ଛାଡ଼ି ବାହାରେ ରହୁଥିଲେ। ଏହି ସମୟରେ ସୁନୀତା ବାପଘରୁ ଆର୍ଥିକ ସହାୟତା ଆଣି ଦୁଇଝିଅଙ୍କ ପାଠପଢ଼ା ସହ ପରିବାର ଚଳାଉଥିଲେ। ଏପରିକି ସ୍ୱାମୀ ତାଙ୍କୁ ଓ ଦୁଇଝିଅଙ୍କୁ ଘରୁ ବାହାର କରିବା ପାଇଁ ଷଡ଼ଯନ୍ତ୍ର କରି ନିଜ ସାନଭାଇଙ୍କୁ ୩ ତାଲା କୋଠା ଦେଇ ନିଜ ସୁରକ୍ଷା ପାଇଁ ଖୋଲା ଜାଗାକୁ ନିଜେ ନେଇ ଆମକୁ ହଇରାଣ ପାଇଁ ଯୋଜନା କରୁଥିବା ସୁନୀତା ଅଭିଯୋଗ କରିଛନ୍ତି। ଗତ ୧୨ ତାରିଖ ସକାଳ ସାଢ଼େ ୮ଟାରେ ପ୍ରଦ୍ୟୁମ୍ନ ନିଜେ ବାସ କରୁଥିବା ଗୃହଗୁଡ଼ିକ ତାଲା ପକାଇ କୁଆଡ଼େ ଚାଲି ଯାଇଥିଲେ। ସକାଳ ସାଢ଼େ ୧୦ଟା ବେଳକୁ କୋର୍ଟ କର୍ମଚାରୀଙ୍କ ସହିତ ଆସି ଗୃହ ଖୋଲିଲେ। ବସନ୍ତ ନିଜ ଫୋନ୍ ନଂ ବଦଳାଇବା ସହ ତାଙ୍କ ନମ୍ବରକୁ ବ୍ଲକ୍ କରିଥିବା ମଧ୍ୟ ସେ କହିଛନ୍ତି। ତେବେ ଯେଉଁଘରେ ସୁନୀତା ଓ ତାଙ୍କ ଦୁଇଝିଅ ରହୁଥିଲେ ସେହି ଘରଟି ସାନଭାଇ ପ୍ରଦ୍ୟୁମ୍ନ ସାହୁଙ୍କ ନାମରେ ସ୍ୱାମୀ ବସନ୍ତ କରିଦେଇଥିବା ଜଣାଯାଇଛି। ଦୁଇବର୍ଷ ହେବ ସେହି ସମାନ ଗୃହର ତିନି ମହଲାରେ ପ୍ରଦ୍ୟୁମ୍ନ ସାହୁଙ୍କ ପରିବାର, ତାଙ୍କ ମା', ଓ ବସନ୍ତ ସାହୁଙ୍କ ଦୁଇ ନାବାଳିକା ଝିଅ ଓ ସୁନିତା ରହିଆସୁଥିଲେ। ଆଉ ସେହି ଘର ଖାଲି କରାଇବା ପାଇଁ ପ୍ରଦ୍ୟୁମ୍ନ ଜିଲ୍ଲା ସିଭିଲ୍ ଜଜ୍ କୋର୍ଟରେ ମାମଲା ରୁଜୁ କରିଥିଲେ। ୨୦୨୬ ଜୁଲାଇ ୩୦ ତାରିଖ ବସନ୍ତ ଓ ତାଙ୍କ ପରିବାରକୁ ଘର ଖାଲି କରିବାକୁ କୋର୍ଟ ଆଦେଶ ଦେଇଥିଲେ। ଏନେଇ ବସନ୍ତଙ୍କୁ ୧୫ ଦିନ ପୂର୍ବରୁ ନୋଟିସ୍ ଦିଆଯାଇଥିଲା। ଏ ବିଷୟରେ ବସନ୍ତ ସୁନିତାଙ୍କୁ ଜଣାଇ ନ ଥିଲେ। ଫଳରେ ନିର୍ଦ୍ଦେଶ ପାଳନ ନ ହେବାରୁ ବୁଧବାର କୋର୍ଟ ପକ୍ଷରୁ ଉଚ୍ଛେଦ କରାଯାଇଥିଲା।

ସୂଚନାଯୋଗ୍ୟ ବର୍ଷେ ପୂର୍ବେ ସ୍ଥାନୀୟ ବିଧାୟକ ଗୋବିନ୍ଦ ଦାସଙ୍କ ସହଯୋଗରେ ଏହି ଘରେ ସୁନିତାଙ୍କୁ ଆଶ୍ରୟ ମିଳିଥିଲା। ଜିଲ୍ଲା ସେସନ୍ କୋର୍ଟର କମିସନର ଓ କର୍ମଚାରୀ, ରେମୁଣା ଥାନା ଆଇଆଇସି ବିମଳ କୁମାର ନାୟକ, ଏସ୍‌ଆଇ ସନାତନ ବିଶ୍ୱାଳ, କାଉନସିଲର ଲକ୍ଷ୍ମୀକାନ୍ତ ଦାସ, କାହ୍ନୁଚରଣ ବେହେରା ସଶସ୍ତ୍ର ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ପାରିବାରିକ ବିବାଦ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତଭେଦ ଓ ସମ୍ପତ୍ତିକୁ ନେଇ ଆଇନଗତ ଲଢ଼େଇ ମଧ୍ୟରେ ଦୁଇ ନାବାଳିକା ଝିଅଙ୍କୁ ନେଇ ଜଣେ ମହିଳା ଘରୁ ବାହାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ଘରୁ ବାହାର କରିଦେବା ପରେ ମହିଳା ତାଙ୍କ ୨ ଝିଅଙ୍କୁ ନେଇ ନିଜ ଭାଇଙ୍କ ସହ ବାପଘର ଭୁବନ ଫେରିଛନ୍ତି। ଆଗାମୀ ଦିନରେ ସେ ଉଚ୍ଚ ନ୍ୟାୟାଳୟ ଓ ମାନବାଧିକାର କମିଶନରଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାଇଛନ୍ତି।

■ କୁଟୁଣିଆ ନୂଆସାହିରେ ବେଆଇନ ଘର ଉଚ୍ଛେଦ

# ଖୋଲା ଆକାଶ ତଳେ ଶତାଧିକ ପରିବାର



ଢେଙ୍କାନାଳ,୧୩।୮ (ସମିସ): ସ୍ଥାନୀୟ କୁଟୁଣିଆ ନୂଆସାହି ୯ ନଂ ୱାର୍ଡରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଶତାଧିକ ଜବର ଦଖଲକାରୀଙ୍କ ଘରକୁ ପ୍ରଶାସନ ପକ୍ଷରୁ ଜେସିବି ଦ୍ୱାରା ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଏହି ବସ୍ତି ଉଚ୍ଛେଦ ସମୟରେ ପୋଲିସ ପ୍ରଶାସନ ପହଞ୍ଚିବା ପରେ ତିବ୍ର ବିରୋଧ ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ପୋଲିସ ଓ ବସ୍ତି ବାସିନ୍ଦାଙ୍କ ଭିତରେ ଠେଲାପେଲା ସହ କିଛି ସମୟ ପାଇଁ ଉତେଜନା ମୁଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ୯ ନମ୍ବର ୱାର୍ଡ କୁଟୁଣିଆ ପାହାଡ ତଳେ ଦୀର୍ଘ ଦଶ ବର୍ଷ ଧରି ଏଠାରେ ଗଢ଼ି ଉଠିଥିଲା ଶହଶହ ଜବର ଦଖଲ ବେଆଇନ କୋଠାଘର। କିଛି ବାଙ୍ଗଲାଦେଶୀ ବି ଏଠାରେ ନିଜର ଆଡ୍ଡା ଜମାଇଥିବାର ଅଭିଯୋଗ ମଧ୍ୟ ହୋଇଥିଲା। କୁଟୁଣିଆ ସାହିରେ ୧୯୦ରୁ ଉର୍ଦ୍ଧ ଘର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପାଖାପାଖି ୮୦ରୁ ଉଦ୍ଧ୍ୱର୍ ବ୍ୟକ୍ତିଙ୍କୁ ୨୦୧୬ ମସିହାରେ ଡ୍ରୋନ ସର୍ଭେ କରାଯାଇ ଗୁଣ୍ଠିକିଆ ପଟ୍ଟା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏହା ପରେ ଅନେକ ଲୋକ ଏଠାରେ ଜମି ଜବରଦଖଲ କରି ରହି ଆସୁଥିଲେ। ଯାହାକୁ ଆଜି ପୋଲିସ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପୁର୍ଣ୍ଣ ମାଟିରେ ମିଶାଇ ଦିଆଯାଇଛି। ଖବରପାଇ ଘଟଣାସ୍ଥଳରେ ବିଜେଡି ଓ କଂଗ୍ରେସର ଏକ ଟିମ୍ ପହଞ୍ଚି ଏହି ଘଟଣାକୁ ତିବ୍ର ବିରୋଧ କରିଥିଲେ। ସହରର ବିଭିନ୍ନ ସ୍ଥାନ ଗୁଡିକରେ ଜବର ଦଖଲ କରାଯାଇଥିଲେ ମଧ୍ୟ ଏହି ସ୍ଥାନ ଗୁଡିକ ଉଚ୍ଛେଦ କରାନଯାଇ ଗରିବ ଶ୍ରେଣୀର ବ୍ୟକ୍ତିଙ୍କ ଉପରେ ସରକାର ଦାଉ ସାଧୁଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଗତ ଜୁନ୍ ୨୨ ତାରିଖରେ ମଧ୍ୟ ଏହି ବସ୍ତିରୁ ଉଚ୍ଛେଦ ପାଇଁ ପ୍ରଚେଷ୍ଟା କରାଯାଇଥିଲା। କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତ ନିର୍ଦ୍ଦେଶ ପରେ ଉଚ୍ଛେଦ ହୋଇ ପାରି ନଥିଲା। କୁଟୁଣିଆ ପାହାଡ ତଳେ ସରକାରଙ୍କ ପକ୍ଷରୁ ସୁଲଭ ଆବାସ ପ୍ରକଳ୍ପ ସାଙ୍ଗକୁ ଇକୋ ପାର୍କ ବା ପରିବେଶ ଉଦ୍ୟାନ କରାଯିବାକୁ ସ୍ଥିର ହୋଇଥିବାରୁ ଏହି ଜବରଦଖଲକୁ ଉଚ୍ଛେଦ କରାଯାଉଛି ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

# ସମ୍ପାଦକୀୟ



ପ୍ରତିଯୋଗୀଙ୍କ ସହିତ ଯୁଦ୍ଧ ଯେପରି ଅପରିହାର୍ଯ୍ୟ, ପ୍ରତିବେଶୀଙ୍କ ସହିତ ବନ୍ଧୁତା ସେପରି ଜରୁରୀ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ନ୍ୟାୟ ମନ୍ଦିରରେ ଦୁର୍ନୀତି

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନ ପରିସରରୁ ଅର୍ଦ୍ଧଦଗ୍ଧ ନଗଦ ଟଙ୍କା ମିଳିବାର ଘଟଣାର ତଦନ୍ତ କରୁଥିବା ଯୁଗ୍ମ ସଂସଦୀୟ କମିଟି ସଂସଦରେ ରିପୋର୍ଟ ଦାଖଲ କରିଛି। ରିପୋର୍ଟରେ ଶ୍ରୀବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଆମ ଦେଶରେ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇସାରିଛି ଏବଂ ଏହାର ସ୍ୱରୂପ କେତେ କୁତ୍ସିତ ଓ ବୀଭତ୍ସ ହୋଇସାରିଛି, ଉପରୋକ୍ତ ଘଟଣା ତାହାର କେବଳ ଏକ ଉଦାହରଣ ମାତ୍ର। ଏବେ ପ୍ରଶ୍ନ ଉଠିଛି ସେ ଯେଉଁ ମାମଲାଗୁଡ଼ିକର ବିଚାର କରି ରାୟ ଦେଇଥିଲେ ତାହା ସ୍ୱଚ୍ଛ ଓ ନିରପେକ୍ଷ ହୋଇଥିବ କିପରି? ଦୁର୍ନୀତି ଓ ଅନିୟମିତା, ଅପରାଧ ଆଦି ମାମଲାରେ ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ଗଠିତ ନ୍ୟାୟମନ୍ଦିରର ନ୍ୟାୟାଧୀଶ ମାନେ ଯଦି ନ୍ୟାୟବନ୍ତ, ସଚ୍ଚୋଟ, ସାଧୁ ଓ ନୀତିନିଷ୍ଠ ନୁହନ୍ତି ତେବେ ଗୁହାରି କରିବା କାହାକୁ? ଏହି ଘଟଣା ପରେ ନ୍ୟାୟମନ୍ଦିରରୁ ଜନସାଧାରଣଙ୍କ ଆସ୍ଥା ତୁଟିଯିବ ଏବଂ ରାୟ ଉପରେ ସନ୍ଦେହ ବିଜଡ଼ିତ ସ୍ୱଚ୍ଛତାର ପ୍ରଶ୍ନଚିହ୍ନଟିଏ ଲାଗିଯିବ।

କେବଳ ବଜାରରେ କିଣାବିକାକୁ ଛାଡ଼ିଦେଲେ ଆଜି ଏଭଳି କୌଣସି କ୍ଷେତ୍ର ଦୁର୍ନୀତି-ଦାନବର କବଳରୁ ବର୍ତ୍ତି ନାହିଁ। ସରକାରୀ ଫାଇଲ୍ ଦୂରର କଥା ହାତଗୁଞ୍ଜା ନ ଦେଲେ ଅନେକ ସ୍ଥାନରେ ଡାକ୍ତର ରୋଗୀ ଦେଖୁନାହାଁନ୍ତି କି ପୁଲିସ୍ ଅଭିଯୋଗ ରଖୁନାହିଁ। ଶିକ୍ଷା ଅଧିକାର ଏବଂ ଖାଦ୍ୟ ସୁରକ୍ଷା ଆଇନ୍ ପରି ମହତାକାଂକ୍ଷା ଯୋଜନା ମଧ୍ୟ ଲାଞ୍ଚ ବିନା ଆଗକୁ ବଢ଼ିପାରୁନାହିଁ। ଏପରିକି ବିନା ହାତଗୁଞ୍ଜାରେ ବିଚାରପତିଙ୍କ ରାୟ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ। ଅପରପକ୍ଷରେ ଏହି ହାତଗୁଞ୍ଜାରେ ଶିଳ୍ପପତିମାନେ ସାମ୍ରାଜ୍ୟ ତୋଳିପାରୁଛନ୍ତି। ଆମ ଶାସନ ବ୍ୟବସ୍ଥାର ଏକ ବିଡ଼ମ୍ବନା ହେଉଛି ସରକାର ବଦଳିଲେ ଅଧୁଆ ମୂଳା ଧୂଆ ମୂଳା ହୋଇଯାଏ ଏବଂ ଦୁର୍ନୀତିଗୁଡ଼ିକ ନୀତି ପାଲଟି ଯାଏ। ଏଭଳି କାଦୁଅ ପିଙ୍ଗା ରାଜନୀତିର ପରିବେଶରେ ପରିପୁଷ୍ଟ ହୋଇ ଦୁର୍ନୀତି ତା'ର କାୟା ବିସ୍ତାର କରିଚାଲେ। ଗରିବର ଜାତି ନାହିଁ କି ଦୁର୍ନୀତି ରାଜନୀତି ମାନେ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମାନବ ଦୁର୍ନୀତି-ଦାନବ କୋଳରେ ବସିବାକୁ ସୁଖ ମଣୁଥିବ, କୌଣସି ଶାସନ, ପ୍ରଶାସନ ଯେତେ ସାଧ ସାଧନା କଲେ ମଧ୍ୟ ବ୍ୟବସ୍ଥାରୁ ଦୁର୍ନୀତି ହଟିବ ନାହିଁ। ତେଣୁ ଦୁର୍ନୀତିରେ ଅତିଷ୍ଠ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମାଡ଼ ତତ୍ତ୍ୱ ଆପଣେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

ଦୁର୍ନୀତି ଦାନବ ଟଙ୍କା, ସୁନା, ରୁପା, ସୌଖୀନ ଓ ମୂଲ୍ୟବାନ ସାମଗ୍ରୀ, ଆସବାବପତ୍ର, ପାନ, ଚକୋଲେଟ୍, ମିଠାଇ ପ୍ୟାକେଟ୍ ଆଦି ରୂପରେ ସର୍ବସାଧାରଣଙ୍କ ଆଖିଆଗରେ ନିର୍ଭୟରେ ଗୋଟିଏ ହାତରୁ ଅନ୍ୟ ହାତକୁ ଡେଇଁ ଚାଲିଛି। ଜନସାଧାରଣ କେବଳ ନିରବ ଦ୍ରଷ୍ଟା ହୋଇ ସାଲିସ୍ କରିବା କିମ୍ବା ଦୁର୍ନୀତି ଦାନବର ତାଡ଼ନାରେ ଅତିଷ୍ଠ ହେବା ବ୍ୟତୀତ ବିକଳ୍ପ ନାହିଁ। ଯେଉଁ କେତେକ ଧରପଗଡ଼ ହେଉଛି ତାହା ସମୁଦ୍ର ବାଲିରୁ ଚିମୁଟାଏ ମାତ୍ର। ପରିସ୍ଥିତି ଏପରି ହେଲାଣି ଯେ ହାତଗୁଞ୍ଜା ସଂସ୍କୃତି ଶାସନ ପ୍ରଶାସନ ଓ ବ୍ୟବସ୍ଥାର ସୀମା ଡେଇଁ ପରିବାରକୁ ଧସେଇ ପଶିଲାଣି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଂକଳ୍ପ ଗ୍ରହଣ କେବଳ ଔପଚାରିକରେ ସୀମିତ ରହିଥିବା ପର୍ଯ୍ୟନ୍ତ ଦୁର୍ନୀତି-ଦାନବର ଦୌରାତ୍ମ୍ୟରୁ ତ୍ରାହି ପାଇବାର ସମ୍ଭାବନା ନାହିଁ। ●

## ଏଫ୍‌ସିଆରଏ ବିବାଦ

ସଂସଦର ସଦ୍ୟସମାପ୍ତ ମୌସୁମୀ ଅଧିବେଶନରେ ଲୋକସଭାରେ ଉପସ୍ଥାପିତ ବୈଦେଶିକ ପାଣ୍ଠି ଅନୁଦାନ(ନିୟନ୍ତ୍ରଣ) ସଂଶୋଧନ ବିଧେୟକକୁ ନେଇ ରାଜନୀତି ଓ ବାଦବିବାଦ ତୀବ୍ର ହେବା ପରେ ଅଧିକ ବିଚାରବିମର୍ଶ ଲାଗି ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଲକ୍ଷ୍ୟରେ ରଖି ଏହି ବିଧେୟକ ପ୍ରସ୍ତୁତ କରାଯାଇଛି ବୋଲି ବିରୋଧୀ ଦଳ ଅଭିଯୋଗ କରୁଛନ୍ତି।

ଦେଶରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେସରକାରୀ ବା ସ୍ୱେଚ୍ଛାସେବୀ ସଂଗଠନ(ଏନ୍‌ଜିଓ)ମାନେ ବିଦେଶରୁ ଗ୍ରହଣ କରୁଥିବା ପାଣ୍ଠି/ଅନୁଦାନ/ଦାନ ଯେଭଳି ଦେଶର ବୃହତ୍ତର ସ୍ୱାର୍ଥର ପରିପନ୍ଥୀମୂଳକ କାର୍ଯ୍ୟ ଏବଂ ସରକାରୀ ବିରୋଧୀ କାର୍ଯ୍ୟରେ ନିୟୋଜିତ ନ ହୁଏ ତାହାର ତଦାରଖ ସହିତ ଉକ୍ତ ପାଣ୍ଠିର ଉପଯୁକ୍ତ ପରିଚାଳନା କରିବା ପାଇଁ ୨୦୧୧ ମେ ୧ ତାରିଖରୁ ଏଫ୍‌ସିଆରଏ ଆଇନ କାର୍ଯ୍ୟକାରୀ ହୋଇଛି। ବିଦେଶୀ ପାଣ୍ଠି ଗ୍ରହଣ ପାଇଁ କୌଣସି ସଂସ୍ଥା ଏହି ଆଇନ ଅଧୀନରେ ପଞ୍ଜିକୃତ ହେବା ବାଧ୍ୟତାମୂଳକ। ବର୍ତ୍ତମାନ ସୁଦ୍ଧା ଏହି ଆଇନ ଅଧୀନରେ ୧୬ ହଜାର ସଂସ୍ଥା ପଞ୍ଜିକୃତ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୨ ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ଦାନ ଆକାରରେ ଗ୍ରହଣ କରିଛନ୍ତି। ସମୟର ଆବଶ୍ୟକତା ଅନୁଯାୟୀ ଏହି ଆଇନ ୨୦୧୬, ୨୦୧୮, ୨୦୨୦ରେ ସଂଶୋଧନ ହୋଇସାରିଥିଲେ ମଧ୍ୟ ପୁନର୍ବାର ସଂଶୋଧନ ହେବାକୁ ଯାଉଛି।

ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ସନ୍ଦେହ ଆଧାରରେ କୌଣସି ଏନ୍‌ଜିଓ(ବିଶେଷକରି ଧାର୍ମିକ ସଂସ୍ଥା)ର ପଞ୍ଜିକରଣକୁ ସାମୟିକ ବାତିଲ୍ କରାଯାଇପାରିବ ଏବଂ ଉକ୍ତ ସଂସ୍ଥାର ସମ୍ପତ୍ତି ପରିଚାଳନା ଓ ଅଧିଗ୍ରହଣ ପାଇଁ ଜଣେ ସରକାରୀ ତତ୍ତ୍ୱାବଧାରକଙ୍କୁ ନିଯୁକ୍ତ କରାଯିବ। ସନ୍ଦେହ ଆଧାରରେ ଯେକୌଣସି ପଞ୍ଜିକୃତ ଏନ୍‌ଜିଓର ପାଣ୍ଠି ପରିଚାଳନାକୁ ସରକାର ଯାଞ୍ଚ କରିପାରିବେ। ସେହିପରି ପଞ୍ଜିକରଣର ନବୀକରଣ ଆବେଦନରେ ବିଳମ୍ବ ଘଟିଲେ କିମ୍ବା କାରଣଦର୍ଶାଅ ନୋଟିସ୍‌ର ନିର୍ଦ୍ଧାରିତ ସମୟ ଭିତରେ ଜବାବ ଦାଖଲ ନ ହେଲେ ମଧ୍ୟ ଉକ୍ତ ସଂସ୍ଥାର ପଞ୍ଜିକରଣ ବାତିଲ୍ କରାଯିବ।

ଏହି ଆଇନକୁ କେନ୍ଦ୍ର ସରକାରଙ୍କ ବୁଲ୍‌ଡୋଜର ଆଇନ ଭାବେ ବର୍ଣ୍ଣନା କରି ବିରୋଧୀ ଦଳ ଅଭିଯୋଗ କରୁଛନ୍ତି ଯେ ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ବନ୍ଦ କରିଦେବା ପାଇଁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଛନ୍ତି। କିନ୍ତୁ ଏହାପଛରେ ଥିବା ରାଜନୀତି ଦୃଷ୍ଟିକୋଣରୁ ଊର୍ଦ୍ଧ୍ୱରେ ଉଠି ବିଚାର କଲେ ଆଇନଟି ସେଭଳି ଧର୍ମବିରୋଧୀ ବୋଲି ଜଣାପଡୁନାହିଁ। କାରଣ ପଞ୍ଜିକରଣ ବାତିଲ୍ ହେଲେ ମଧ୍ୟ ଉକ୍ତ ସଂସ୍ଥାର ଧର୍ମୀୟ ରୀତିନୀତି ସ୍ୱାଭାବିକ ଢଙ୍ଗରେ ଜାରି ରହିବ ବୋଲି ବିଧେୟକରେ ଉଲ୍ଲେଖ ରହିଛି। ସେହିପରି ଦେଶ ଭିତରେ ରହି ବିଦେଶୀ ସମ୍ବଳରେ ଦେଶବିରୋଧୀ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲାଗି ଯଦି କୌଣସି ଆଇନ ପ୍ରଣୟନ ହୁଏ ତେବେ ତାହା ନିତାନ୍ତ ସ୍ୱାଗତଯୋଗ୍ୟ। ●

# 'ଆୟୁଷ୍ମାନ-ଭାରତ'ର ଯନ୍ତ୍ରଣା

**ଗୌରୀ ପ୍ରସାଦ ମହାପାତ୍ର**

ଦେଶର ଅନ୍ୟତମ ସର୍ବାଧିକ ପ୍ରଚାରିତ ସରକାରୀ ଯୋଜନା 'ଆୟୁଷ୍ମାନ ଭାରତ'ର ଯନ୍ତ୍ରଣା ରୋଗଠାରୁ ମଧ୍ୟ ବଳି ଯାଇଥିବା ଅଭିଯୋଗ ପରିପ୍ରେକ୍ଷୀରେ ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ପୂର୍ବ ସରକାର ଅମଳରେ ପ୍ରଚଳିତ 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'କୁ 'ଆୟୁଷ୍ମାନ ଭାରତ'ରେ ବିଲୟ କରିବାକୁ ରାଜ୍ୟ ସରକାର ଯୋଜନା କରୁଥିବା ସୂଚନା ମିଳିବା ପରେ ସ୍ୱାଭାବିକ ଭାବେ ସାମ୍ବାଦିକ ସଂଘମାନଙ୍କରେ ପ୍ରତିବାଦର ସ୍ୱର ଉଠିଛି। ୨୦୨୪ ମସିହାରେ ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)'କୁ ହଟାଇ 'ଆୟୁଷ୍ମାନ ଭାରତ'(ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା) ଯୋଜନା କାର୍ଯ୍ୟକାରୀ କରିଛନ୍ତି। 'ବିଏସ୍‌କେୱାଇ'ଠାରୁ ଏହା ଅନେକାଂଶରେ ଉତ୍କୃଷ୍ଟ ହେବ ବୋଲି ଆଶା କରିଥିବା ଓଡ଼ିଶାବାସୀ ଏବେ 'ବିଏସ୍‌କେୱାଇ'କୁ ଝୁରୁଛନ୍ତି। ସମ ଅବସ୍ଥା ଓଡ଼ିଶାର ସାମ୍ବାଦିକମାନେ ଭୋଗିବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ବଡ଼ ବଡ଼ ଘରୋଇ ଡାକ୍ତରଖାନାରେ ମାଗଣାରେ ଉନ୍ନତମାନର ଚିକିତ୍ସା 'ଆୟୁଷ୍ମାନ ଭାରତ'ରେ ମିଳିବ ବୋଲି ଯେଉଁ ପ୍ରଚାର ହେଉଛି ତାହା ପଛର ବାସ୍ତବତା କିନ୍ତୁ ଭିନ୍ନ ଓ ଭୟଙ୍କର। ବସ୍ତୁତଃ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତାଙ୍କୁ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର(ସ୍ୱାସ୍ଥ୍ୟସେବା)କୁ ସୁନିଶ୍ଚିତ କରିବାରେ ଜନତାଙ୍କ ଦ୍ୱାରା ନିର୍ବାଚିତ ଏକ ସରକାରର ଅଙ୍ଗୀକାରବଦ୍ଧତା ଓ ଉତ୍ତରଦାୟିତ୍ୱ ପ୍ରତି 'ଆୟୁଷ୍ମାନ ଭାରତ' ସ୍ୱତଃ ପ୍ରଶ୍ନଚିହ୍ନଟିଏ ଲଗାଇ ଦେଉଛି। 'ଆୟୁଷ୍ମାନ ଭାରତ' ସହିତ 'ପ୍ରତାରଣା' ଭଳି ଶବ୍ଦଟିଏ ଯୁକ୍ତ ହୋଇଯିବା ପଛରେ ରହିଛି ଏହାର ପରିଚାଳନାଗତ ବିଭ୍ରାଟ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ସରକାରଙ୍କ ସମ୍ବେଦନହୀନତା। 'ବିଏସ୍‌କେୱାଇ' ଭଳି 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'ରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଧାରହିତ ଓ ସର୍ତ୍ତରହିତ ଚିକିତ୍ସା ସୁବିଧା ମିଳୁଛି। ଆପତ୍‌କାଳୀନ ଚିକିତ୍ସା କ୍ଷେତ୍ରରେ ଟଙ୍କା ଦେଇ ଚିକିତ୍ସିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାର ଭରଣା ହୋଇପାରୁଛି। କିନ୍ତୁ 'ଆୟୁଷ୍ମାନ ଭାରତ' ଯୋଜନା ଏତେ ସର୍ତ୍ତସମ୍ବଳିତ ଯେ ଆଶୁ ଚିକିତ୍ସା ସୁବିଧା ମିଳିବା ତ ଦୂରର କଥା ଅନେକ ରୋଗର ଚିକିତ୍ସା ଏହି ଯୋଜନା ଅଧୀନରେ ଆସୁନାହିଁ। ବାରମ୍ବାର ଅଭିଯୋଗ ଓ ଦାବି ପରେ କିଛିଦିନ ତଳେ ପ୍ରାକ୍ ଚିକିତ୍ସା ନିଦାନ ଓ ପରୀକ୍ଷା ଖର୍ଚ୍ଚକୁ ଏବଂ ଗତ ସପ୍ତାହରେ ଅତିରିକ୍ତ ୯୧ଟି କର୍କଟ ରୋଗକୁ ଓଡ଼ିଶା ସରକାର 'ଆୟୁଷ୍ମାନ ଭାରତ'ରେ ସାମିଲ୍ କରିଛନ୍ତି। ଅର୍ଥାତ୍ ଗତ ଦୁଇବର୍ଷ ଧରି ରୋଗୀମାନେ 'ଆୟୁଷ୍ମାନ ଭାରତ' କାର୍ଡଧାରୀ ହୋଇ ମଧ୍ୟ ଏଥିରୁ ବଞ୍ଚିତ ହୋଇ ଆସୁଥିଲେ। ଚକ୍ଷୁ, ଦନ୍ତ ସମେତ ଆହୁରି ଅନେକ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରୋଗର ଚିକିତ୍ସା ଅଦ୍ୟାବଧି ଏଥିରେ ଅନ୍ତର୍ଭୁକ୍ତ ହୋଇନାହିଁ। ତେଣୁ 'ଆୟୁଷ୍ମାନ ଭାରତ' ଯୋଜନାରେ ସାମିଲ୍ ହେଲେ ଅବଶିଷ୍ଟ ଓଡ଼ିଶାବାସୀଙ୍କ ଭଳି ସାମ୍ବାଦିକମାନେ ମଧ୍ୟ ପ୍ରଭାବିତ ହେବେ।

କେବଳ ସରକାରୀ, ଟ୍ରଷ୍ଟ କିମ୍ବା ଏନ୍‌ଜିଓ ପରିଚାଳିତ ଡାକ୍ତରଖାନାକୁ ବାଦ୍ ଦେଲେ ଅତ୍ୟାଧୁନିକ ଓ ଉନ୍ନତମାନର ଘରୋଇ ଡାକ୍ତରଖାନା(କର୍ପୋରେଟ୍ ହସ୍ପିଟାଲ୍)ମାନଙ୍କରେ 'ଆୟୁଷ୍ମାନ ଭାରତ'ର ବାସ୍ତବତା କିଭଳି ତାହା କେବଳ ଭୁକ୍ତଭୋଗୀ ବା ଅନୁଭବୀମାନେ ହିଁ କହିପାରିବେ। ନଗଦ ପୈଠ(କ୍ୟାସ୍ ବେସଡ୍) କିମ୍ବା ଅନ୍ୟ ବୀମାଧାରୀ ରୋଗୀଙ୍କ ପାଇଁ ଘରୋଇ ଡାକ୍ତରଖାନାମାନଙ୍କରେ ଦିଆଯାଉଥିବା ଚିକିତ୍ସା ସେବାର ଗୁଣାତ୍ମକ ମାନ 'ଆୟୁଷ୍ମାନ ଭାରତ' ହିତାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। 'ଆୟୁଷ୍ମାନ ଭାରତ' ଯୋଜନାରେ କେଉଁ ରୋଗ ପାଇଁ କେଉଁ ଜେନେରିକ୍ ଔଷଧ ଓ ଇଞ୍ଜେକସନ୍ ଦିଆଯିବ ତାହାର ନିର୍ଦ୍ଦିଷ୍ଟ କୋଡ୍ ବା ପ୍ରତୀକ ଜାରି ହୋଇଛି, ଯାହା ତୁଳନାତ୍ମକ ଭାବେ ଶସ୍ତା। ତେଣୁ ତାହାର ଉପାଦେୟତା ମଧ୍ୟ ସେହି ଅନୁଯାୟୀ ବିଳମ୍ବିତ ବା ପ୍ରଭାବଶାଳୀ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯଦି କୌଣସି ଡାକ୍ତର ରୋଗୀର ସଙ୍କଟାପନ୍ନ ଅବସ୍ଥା ଦେଖି ଆଶୁ ଫଳପ୍ରଦ ପାଇଁ କୌଣସି ଉନ୍ନତ ବ୍ରାଣ୍ଡର ଔଷଧ କିମ୍ବା ଇଞ୍ଜେକସନ୍ ଦିଅନ୍ତି ତେବେ ତାହା 'ଆୟୁଷ୍ମାନ କର୍ତ୍ତୃପକ୍ଷ'ଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଯାଉଛି ଏବଂ ସେହି ଖର୍ଚ୍ଚକୁ ସମ୍ପୃକ୍ତ ଡାକ୍ତରଖାନା ଭରଣା କରିବାକୁ ପଡୁଛି। ତେଣୁ ଡାକ୍ତରମାନେ ସବୁ ଜାଣି ମଧ୍ୟ ବାଧ୍ୟବାଧକତାରେ 'ଆୟୁଷ୍ମାନ ଭାରତ' କାର୍ଡଧାରୀଙ୍କୁ କେବଳ ସରକାରୀ ଅନୁମୋଦିତ ଜେନେରିକ୍ ଔଷଧ ଦେବାକୁ ପଡୁଛି।

ଗୋଟିଏ ଦୁଇଟି ଉଦାହରଣରେ ଏହା ଆହୁରି ସହଜରେ ବୁଝି ହେବ। ଭାରତରେ ହୃଦ୍‌ଘାତ ଉପଚାର/ଅସ୍ତ୍ରୋପଚାର ପାଇଁ ଉଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଷ୍ଟେଣ୍ଟ ମୂଲ୍ୟ ସର୍ବନିମ୍ନ ୭ ହଜାର ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। 'ଆୟୁଷ୍ମାନ ଭାରତ' କାର୍ଡଧାରୀଙ୍କ ପରିବାରକୁ ବର୍ଷକୁ ୫ ଲକ୍ଷ ଟଙ୍କାର ଚିକିତ୍ସା ଖର୍ଚ୍ଚ ମାଗଣାରେ ମିଳୁଥିବାରୁ ସେ ଉନ୍ନତ ମାନର ଅର୍ଥାତ୍ ୧ ଲକ୍ଷ ଟଙ୍କାର ଷ୍ଟେଣ୍ଟ ଲଗାଇବାକୁ ଅଗ୍ରାଧିକାର ଦେବା ସ୍ୱାଭାବିକ; କିନ୍ତୁ 'ଆୟୁଷ୍ମାନ ଭାରତ' ଯୋଜନାରେ ୩୮ ହଜାର-୪୩ ହଜାର ଟଙ୍କା ମୂଲ୍ୟର ଷ୍ଟେଣ୍ଟ ପାଇଁ ଅନୁମୋଦନ ରହିଛି। ସେହିପରି କର୍କଟ ରୋଗ ପାଇଁ ଉଦ୍ଦିଷ୍ଟ କେମୋ ଥେରାପିରେ ଗୋଟିଏ ସେସନ୍‌ରେ ସାଧାରଣତଃ ୮ ହଜାର ଟଙ୍କାରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଥିବା ବେଳେ 'ଆୟୁଷ୍ମାନ ଭାରତ' କାର୍ଡଧାରୀମାନଙ୍କ ପାଇଁ ମାତ୍ର ୪-୫ହଜାର ଟଙ୍କାର ବ୍ୟବସ୍ଥା ରହିଛି। କେମୋଥେରାପିର ପ୍ରାକ୍ ଓ ପରବର୍ତ୍ତୀ ଚିକିତ୍ସା ଅତିରିକ୍ତ ନଗଦ ଟଙ୍କା ଦେଇ କରିବାକୁ ପଡୁଛି। ଘରୋଇ ଡାକ୍ତରଖାନାରେ ଆଇସିୟୁ ଶଯ୍ୟାର ଦୈନିକ ଖର୍ଚ୍ଚ ହାରାହାରି ୧୦ ହଜାର ଟଙ୍କା ହୋଇଥିବା ବେଳେ 'ଆୟୁଷ୍ମାନ ଭାରତ' କାର୍ଡଧାରୀଙ୍କ ପାଇଁ ସେ ବାବଦରେ ଅନୁମୋଦିତ ଦୈନିକ ସର୍ବାଧିକ ଖର୍ଚ୍ଚ ମାତ୍ର ୪ ହଜାର ଟଙ୍କା। ଅନ୍ୟାନ୍ୟ ଜଟିଳ ଚିକିତ୍ସାରେ ମଧ୍ୟ ସମାନ ସ୍ଥିତି, ଯାହା ସମ୍ପର୍କରେ ସାଧାରଣ ରୋଗୀଟିଏ ଜାଣିବାର ଉପାୟ ନାହିଁ।

କାର୍ଡଧାରୀଙ୍କ ଆକାଉଣ୍ଟରେ ୫ ଲକ୍ଷ ଟଙ୍କା ଥିବା ସତ୍ତ୍ୱେ ତା'କୁ ନିମ୍ନମାନର ଚିକିତ୍ସାରେ ଆପ୍ୟାୟିତ କରାଯିବା କେଉଁ ପ୍ରକାର ନ୍ୟାୟ ବୋଲି ଏବେ ପ୍ରଶ୍ନ ଉଠୁଛି। ଏହା 'ଜାତି ଗଲା ପେଟ ପୂରିଲା ନାହିଁ' ଭଳି ଅବସ୍ଥା। ମାଗଣାରେ ରାସନ୍ ମିଳିବ କେବଳ ବଞ୍ଚିବା ପାଇଁ; ତାହା ପୁଷ୍ଟିକର କି ନୁହେଁ ସେ ଚିନ୍ତା କରିବା ସରକାରଙ୍କ ଦାୟିତ୍ୱ ନୁହେଁ। ସରକାରଙ୍କ ଏହି ମାନସିକତା ବୋଧହୁଏ 'ଆୟୁଷ୍ମାନ ଭାରତ' ଯୋଜନାରେ ମଧ୍ୟ ପ୍ରତିଫଳିତ ହେଉଛି। 'ନାହିଁ ମାମୁଠାରୁ କଣା ମାମୁ' ଭଳ ନ୍ୟାୟରେ 'ଆୟୁଷ୍ମାନ ଭାରତ' ଯୋଜନାରେ ଚିକିତ୍ସା ତ ମିଳୁଛି; କିନ୍ତୁ ତାହା ଉନ୍ନତମାନର ଆଦୌ ନୁହେଁ। କେବଳ ସରକାରଙ୍କ ଅନୁକମ୍ପାରେ ଉପକୃତ ହୋଇଛି ବୋଲି ଅନୁଭବଟିଏ ନେଇ ରୋଗୀ ଡାକ୍ତରଖାନାରୁ ଫେରୁଛି। ତେଣୁ ଜାଣିବା ଶୁଣିବା କେତେଜଣ 'ଆୟୁଷ୍ମାନ ଭାରତ' କାର୍ଡଧାରୀ ଅଗତ୍ୟା ନଗଦ ପୈଠ କରି ବରଂ ଭଲ ଚିକିତ୍ସା ବିକଳ୍ପକୁ ଆଦରି ନେବାକୁ ବାଧ୍ୟ ହେଉଛନ୍ତି।

ଅଧିକନ୍ତୁ 'ବିଏସ୍‌କେୱାଇ'ରେ ରୋଗ ନିଦାନ, ଚିକିତ୍ସା ଓ ଆନୁଷଙ୍ଗିକ ଖର୍ଚ୍ଚର ବିସ୍ତୃତ ଓ ସରଳ ବିବରଣୀ ହିତାଧିକାରୀ ଜାଣିପାରୁଥିବା ବେଳେ 'ଆୟୁଷ୍ମାନ ଭାରତ' ଯୋଜନାରେ ସେ ବ୍ୟବସ୍ଥା ନାହିଁ। ରୋଗୀର ଫିଙ୍ଗରପ୍ରିଣ୍ଟ, ଆଇଭିୟୁ ଚିକିତ୍ସା କରିଥିବା ଡାକ୍ତରମାନଙ୍କ ଫଟୋ, ପ୍ରେସ୍କ୍ରିପ୍‌ସନ୍, ଔଷଧ ଷ୍ଟ୍ରିପ୍, ଚିକିତ୍ସା ଉପକରଣ ଆଦି ଅନାବଶ୍ୟକ ଓ ଅସମ୍ଭବ ତଥ୍ୟବହୁଳ ସର୍ତ୍ତ ଯୋଗୁଁ 'ଆୟୁଷ୍ମାନ ଭାରତ' ଯୋଜନାରେ ଚିକିତ୍ସା ଏତେ ଜଟିଳ ଓ ସମୟସାପେକ୍ଷ ହୋଇଛି ଯେ ଉଭୟ କାର୍ଡଧାରୀ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ନୟାନ୍ତ ହୋଇ ପଡୁଥିବା ଅଭିଯୋଗ ହେଉଛି। ଜଣେ ରୋଗୀଙ୍କୁ ଦାଖଲ କରିବା ପୂର୍ବରୁ କେବଳ ଅନୁମୋଦନ ଆଣିବାକୁ ବେଳେବେଳେ ୪୮ ଘଣ୍ଟା ଲାଗିଯାଉଛି। ଯଦି ଜଣେ ଗୁରୁତର ରୋଗୀ ଆସନ୍ତି ଏବଂ ତାଙ୍କୁ ଆଶୁ ଚିକିତ୍ସା ଆବଶ୍ୟକ ପଡ଼େ ସେ କ୍ଷେତ୍ରରେ ରୋଗୀଙ୍କ ସମ୍ପର୍କୀୟ ନଗଦ ଜମା କରି ଚିକିତ୍ସା ଆରମ୍ଭ କରିବାକୁ ବାଧ୍ୟ ହେଉଛନ୍ତି। ଥରେ ନଗଦ ଜମା କରି ପଞ୍ଜିକୃତ ହୋଇଗଲେ ଆଉ ତାହା 'ଆୟୁଷ୍ମାନ ଭାରତ' ଯୋଜନାକୁ ପରିବର୍ତ୍ତନ ହେବ ନାହିଁ ବୋଲି ଘରୋଇ ଡାକ୍ତରଖାନାଗୁଡ଼ିକ କଠୋର ସର୍ତ୍ତ ରଖୁଛନ୍ତି। ଏହାର ତଦାରଖ କିମ୍ବା ଆପତ୍ତି ଅଭିଯୋଗ ଶୁଣିବା ପାଇଁ ମଧ୍ୟ ବ୍ୟବସ୍ଥା ନାହିଁ। ତେଣୁ 'ବିଏସ୍‌କେୱାଇ'ର କାର୍ଡଧାରୀମାନେ 'ଆୟୁଷ୍ମାନ ଭାରତ'ର ହିତାଧିକାରୀ ହେବା ପରେ ଆତ୍ମୀୟ/ସମ୍ପର୍କୀୟ ରୋଗୀଙ୍କୁ ଧରି ଏ ଡାକ୍ତରଖାନାରୁ ସେ ଡାକ୍ତରଖାନା ଦୌଡ଼ିବାର ଯନ୍ତ୍ରଣା ସହିବାକୁ ବାଧ୍ୟ ହେଉଛନ୍ତି।

ଅପରପକ୍ଷରେ ଅନେକ ଘରୋଇ ଡାକ୍ତରଖାନା ବା କର୍ପୋରେଟ୍ ହସ୍ପିଟାଲ୍‌ରେ ଡାକ୍ତରମାନେ 'ଆୟୁଷ୍ମାନ ଭାରତ' ଯୋଜନା କାର୍ଯ୍ୟକାରୀ ହେଉ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଉଛନ୍ତି କିମ୍ବା ସୀମିତ ସଂଖ୍ୟକ ଶଯ୍ୟା ବ୍ୟବସ୍ଥା କରିଛନ୍ତି। ଏହି ଯୋଜନା ଲାଗୁ କରିବା ପାଇଁ ଗତବର୍ଷ ସର୍ବଭାରତୀୟସ୍ତରରେ ଘରୋଇ ଡାକ୍ତରଖାନାମାନେ ଅଧିକ ପ୍ରତିଶତ ସେବା ଖର୍ଚ୍ଚ ଦାବି କରିଥିଲେ। ଏପରିକି ଚିକିତ୍ସା ବାବଦ ଖର୍ଚ୍ଚ ଭରଣାରେ ବୀମା କମ୍ପାନୀ ଓ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏବଂ ଜଟିଳ ଓ ଗୁରୁତର ଚିକିତ୍ସା ବାବଦ ଖର୍ଚ୍ଚ ଏହି ଯୋଜନାରେ ଖୁବ୍ କମ୍ ଥିବାରୁ ଦେଶର ୬୦୦ରୁ ଊର୍ଦ୍ଧ୍ୱ ଘରୋଇ ଡାକ୍ତରଖାନା ଏହି ଯୋଜନାରୁ ଓହରି ଆସିବା ପାଇଁ ଗତ ବର୍ଷ ନିଷ୍ପତ୍ତି ନେଇଥିଲେ। ଏପରିକି ଡବଲ୍ ଇଞ୍ଜିନ ସରକାର ଥିବା ଜାତୀୟ ରାଜଧାନୀ ଦିଲ୍ଲୀରେ ମଧ୍ୟ ଘରୋଇ ଡାକ୍ତରଖାନାମାନେ ଏହି ଯୋଜନାରେ ସାମିଲ୍ ହୋଇ ନଥିବା ଜଣାପଡ଼ିଛି। ଏବେ ସ୍ଥିତିରେ ସୁଧାର ଆସିଛି କି ନାହିଁ ସେ ସମ୍ପର୍କିତ ସଦ୍ୟତମ ସୂଚନା ଉପଲବ୍ଧ ନାହିଁ।

ବିଶାଳ ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷରେ ସ୍ୱାସ୍ଥ୍ୟ ସେବା ଭଳି ସମ୍ବେଦନଶୀଳ କ୍ଷେତ୍ରର ପରିଚାଳନା ଓ ରୂପାୟନରେ ଯଦି ରାଜନୀତିକରଣ ହେବ ତେବେ ସମସ୍ୟା ଉପୁଜିବା ନିଶ୍ଚିତ। ତେଣୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରଚାରସର୍ବସ୍ୱ ରାଜନୀତି ମାନସିକତାରୁ ଊର୍ଦ୍ଧ୍ୱକୁ ଉଠି 'ଆୟୁଷ୍ମାନ ଭାରତ'କୁ ଆହୁରି ସରଳ ଓ ଜନମୁଖୀ କରିବା ନିହାତି ଆବଶ୍ୟକ। ଅନ୍ତତଃ ସ୍ୱାସ୍ଥ୍ୟ ସେବା ଭଳି ଏକ ସମ୍ବେଦନଶୀଳ କ୍ଷେତ୍ର ରାଜନୀତିରୁ ଊର୍ଦ୍ଧ୍ୱରେ ରଖିବାକୁ ବିନମ୍ର ନିବେଦନ। ●

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଏକ ବିପର୍ଯ୍ୟୟ-ସହନଶୀଳ ଭବିଷ୍ୟତର ପଥ

**ଡଃ ପୁଷ୍କର ଜେନା**

ଓଡ଼ିଶାର ବନ୍ୟା ଇତିହାସ ଦୀର୍ଘ। ଓଡ଼ିଶା ପୁଣିଥରେ ବନ୍ୟାର ଏକ କଠିନ ପର୍ଯ୍ୟାୟ ଅତିକ୍ରମ କରୁଛି। ବର୍ତ୍ତମାନର ପ୍ରାଥମିକତା ମାନବ ଓ ଗୃହପାଳିତ ପଶୁପକ୍ଷୀମାନଙ୍କର ଜୀବନର ସୁରକ୍ଷା ହେବା ଉଚିତ। ଜଳବନ୍ଦୀ ପରିବାର, ବୃଦ୍ଧ, ଶିଶୁ, ମହିଳା, ଦିବ୍ୟାଙ୍ଗ, ଗର୍ଭବତୀ ଏବଂ ଅତ୍ୟନ୍ତ ଦରିଦ୍ର ପରିବାରଙ୍କୁ ଚିହ୍ନଟ କରି ଲକ୍ଷ୍ୟଭିତ୍ତିକ ସହାୟତା ଦିଆଯିବା ଆବଶ୍ୟକ। ଖାଦ୍ୟ, ପଶୁଖାଦ୍ୟ, ପାନୀୟ ଜଳ, ଔଷଧ, ସ୍ୱଚ୍ଛତା ସାମଗ୍ରୀ, ଅସ୍ଥାୟୀ ଆଶ୍ରୟ ଓ ଆବଶ୍ୟକ ଘରୋଇ ସାମଗ୍ରୀର ଯୋଗାଣ 'ଶେଷ ଲୋକ ପର୍ଯ୍ୟନ୍ତ' ପହଞ୍ଚିବା ଦରକାର। ଜଳ କମିବା ପରେ ମଧ୍ୟ ରିଲିଫ୍ ଆବଶ୍ୟକତା ଶେଷ ହୁଏ ନାହିଁ; ବରଂ ପାନୀୟ ଜଳ, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ଜୀବିକାର ପୁନରୁଦ୍ଧାର ନୂଆ ଆହ୍ୱାନ ହୋଇଥାଏ। ତେଣୁ ବନ୍ୟା ପରିଚାଳନାକୁ କେବଳ ଜଳସମ୍ପଦ ବିଭାଗର ଦାୟିତ୍ୱ ଭାବେ ଦେଖିଲେ ହେବ ନାହିଁ। ଏହା ଜଳସମ୍ପଦ, କୃଷି, ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଗୃହ, ଶକ୍ତି, ପରିବହନ, ପରିବେଶ ଓ ଅର୍ଥନୀତି ସମସ୍ତ ବିଭାଗର ସମନ୍ୱିତ ବିକାଶ ପ୍ରଶ୍ନ।

ବନ୍ୟା ସମୟରେ ଜୀବନ ରକ୍ଷା, ଉଦ୍ଧାର, ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଆଶ୍ରୟ ହେଉଛି ପ୍ରାଥମିକତା। ରାଜ୍ୟ ସରକାର ମଧ୍ୟ ଉଚ୍ଚସ୍ତରୀୟ ସମୀକ୍ଷାରେ ବନ୍ୟା ରିଲିଫ୍ ଓ କ୍ଷତିପୂରଣକୁ ପ୍ରାଥମିକତା ଦେଇଛନ୍ତି। ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗ ଯଦି ନିଜ ନିଜ ଭାବରେ କାର୍ଯ୍ୟ କରନ୍ତି, ତେବେ ସମୟ ଓ ସମ୍ପଦର ଅପଚୟ ହୋଇପାରେ। ତେଣୁ ରାଜ୍ୟସ୍ତରରେ ଏକ 'ଇଣ୍ଟିଗ୍ରେଟେଡ୍ ଫ୍ଲଡ୍ ରେସ୍‌ପନ୍ସ ଆଣ୍ଡ ରିକଭରି କମାଣ୍ଡ ସେଣ୍ଟର'କୁ ଅଧିକ ଶକ୍ତିଶାଳୀ କରିବା ଆବଶ୍ୟକ। ଏହା ରିଅଲ୍-ଟାଇମ୍ ଭାବରେ ନଦୀ ଜଳସ୍ତର, ବର୍ଷା, ଜଳ ଆବଦ୍ଧତା, ରାସ୍ତା, ବିଦ୍ୟୁତ, ପାନୀୟ ଜଳ ଓ ମାନବୀୟ ଆବଶ୍ୟକତାର ତଥ୍ୟ ସଂଗ୍ରହ କରିବ। ଏହାଦ୍ୱାରା ଉଚ୍ଚସ୍ତରରେ ତ୍ୱରିତ ନିଷ୍ପତ୍ତି, ଜିଲ୍ଲାସ୍ତରରେ ଦ୍ରୁତ କାର୍ଯ୍ୟାନ୍ୱୟନ ଓ ଗ୍ରାମସ୍ତରରେ ତତ୍କାଳ ସହାୟତା ସମ୍ଭବ ହେବ।

ବିପର୍ଯ୍ୟୟ ସମୟରେ ପ୍ରଥମ ସହାୟତା ପ୍ରାୟତଃ ସରକାରୀ ଦଳ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ ହିଁ କରନ୍ତି। ତେଣୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବିପର୍ଯ୍ୟୟ ପରିଚାଳନା ଯୋଜନା ରହିବା ଉଚିତ। ଯୁବକ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଶିକ୍ଷକ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ମତ୍ସ୍ୟଜୀବୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଥମ ଗୋଷ୍ଠୀ ସହାୟକ ଭାବରେ ପ୍ରଶିକ୍ଷିତ କରାଯିବା ଆବଶ୍ୟକ। ଏହା ହେବ ଓଡ଼ିଶାର ପଞ୍ଚାୟତିରାଜ ଓ ଜନଭାଗୀଦାରୀଭିତ୍ତିକ ବିପର୍ଯ୍ୟୟ ପରିଚାଳନାର ଏକ ନୂଆ ମଡେଲ୍।

ଭବିଷ୍ୟତର ବନ୍ୟା ନିୟନ୍ତ୍ରଣ ଯୋଜନା କେବଳ ବନ୍ଧରେ ସୀମିତ ନୁହେଁ ଆହୁରି ବ୍ୟାପକ କରିବାର ସମୟ ଆସିଛି। ଆମର ବନ୍ୟା ନୀତିର ମୂଳ ଆଧାର ହେଉ କୃଷି, ମାଛଚାଷ, ବନୀକରଣ + ଜଳଗ୍ରହଣ ଅଞ୍ଚଳ ସୁରକ୍ଷା + ମାଟି ସଂରକ୍ଷଣ + ଜଳାଭୂମି ପୁନରୁଦ୍ଧାର + ନଦୀପଥ ସୁରକ୍ଷା + ବୈଜ୍ଞାନିକ ଡ୍ରେନେଜ୍ + ନଦୀ ଅବବାହିକା ପରିଚାଳନା + ଆଗୁଆ ସତର୍କୀକରଣ + ବନ୍ୟା-ସହନଶୀଳ ଭିତ୍ତିଭୂମି। ବିପର୍ଯ୍ୟୟ-ସହନଶୀଳ ଗ୍ରାମପଞ୍ଚାୟତ ହେଉ ବିକଶିତ ଓଡ଼ିଶାର ମୂଳ ଏକକ।

ଓଡ଼ିଶାର ଇତିହାସ ବାତ୍ୟା, ବନ୍ୟା, ମରୁଡ଼ି ଓ ଅନେକ ପ୍ରାକୃତିକ ବିପଦର ସାକ୍ଷୀ। କିନ୍ତୁ ଓଡ଼ିଶାର ଆଉ ଏକ ପରିଚୟ ରହିଛି ସଙ୍କଟରୁ ଶିଖିବା, ସଂଗଠିତ ହେବା ଓ ପୁଣି ଉଠି ଦୌଡ଼ିବାର ଅସାଧାରଣ କ୍ଷମତା। ବିକଶିତ ଓଡ଼ିଶାର ଅର୍ଥ କେବଳ ଚଉଡ଼ା ରାସ୍ତା, ଉଚ୍ଚ ଅଟ୍ଟାଳିକା ଓ ଶିଳ୍ପ ନୁହେଁ। ଯେଉଁ ଗାଁର ଲୋକ ବନ୍ୟା ଆସିଲେ ନିରାପଦ ରହିପାରିବେ, ଯେଉଁ କୃଷକ ଫସଲ ନଷ୍ଟ ହେଲେ ମଧ୍ୟ ଶୀଘ୍ର ଜୀବିକାକୁ ଫେରିପାରିବେ, ଯେଉଁ ପରିବାରର ଘର ବାତ୍ୟା ଓ ବନ୍ୟାରେ ସୁରକ୍ଷିତ ରହିବ ସେହି ହେଉଛି ପ୍ରକୃତ ବିକାଶ। ଆଜିର ବନ୍ୟା ଆମ ପାଇଁ କେବଳ ଏକ ବିପଦ ନୁହେଁ; ଏହା ଏକ ନୀତିଗତ ସୁଯୋଗ। ଆମର ବିପର୍ଯ୍ୟୟ ପରିଚାଳନାକୁ ପୁନର୍ବିଚାର କରିବାର, ସ୍ଥାନୀୟ ଲୋକଙ୍କୁ କେନ୍ଦ୍ରରେ ରଖିବାର, ବିଜ୍ଞାନ ଓ ପ୍ରଯୁକ୍ତିକୁ ଜନଜୀବନ ସହିତ ଯୋଡ଼ିବାର ଏବଂ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଜଳବାୟୁ ଓ ବିପର୍ଯ୍ୟୟ ସହନଶୀଳ ରାଜ୍ୟ ଭାବେ ଗଢ଼ିବା ଦରକାର। ●

ଭୁବନେଶ୍ୱର, ମୋ: ୯୩୩୭୮୪୭୭୯୩

# କୋଇଲି ପୂଜନ

## ମା' ପାର୍ବତୀଙ୍କୁ ସମର୍ପିତ କୋକିଳା ବ୍ରତ

### ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ବେଦ, ଉପନିଷଦ ଏବଂ ବିଭିନ୍ନ ପୌରାଣିକ ଗ୍ରନ୍ଥର ନିର୍ଦ୍ଦେଶମତେ ତେତ୍ରିଶକୋଟି ଦେବଦେବୀଙ୍କ ପୂଜାର୍ଚ୍ଚନା ସହିତ ସେମାନଙ୍କର ବାହନ କିମ୍ବା ପ୍ରତୀକ ବହନ କରୁଥିବା ବିଭିନ୍ନ ପଶୁପକ୍ଷୀଙ୍କୁ ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପୂଜାର୍ଚ୍ଚନା କରାଯିବାର ପରମ୍ପରା ପ୍ରଚଳିତ। କେତେକ ପୁରାଣ ମତବାଦ ଅନୁସାରେ କୋଇଲି କାମଦେବଙ୍କ ସହଚର। ଭାରତର କେତେକ ସ୍ଥାନରେ 'କୋକିଳା ବ୍ରତ' ପାଳନ କରାଯାଏ, ଯେଉଁଥିରେ କୋଇଲିକୁ ପରୋକ୍ଷ ଭାବେ ପୂଜା କରାଯାଏ। ଏହାବ୍ୟତୀତ ଉତ୍ତରାଖଣ୍ଡରେ ମା' କୋକିଳା ଦେବୀଙ୍କ ମନ୍ଦିର ଅଛି। କୋଇଲିର ନାମାନୁସାରେ ନାମିତ କୋକିଳା ଦେବୀ ନ୍ୟାୟର ଦେବୀ ଭାବେ ମଧ୍ୟ ପରିଚିତା। ଶନିଦେବଙ୍କୁ ଶ୍ରୀକୃଷ୍ଣ କୋଇଲି ରୂପରେ ଦର୍ଶନ ଦେଇଥିବା କଥାନୁସାରେ ମଥୁରାରେ 'କୋକିଳାବନ' ନାମକ ଗୋଟିଏ ପବିତ୍ର ଓ ସିଦ୍ଧ ସ୍ଥାନ ମଧ୍ୟ ରହିଛି।

'କୋକିଳା ବ୍ରତ' ମୁଖ୍ୟତଃ ଉତ୍ତର ଭାରତ ସମେତ ପଶ୍ଚିମ ଓ ଦକ୍ଷିଣ ଭାରତର କିଛିସ୍ଥାନରେ ପାଳିତ ହୁଏ। ଏହି ବ୍ରତ ଦେବୀ ସତୀ ଓ ଭଗବାନ ଶିବଙ୍କୁ ସମର୍ପିତ। ଆଷାଢ଼ ଶୁକ୍ଳ ପୂର୍ଣ୍ଣିମାଠାରୁ ଶ୍ରାବଣ ଶୁକ୍ଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ଏହି ବ୍ରତରେ ଦେବୀ ପାର୍ବତୀଙ୍କୁ କୋକିଳା ବା କୋଇଲି ରୂପରେ ପୂଜା କରାଯାଏ। କୋକିଳା ବ୍ରତ ସହିତ ଅନେକ ବିଶ୍ୱାସ ଜଡ଼ିତ। ବିଶ୍ୱାସ କରାଯାଏ ଯେ, କୋକିଳା ବ୍ରତ କରୁଥିବା ମହିଳାମାନେ ଅଖଣ୍ଡ ସୌଭାଗ୍ୟବତୀ ଏବଂ ସଦା ଅହ୍ୟସୁଲକ୍ଷଣୀ ହୋଇଥା'ନ୍ତି। ମୃତ୍ୟୁ ପରେ ମହିଳାମାନେ ମା' ପାର୍ବତୀଙ୍କ ଧାମକୁ ଯା'ନ୍ତି। ବ୍ରତରେ ମାଟିରେ ତିଆରି କୋଇଲି (କୋକିଳ) ମୂର୍ତ୍ତି ପୂଜା କରିବା ଦ୍ୱାରା ଅବିବାହିତାଙ୍କୁ ଉତ୍ତମ ସ୍ୱାମୀ ପ୍ରାପ୍ତ ହୋଇଥା'ନ୍ତି। ଏହାବ୍ୟତୀତ ବିବାହ ପୂର୍ବରୁ ଆସୁଥିବା ବାଧାବିଘ୍ନରୁ ମୁକ୍ତି ପାଇବା ପାଇଁ ମଧ୍ୟ ଏହି ବ୍ରତ ପାଳନ କରାଯାଏ। କୋକିଳା ବ୍ରତ 'ଭୌମଦୋଷ' ଦୂର କରିଥାଏ। ବିବାହିତାମାନେ ଏହି ବ୍ରତ ପ୍ରଭାବରୁ ସୁଖମୟ ବୈବାହିକ ଜୀବନ ସହିତ ଧନ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସ୍ୱାମୀଙ୍କର ଦୀର୍ଘାୟୁର ପୁଣ୍ୟ ପ୍ରାପ୍ତ କରିଥା'ନ୍ତି।

ଏହି ବ୍ରତ ପଛରେ ଥିବା ପୌରାଣିକ କାହାଣୀ ଏହିପରି - ଦକ୍ଷ ପ୍ରଜାପତିଙ୍କ ମହାଯଜ୍ଞରେ ମହାଦେବଙ୍କୁ ଅପମାନ ପୂର୍ବକ ନିମନ୍ତ୍ରଣ ନ କରିବା ପରେ ସ୍ୱାମୀଙ୍କ ଅପମାନ ସହ୍ୟ କରି ନ ପାରି ଦେବୀସତୀ ଯଜ୍ଞାଗ୍ନିରେ ଝାସ ଦେଇଥିଲେ। ତ୍ରିକାଳଦର୍ଶୀ ମହାଦେବ ଏହି ସବୁ ଅଘଟଣ ସମ୍ପର୍କରେ ପୂର୍ବରୁ ଆଶଙ୍କା କରି ଦେବୀସତୀଙ୍କୁ ଯଜ୍ଞସ୍ଥଳକୁ ଯିବା ପାଇଁ ବାରଣ କରିଥିଲେ। କିନ୍ତୁ ଦେବୀସତୀ ଶିବଙ୍କ ଆଦେଶକୁ ନ ମାନି ଯଜ୍ଞସ୍ଥଳକୁ ଯାଇଥିଲେ। ତେଣୁ ଭଗବାନ ଶିବ ସତୀଙ୍କୁ କ୍ଷମା କରିପାରିଲେ ନାହିଁ। ଭଗବାନ ଶିବ ଦଶହଜାର ବର୍ଷ ପର୍ଯ୍ୟନ୍ତ କୋଇଲି ଭାବେ ରହିବାକୁ ଦେବୀସତୀଙ୍କୁ ଅଭିଶାପ ଦେଇଥିଲେ। ସେବେଠାରୁ ଦେବୀସତୀ ନନ୍ଦନବନରେ କୋକିଳ ପକ୍ଷୀ ଭାବରେ ବାସ କଲେ। ଦଶହଜାର ବର୍ଷ ପରେ ଦେବୀସତୀ ଦେବୀପାର୍ବତୀଙ୍କ ରୂପରେ ପୁନର୍ଜନ୍ମ ନେଲେ ଏବଂ ଘୋର ତପସ୍ୟା ଓ ଉପବାସ ଓ ଆରାଧନା କରିବା ପରେ ସ୍ୱାମୀ ଭାବରେ ଭଗବାନ ଶିବଙ୍କୁ ପୁନର୍ବାର ପାଇଥିଲେ।

କୋକିଳା ବ୍ରତରେ ଉପବାସ କରୁଥିବା ମହିଳାମାନେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ଦଶଟି ସୁଗନ୍ଧିତ ଔଷଧି (ଯେପରିକି ଜଟାମାଂସୀ, ହଳଦୀ, ଚନ୍ଦନ ଇତ୍ୟାଦି) ମିଶ୍ରିତ ଶୁଦ୍ଧ ଜଳରେ ସ୍ନାନ କରିବା ପରେ ଷୋଳଶୃଙ୍ଗାରରେ ନିଜକୁ ସଜାଇବା ସହିତ ଅତର ଲଗାଇଥା'ନ୍ତି। ଏହିସବୁ ଔଷଧଗୁଡ଼ିକୁ ରାତିସାରା ପାଣିରେ ବୁଡ଼ାଇ ରଖାଯାଇଥାଏ। ନିତ୍ୟକର୍ମ ପରେ ସଦ୍ୟଉଦିତ ସୂର୍ଯ୍ୟ ଦେବତାଙ୍କୁ ଚଣା ପୂଜା କରାଯାଏ। ମହିଳାମାନେ ମନକୁ ମନ୍ଦ ଚିନ୍ତାଧାରା ଏବଂ କାମନାରୁ ମୁକ୍ତ ରଖି କଠୋର ଉପବାସ କରିଥା'ନ୍ତି। ଦିନସାରା ବ୍ରତ ରଖିବା ପରେ କୋଇଲିର କୁହୁତାନ ବା ଡାକ ଶୁଣି ସେମାନେ ଉପବାସ ସମାପ୍ତ କରିଥା'ନ୍ତି। ଉପବାସ ଦିନଠାରୁ ଆରମ୍ଭ କରି ପରବର୍ତ୍ତୀ ଆଠ ଦିନ ପର୍ଯ୍ୟନ୍ତ ଏହି ନିୟମଗୁଡ଼ିକ ପାଳନ କରାଯାଏ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷା ବିପ୍ଲବ...

୨୪ଘଣ୍ଟା ଯାଏଁ ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ପଶ୍ଚିମବଙ୍ଗ ଦେଇ ଝାଡ଼ଖଣ୍ଡ ମୁହାଁ ହେବା ସମ୍ଭାବନା ରହିଛି। ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲା ସମେତ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକର ଉପରମୁଣ୍ଡରେ ବର୍ଷା କରାଇବାର ଆଶଙ୍କା ବଢ଼ିଛି।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତାକାଲି ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଏଥିପାଇଁ ଏହି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ, ଦେବଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପଟେ ଆସନ୍ତା ୧୯ କିମ୍ବା ୨୦ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାଦ୍ୱାରା ପୁଣି ଥରେ ସାରା ରାଜ୍ୟରେ ବର୍ଷା ଆଶଙ୍କା ବଢ଼ିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଆସନ୍ତା ସପ୍ତାହରେ ମଧ୍ୟ ବର୍ଷା ଜାରି ରହିବ। ଓଡ଼ିଶା ଉପରେ ଶକ୍ତିଶାଳୀ ମୌସୁମୀ ବାୟୁ ସକ୍ରିୟ କରୁଛି। ଫଳରେ ୧୩-୧୫ ଅଗଷ୍ଟରେ ଉତ୍ତର, ମଧ୍ୟ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ବ୍ୟାପକ ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେବେ ୧୮-୧୯ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସଙ୍କେତ ମିଳୁଛି। ଏହି ଆଧାରରେ ୧୯-୨୦ ଅଗଷ୍ଟ ଆଡ଼କୁ ନୂତନ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ବର୍ତ୍ତମାନର ପ୍ରଣାଳୀଠାରୁ କିଛି ଦକ୍ଷିଣ ଦିଗରେ ଗତି କଲେ ମଧ୍ୟ ଓଡ଼ିଶାର କେନ୍ଦ୍ରୀୟ ଓ ଉପକୂଳ ଅଞ୍ଚଳରେ ପୁଣି ବ୍ୟାପକ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

### ସରକାରଙ୍କ ଅପାରଗତା...

ହକି ବିଶ୍ୱକପ ଆୟୋଜନ କରି ଯେଉଁ ରାଉରକେଲା ସ୍ମାର୍ଟ ସିଟି ଗୌରବ ଆଣିଥିଲା, ଏବେ ସେହି ସହର ଜଳବନ୍ଦୀ ହୋଇ ଅପବାଦ ମୁଣ୍ଡାଉଛି। ପୂର୍ବରୁ ଏପରି ସ୍ଥିତି କେବେ ଦେଖା ଦେଇନଥିବା ବେଳେ ଏବେ ସ୍ମାର୍ଟ ସିଟିର ଡ୍ରେନେଜ୍ ଓ ସ୍ୱେରେଜ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ନବୀନ ସମାଲୋଚନା କରିଛନ୍ତି। ଦିନେ ବଡ଼ ବଡ଼ ପ୍ରାକୃତିକ ବିପର୍ଯ୍ୟୟର ଦୃଢ଼ ମୁକାବିଲା କରି ଓଡ଼ିଶା ସୁନାମ ସାଉଁଟୁଥିଲା, ହେଲେ ଏ ସରକାର ସହରାଞ୍ଚଳରେ ବର୍ଷା ଜଳ ପରିଚାଳନାରେ ମଧ୍ୟ ବିଫଳ ହେଉଛନ୍ତି। ପ୍ରତିଟି ଜୀବନ ମୂଲ୍ୟବାନ, ସରକାର ତୁରନ୍ତ ପ୍ରାଥମିକତା ଭିତ୍ତିରେ ଜଳବନ୍ଦୀରେ ଲୋକଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଅନ୍ତୁ ବୋଲି ନବୀନ କହିଛନ୍ତି।

### ରାଜ୍ୟର ଖଣି ଟିକସ...

ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି। ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠ ଏମ୍ଏମ୍ଡ଼ିଆର୍ ଆକ୍ଟରେ ଦିଆଯାଉଥିବା ରାଜଭାଗ ବା ରୟାଲଟି 'ଟିକସ' ପର୍ଯ୍ୟାୟଭୁକ୍ତ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ରାୟ ରାଜ୍ୟଗୁଡ଼ିକୁ ସମ୍ବିଧାନର ସପ୍ତମ ଅନୁସୂଚୀର ରାଜ୍ୟ ତାଲିକାର ଏଣ୍ଟ୍ରି ୪୯ ଓ ୫୦ ଅନୁଯାୟୀ ଖଣିଜ ଅଧିକାର ଓ ଖଣିଜ ଜମି ଉପରେ କର ଲଗାଇବାର କ୍ଷମତା ଥିବା ସ୍ପଷ୍ଟ କରିଥିଲା। ଏହା ସହିତ ରାଜ୍ୟର କର ଲଗାଇବାର ସାମ୍ବିଧାନିକ କ୍ଷମତାକୁ କେବଳ ରୟାଲଟି ଆଦାୟ ବ୍ୟବସ୍ଥା ଦ୍ୱାରା ରୋକାଯାଇପାରିବ ନାହିଁ ବୋଲି ରାୟରେ କୁହାଯାଇଥିଲା। ମାତ୍ର ନୂତନ ବିଲ୍‌ରେ ସୁପ୍ରିମକୋର୍ଟଙ୍କ ଉକ୍ତ ରାୟର ପ୍ରଭାବକୁ ସଙ୍କୁଚିତ କରାଯାଇଛି । ଫଳରେ ଓଡ଼ିଶା ପୂର୍ବରୁ ପାଇବାକୁ ଥିବା ବକେୟା ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା ତ ହରାଇବ; ଏହା ସହ ନୂତନ ଭାବରେ କୌଣସି ଟିକସ ବା ସେସ୍ ଆଦାୟ କରିପାରିବ ନାହିଁ। ଏହାଦ୍ୱାରା ରାଜ୍ୟକୁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ହରାଇବାର ଆଶଙ୍କା ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଲୁହାପଥର, କୋଇଲା, ବକ୍ସାଇଟ୍, ମାଙ୍ଗାନିଜ, କ୍ରୋମାଇଟ୍ ଆଦି ଖଣିଜ ସମ୍ପଦରୁ ଓଡ଼ିଶା ବିପୁଳ ପରିମାଣର ରୟାଲଟି ପାଇଥାଏ । ରାଜ୍ୟର ଅଣଟିକସ ରାଜସ୍ୱର ସିଂହଭାଗ ଅର୍ଥାତ୍ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଖଣି ରାଜସ୍ୱରୁ ମିଳିଥାଏ । ରାଜ୍ୟରେ ବିକାଶ କ୍ଷେତ୍ରରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ତେଣୁ ରାଜ୍ୟର କର ଓ ସେସ୍ ଲଗାଇବାର କ୍ଷମତା କମିଲେ ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟର ଆର୍ଥିକ ସ୍ୱାୟତ୍ତତା ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । କେବଳ ଓଡ଼ିଶା ନୁହେଁ, ଏହି ନୂଆ ନିୟମ ଦ୍ୱାରା ଝାରଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ବିହାର ପରି ରାଜ୍ୟଗୁଡ଼ିକ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ବିହାରରେ ଏହାକୁ ନେଇ ବିରୋଧୀଦଳଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ଏହାକୁ ବିରୋଧ କରାଯିବାକୁ ଚେତାବନୀ ଦେଇଛନ୍ତି । ଓଡ଼ିଶାରେ ମଧ୍ୟ ଏହାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାଜ୍ୟର ସ୍ୱାୟତ୍ତତା ଓ ଆର୍ଥିକ ସ୍ୱାଧୀନତା ଉପରେ ଏହା ଆଘାତ ବୋଲି ମଧ୍ୟ ଅଭିହିତ କରିଛନ୍ତି ।

### ଓଡ଼ିଶାର ସ୍ୱାର୍ଥ...

ସାମାଜିକ କ୍ଷତିର ବହୁମୂଲ୍ୟ ଦେଇ ଆସୁଛନ୍ତି।

ବିଲ୍‌ରେ ଧାରା-୯ (ଡ଼ି)ର ବ୍ୟବସ୍ଥା ଅନୁସାରେ ଖଣିଜ ଅଧିକାର ଓ ଖଣିଜ ସମ୍ପଦ ଥିବା ଜମି ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା କର, ସେସ୍ କିମ୍ବା ଅନ୍ୟାନ୍ୟ ଲେଭି ଲଗାଇବାର କ୍ଷମତା ଉପରେ କେନ୍ଦ୍ରୀୟ ନିୟନ୍ତ୍ରଣ ବଢ଼ିପାରେ। ଏହା ଫଳରେ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଓ ରାଜସ୍ୱ ସଂଗ୍ରହର କ୍ଷମତା ସୀମିତ ହେବ। ଓଡ଼ିଶା ପରି ଖଣିଜ ସମୃଦ୍ଧ ରାଜ୍ୟ ପାଇଁ ଖଣିଜ ରାଜସ୍ୱ କେବଳ ସରକାରୀ ଆୟର ଏକ ସ୍ରୋତ ନୁହେଁ। ଖଣି ପ୍ରଭାବିତ ଅଞ୍ଚଳରେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପୁନର୍ବାସ, ଜୀବିକା ଓ ପରିବେଶ ପୁନରୁଦ୍ଧାର ଭଳି କାର୍ଯ୍ୟରେ ଏହି ରାଜସ୍ୱର ଗୁରୁତ୍ୱ ରହିଛି। ତେଣୁ ଏହି ଆର୍ଥିକ କ୍ଷେତ୍ରକୁ ସଙ୍କୁଚିତ କରାଗଲେ ଏହାର ସିଧାସଳଖ ପ୍ରଭାବ ରାଜ୍ୟର ବିକାଶ ଓ ଖଣି ଅଞ୍ଚଳର ଲୋକଙ୍କ ଉପରେ ପଡ଼ିବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି । ସେ ପୁଣି କହିଛନ୍ତି ଯେ ବିଲ୍‌ଟି ସଂଘୀୟ ବ୍ୟବସ୍ଥାକୁ ମଧ୍ୟ ଦୁର୍ବଳ କରିବାର ଆଶଙ୍କା ରହିଛି । ଖଣିଜ ସମ୍ପଦ ସମ୍ପର୍କିତ ରାଜ୍ୟଗୁଡ଼ିକର ଆର୍ଥିକ ଓ ସାମାଜିକ ପରିସ୍ଥିତି ଭିନ୍ନ। ଓଡ଼ିଶାର ଖଣି ଅଞ୍ଚଳରେ ଆଦିବାସୀ ସମୁଦାୟ, ସ୍ଥାନୀୟ ଜନସାଧାରଣ ଓ ପରିବେଶୀୟ ସମସ୍ୟା ସହ ଜଡ଼ିତ ଅନେକ ସ୍ୱତନ୍ତ୍ର ପ୍ରସଙ୍ଗ ରହିଛି। ଏପରି ସ୍ଥିତିରେ ଗୋଟିଏ ସମାନ କେନ୍ଦ୍ରୀୟ ନୀତି ଦ୍ୱାରା ସବୁ ରାଜ୍ୟର ସମସ୍ୟା ସମାଧାନ କରିବା ବାସ୍ତବସମ୍ମତ ନୁହେଁ । ନିବେଶ ବୃଦ୍ଧି ଓ ଇଜ୍ ଅଫ୍ ଡୁଇଂ ବିଜିନେସନ ନାମରେ ଖଣି କ୍ଷେତ୍ରର ସଂସ୍କାରକୁ ଆମେ ବିରୋଧ କରୁନାହୁଁ । ମାତ୍ର କୌଣସି ମୂଲ୍ୟରେ ରାଜ୍ୟର ନ୍ୟାୟସଙ୍ଗତ ରାଜସ୍ୱ ଅଧିକାର କିମ୍ବା ଖଣି ପ୍ରଭାବିତ ଲୋକଙ୍କ ସ୍ୱାର୍ଥ ସହ ସାଲିସ କରାଯାଇ ପାରିବ ନାହିଁ।

ଖଣି ଉତ୍ତୋଳନ ଓ ଶିଳ୍ପ ବିକାଶକୁ ଓଡ଼ିଶା ସମର୍ଥନ କରିଆସିଛି; କିନ୍ତୁ ଖଣିଜ ସମ୍ପଦରୁ ଖଣିଜ ସମୃଦ୍ଧ ରାଜ୍ୟ ଓ ସ୍ଥାନୀୟ ଲୋକଙ୍କୁ ନ୍ୟାୟସଙ୍ଗତ ଏବଂ ଦୀର୍ଘସ୍ଥାୟୀ ଲାଭ ମିଳିବା ଆବଶ୍ୟକ। ତେଣୁ ବିଲ୍‌ଟିକୁ ତରବରିଆ ଭାବେ ପାସ୍ ନ କରି ରାଜ୍ୟଗୁଡ଼ିକ ସହ ବ୍ୟାପକ ପରାମର୍ଶ ଓ ସାମ୍ବିଧାନିକ ଯାଞ୍ଚ ପାଇଁ ସିଲେକ୍ଟ କମିଟିକୁ ପଠାଯିବା ଉଚିତ୍ ହେବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି ।

### ପାକ୍ସ ଓ ଲ୍ୟାମ୍ପସ୍‌ରେ...

ପାଇଁ ଗତ ୬ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିବାବେଳେ 'ଏଗ୍ରିଷ୍ଟାକ୍' ନ ହେଲେ ଧାନ କିଣାବିକା ପାଇଁ ଟୋକନ ମିଳିବନି ଘୋଷଣାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ମୌଖିକ ଭାବେ ଚଳିତ ଖରିଫ୍ ଧାନ କିଣାବିକାରେ ଏହା ଲାଗୁ ହେବନାହିଁ ବୋଲି ସମବାୟ ମନ୍ତ୍ରୀ ମତବ୍ୟକ୍ତ କରୁଥିବାବେଳେ ରାଜସ୍ୱ ମନ୍ତ୍ରୀ ଏହି 'ଏଗ୍ରିଷ୍ଟାକ୍' ପ୍ରକ୍ରିୟା ଜାରି ରହିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ, ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଆସନ୍ତା ୩୧ ତାରିଖରେ ଶେଷ ହେଉଥିବାବେଳେ ଜିଲ୍ଲାର ୬୦ ହଜାର ଚାଷୀଙ୍କ ମଧ୍ୟରୁ ମାତ୍ର ୮ରୁ ୧୦ ପ୍ରତିଶତ ଆଜିପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିଛନ୍ତି। ସରକାରଙ୍କ 'ଏଗ୍ରିଷ୍ଟାକ୍' ନମ୍ବର ପଞ୍ଜୀକରଣ ସକାଶେ ନିଜସ୍ୱ ପଟ୍ଟା ଓ ଅନ୍ୟ ସମସ୍ୟା ଥିବାରୁ ଚଳିତବର୍ଷ ସମ୍ବଲପୁର ଜିଲ୍ଲାର ପ୍ରାୟ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷୀଟୋକନ ପାଇବାରୁ ବଞ୍ଚିତ ହେବେ ବୋଲି ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର ଆଶଙ୍କା ପ୍ରକାଶ କରିଛନ୍ତି।

ଆଜି ଆନ୍ଦୋଳନରେ ଜିଲ୍ଲାର ସମସ୍ତ ଉପଖଣ୍ଡ - ସଦର, କୁଚିଣ୍ଡା ଓ ରେଢ଼ାଖୋଲର ପ୍ରତିଟି ସମବାୟ ସମିତି ଅଧୀନ ଅଞ୍ଚଳର ଚାଷୀ ସାମିଲ ହୋଇଥିଲେ। ସମ୍ବଲପୁର ଜିଲ୍ଲାର ସମସ୍ତ ୫୪ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) / ବୃହଦ୍‌କାୟ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍)ରେ ଚାଷୀମାନେ ପିକେଟିଂ କରି ତାଲା ମାରି ଦେଇଥିଲେ। ଚାଷୀମାନଙ୍କ ମୁଖ୍ୟ ଦାବିଗୁଡ଼ିକ ହେଲା-ଧାନ କିଣାବିକାରୁ 'ଏଗ୍ରିଷ୍ଟାକ୍' ନମ୍ବରକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଉ, ଭାଗଚାଷୀଙ୍କ ପଞ୍ଜୀକରଣ ସମୟରେ ଜମି ମାଲିକଙ୍କ ଆଇରିସ୍ ସ୍କାନିଂ ବାଧ୍ୟତାମୂଳକ ନ କରାଯାଉ ଏବଂ ପଞ୍ଜୀକରଣ କରାଯାଇଥିବା ସମସ୍ତ ଧାନ ରାଜ୍ୟସରକାର କ୍ରୟ କରନ୍ତୁ। ସରକାର ଏହି ପ୍ରସଙ୍ଗରେ ଲିଖିତ ପ୍ରତିଶ୍ରୁତି ନ ଦେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ଦାବି ଗୁଡ଼ିକ ନେଇ, ସାଂକେତିକ ଭାବେ, ଆଜି ସମବାୟ ସମିତି ଗୁଡ଼ିକୁ ଗୋଟିଏ ଦିନପାଇଁ ତାଲାବନ୍ଦ କରାଯାଇଥିଲା। ଆସନ୍ତା ୧୬ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସେହିଦିନ ସମ୍ବଲପୁରର ଖଲିଆପାଲି ମାର୍କେଟ୍‌ୟାର୍ଡ଼ଠାରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି ପୂର୍ବବର୍ଷ ଗୁଡ଼ିକ ଭଳି ପି-ପାସ୍‌ରେ ଯଦି ଖରିଫ୍ ଧାନସଂଗ୍ରହ ପଞ୍ଜୀକରଣ କରାଯିବ ଏବଂ 'ଏଗ୍ରିଷ୍ଟାକ୍' ନମ୍ବରକୁ ଧାନ କିଣାବିକାରେ ଯଦି ଯୋଡ଼ା ନ ଯିବ ତେବେ, ଚାଷୀ ସଙ୍ଗଠନ ଆସନ୍ତା ୧୬ ତାରିଖ ବୈଠକରେ ଏହା ଉପରେ ବିଚାର ବିମର୍ଷ କରି ନିଷ୍ପତ୍ତି ନେବ। ଅନ୍ୟଥା, ଯଦି ପୂର୍ବବତ୍ 'ଏଗ୍ରିଷ୍ଟାକ୍' କାର୍ଯ୍ୟ ଜାରି ରହେ ତେବେ ସମ୍ବଲପୁର ଜିଲ୍ଲାରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

### ଧୋଇଗଲା ମୌସୁମୀ...

ନାରାବାଜି କରି ହଙ୍ଗାମା କରିଥିଲେ। ଛାତ୍ର ଆନ୍ଦୋଳନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମେତ ସମଗ୍ର ବିରୋଧୀ ଦଳ ସ୍ଲୋଗାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ବନ୍ଦେ ମାତରମ ଗାନ କରଯାଇଥିଲା। ଏହି ସମୟରେ ଗୃହ ତିନି ମିନିଟ ଦଶ ସେକଣ୍ଡ ପାଇଁ ନିରବ ରହିଥିଲା। ଏହାପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ। ରାଜ୍ୟସଭାରେ ମଧ୍ୟ କିଛି ସମୟ ପାଇଁ ହଟ୍ଟଗୋଳ ହୋଇଥିଲା। ତେବେ ଖଣି ଓ ଖଣିଜ ବିଲ୍ ପାସ୍ ହେବାପରେ ଗୃହକୁ ଅଧ୍ୟକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ। ଫଳରେ ଗତମାସ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନର ୧୯ଟି ବୈଠକ ହୋଇଥିଲେ ମଧ୍ୟ ହଟ୍ଟଗୋଳ ଯୋଗୁଁ ଚାଲିପାରିନଥିଲା।

ଏହି ଅଧିବେଶନରେ ପ୍ରଶ୍ନପତ୍ର ଲିକ୍ ନିରୋଧୀ ଆଇନକୁ ଛାଡ଼ିଦେଲେ ଅନ୍ୟ କୌଣସି ବିଲ୍ ଉପରେ ବିସ୍ତୃତ ଆଲୋଚନା ହୋଇପାରିନାହିଁ। ପ୍ରଶ୍ନପତ୍ର ଲିକ୍ ଆଇନ ଉପରେ ପ୍ରାୟ ୧୧ ଘଣ୍ଟା ଆଲୋଚନା ହୋଇଥିବା ବେଳେ, ଅନ୍ୟ ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ମାତ୍ର କେଇ ମିନିଟ୍ ମଧ୍ୟରେ ଗୃହର ହଟ୍ଟଗୋଳ ଭିତରେ ବାଚନିକ ଭୋଟ ।।ରେ ପାରିତ ହୋଇଛି। ସଂସଦ ଭବନ ପରିସରରେ ମଧ୍ୟ ବିଜେପି ଓ କଂଗ୍ରେସ ପରସ୍ପର ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିବା ସହ ଅଧିବେଶନର ଅନ୍ତ ଘଟାଇଛନ୍ତି।

**ମାତ୍ର କେତେ ମିନିଟ୍‌ରେ ପାରିତ ବିଲ୍‌ଗୁଡ଼ିକ ହେଲା-**

- ଜାତୀୟ ସମ୍ମାନ ଅପମାନ ନିରୋଧୀ (ସଂଶୋଧନ) ବିଲ୍: ୧୪ ମିନିଟ୍
- ଟ୍ରିବ୍ୟୁନାଲ୍ ସଂସ୍କାର ବିଲ୍: ୧୨ ମିନିଟ୍
- ଜାତୀୟ ସମବାୟ ବିକାଶ ନିଗମ (ସଂଶୋଧନ) ବିଲ୍: ୧୦ ମିନିଟ୍
- ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍: ୫ ମିନିଟ୍
- ବ୍ୟାଙ୍କର୍ସ ବୁକ୍ସ ପ୍ରମାଣ ବିଲ୍: ୫ ମିନିଟ୍
- ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍: ୪ ମିନିଟ୍
- ଉଚ୍ଚତମ ନ୍ୟାୟାଳୟ (ବିଚାରପତି ସଂଖ୍ୟା) ସଂଶୋଧନ ବିଲ୍: ୪ ମିନିଟ୍
- କେରଳ (ନାମ ପରିବର୍ତ୍ତନ) ବିଲ୍: ୪ ମିନିଟ୍
- କ୍ଷୁଦ୍ର, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍: ୩ ମିନିଟ୍
- କରପାତ ଓ ଅନ୍ୟାନ୍ୟ ନିୟମ (ସଂଶୋଧନ) ବିଲ୍: ୩ ମିନିଟ୍

### ଡିଜିପି ନିଯୁକ୍ତିରେ...

ଏକମାତ୍ର ବିକଳ୍ପ ହୋଇପାରେ ବୋଲି କୁହାଯାଉଛି। ପୂର୍ବରୁ ସୁପ୍ରିମକୋର୍ଟ ଅନେକ ରାଜ୍ୟରେ କାର୍ଯ୍ୟକାରୀ ଡିଜିପି ନିଯୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ୮ଟି ରାଜ୍ୟକୁ ଅବମାନନା ନୋଟିସ ମଧ୍ୟ ଜାରି କରିଥିଲେ। ଓଡ଼ିଶା ମଧ୍ୟ ସେହି ତାଲିକାରେ ଥିଲା, କିନ୍ତୁ ପରେ ଖୁରାନିଆଙ୍କୁ ସ୍ଥାୟୀ ଡିଜିପି ଭାବେ ନିଯୁକ୍ତି ଦେଇ ରାଜ୍ୟ ସରକାର ସେ ବିବାଦରୁ ମୁକୁଳିଥିଲେ। ଏବେ ପୁନର୍ବାର ଅନୁରୂପ ସ୍ଥିତି ଉପୁଜିଛି। ଏହି ପରିପ୍ରେକ୍ଷୀରେ ସରକାର ସମ୍ଭବତଃ ଜଣେ କାମଚଲା ଡ଼ିଜି ନିଯୁକ୍ତି ଦେଇ ପାରନ୍ତି । ବରିଷ୍ଠ ଆଇପିଏସ୍ ତଥା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ନାମ କାମଚଲା ଡ଼ିଜି ପାଇଁ ଚର୍ଚ୍ଚାର ପରିଧିରେ ରହିଛି । ଏହି ପରିପ୍ରେକ୍ଷୀରେ ଅଗଷ୍ଟ ୧୮ ତାରିଖର ଶୁଣାଣି ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେଦିନ ଆମିକସ୍ କ୍ୟୁରୀଙ୍କ ଚୂଡ଼ାନ୍ତ ରିପୋର୍ଟ ଏବଂ ରାଜ୍ୟ ସରକାରଙ୍କ ପକ୍ଷ ଶୁଣିବା ପରେ ସୁପ୍ରିମକୋର୍ଟ ଏହି ମାମଲାରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇପାରନ୍ତି ବୋଲି କୁହାଯାଉଛି ।

### ପଛ ଦ୍ୱାରରେ...

ଆଲୋଚନା ଅନୁଯାୟୀ ଏକ ପ୍ରଭାବଶାଳୀ ଗୋଷ୍ଠୀ ନିଜ କୋଟେରୀର ବ୍ୟକ୍ତିବିଶେଷଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥଇଥାନ କରିବାକୁ ଜୋରସୋରରେ ଲାଗି ପଡ଼ିଛନ୍ତି। ଏଥିପାଇଁ ଆବେଦନ ପାଇଁ ସମୟସୀମା ଶେଷ ହୋଇଯାଇଥିବାରୁ ଏହାକୁ ଆଉ ୭ ଦିନ ବୃଦ୍ଧି କରାଯାଇଛି।

ଅତଏବ ଏହି ୭ ଦିନ ମଧ୍ୟରେ ଯିଏ ଆବେଦନ କରିଥିବେ, ସେମାନଙ୍କ ମଧ୍ୟରୁ ଜଣେ ଓଇଆରସି ଅଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ ବୋଲି ଆଲୋଚନା ହେଉଛି। ଅପରପକ୍ଷେ ଯିଏବି ଅଧ୍ୟକ୍ଷ ହୁଅନ୍ତୁ ପଛେ, ଶକ୍ତି ତଥା ଏ ସମ୍ବନ୍ଧିତ କ୍ଷେତ୍ରରେ ତାଙ୍କର ଲମ୍ବା ଅନୁଭବ ରହିବା ଆବଶ୍ୟକ। ଏପରି ହେଲେ ରାଜ୍ୟର ଶକ୍ତି ଚାହିଦା ତଥା ସ୍ୱାର୍ଥ ପୂର୍ତ୍ତି ସହଜରେ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ତେଣୁ ନିଜେ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବାକୁ ସାଧାରଣରେ ଦାବି ହେଉଛି।

## ଜଟଣୀ ଓକିଲ ସଂଘ ନିର୍ବାଚନ ଅନିୟମିତତା; ୨ ଆଇନଜୀବୀଙ୍କୁ ନିଲମ୍ବିତ

କଟକ,୧୩।୮(ସମିସ): ଜଟଣୀ ଓକିଲ ସଂଘ ନିର୍ବାଚନ କରାଇ ନଦେବା ସହ ଆଇନଜୀବୀ ପରିଷଦର ନିୟମ ଉଲ୍ଲଙ୍ଘନ ଓ ଶୃଙ୍ଖଳାଗତ ଅବମାନନା ଅଭିଯୋଗରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଓକିଲ ସଂଘର ଦୁଇ ଜଣ ଆଇନଜୀବୀଙ୍କୁ ଓକିଲାତି ପେସାରୁ ନିଲମ୍ବନ କରାଯାଇଛି। ଏଥିସହିତ ସେମାନଙ୍କୁ ପୁନର୍ବାର କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ନିଲମ୍ବିତ ଆଇନଜୀବୀଦ୍ୱୟ ହେଲେ ପଦ୍ମଚରଣ ପ୍ରଧାନ ଓ ନିହାର ରଞ୍ଜନ ସୁନ୍ଦରରାୟ। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି। ଜଟଣୀ ଓକିଲ ସଂଘର ଚଳିତ ବର୍ଷ ନିର୍ବାଚନ ପରିଚାଳନା ପାଇଁ ଆଇନଜୀବୀ ନିହାର ରଞ୍ଜନ ସୁନ୍ଦରରାୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ମାତ୍ର ସେ ଜାଣିଶୁଣି ନିର୍ବାଚନ କରାଇ ନଥିଲେ। ପରବର୍ତ୍ତୀ ସମୟରେ ଆଇନଜୀବୀ ପଦ୍ମଚରଣ ପ୍ରଧାନ ନିଜକୁ ନିଜେ ଉକ୍ତ ବାର୍ ଆସୋସିଏସନ୍ ସଭାପତି ଭାବେ ଘୋଷଣା କରି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏହି ଘଟଣାକୁ ନେଇ କେତେକ ଆଇନଜୀବୀଙ୍କଠାରୁ ଅଭିଯୋଗ ପାଇବା ପରେ, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ଗତ ଅଗଷ୍ଟ ୧ ତାରିଖରେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ସେମାନଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତର ସନ୍ତୋଷଜନକ ନ ଥିଲା ଏବଂ ତାହା ଉଦ୍ଦେଶ୍ୟପ୍ରଣୋଦିତ ତଥା ଆଚାରସଂହିତାର ଖୋଲାଖୋଲି ଉଲ୍ଲଙ୍ଘନ ବୋଲି ଆଇନଜୀବୀ ପରିଷଦ ଦର୍ଶାଇଛି। ଏହାକୁ ଗମ୍ଭୀରତାର ସହ ନେଇ ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସେମାନଙ୍କୁ ସମ୍ପ୍ରତି ପେସାରୁ ନିଲମ୍ବିତ କରିବା ସହ ପୁନର୍ବାର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।


**VEHICLE FOR SALE**

MARUTI ERTIGA SMART HYBRID LXI Regn No. OD-02-CX-7545 in as is where is condition. Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689, within 7 days.

**VEHICLE FOR SALE**

MARUTI DZIRE CAR 2023 Regn No. OD-33-AH-6469 in as is where is condition. Contact: M/S Sundaram Finance Limited, PARADIP BRANCH, Ph:0672-2295252, within 7 days

**FOR SALE**

1 Number of MARUTI ALTO K10 VXI CAR, Registration No.- OD-22-CU-6010, Model- 2024, ENGINE NO – K10CN1263398, CHASSIS NO - MA3SFM61S RD283330, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At-Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO- 06784-250703


25001/924/2627 E-Mail ID: eerw_blgr@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**
**e Procurement Notice**
**IFB IDENTIFICATION NO. EEBLGR-Online-04-2026-27**

| | | | |
|---|---|---|---|
| 1. | Name of work | : | Building Works |
| 2. | Total no of works | : | 17 (Seventeen) nos |
| 3. | Approximate Estimated Cost | : | Rs. 2.52 to 6.72 Lakh |
| 4. | Time for completion | : | 2 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | : | As per TCN No. EEBLGR-Online-04/2026-27 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 6 | 7 |
| Executive Engineer, R.W. Division, Bolangir | EEBLGR-online-04/2026-27 | 20.08.2026 at 11.00 A.M | 10.09.2026 upto 5.00PM | 09.09.2026 upto 1.00PM | 11.09.2026 at 11.00A.M |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

OIPR-25001/25068/1/26-27/2007

Executive Engineer
R.W. Division, Bolangir.

25001/916/2627 e-mail : rwdmohana@gmail.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISON, MOHANA**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 09/MOHANA/2026-27**

1. Name of the work : Road work
2. Total No. Work : 01 (One) Nos
3. Estimated Cost : Rs 83.05 lakhs
4. Class of Contractor : As per annexure
5. Period of Completion : As per annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division, Mohana | Online Tender 09/MOHANA /2026-27 | 01 (One) No. of Road work | 17.08.2026 from 10.00 AM | 24.08.2026 upto 5.00 PM | 21.08.2026 upto 5.00 PM | 25.08.2026 at 11.00 AM | Will be Intimated later |

OIPR-25001/25148/1/26-27/0012

Executive Engineer
R.W. Division, Mohana


**DHAMNAGAR COLLEGE**
**DHAMNAGAR, BHADRAK, ODISHA-756117**
**Website: dhamnagarcollege.org.in**
**Ref. No. 310 / 2026 Date: 12.08.2026**

Applications are invited from eligible retired Guest Lecturers in the subjects of English, History, Chemistry, Logic & Philosophy, and Urdu, who are below 69 years of age and possess the requisite qualifications for the respective subjects. Interested and eligible candidates may apply online through the provided links in the HIMS Portal (https://hims.odisha.gov.in) within 15 days from 16.08.2026 to 30.08.2026. The remuneration for the above posts shall be as per the Notification of the Department of Higher Education (DHE), Odisha.

**Sd/- Principal-cum-Secretary**
**Dhamnagar College, Dhamnagar**


13001/1530/2627

**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR,**
Near Rajiv Bhawan, Unit-V, Bhubaneswar-751001, Odisha, India
Telefax: - +91-674-2390322 E-mail – gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB)**
**Dtd.13.08.2026**

| | | | |
|---|---|---|---|
| 01 | Nos of the work | : | 03 Nos (Three nos works) |
| 02 | Estimate cost | : | Rs.59.30 Lakhs to 99.84 Lakhs |
| 03 | Period of completion | : | 02 (Two) Years |
| 04 | Class of contractor | : | B Class |
| 05 | Date & Time of availability of bid document In the portal | : | From 11.00 AM of Dt.17.08.26 to 5.00 PM of 31.08.2026 |
| 06 | Last date / time of receipt of bids in the portal | : | 5.00 PM of 31.08.2026 |
| 07 | Last date & time of seeking clarification | : | 5.00 PM of 21.08.2026 |
| 08 | Date & Time of opening of bids | : | At 12.30 PM of 01.09.2026 |
| 09 | Name and Address of the Officer Inviting Bid | : | General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

OIPR-13001/13089/1/26-27/0007

GENERAL MANAGER (SEPH),
WATCO DIVISION-II, BHUBANESWAR

19001/188/2627

**GOVERNMENT OF ODISHA**
**DEPARTMENT OF PANCHAYATIRAJ & DRINKING WATER**
**Office of the Block Development Officer, Panchayat Samiti Boden, Nuapada-766111**
**e - Procurement Notice No. (PSBDN) 02/2026-27**
**e-mail address: ori-boden@nic.in**

No. 2437 **PERCENTAGE RATE TENDER** Date 06.08.2026

The Block Development Officer, Panchayat Samiti Boden, Dist-Nuapada, Pin-766111, Odisha on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM,** in electronic tendering system for the construction work detailed in the table below, which are eventually to be draw on P1 agreement.

| Package No | Notice ID No. (PSBDN) 02/2026-27 |
|---|---|
| Nature of Work | i-2 Nos of Crematorium.<br>ii-8 Nos of building. |
| Approximate value of work | i. Construction of Crematorium in self located cluster village Bandhpada Gp Karlakote-Rs 9.62 lakh(Excluding GST).<br>ii. Construction of crematorium in self located cluster village Kanakpur Gp karlakote-Rs 9.85 lakh(Excluding GST).<br>iii. Construction of Panchayat samiti conference Hall Building-Rs 16.21 lakh(Excluding GST).<br>iv. Construction of Addl. Class room at Upper primary school litisargi Under Litisargi GP Rs 10.08 lakh(Excluding GST)<br>v. Construction of AEE Quarter-RS-11.76 lakh(Excluding GST)<br>vi. Construction of Addl. Class Room at Govt PS Bandhapada,Karlakot GP-Rs 14.95 lakh(Excluding GST)<br>vii. Construction of Addl. Class Room at Govt PS Bhoipada,Litisargi GP Rs 14.95 (Excluding GST)<br>viii. Construction of Addl. Class Room at Boden SSD High School unit 1,Boden GP Rs -14.94 (Excluding GST)<br>ix. Construction of Library-cum-Reading Room at Boden,Boden GP,Rs-13.08(Excluding GST)<br>x. Construction of Addl. Class Room at Boden SSD High School unit 2,Boden GP Rs-14.94(Excluding GST) |
| Period of Completion | 06 (Six) Calendar Months |
| Classification of Bidder | "D" & "C" Class only |
| Bid documents available Date and Time. | 07.08.2026 10.00 AM to 20.08.2026 up to 5.30 P.M |
| Bid clarification start date & Closing date. | 07.08.2026 10.00 AM to 20.08.2026 up to 5.30 P.M |
| Date, Time and Venue of opening of bid online. | 21.08.2026 at 11.00 AM at office of the Block Development Officer, Panchayat Samiti Boden, Dist-Nuapada |
| If stipulation arises the Tender will be decided through Lottery System. | 28.08.2026 at 03.00 P.M After evaluation at office of the Block Development Officer, Panchayat Samiti Boden, Dist-Nuapada |

Further details can be seen any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

OIPR-19001/19525/1/26-27/0001

Block Development Officer
Boden

**AFFIDAVIT**

I, Swati Biswal, aged about 39 years, W/o- Ghanashyam Biswal, Resident of AT/PO-Sindurpan k, PS-Sadar, Dist-Sambalpur, PIN-768005, ODISHA, declared by this Affidavit No. 437/2026, Dated 10.08.2026, That now onwards I shall Be Known as **JOLLEY BISWAL** for all future Purposes.

**AFFIDAVIT**

I, RABINDRA SETHI, age about 54 years, S/o- Bhikari Sethi, At/Po- Resident of AT/PO-Ward No-9, Tala Sahi, Near Budhi Maa Mandir, Dhabalei Maa Mandir, Dhabalei, Lenkudipada, Nayagarh-752070, ODISHA, declared by this Affidavit No. 935, Dated 13.08.2026, That now onwards I shall Be Known as **RABINDRA KUMAR SETHI** for all future Purposes.

**AFFIDAVIT**

I, Sheikh Rahul Amin, aged about 65 years, S/o- Belal Sheikh, Resident of Chadeibhol, PO-Ghosada, PS-Karanjia, Dist-Mayurbhanj, PIN-757037, ODISHA, declared by this Affidavit, No. 3579, Dtd. 07.08.2026, That now onwards I shall Be Known as **SHAIKH RUHUL AMIN** for all future Purposes.

**AFFIDAVIT**

By virtue of an affidavit before the Executive Magistrate, Tangi, Khordha, No 1653, dtd:11.08.2026, **I, SUNITA DASH,** W/o.: ANANDA CHANDRA DASH, resident of Vill- Bhatasahi, Dia, P.O./P.S.– Nirakarpur, Dist- Khordha, hereby declare that I have changed my name from **SUNITA DASH to BASANTI DASH.** Henceforth, I shall be known as **BASANTI DASH** for all purposes.

**Sd/- BASANTI DASH**

**AFFIDAVIT**

By virtue of an affidavit (Sl No.03, dtd-12/08/2026) sworn before the Executive Magistrate, Sohela, Bargarh. I, Keshaba Sahu, S/o- Suryabali Sahu, Permanent & current resident of At: Mangalpali , PO- Rengali, PS: Sohela, Dist: Bargarh, Pin-768033, Odisha declare that I have changed my minor son's name from Mukshyajit Sahu (old name) to Meyar Sahu (new name). Henceforth, he shall be known as **Meyar Sahu** (new name) for all purpose.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 06/08/2026 I, Tuni Sanseth, Address At- Srirampur, Po-Srirampur, Ps- Kotagarh, Dist-Kandhamal, Odisha, Pin-762105, declare that I have changed my name from Kinu Sanaset to Tuni Sanseth. Henceforth, I shall be known as **TUNI SANSETH.**

**Tuni Sanseth**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 13/08/2026. I, **Baishnaba Rana** (new name), S/o Bhima Rana, permanent & current resident of AT: Dumerpada, PO: Muribahal, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Bastam Rana** (old name) to **Baishnaba Rana** (new name). Henceforth, I shall be known as **Baishnaba Rana** (new name) for all future purposes.

**Baishnaba Rana**

**AFFIDAVIT**

By Virtue of an affidavit sworn before Executive Magistrate Kanas. No-3244, dated 10/08/2026 I, Smt. Suryakanti Jena W/O- Dhaneswar Jena resident of At- Paikamara, Po-Kalapadar, Ps- Gadisagoda, Block- Kanas, Dist- Puri, Odisha, Pin- 752017 declare that I have changed the name of my Son from **Rudraskhay Jena** to **Rudrakshya Jena**. Henceforth, He shall be known as **RUDRAKSHYA JENA** for all purpose.

**Suryakanti Jena**

**AFFIDAVIT**

By virtue of an affidavit (CF No. 840, dtd- 11/08/2026) sworn before The Executive Magistrate, Jamankira, Sambalpur. I, **Rukmani Kerketta,** W/o- Bhima Kerketa, resident of Vill: Sanbhaluchuan, PO: Katangapani, PS: Jamankira, Dist: Sambalpur, Odisha declare that I have changed my name from **Rupan Kerketa** to **Rukmani Kerketta** in my SBI Saving Account, vide **Account No. 35122902070** under SBI Jamankira Branch. Henceforth, I shall be known as **Rukmani Kerketta,** W/o- **Bhima Kerketa** for all official and non-official purposes.

**Rukmani Kerketta**

# ଯୁବକଙ୍କ ଆତ୍ମହତ୍ୟା

ପାରାଦୀପ,୧୩।୮ (ସମିସ) : ପାରାଦୀପ ଲକଥାନା ଅଧୀନ ବାଲଦିଆ ଗାଁରେ ମନୋଜ ପ୍ରଧାନଙ୍କ ପୁଅ ରାକେଶ ରୋସନ ପ୍ରଧାନ (୨୫) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି। ଆତ୍ମହତ୍ୟାର ସଠିକ କାରଣ ଜଣାପଡ଼ି ନଥିଲେ ମଧ୍ୟ ମାନସିକ ଦୁଶ୍ଚିନ୍ତାରୁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପାରିପାର୍ଶ୍ୱିକ ଅବସ୍ଥାରୁ ପୁଲିସ ଜାଣିବାକୁ ପାଇଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ପୁଲିସ ସୂଚନା ଦେଇଛି। ଗତକାଲି ରାତିରେ ରାକେଶ ଘରୁ ଆସି ଗାଁ ଭିତରେ ଥିବା ହନୁମାନ ମନ୍ଦିର ନିକଟରେ ଏକ ଗଛ ରେ ବେକରେ ରସି ଲଗାଇ ଓହଳି ପଡିଥିଲା।ସକାଳୁ ଗାଁରେ ଲୋକେ ଯୁବକଙ୍କ ଶବ ଝୁଲୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ।ପରିବାର ଲୋକେ ଏ ସମ୍ପର୍କରେ ପୁଲିସ କୁ ଜଣାଇବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ କୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଯନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଠିକାଦାର ପକାଇଛନ୍ତି ୪୦ ପ୍ରତିଶତ କମରେ ଟେଣ୍ଡର

# ନିମ୍ନମାନର କାମ ପାଇଁ ବାଟ ପରିଷ୍କାର

ରାଜନଗର,୧୩।୮ (ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାଜନଗର ସବଡିଭିଜନର ବିଭିନ୍ନ ରାସ୍ତା ପାଇଁ ଟେଣ୍ଡର ହୋଇଛି। ଚଳିତ ବର୍ଷ ଜୁଲାଇ ୨ ତାରିଖରେ ଟେଣ୍ଡର ପକାଇବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହି ମାସ ୧୪ ତାରିଖ ଟେଣ୍ଡର ପକାଇବାର ଶେଷ ଦିନ ଥିଲା। ପରଦିନ ଟେଣ୍ଡର ଖୋଲାଯାଇଥିଲା। ସବୁଠାରୁ ବଡ଼କଥା ହେଲା, ଠିକାଦାର ୨୧ ପ୍ରତିଶତରୁ ୩୯ ପ୍ରତିଶତ ଯାଏଁ ଅଟକଳ ମୂଲ୍ୟଠାରୁ କମରେ ଟେଣ୍ଡର ପକାଇଥିବା ଜଣାପଡିଛି। ଗୋଟିଏ ପଟେ ରାଉରକେଲା ଠିକାଦାର ସଂଘ ଦାବି କରୁଛି ଯେ, ଅଟକଳ ମୂଲ୍ୟର ଶୂନ୍ୟ ପ୍ରତିଶତ କମରେ କାମ ନ ନେଲେ ନିଶ୍ଚୟ ନିମ୍ନମାନର କାମ ହେବ ବୋଲି କହୁଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗରେ କିପରି ୨୦ରୁ ୪୦ ପ୍ରତିଶତ କମରେ କାମ ନେଇ କରିବେ, ତାହା ହିଁ ଆଶ୍ଚର୍ଯ୍ୟର ବିଷୟ।

ରାଜନଗର ଗ୍ରାମ୍ୟ ଉନ୍ନୟନ ସବଡିଭିଜନର ତିଅରଠାରୁ ନାଉକଣା ରାସ୍ତାରେ ୩୯ ପ୍ରତିଶତ, କୁରୁଣ୍ଟିଠାରୁ ବାସୁଳେଇ ରାସ୍ତାରେ ୩୭. ୯୯ ପ୍ରତିଶତ, ଡେରାଠାରୁ ପେଣ୍ଠ ରାସ୍ତାରେ ୩୫.୫ ପ୍ରତିଶତ, ଅଜଗର ପାଟିଆରୁ ଶୈଳେନ୍ଦ୍ରନାରାୟଣପୁର ରାସ୍ତାରେ ୩୫. ୫ ପ୍ରତିଶତ, ହଁସିଣାଠାରୁ ଚକମନପୁର ରାସ୍ତା ୩୫. ୫ ପ୍ରତିଶତ, ଗୋପାଳପୁରଠାରୁ ବନବିହାରୀପୁର ରାସ୍ତା ୨୧ ପ୍ରତିଶତ ଓ ହରିହରପୁରଠାରୁ ବନବିହାରିପୁର ରାସ୍ତାରେ ୩୪ ପ୍ରତିଶତ କମରେ କାମ ପାଇଁ ଟେଣ୍ଡର ପଡ଼ିଥିବା ଜଣାପଡିଛି। ଏତେ କମ ମୂଲ୍ୟରେ କାମ କଲେ ନିଶ୍ଚିତ ନିମ୍ନମାନର କାମ ହେବ ବୋଲି ଜଣେ ଠିକାଦାର ନାମ ଗୋପନ ସୂତ୍ରରେ ପ୍ରକାଶ କରିଛନ୍ତି। ଯନ୍ତ୍ରୀମାନଙ୍କ ଛତ୍ରଛାୟା ତଳେ ରହି ଠିକାଦାର ଟେଣ୍ଡର ପାଇବା ପାଇଁ ଅଧିକ ପ୍ରତିଶତ କମରେ କାମ ନେଇ ନାମକୁ ମାତ୍ର ର ୦ କାମ କରି ଦାୟିତ୍ୱ ଶେଷ କରିବା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି। ଯାହାକି ରାଜନଗର ଗ୍ରାମ୍ୟ ଉନ୍ନୟନ ସବଡିଭିଜନର ରାସ୍ତାରେ ଦେଖିବାକୁ ମିଳିଛି। ଏହି ସବଡିଭିଜନର ରାସ୍ତା ନିର୍ମାଣ ସମୟରେ ନିମ୍ନମାନର ହୋଇଥିବାରୁ କୌଣସି ଗୋଟିଏ ରାସ୍ତାର ଅବସ୍ଥା ଭଲନାହିଁ। ଖାଲଖମାରେ ପରିପୂର୍ଣ୍ଣ ରାସ୍ତା, ସାମାନ୍ୟ ବର୍ଷାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିବା ଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଗତ ୩ ବର୍ଷ ମଧ୍ୟରେ ହୋଇଥିବା ସମସ୍ତ ରାସ୍ତାର ଭିଜିଲାନ୍ସ ତଦନ୍ତ କରାଗଲେ, ଏହାର ସତ୍ୟତା ଜଣାପଡିବ। ଅପରପକ୍ଷରେ ୨୦୨୬-୨୭ ବର୍ଷ ପାଇଁ ହୋଇଥିବା ଉପରୋକ୍ତ ରାସ୍ତା ଟେଣ୍ଡରରେ ଅଧିକ ପ୍ରତିଶତ କମରେ କାମ ନେଉଥିବା ଠିକାଦାର କିପରି ସଠିକ ମାନର କାର୍ଯ୍ୟ କରିବେ, ତାହାହିଁ ବିଚାର୍ଯ୍ୟର ବିଷୟ। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ ଜିଲ୍ଲାପାଳ ଘଟଣାର ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ପାଟକୁରା ଉଚ୍ଚବିଦ୍ୟାଳୟ ପରିଦର୍ଶନ କଲେ ତେଜେଶ୍ୱର



ଗରଦପୁର,୧୩।୮ (ସମିସ): ଲଘୁଚାପ ବର୍ଷା ଯୋଗୁଁ ବିଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ହେବ ପାଟକୁରା ଉଚ୍ଚ ବିଦ୍ୟାଳୟ ପରିସର ସହ ଖେଳ ପଡ଼ିଆରେ ଏବେବି ବର୍ଷା ଜଳ ଜମି ରହିଛି। ଏହି ସମସ୍ୟା ସମାଧାନ ପାଇଁ ଗରଦପୁର ବିଡିଓଙ୍କ ସମେତ ଜଳନିକାଶ ବିଭାଗ ପଦକ୍ଷେପ ନେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ପାଟକୁରା ବିଜେପି ନେତା ତଥା ରାଜ୍ୟ ବିଜେପି ପ୍ରବକ୍ତା ତେଜେଶ୍ୱର ପରିଡ଼ା ବିଦ୍ୟାଳୟ ପରିଦର୍ଶନରେ ଆସି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଗତ ବର୍ଷରେ ବର୍ଷାଋତୁରେ ଏଭଳି ଅବସ୍ଥା କେବେ ହୋଇ ନ ଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀ ରିନାବାଳା ମହାନ୍ତି ତେଜେଶ୍ୱରଙ୍କୁ ସୂଚନା ପ୍ରଦାନ କରିବା ସହିତ ବିଦ୍ୟାଳୟ ପରିସର ଦୟନୀୟ ଅବସ୍ଥାକୁ ବୁଲାଇ ଦେଖାଇଥିଲେ। କ୍ରମାଗତ ଭାବେ ବର୍ଷା ହେବାରୁ ବିଦ୍ୟାଳୟ ମଧ୍ୟକୁ ପାଣି ପ୍ରବେଶ କରିବା ହେତୁ ଶ୍ରେଣୀଗୃହ, ଅଫିସ, ସାଇକଲ ଷ୍ଟାଣ୍ଡ ଓ ରୋଷଶାଳା ଚତୁପାର୍ଶ୍ୱରେ ପାଣି ଭରପୁର ଜମି ରହି ଲହଡି ଭାଙ୍ଗୁଛି। ପିଏମଶ୍ରୀ ଯୋଜନାରେ ଅର୍ନ୍ତଭୁକ୍ତ ହେବାକୁ ଯାଉଥିବା ଏହି ସ୍କୁଲକୁ ସରସ ସୁନ୍ଦର କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଉତ୍ସୁକୁତ ଥିବାବେଳେ ବର୍ଷାଦିନେ ସ୍କୁଲର ଏଭଳି ଅବସ୍ଥା ଯୋଗୁ ସ୍ଥାନୀୟ ଅଭିଭାବକ ଓ ଜନସାଧାରଣଙ୍କ ଚିନ୍ତାର କାରଣ ହୋଇଛି ବୋଲି ଉପସ୍ଥିତ ଥିବା ବୁଦ୍ଧିଜୀବୀ ଓ ଅଭିଭାବକ ଶ୍ରୀ ପରିଡାଙ୍କୁ ଅବଗତ କରାଇଥିଲେ। ଡ୍ରେନେଜ ଜରିଆରେ ଜମି ରହିଥିବା ଜଳକୁ ନିଷ୍କାସନ କରାଯିବା ସହିତ ବନ୍ୟା ସମୟରେ ପାଣି ନ ଝରିବା ପାଇଁ ନଦୀବନ୍ଧ ପାଶ୍ୱର୍ରେ ଢଳେଇ ପାଚେରି ନିର୍ମାଣ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ କରି କାର୍ଯ୍ୟକାରୀ କରାଇବେ ବୋଲି ତେଜେଶ୍ୱର ପରିଡ଼ା ପ୍ରତିଶ୍ରୁତି ଦେଇଥିଲେ।

# ଜୁଆ ଆଡ୍ଡାରେ ଚଢ଼ଉବେଳେ ଆକ୍ରମଣ; ୫ ପୁଲିସ ଆହତ

## ୮୪ ହଜାର ଟଙ୍କା ସହ ୩ ବାଇକ୍, ୧୦ ମୋବାଇଲ ଜବତ

କୁଜଙ୍ଗ,୧୩।୮ (ସମିସ):




କୁଜଙ୍ଗ ଥାନା ପାନପଲ୍ଲୀ ଗାଁର ଏକ ଘରେ ଜୁଆ ଖେଳ ଚାଲିଥିବା ବେଳେ କୁଜଙ୍ଗ ପୁଲିସ ଚଢ଼ଉ କରି ଦଶଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଗୁପ୍ତ ସୂଚନା ପାଇ ରେଡ୍ କରିଥିଲା କୁଜଙ୍ଗ ପୁଲିସ। ଚଢ଼ଉ ସମୟରେ ପୁଲିସକୁ ବିରୋଧ କରିବା ସହ ଧସ୍ତାଧସ୍ତି ହୋଇଥିବା ଜଣାପଡ଼ିଛି। ଏଥିରେ ୫ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଘଟଣାକୁ ନେଇ ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ କୁମାର ଦାସ, ଥାନା ଅଧିକାରୀ ଶିବାଶିଷ ଦାସ, ଅଫିସର ରଶ୍ମୀରଞ୍ଜନ ସାହୁ ଓ ଅଜୟ ଅର୍ଜୁନ ଖଣ୍ଡଗିରି ଉପସ୍ଥିତ ଥାଇ କୁଜଙ୍ଗ ଥାନାରେ ପ୍ରେସ୍‌ମିଟ୍ କରି ସବିଶେଷ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ୧୦ ଜଣଙ୍କୁ ଗିରଫ କରିଛି ପୁଲିସ। ସେମାନେ ହେଲେ ସୁକାନ୍ତ କୁମାର ବେହେରା, ସ୍ମୃତି ରଞ୍ଜନ ବିଶ୍ୱାଳ, ଶିବବ୍ରତ ରାଉତ, ହୃଷିକେଶ ବେହେରା, ରାଜକିଶୋର ସ୍ୱାଇଁ, ବେଣୁଧର ପାଣି, ସହଦେବ ବେହେରା, ସୁଶାନ୍ତ ଦାସ, ସାଗର ଦାସ ଓ ଜୁମର ବେହେରା। ଘଟଣାସ୍ଥଳରୁ ୮୪ ହଜାର ୯୩୦ ନଗଦ ଟଙ୍କା, ୧୦ଟି ମୋବାଇଲ୍ ଫୋନ୍, ୩୦ ଡେକ୍ ତାସ୍, ୱାଲେଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏହା ସହ ଗୋଟିଏ ଇଲେକ୍ଟ୍ରିକ୍ ସ୍କୁଟର୍ ଓ ଦୁଇଟି ମୋଟର ସାଇକଲ୍ ମଧ୍ୟ ଜବତ କରିଛି ପୁଲିସ। ଜୁଆ ଆଡ୍ଡା କିଏ ଚଳାଉଥିଲା ଓ ପୁଲିସକୁ କାହିଁକି ବିରୋଧ କରାଗଲା, ଏହି ଘଟଣା ପଛରେ ଆଉ କାହାର ସମ୍ପୃକ୍ତି ରହିଛି ତାହାକୁ ନେଇ ଖୋଳତାଡ଼ ଚାଲିଛି। ଏହି ଘଟଣାରେ ଖେଳରେ ମୁଖ୍ୟ ସଙ୍ଗଠକ ରାଜ କିଶୋର ସ୍ୱାଇଁ ବୋଲି କୁଜଙ୍ଗ ପୁଲିସ ସୂଚନା ଦେଇଥିବା ବେଳେ ଏହି ଘଟଣାରେ ଜଣେ ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଜଡ଼ିତ ଥିବା ସୂଚନା ଦେଇଛନ୍ତି ଏସ୍‌ଡିପିଓ। ପ୍ରାୟ ପାଞ୍ଚ ବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ଜୁଆ ଖେଳା ଯିବା ଓ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇ ଆସୁଥିଲା। କେବଳ ପାନପଲି ନୁହେଁ କୁଜଙ୍ଗରେ ମଧ୍ୟ ଆଉ କେତେକ ଅଞ୍ଚଳରେ ସଙ୍ଗଠିତ ଭାବେ ଜୁଆ ଆ‡। ଜମୁଛି। ପୁଲିସ ଏହି ଚଢ଼ଉ ପରେ ଏବେ ସବୁ ଆଡେ ଛନକା ପଶିଛି। ତେବେ ଜିଲ୍ଲା ଏସ୍‌ପିଙ୍କ କୌଣସି ଅପରାଧକୁ ନେଇ ଶୂନ୍ୟ ସହନଶୀଳ ନୀତିକୁ କୁଜଙ୍ଗ ପୁଲିସ କାର୍ଯ୍ୟକାରୀ କରୁଥିବା ଓ

**୧୦ ଅଭିଯୁକ୍ତ ଗିରଫ**

ଗୁପ୍ତ ସୂଚନା ସଂଗ୍ରହ ପାଇଁ ପୁଲିସ ଲୋକପ୍ରିୟତା ନେଇ ଏସ୍‌ଡିପିଓ ପ୍ରଶଂସା କରିଛନ୍ତି। ଗିରଫ ବ୍ୟକ୍ତି ମାନକ ମଧ୍ୟରେ ୬ ଜଣ ପାନପଲିର ହୋଇ ଥିବା ବେଳେ ଦୁଇଜଣ ମଲିପୁରା, ଜଣେ କଳଦୀପ ଓ ଜଣେ ତ୍ରିଲୋଚନପୁର ଅଞ୍ଚଳର ବୋଲି ଜଣାପଡ଼ିଛି। କୁଜଙ୍ଗ ପୁଲିସ କେସ ନମ୍ବର ୧୯୮/୨୦୨୬ରେ ମାମଲା ରୁଜୁ ହୋଇଛି। ସମସ୍ତ ଗିରଫ ଆସାମୀଙ୍କୁ କୁଜଙ୍ଗ କୋର୍ଟକୁ ଚାଲାଣ କରାଯାଇଛି।

# ଜଗତସିଂହପୁରରେ ତ୍ରିରଙ୍ଗା ଶୋଭାଯାତ୍ରା

ଜଗତସିଂହପୁର,୧୩।୮ (ସମିସ): ବିଜେପି ପକ୍ଷରୁ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ପ୍ରରିପେକ୍ଷୀରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ଜଗତସିଂହପୁର



ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶ୍ରୀ ଦାସ ଜଗତସିଂହପୁର ସହରର ଗାନ୍ଧିଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏହି ଶୋଭାଯାତ୍ରାକୁ କଲେଜ ଛକ ନିକଟରୁ ଶୁଭାରମ୍ଭ କରିଥିଲେ। ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ଜନସାଧାରଣ, ଛାତ୍ରଛାତ୍ରୀ, ମହିଳା ଏବଂ ବିଭିନ୍ନ ବର୍ଗର ଲୋକେ ହାତରେ ତ୍ରିରଙ୍ଗା ଧରି ଜାତୀୟତା ବୋଧକ ସ୍ଲୋଗାନ ଦେଇ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ତ୍ରିରଙ୍ଗା ଶୋଭାଯାତ୍ରା ଜଗତସିଂହପୁର ସହର ପରିକ୍ରମା କରିବା ପରେ ସିପିସ୍ଥିତ ସୁବର୍ଣ୍ଣବରାହୀ ମନ୍ଦିର ନିକଟରେ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ପୂର୍ବତନ ବିଜେପି ଜିଲ୍ଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ଜଗତସିଂହପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଜିଲ୍ଲା ବିଜେପିର ପୂର୍ବତନ ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ଅକ୍ଷୟ ପାତ୍ର, ନାଉଗାଁର ବରିଷ୍ଠ ନେତୃତ୍ୱ ପ୍ରଦୀପ୍ତ ସ୍ୱାଇଁ, ଲିଙ୍ଗରାଜ ଲେଙ୍କା, ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ପାରିଷଦ ଗୋଲାମ ଅଲ୍ଲୀ ଖାଁ, ସରପଞ୍ଚଙ୍କ ପ୍ରତିନିଧି ଅଶୋକ ଭୋଇ, ସମୀର ସାହାଣୀ, ପାରିଷଦ ଦେବାଶିଷ ସ୍ୱାଇଁ, ଦେବୀ ପ୍ରସାଦ ପାଢ଼ୀ, ସିଦ୍ଧାର୍ଥ ଶଙ୍କର ରାୟ, ବଳରାମପୁର ସରପଞ୍ଚ ଅଞ୍ଜନ ସାମଲ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, ସୁଶାନ୍ତ ମଲ୍ଲିକ, ତାପସ ଦାସ, ବିଦୁର ନାୟକ, ବିଷ୍ଣୁ ବେହେରାଙ୍କ ସମେତ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଯୁବ ଛାତ୍ର ଏବଂ ମହିଳା ଯୋଗ ଦେଇଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଫଳଚାରା ରୋପଣ ଓ ସଚେତନତା

ଜଗତସିଂହପୁର,୧୩।୮ (ସମିସ): ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର ଓ ହନେଷ୍ଟର ମିଳିତ ଆନୁକୂଲ୍ୟରେ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ମୂଳସିଂହଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସଚେତନତା ସଭା, କୁଇଜ୍ ପ୍ରତିଯୋଗିତା ଏବଂ ବିଭିନ୍ନ ପ୍ରଜାତିର ଫଳଚାରା ରୋପଣ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାର ପ୍ରାରମ୍ଭରେ ସମିତିର ବରିଷ୍ଠ ଆଜୀବନ ସଦସ୍ୟ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ସ୍ୱାଗତଭାଷଣ, ଅତିଥିମାନଙ୍କର ପରିଚୟ ପ୍ରଦାନ ସାଙ୍ଗକୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମିତିର କାର୍ଯ୍ୟକାରୀ ସଭାପତି ପରିବେଶବିତ୍ ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ, ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ବିଶ୍ୱନାଥ ପୁହାଣ ଓ ଅନ୍ୟତମ କାର୍ଯ୍ୟକାରୀ ସଦସ୍ୟ ଏକାଦଶୀ ନନ୍ଦୀ ପ୍ରମୁଖ ଯୋଗଦେଇ ସଂପ୍ରତି ଜଳବାୟୁ ପରିବର୍ତ୍ତନର ପ୍ରତିହତ ସାଙ୍ଗକୁ ଜୈବ ବିବିଧତାର ସୁରକ୍ଷା ପାଇଁ ଭିନ୍ନଭିନ୍ନ ପ୍ରଜାତିର ଫଳରାରା ରୋପଣର ଆବଶ୍ୟକତା ଏକାନ୍ତ ଜରୁରୀ ବୋଲି ଦର୍ଶାଇବା ସହ ଆମ ସଂସ୍କୃତି ଓ ପରମ୍ପରାରେ ବୃକ୍ଷର ମାହାତ୍ମ୍ୟ ସମ୍ପର୍କରେ ବିଷଦଭାବେ ଆଲୋଚନା କରିଥିଲେ। ସମ୍ପାଦକ ଇଂ. ମିଶ୍ର କୁଇଜ୍ ପ୍ରତିଯୋଗିତା ସଫଳତାର ସହ ସମ୍ପାଦନ କରି କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଭାବେ ଅପରାଜିତା ଦାସ, ସାଇପ୍ରସାଦ ନାଥ, ଆଶୁତୋଷ ବାରିକ, ସାଇ ଆଦିତ୍ୟ ନାୟକ, ସୌମ୍ୟ ରଞ୍ଜନ ଦାସ, ସ୍ୱାତିସାଇ ଶୁଭଦର୍ଶିନୀ, ସାଇପ୍ରିୟା ମଲ୍ଲିକ, ଶୁଭମ୍ ଖଣ୍ଡୁଆଳ, ପୀୟୂଷ ରଞ୍ଜନ ଦାଶ, ସତ୍ୟଜିତ୍ ସାହୁ, ସାର୍ଥକ ସାହୁ ଓ ସାଇ ସତ୍ୟପ୍ରକାଶ ଛତ୍ରା ପ୍ରମୁଖଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରଦୀପ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟତମ ଶିକ୍ଷକ ସ୍ମୃତି ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ବିଦ୍ୟାଳୟ ପରିସରରେ ଆମ୍ବ, ପଣସ, ପିଜୁଳି, ସପେଟା, ଲିଚୁ, କାଜୁ, ଅଁଳା, ଆତ, କଇଥ, ବେଲ, ନଡ଼କୋଳି ଆଦି ବିଭିନ୍ନ ପ୍ରଜାତିର ୨୫୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଫଳଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଘରେ ଘରେ ତ୍ରିରଙ୍ଗା ଶୋଭାଯାତ୍ରା



ରଘୁନାଥପୁର,୧୩।୮ (ସମିସ): ରଘୁନାଥପୁର ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ତାରପୁର ପଞ୍ଚାୟତରେ ପଞ୍ଚାୟତର ସରପଞ୍ଚ ସୁଷମା ମଲ୍ଲିକ ଓ ବିଦ୍ୟାଧରପୁର ପଞ୍ଚାୟତରେ ଏସ୍‌ଏଚ୍‌ଜି ଗ୍ରୁପ ମହିଳାଙ୍କ ଦ୍ୱାରା ଘରେ ଘରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଶପ୍ରେମ ଓ ସ୍ୱାଧୀନ ଚିନ୍ତାଧାରାକୁ ଉଜ୍ଜୀବିତ କରିବା ପାଇଁ ଏକ ଶୋଭାଯାତ୍ରାରେ ଦେଶ ମାତୃକାର ଜୟଗାନ କରି ଏସ୍‌ଏଚ୍‌ଜି ମହିଳା ଓ ସ୍ଥାନୀୟ ଗ୍ରାମବାସୀ ଗ୍ରାମ୍ୟ ପରିକ୍ରମା କରିଥିଲେ। ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଜରିଆରେ ଭାରତମାତା ପ୍ରତି ସମ୍ମାନବୋଧ ଓ ଜାତୀୟ ପ୍ରେମ ପ୍ରତି ଅନୁରକ୍ତ ହେବା ପାଇଁ ଲୋକଙ୍କୁ ପରାମର୍ଶ ରଖିଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟାଳୟରେ ଶୋଭାଯାତ୍ରା ପହଞ୍ଚି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏଥିରେ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ପିଇଓ ଦୀପକ ଦେଶୁରୀ, ଏଡିଇଓ ସରୋଜ କୁମାର ସ୍ୱାଇଁ, ମହିଳା ସଂଘର ସଭାନେତ୍ରୀ ସ୍ୱାତୀ ସୁଚରିତା ମହାନ୍ତି, ସମସ୍ତ ୱାର୍ଡସଭ୍ୟ, ଇସି, ସିଆରପି, ଏମ୍‌ବିକେ, ଏସ୍‌ଇଏମ୍ ଓ ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

# ସ୍ୱାୟତ୍ତ ଶାସନ ଦିବସ ପାଇଁ ସମୂହ ସଫେଇ ଓ ସଚେତନତା ପଦଯାତ୍ରା



ପାରାଦୀପ,୧୩।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ପାରାଦୀପ ପୌର ପରିଷଦ ପକ୍ଷରୁ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ସମୂହ ସଫେଇ, ସଚେତନତା ପଦଯାତ୍ରା ଓ ସଭା ଆୟୋଜିତ ହେଉଛି। ଏହି ଅବସରରେ ପୌରାଞ୍ଚଳ ଅଧିନ ୧୬ ୱାର୍ଡ ରେ ସ୍ୱଚ୍ଛ, ସୁସ୍ଥ ଓ ସବୁଜ ପାରାଦୀପ ଗଠନ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା।ଏଥିରେ ସହରବାସୀଙ୍କୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ନେଇ ସଚେତନ କରାଯାଇଥିଲା।୧୬ ନମ୍ବର ୱାର୍ଡ ର କାଉନସିଲର ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରା ରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କାଉନସିଲର ସୁବ୍ରତ ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ପୌର ପରିଷଦର କର୍ମଚାରୀଙ୍କ ସମେତ ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଯୋଗଦେଇଥିଲେ। ସ୍ୱଚ୍ଛତା କେବଳ ପୌର ପରିଷଦର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ। ସହରର ବିଭିନ୍ନ ୱାର୍ଡର ସମସ୍ୟା ଚିହ୍ନଟ କରିବା ଏବଂ ଲୋକଙ୍କ ନିକଟରେ ସଚେତନତା ଓ ସାମାଜିକ ସେବା ପହଞ୍ଚାଇବା ନେଇ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ‘ସ୍ୱଚ୍ଛ ସହର, ସୁସ୍ଥ ଜୀବନ ଓ ସବୁଜ ପରିବେଶ ପାଇଁ ପ୍ରତ୍ୟେକ ନାଗରିକ ସଚେତନ ହେବା ଆବଶ୍ୟକ।’ ବୋଲି ୧୬ ନମ୍ବର ୱାର୍ଡର କାଉନସିଲର ଶ୍ରୀ ନାୟକ ୱାର୍ଡ ଅନ୍ତେବାସୀଙ୍କୁ କହିଥିଲେ। ଏହି ବାର୍ତ୍ତା ସହ ଆସନ୍ତୁ ସମସ୍ତେ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ସୁନ୍ଦର ପାରାଦୀପ ଗଢ଼ିବାକୁ ସଂକଳ୍ପ ନେବାକୁ ଆହ୍ୱାନ କରାଯାଇଥିଲା।

# ନିରବୀ ଗଲେ ବାଲିକୁଦା ମାଟିର ସୁଯୋଗ୍ୟ ସନ୍ତାନ ଜଗଦୀଶ କାନୁନ୍‌ଗୋ



ବାଲିକୁଦା,୧୩।୮ (ସମିସ): ନିରବୀ ଗଲେ ବାଲିକୁଦା ମାଟିର ଅନ୍ୟତମ ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ। ୮୬ ବର୍ଷ ବୟସରେ ଗତକାଲି ରାତି ପ୍ରାୟ ୧୦ଟା ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବାଲିକୁଦା ସମେତ ସମଗ୍ର ଓଡ଼ିଶାର କଳାପ୍ରେମୀ ମହଲରେ ଶୋକର ଛାୟା ଖେଳିଯାଇଛି। ବାଲିକୁଦା ବ୍ଲକ ଅଲାବୋଲ ପଞ୍ଚାୟତ ନରିଲୋ ଗ୍ରାମ ଥିଲା ସ୍ୱର୍ଗତ କାନୁନଗୋଙ୍କ ପୈତୃକ ମାଟି। ସେ ନିଜର ଅସାଧାରଣ ପ୍ରତିଭା ଓ ନିଷ୍ଠା ବଳରେ ଓଡ଼ିଶାର ଚାରୁକଳା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲେ। ୧୯୪୦ ମସିହାରେ ପୁରୀ ଦୋଳମଣ୍ଡପସାହିରେ ଜନ୍ମଗ୍ରହଣ କରିଥିବା ଜଗଦୀଶ ହାଇସ୍କୁଲ ଶିକ୍ଷା ପରେ ଖଲ୍ଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟରୁ ଚିତ୍ରକଳା ଶିକ୍ଷା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶାର ଦୃଶ୍ୟକଳା କ୍ଷେତ୍ରରେ ନିଜର ସୃଜନଶୀଳତା ଓ ଅବଦାନ ପାଇଁ ସୁନାମ ଅର୍ଜନ କରିଥିଲେ। ରାଜ୍ୟ ସଂଗ୍ରହାଳୟରେ ଗ୍ୟାଲେରି ସୁପରଭାଇଜର ଭାବେ ଦାୟିତ୍ୱ ତୁଲାଇବା ସହ ପରବର୍ତ୍ତୀ ସମୟରେ ଓଡ଼ିଶା ଲଳିତ କଳା ଏକାଡେମୀର ସମ୍ପାଦକ ଓ ସଭାପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ନୂଆଦିଲ୍ଲୀ ଲଳିତ କଳା ଏକାଡେମୀର ସାଧାରଣ ପରିଷଦର ସଦସ୍ୟ ଭାବେ ମଧ୍ୟ ସେ ମନୋନୀତ ହୋଇଥିଲେ। ତାଙ୍କ ବିୟୋଗରେ ବାଲିକୁଦା ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡ଼ଃ ସୁଶାନ୍ତ କୁମାର କାନୁନଗୋ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟା ଡଲି ପଣ୍ଡା, ବିଜେପି ନେତା ସତ୍ୟ ସାରଥୀ ମହାନ୍ତିଙ୍କ ସମେତ ବ୍ଲକର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି।ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତ କାନୁନଗୋଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଜୟସୂର୍ଯ୍ୟ କାନୁନଗୋ ମୁଖାଗ୍ନି ଦେଇଥିଲେ।

# ପାରାଦୀପରେ ଇଲିସି ଅଭାବ; ଦର ଆକାଶଛୁଆଁ

ପାରାଦୀପ,୧୩।୮ (ସମିସ) :



ସାଧାରଣତଃ ଇଲିସି ମାଛ ନା ଶୁଣିଲେ ପାଟିରୁ ଲାଳଗଡ଼େ। ଇଚ୍ଛା ହୁଏ ଟିକେ କେମିତି ପାଟିରେ ବାଜନ୍ତା ଏହାର ସ୍ୱାଦ। ତେବେ ମାଛ ଭିତରେ ରାଜା କୁହାଯାଉଥିବା ଏହି ଇଲିସି ମାଛର ଦର ଏବେ ଆକାଶ ଛୁଆଁ। ଯାହା ପାରାଦୀପ ଅନ୍ତେବାସୀଙ୍କ ପାଇଁ ସ୍ୱପ୍ନ ହୋଇପଡ଼ିଛି। ପାରାଦୀପରେ ଇଲିସି ମାଛର ହବ୍ କୁହାଯାଉଥିବା ଅଠରବାଙ୍କୀ ବାଲିପ୍ଲଟରେ ଇଲିସି ମାଛର ଦାମ ଶୁଣିଲେ ପାଟି ଖଟା ହୋଇଯାଉଛି। ଭଦ୍ରକ ଜିଲ୍ଲାର ଧାମରା ବାଲେଶ୍ୱରର ଚନ୍ଦନେଶ୍ୱର ବାଲିଆପାଳ ଏହି ସବୁ ଜାଗାରେ ମିଳୁଥିବା ଇଲିସି ଠାରୁ ପାରଦୀପ ଇଲିସିର ସ୍ୱାଦ ସବୁଠୁ ନିଆରା। ପଡ଼ୋଶୀ ଜିଲ୍ଲାରେ ପାରାଦୀପ ଇଲିସି ମାଛକୁ ବହୁ ପସନ୍ଦ କରିଥାନ୍ତି ଲୋକେ। ଦିନଥିଲା ଇଲିସି ମାଛ ପାଇଁ ଏହି ଅଗଷ୍ଟ ମାସରୁ ହିଁ ଗହଳି ଚହଳିରେ ଫାଟିପଡୁଥିଲା ପାରାଦୀପର ବାଲିପ୍ଲଟ। ବନ୍ୟା ପାଣି ସମୁଦ୍ରରେ ମିଶିଲେ ଇଲିସି ମାଛ ମଧୁରୀ ପାଣି ବାସ୍ନାରେ ଉଠି ଆସନ୍ତି ପାରାଦୀପ ସମୁଦ୍ର କୂଳକୁ। ପ୍ରତ୍ୟକ ଦିନ ଟନ୍ ଟନ୍ ଇଲିସି ମାଛ ମାଛଧରା ପୋର୍ଟ ଓ ଡଙ୍ଗାରେ ମତ୍ସ୍ୟଜୀବୀମାନେ ଧରି ଫେରିଥାନ୍ତି। ଏଠି ଇଲିସି ମାଛ ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୁଏ। ପାରାଦୀପ ସମେତ ପଡ଼ୋଶୀ ଜିଲ୍ଲା ମାନଙ୍କରୁ ଓ କାହିଁ କେତେ ଦୂର ଦୁରନ୍ତାରୁ ଲୋକେ ଇଲିସି ମାଛ ପାଇଁ ଜଗି ବସିଥାନ୍ତି। ଏବେ କିନ୍ତୁ ଏହି ସ୍ଥାନ ଖାଁ ଖାଁ। ଇଲିସି ମାଛ ଖାଇବା ତ ଦୂରର କଥା ଅଧିକ ଚଢ଼ା ଦରରେ କିଣିବା ସମ୍ଭବପର ହେଉନାହିଁ। ଯେହେତୁ ଇଲିସି ସମୁଦ୍ର ରେ ଧରାଦେଉ ନାହାନ୍ତି ସେଥିପାଇଁ ଅହେତୁକ ମୂଲ୍ୟ ବୃଦ୍ଧି ହେଉଛି। ଯାହା ଫଳରେ ସାଧାରଣ ଲୋକଟିଏ ଏତେ ଦାମ ଦେଇ ଇଲିସି ମାଛ କିଣି ଖାଇବା ସମ୍ଭବ ହେଉ ନାହିଁ।ଖୁବ କମ ଲୋକେ ଏହି ବଲିପ୍ଲଟ ରୁ ଇଲିସି କିଣୁଛନ୍ତି।ବିଶେଷକରି ବଡବଡିଆ ଅଞ୍ଚଳ ର ଲୋକେ ଇଲିସି ନେଉଥିବା ଦେଖାବାକୁ ମିଳୁଛି। ଗତ ୫/୬ ବର୍ଷ ତଳେ ଯେଉଁଠି ଯୋଡା ୧୦୦ ରୁ ୨୦୦ ଟଙ୍କା ଥିଲା ଆଜି ଏଠି କେଜି ପିଛା ବିକ୍ରି ହେଉଛି ୧୭ ଶହରୁ ୧୮ ଶହ ଟଙ୍କା। ସାଧାରଣ ଖଟିଖିଆ ମାନଙ୍କ ପାଇଁ ଏବେ ସାତ ସପନ ପାଲଟିଛି ଇଲିସି। ଏହିଭଳି ସ୍ଥିତି ଲାଗିରହେ ଆଗାମୀ ଦିନରେ ଇଲିସି ମାଛକୁ ଆମେ କେବଳ ବହି ପୃଷ୍ଠାରେ ହିଁ ଦେଖିବା ଛଡ଼ା ଆଉ କିଛି ଉପାୟ ନଥିବ। ମଧୁର ଜଳରେ ଇଲିସି ଗୁଡ଼ିକ ରହିବା ପାଇଁ ଭଲ ପାଆନ୍ତି। କିନ୍ତୁ ନଦୀ ପାଣିରେ ଏସିଡ୍ ମିଶିବା ଦ୍ୱାରା ଏମାନେ ମୁହଁ ଫେରାଇ ନେଉଛନ୍ତି। ଇଲିସିକୁ ଦେଖିଲେ ଇଚ୍ଛା ହଉଛି କିଣିବା ପାଇଁ ହେଲେ ରେଟ ଶୁଣିଲେ ମୁହଁ ଫେରାଉଛନ୍ତି ଗ୍ରାହକ।

# ଅମୂଲ୍ୟ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ

ପଟ୍ଟାମୁଣ୍ଡାଇ, ୧୩।୮ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭାବେ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭୋଳ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ନିଯୁକ୍ତି ଦେଇଛନ୍ତି। ନୂତନ ନିଯୁକ୍ତି ପାଇଁ ଶ୍ରୀ ପ୍ରଧାନ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଜିଲ୍ଲା ସଭାପତି ଶିବପ୍ରସାଦ ଭୋଳଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

# ଦାମୋଦରପାଟଣା ଓ ପୋଖରୀକୂଳ ସ୍କୁଲରୁ ଚୋରି

ପଟ୍ଟାମୁଣ୍ଡାଇ, ୧୩।୮ (ସମିସ): ବୁଧବାର ବିଳମ୍ବିତ ରାତିରେ ଅଳପୁଆ ପଞ୍ଚାୟତ ଦାମୋଦରପାଟଣା ପ୍ରାଇମେରୀ ସ୍କୁଲରେ ଲାଗିଥିବା ପାଣି ପମ୍ପ ଚୋରି ହୋଇଥିବାବେଳେ ତରଡ଼ିପାଳ ପଞ୍ଚାୟତ ଅନ୍ତର୍ଗତ ପୋଖରୀକୂଳ ପ୍ରାଇମେରୀ ସ୍କୁଲରୁ ପାଣିପମ୍ପ, ଗ୍ୟାସ ସିଲିଣ୍ଡର ଓ ମଧ୍ୟାହ୍ନଭୋଜନ ଚାଉଳ ଚୋରି ହୋଇଛି। ଆଜି ସକାଳେ ସ୍କୁଲ ଖୋଲିବା ପରେ ଶିକ୍ଷକ ଓ ଗ୍ରାମବାସୀ ପହଞ୍ଚିଥିଲେ ଓ ଏସଏମସି ସୁପାରିଶ କ୍ରମେ ଉଭୟ ସ୍କୁଲର ପ୍ରଧାନଶିକ୍ଷକ ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଛନ୍ତି।

# ଚୋରାମଦ ଜବତ, ୭ ଗିରଫ

କେନ୍ଦ୍ରାପଡ଼ା, ୧୩।୮ (ସମିସ): ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜନଗର, ତାଲଚୁଆ, କୁଦାନଗରୀ, କେନ୍ଦ୍ରାପଡ଼ା ଟାଉନ, ପାଟକୁରା ଓ ମାର୍ଶାଘାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ୧୭୬ ଲିଟର ମଦ ଜବତ ହୋଇଥିବାବେଳେ ୭ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ଦୀପକ ଜେନା, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରଞ୍ଜନ ପାତ୍ର ପ୍ରମୁଖ ସାମିଲ ଥିଲେ।

# ମଧୁସୂଦନ ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡି ସମ୍ପାଦକ



ଡେରାବିଶ, ୧୩।୮ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ପାଟକୁରା ନିର୍ବାଚନମଣ୍ଡଳୀର ସମ୍ପାଦକ ଭାବେ ବରିଷ୍ଠ ବିଜେଡି ନେତା ମଧୁସୂଦନ ଘଡ଼ାଇଙ୍କୁ ଚୟନ କରାଯାଇଥିବାରୁ ଡେରାବିଶ ବ୍ଲକ ତଥା ପାଟକୁରା ନିର୍ବାଚନମଣ୍ଡଳୀରେ ଆନନ୍ଦର ଲହରି ଖେଳିଯାଇଛି। ବହୁ ବିଜେଡି କର୍ମୀ ଶ୍ରୀ ଘଡ଼ାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ଘଡ଼ାଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ସେ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହିତ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମସ୍ତ ବିଜେଡି ବିଧାୟକ, ଜିଲ୍ଲା ସଭାପତି ଶିବପ୍ରସାଦ ଭୋଳଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମହିଳାଙ୍କୁ ଅସଦାଚରଣ କରି ଯୁବକ ଗିରଫ



ରାଜକନିକା, ୧୩।୮ (ସମିସ): ରାଜକନିକା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରି ଯୁବକ ଗିରଫ ହୋଇଛନ୍ତି। ସମ୍ପର୍କରେ ଦିଅର ଭାଉଜ ହୋଇଥିବା ଯୁବକର ବାରମ୍ବାର ପ୍ରେମ ନିବେଦନ ପରେ ଅଶ୍ଳୀଳ ଆଚରଣ କରିବାରୁ ଭାଉଜର ଏତଲା ବଳରେ ଦିଅର ଗିରଫ ହେବା ଘଟଣାକୁ ନେଇ ଚର୍ଚ୍ଚା ହେଉଛି। ବଡପଙ୍କ ଗାଁର ଜଣେ ମହିଳାଙ୍କୁ ସେହି ଗ୍ରାମର ଯୁବକ ଏକତରଫା ପ୍ରେମ କରିଥିଲେ। ମହିଳା ରାଜି ନ ହେବାରୁ ଅରକ୍ଷିତ ଖରାପ ବ୍ୟବହାର କରିଥିବା ମହିଳା ଜଣକ ରାଜକନିକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଭଗବତୀ ବିଦ୍ୟାଳୟରେ ସାଇବର ସଚେତନତା

ପଞ୍ଚୁପାଣ୍ଡବ, ୧୩।୮ (ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁରସ୍ଥ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି ଡେରାବିଶ ଥାନା ଆଇଆଇସି ଅମ୍ବିକା ପ୍ରସାଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଇବର ଥାନା ଆଇଆଇସି ସୌମ୍ୟରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ।ଫଭାରପ୍ରାପ୍ତ ପ୍ରଧାନଶିକ୍ଷକ କମଳାକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କୁ ନେଇ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୬ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସୈନିକ ସମାଜ ପ୍ରଧାନଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ, ୧୩।୮ (ସମିସ): ୨୦ ବର୍ଷ ଧରି ସେବାରେ ନିୟୋଜିତ ରହି ଅବସର ଗ୍ରହଣ କରି ଜନ୍ମ ମାଟିକୁ ଫେରିଥିବା ସୈନିକ ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ପଞ୍ଚାୟତ ମଣ୍ଡପଡ଼ା ଗ୍ରାମର



ପ୍ରମୋଦ ପ୍ରଧାନଙ୍କ ପୁତ୍ର ସମାଜ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ବିଜେପି ନେତ୍ରୀ ସୁଜାତା ବାରିକଙ୍କ ନେତୃତ୍ୱରେ ବରିଷ୍ଠ ବିଜେପି ନେତା ପଞ୍ଚାନନ ବିଶ୍ୱାଳ, ପାରେଶ୍ୱର ପାତ୍ର, ସଞ୍ଜୟ ସାହୁ, ଅଭିରାମ ସାମଲ, ସମାଜସେବୀ ସନ୍ତୋଷ ସ୍ୱାଇଁ, ସତ୍ୟରଞ୍ଜନ ସ୍ୱାଇଁ, ରତିକାନ୍ତ ପ୍ରଧାନ, କୀର୍ତ୍ତି ଚନ୍ଦ୍ର ସାହୁ, ରତୁରାଜ ପ୍ରଧାନ ପ୍ରମୁଖ ଶ୍ରୀ ପ୍ରଧାନଙ୍କୁ ତାଙ୍କ ବାସଭବନରେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି।

**କୌଣସି ବିଭାଗରେ ନାହାନ୍ତି ଅଧ୍ୟାପକ**

# ବନ୍ଦ ହୋଇପାରେ ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟ !

ଗରଦପୁର, ୧୩।୮ (ସମିସ)

ଗରଦପୁର କୋରୁଆଠାରେ ଥିବା ଚିତ୍ରୋତ୍ପଳା ମହିଳା +୨ ମହାବିଦ୍ୟାଳୟରେ ଦୀର୍ଘଦିନ ଧରି ପାଠପଢ଼ା ବନ୍ଦ ହୋଇଯାଇଥିବାବେଳେ ଏବେ ଦୁଇଦିନ ଧରି ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ନୂତନ କରି ଛାତ୍ରୀମାନେ ବହୁ ଆଶା କରି ଏହି ଶିକ୍ଷାନୁଷ୍ଠାନକୁ ପଢ଼ିବାକୁ ଆସିଥିବାବେଳେ ଏବେ ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଉକ୍ତ ଅନୁଷ୍ଠାନରେ କେବଳ ଅର୍ଥନୀତି ବିଷୟରେ ଜଣେ ମାତ୍ର ଅଧ୍ୟାପକ ଥିବାବେଳେ ସାହିତ୍ୟ, ଇଂରାଜୀ, ସାମାଜିକ ବିଜ୍ଞାନ, ରାଜନୀତି ବିଜ୍ଞାନ, ଶିକ୍ଷା, ଗୃହ ବିଜ୍ଞାନ, ଇତିହାସ ଭଳି ଅନ୍ୟ ସମସ୍ତ ବିଷୟରେ କୌଣସି ଅଧ୍ୟାପକ କି ଅଧ୍ୟାପିକା ନାହାନ୍ତି। ମହାବିଦ୍ୟାଳୟ ପ୍ରତିଷ୍ଠା ସମୟରୁ ଯେଉଁ ଅଧ୍ୟାପକ ଓ ଅଧ୍ୟାପିକା ଥିଲେ, ସେମାନେ ଅବସର ନେବା ପରେ ନୂତନ ନିଯୁକ୍ତି ଦେଉନାହାନ୍ତି। ଯାହାକି ଏହି ସମ୍ବେଦନଶୀଳ ଖବର ଅଭିଭାବକ, ଛାତ୍ରୀ, ଶିକ୍ଷାବିତ୍, ବୁଦ୍ଧିଜୀବି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଦୁଃଖ ଓ କ୍ଷୋଭ ପ୍ରକାଶ ପାଇବା ସହ ଶିକ୍ଷାନୁଷ୍ଠାନର



ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଚଳିତ ଶିକ୍ଷାବର୍ଷ ପାଇଁ +୨ କଳା ପ୍ରଥମ ବର୍ଷ ପାଇଁ ୨୬ ଜଣ ଛାତ୍ରୀ ନାମ ଲେଖାଇ ଥିବାବେଳେ ଦ୍ୱିତୀୟ ବର୍ଷରେ ୪୯ ଛାତ୍ରୀ ମିଶି ସମୁଦାୟ ୭୫ ଜଣ ଛାତ୍ରୀ ଅଛନ୍ତି। ବହୁ ବାଦବିବାଦ ପରେ କିଛିଦିନ ତଳେ ମହାବିଦ୍ୟାଳୟ ପରିଚାଳନା ପରିଷଦ ପକ୍ଷରୁ ଜଣେ ଇଂରାଜୀ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ଏଭଳି ଅଭାବନୀୟ ଓ ଜଟିଳ ସ୍ଥିତିରେ ଛାତ୍ରୀ ସବୁଦିନେ ମହାବିଦ୍ୟାଳୟକୁ ଆସି ବସି ବସି ଯାଉଛନ୍ତି। ଏଭଳି ପରିସ୍ଥିତି ଦେଖି ସେହି କ୍ୟାମ୍ପସରେ ଥିବା +୩ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ପରିଚାଳନା ପରିଷଦ ସଭାପତି ତଥା କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ ଅନୁରୋଧ କ୍ରମେ ସେମାନେ ଆସି ପଢ଼ାଉଥିଲେ। ଦୁଇଦିନ ତଳେ +୨ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଡେମୋନଷ୍ଟ୍ରେଟର କର୍ମଚାରୀ ଜଣଙ୍କ ଉପଜିଲ୍ଲାପାଳଙ୍କ ଅନୁରୋଧକୁ ବେଖାତିରି କରି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ପାଠ ପଢ଼ାଇବାକୁ ରୋକ୍ ଠୋକ୍ ମନା କରିଦେବାରୁ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ବୋଲି ଛାତ୍ରୀ ଓ ଖୋଦ୍ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଅଭିଯୋଗ କରିଛନ୍ତି। ଫଳରେ ଛାତ୍ରୀମାନେ ପାଠ ନ ପଢ଼ି ପାରି ବାହରେ ବସିଥିବା ଦେଖିବାକୁ ମିଳିଛି। ଏପରିକି ଡେମନଷ୍ଟ୍ରେଟରଙ୍କ ଏତାଦୃଶ କାର୍ଯ୍ୟକଳାପରେ କ୍ଷୁବ୍ଧ ହୋଇ ପ୍ରତିବାଦ କରି ଶ୍ରେଣୀ ଗୃହ ଖୋଲିବାକୁ ପିଅନଙ୍କୁ ମନା କରି ଦେଇଥିଲେ ବୋଲି ପିଅନ ଭାସ୍କର ପାତ୍ର କହିଛନ୍ତି। ପରେ ସ୍ଥିତି ଅଧିକ ଜଟିଳ ହେବାରୁ ଡିଗ୍ରୀ ମହାବିଦ୍ୟାଳୟ ଜଣେ ଦୁଇଜଣ ଅଧ୍ୟାପକ ଆସି ଛାତ୍ରୀଙ୍କୁ ବହୁତ ବୁଝାସୁଝା କରିବା ପରେ ଛାତ୍ରୀମାନେ ଶ୍ରେଣୀଗୃହକୁ ଯାଇଥିଲେ। ଏହି ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅର୍ଥନୀତି ବିଭାଗ ଅଧ୍ୟାପକ ପରୀକ୍ଷିତ ନାୟକଙ୍କୁ ପଚାରିବାରୁ ମୋତେ କେହି ଅଧ୍ୟକ୍ଷ ଦାୟିତ୍ୱ ଦେଇ ନାହାନ୍ତି, କେବଳ ମୁଁ ଏହି ମହାବିଦ୍ୟାଳୟର ଏକମାତ୍ର ଅଧ୍ୟାପକ ଥିବାରୁ ମୋତେ ଦାୟିତ୍ୱ ବୁଝିବାକୁ ପଡୁଛି ବୋଲି କହିଛନ୍ତି। ପରିଚାଳନା ପରିଷଦ ସଭାପତି ତଥା ଉପଜିଲ୍ଲାପାଳ ଅରୁଣ ନାୟକଙ୍କୁ ପଚାରିବାରୁ ତଦନ୍ତ କରାଯାଇ ସମସ୍ୟା ସମାଧାନ କରାଯିବା ବୋଲି କହିଛନ୍ତି।

**ଅଦାଲତ ଅବମାନନା ମାମଲା**

# ନିର୍ଦ୍ଦେଶ କାର୍ଯ୍ୟକାରୀ ନହେଲେ ହାଜର ହେବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ରାଜନଗର ତହସିଲଦାର

କଟକ, ୧୩।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ରାଜନଗର ତହସିଲଦାର ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବା ଘଟଣାକୁ ନେଇ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଅଗଷ୍ଟ ୨୫ ତାରିଖ ସୁଦ୍ଧା ନିର୍ଦ୍ଦେଶ କାର୍ଯ୍ୟକାରୀ ସତ୍ୟପାଠ ଦାଖଲ ନକଲେ ଉପରୋକ୍ତ ଦୁଇ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ସମୟରେ ସେମାନଙ୍କ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ପ୍ରେମାନନ୍ଦ ବିଶ୍ୱାଳଙ୍କ ପକ୍ଷରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ରାଜନଗର ତହସିଲ ଅନ୍ତର୍ଗତ ପଟାପାରିଆ ମୌଜାରେ ଇକୋସେନସିଟିଭ ଜୋନ ମଧ୍ୟରେ ଚାଷ ଜମି ରହିଛି। ୨୦୨୧ରେ ଆବେଦନକାରୀଙ୍କ ଜମି ପାଖରେ ଥିବା ଜମିରେ ସମ୍ପୃକ୍ତ ଜମି ମାଲିକ ଘେରି କରି ଚିଙ୍ଗୁଡି ଚାଷ ଆରମ୍ଭ କରିଥିଲେ ଓ ଅଞ୍ଚଳର ଜଳ ନିଷ୍କାସନ ବାଟକୁ ବନ୍ଦ କରି ଦେଇଥିଲେ। ଫଳରେ ଆବେଦନକାରୀଙ୍କ ଚାଷ ଜମି ବର୍ଷସାରା ପାଣିରେ ବୁଡି ରହି ଚାଷ ଅନୁପଯୋଗୀ ହୋଇ ପଡ଼ିଥିଲା। ଚିଙ୍ଗୁଡି ଚାଷ କରୁଥିବା ବ୍ୟକ୍ତି ଜଣକ ତହସିଲଦାରଙ୍କ ଠାରୁ ନୋଟିସ ପାଇବା ପରେ ମଧ୍ୟ ପୂର୍ବ ଭଳି ଚିଙ୍ଗୁଡି ଚାଷ ଜାରି ରଖିଥିଲେ। ହେଲେ ତହସିଲଦାର ଆଉ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ବେଳେ ସରକାରଙ୍କ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ ଖୁବ ଶୀଘ୍ର ସମ୍ପୃକ୍ତ ଜମିରୁ ଉଚ୍ଛେଦ କରାଯିବ। ହାଇକୋର୍ଟ ଏଥି ପାଇଁ ତିନି ମାସ ସମୟ ପ୍ରଦାନ କରିଥିଲେ। କିନ୍ତୁ ହାଇକୋର୍ଟଙ୍କ ୨୦୨୫, ଜୁଲାଇ ୧୫ର ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଆବେଦନକାରୀ ଅଦାଲତ ଅବମାନନା ମାମଲା ୨୦୨୬ରେ ଦାୟର କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସ୍ୱରାଜ ମାମଲା ପରିଚାଳନା କରୁଛନ୍ତି।

# ଜିଲ୍ଲା ବିଜେଡି ସାଙ୍ଗଠନିକ ଟିମରେ ବିକାଶ ଦାସ

ରାଜକନିକା, ୧୩।୮ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲ୍ଲା ସଂଗଠନ ପାଇ ୫୦ ଜଣିଆ ଟିମ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏହି ଟିମରେ ଆଳି ନିର୍ବାଚନମଣ୍ଡଳୀର ବିଧାୟକଙ୍କ ପ୍ରତିନିଧି ବିକାଶ ଦାସଙ୍କୁ ଜିଲ୍ଲା ଉପସଭାପତି ଭାବେ ଦାୟିତ୍ୱ ମିଳିବା ମିଳିଛି। ବିକାଶଙ୍କ ଏହି ଦାୟିତ୍ୱ ମିଳିବା ପରେ ଯୁବନେତା ଅରୁଣ ରାଉତ, ରବିନାରାୟଣ ବେହେରା, ବ୍ଲକ ସଭାପତି ବିଦ୍ୟାଧର ବେହେରା ପ୍ରମୁଖ ଆଳି ବିଧାୟକ ଓ ରାଜ୍ୟ ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ପୌର ପରିଷଦ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ, ୧୩।୮ (ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି




ଶୋଭାଯାତ୍ରା ପୌର ପରିଷଦ କାର୍ଯ୍ୟାଳୟରୁ ବାହାରି ପଟ୍ଟାମୁଣ୍ଡାଇ କଲେଜ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ଅଗ୍ନିଶମ ଅଧିକାରୀ ସୁବାସ ନନ୍ଦ, ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ପ୍ରମୁଖଙ୍କ ସମେତ ୭୦୦ ଜଣ ଅଂଶଗ୍ରହଣ କରିଥେଲ।

# ବାରହା ପ୍ରଗଣା ବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ରାଜକନିକା, ୧୩।୮ (ସମିସ): ବାରହା ପ୍ରଗଣା ଉଚ୍ଚବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ



ଛାତ୍ରଛାତ୍ରୀ ହାତରେ ଜାତୀୟ ପତାକା ଧରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ। ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ଶୋଭାଯାତ୍ରାର ଶୁଭାରମ୍ଭ କରିଥିବାବେଳେ ଶିକ୍ଷୟିତ୍ରୀ ଜାନକୀ ସିଂ, ଦୀପିକା ଦାସ, ପ୍ରଭାତୀ ଦାସ, ଅର୍ପିତା ରାଉତ, ଅନସୂୟା ମଲିକ, ଝିଲ୍ଲିଲତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିପିଆଇର ଜନସମ୍ପର୍କ ପଦଯାତ୍ରା




କେନ୍ଦ୍ରାପଡ଼ା, ୧୩।୮ (ସମିସ): ଦରଦାମ ବୃଦ୍ଧି, ବେକାରୀ, ଶ୍ରମିକ ଶୋଷଣ, ଆଇନଶୃଙ୍ଖଳା ଓ ବିଭିନ୍ନ ଜନସମସ୍ୟାକୁ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ହେବାକୁ ଥିବା 'ପରିବର୍ତ୍ତନ ଜରୁରୀ' ମହାସମାବେଶ ଓ 'ଦିଲ୍ଲୀ ଚଲୋ' କାର୍ଯ୍ୟକ୍ରମକୁ ସଫଳ କରିବା ଲକ୍ଷ୍ୟରେ ଅଗଷ୍ଟ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଗାଁ ଓ ସହରରେ ଏହି ପଦଯାତ୍ରା ଚାଲିଛି। ଗୁରୁବାର କେନ୍ଦ୍ରାପଡ଼ା ସହରର ତିନିମୁହାଣି ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦଳ ପକ୍ଷରୁ ପଦଯାତ୍ରା କରାଯାଇଥିଲା। ଏହି ପଦଯାତ୍ରାରେ ସୀତାକାନ୍ତ ନାୟକ, ବସନ୍ତ ସାହୁ, ସୁଶାନ୍ତ ବାରିକ, ଭଜହରି ପ୍ରଧାନ ଓ ସଂଯୁକ୍ତା ରାଉତଙ୍କ ସମେତ ଦଳୀୟନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ସିପିଆଇ ପକ୍ଷରୁ ଦରଦାମ ନିୟନ୍ତ୍ରଣ, ବେକାରୀ ଦୂରୀକରଣ, ଶ୍ରମିକ ଶୋଷଣ ବନ୍ଦ, ଚାରିଟି ଶ୍ରମ କୋଡ୍ ବାତିଲ, ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ, ନିର୍ବାଚନରେ ବାଲାଟ ପେପର ବ୍ୟବହାର, ଆଇନଶୃଙ୍ଖଳାର ସୁଧାର ଓ ସାମ୍ପ୍ରଦାୟିକତା ରୋକିବା ଆଦି ଦାବି ଉଠାଯାଇଛି।

# ଅର୍ଗଳ ଗ୍ରାମ ନାଳରେ କୁମ୍ଭୀର



ଗୋବିନ୍ଦପୁର, ୧୩।୮ (ସମିସ): ଆଳି ବ୍ଲକ ଅନ୍ତର୍ଗତ ଅର୍ଗଳ ପଞ୍ଚାୟତ ୬ନଂ ୱାର୍ଡରେ ଥିବା ଏକ ନାଳରେ କୁମ୍ଭୀର ଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଫଳରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୁମ୍ଭୀର ଥିବା ସମ୍ପର୍କରେ ବନ ବିଭାଗକୁ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କେଦାର ବେହେରା ଜଣାଇଥିବାବେଳେ ବନ ବିଭାଗ କୁମ୍ଭୀରକୁ ଧରି ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**● ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ସିଡିଏମଓ**

# ସମସ୍ୟା ସମାଧାନ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ

ଡେରାବିଶ, ୧୩।୮ (ସମିସ): ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ହେବାକୁ ଥିବା ଧାରଣା ସିଡିଏମ୍‌ଓଙ୍କ ପ୍ରତିଶ୍ରୁତି ପରେ ସ୍ଥଗିତ ହୋଇଛି। ଗୁରୁବାର ସିଡିଏମଓ ଡା. ନମିତା ପଟ୍ଟନାୟକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୩୦୦ରୁ ଅଧିକ ରୋଗୀ ଆସୁଥିବାବେଳେ ଆବଶ୍ୟକ ଔଷଧ, କର୍ମଚାରୀ ଅଭାବ ଓ ଭିତ୍ତିଭୂମି ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଜଣେ ଫାର୍ମାସିଷ୍ଟ ଓ ଜଣେ ଆଟେଣ୍ଡାଣ୍ଟ ନିଯୁକ୍ତି, ଆବଶ୍ୟକ ଔଷଧ ଯୋଗାଣ, ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଓ ବର୍ଷାଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ପ୍ରତିନିଧିମଣ୍ଡଳୀ ଦାବି ରଖିଥିଲେ। ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ନେବେ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ହେବାକୁ ଥିବା ଧାରଣାକୁ ସ୍ଥଗିତ ରଖାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଧର୍ମେନ୍ଦ୍ର ସିଂଙ୍କ ସମେତ ଅଧ୍ୟାପକ ଗୋଲଖ ମହାଭୋଇ, ପ୍ରଭାକର ସାମଲ, ନାରାୟଣ ଲେଙ୍କା, କୈଳାସ ଲେଙ୍କା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

**● ଅନୁପମାଙ୍କ ହେଲା ଆଧାର ପଞ୍ଜୀକରଣ**

# ମିଳିଲା ହ୍ୱିଲ୍‌ଚେୟାର ଓ ଭତ୍ତା



ମହାକାଳପଡ଼ା, ୧୩।୮ (ସମିସ): ଦୀର୍ଘଦିନ ପରେ ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତ ଓସ୍ତର ଗ୍ରାମର ୩୫ ବର୍ଷୀୟ ଶତପ୍ରତିଶତ ଦିବ୍ୟାଙ୍ଗ ଅନୁପମା ଦାସଙ୍କ ଆଧାର ପଞ୍ଜୀକରଣ ହୋଇଛି। ଏଥିସହ ତାଙ୍କୁ ଏକ ହୁଇଲ୍‌ଚେୟାର ଓ ତିନି ମାସର ଭତ୍ତା ପ୍ରଦାନ କରାଯାଇଛି। ଆଧାର ନ ଥିବାରୁ ଅନୁପମା ୟୁଡିଆଇଡି ପ୍ରମାଣପତ୍ର, ରାସନ ଓ ଭତ୍ତା ପାଇବାରେ ସମସ୍ୟା ଭୋଗୁଥିଲେ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ଖବର ପ୍ରକାଶ ପରେ ନୂତନ ରାସନ କାର୍ଡ ହୋଇଥିଲା। ବିଧାୟକ ତ୍ରିରଙ୍ଗା ଯାତ୍ରାରେ ଆସିଥିବାବେଳେ ଅନୁପମା ତାଙ୍କୁ ଦୁଃଖ ଜଣାଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଅନୁପମାଙ୍କ ଘରେ ପହଞ୍ଚି ଆଧାର ପଞ୍ଜୀକରଣ କରାଇଥିଲେ। ଏଥିସହିତ ତାଙ୍କୁ ଏକ ହୁଇଲଚେୟାର ଓ ତିନି ମାସର ଭତ୍ତା ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

# ବ୍ଲକ କାର୍ଯ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା

ରାଜକନିକା, ୧୩।୮ (ସମିସ): ରାଜ୍ୟ ସରକାରଙ୍କ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ରାଜକନିକା ବ୍ଲକ କାର୍ଯ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ



ରାଜକନିକା ଏସଏନ କଲେଜ ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ସୈନିକ ସଙ୍ଘ, ବରିଷ୍ଠ ନାଗରିକ, କନିକା ତହସିଲଦାର ଭାନୁମତି ମାଝୀ, ରାଜକନିକା ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ ମଲିକ, ରାଜକନିକା ବିଡିଓ କୈଳାସ ମହାଳିକ ରାଜକନିକା ବ୍ଲକ ମିଶନ ଶକ୍ତି, ଅଙ୍ଗନବାଡି କର୍ମୀ ସାମିଲ ଥିଲେ। ଶୋଭାଯାତ୍ରା ଚନ୍ଦନପୋଖରୀ ଛକରୁ ଆରମ୍ଭ ହୋଇ ଏସଏନ କଲେଜରେ ଶେଷ ହୋଇଥିଲା।

# ୧୭ରେ ଅଙ୍ଗନବାଡ଼ି କର୍ମୀଙ୍କ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ରାଜନଗର, ୧୩।୮ (ସମିସ): କର୍ମଚାରୀଙ୍କ ଉପସ୍ଥାନକୁ ଶତପ୍ରତିଶତ କରିବା ପାଇଁ ସରକାର ବାୟୋମେଟ୍ରିକ ନିୟମ ଲାଗୁ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ ପଦ୍ଧତି ଲାଗୁ କରାଗଲା। ଏଭଳି ନିୟମକୁ ଚଳିତ ମାସ ୭ ତାରିଖ ଦିନ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଚିଠି ନଂ-୯୫୬୨ରେ ସମସ୍ତ ସରକାରୀ କର୍ମଚାରୀଙ୍କ ଭଳି ଅଙ୍ଗନବାଡି କର୍ମୀଙ୍କ ପାଇଁ ବାୟୋମେଟିକ ଉପସ୍ଥାନ ଲାଗୁ କରିବା ନିମନ୍ତେ ଜିଲ୍ଲାର ସମସ୍ତ ସିଡିପିଓଙ୍କୁ ଚିଠି କରିଛନ୍ତି। ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନ ଏହାକୁ ବିରୋଧ କରିଛି। ଜିଲ୍ଲା ସମ୍ପାଦିକା ପୁଷ୍ପଲତା ରଥଙ୍କ ନେତୃତ୍ୱରେ ରାଜନଗର ବ୍ଲକ ସଙ୍ଘର କର୍ମକର୍ତ୍ତା ସିଡିପିଓଙ୍କ ଜରିଆରେ ଜିଲ୍ଲାପାଳ ପୁର୍ନବିଚାର କରିବାକୁ ନିବେଦନ କରିଛନ୍ତି। ଅଙ୍ଗନବାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ମିଳିନାହିଁ। ଓଡ଼ିଶାର ଅନ୍ୟକୌଣସି ଜିଲ୍ଲାରେ ଜିଲ୍ଲାପାଳ ଏହି ନିୟମ ଲାଗୁ କରି ନ ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ କାହିଁକି କାର୍ଯ୍ୟକାରୀ କରାଯାଉଛି ? ଏହାବ୍ୟତୀତ ପ୍ରି-ସ୍କୁଲକୁ କର୍ମୀ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଉପସ୍ଥିତ ରହିଥା'ନ୍ତି। ସେତିକି ନୁହେଁ, ସୁଭଦ୍ରା ହିତାଧିକାରୀ, କିଶୋରୀ ବାଳିକାଙ୍କ ପାଇଁ କାର୍ଯ୍ୟ କରିବା ସହ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ଗୃହ ପରିଦର୍ଶନ କରି ସେମାନଙ୍କୁ ଓ ତାଙ୍କ ପରିବାରଙ୍କୁ ପରାମର୍ଶ ଦେଇଥା'ନ୍ତି। ଏସଆଇଆର କାର୍ଯ୍ୟ, ବିଏଲଓ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର(ଉପସ୍ୱାସ୍ଥ୍ୟକେନ୍ଦ୍ର)ରେ ବିଭିନ୍ନ ଟୀକାଦାନ କାର୍ଯ୍ୟକ୍ରମରେ ଯୋଗଦେବା, ସେକ୍ଟର ମିଟିଂ, ଗାଁ କଲ୍ୟାଣ ସମିତି ପ୍ରଭୃତି କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସାହାଯ୍ୟ କରିଆସୁଥିଲେ ମଧ୍ୟ ସରକାରୀ କର୍ମଚାରୀ ମାନ୍ୟତା ମିଳିବା ତ ଦୂରର କଥା, ପାରିଶ୍ରମିକ ବୃଦ୍ଧି ମଧ୍ୟ କରାଯାଉନାହିଁ। ଅପରପକ୍ଷରେ ସୁପରଭାଇଜର ବାୟୋମେଟ୍ରିକ ପଦ୍ଧତି ଲାଗୁ ହେବ ବୋଲି ନ ଜଣାଇ କର୍ମୀଙ୍କଠାରୁ ଚଞ୍ଚକତା କରି ଆଧାରକାର୍ଡ ଓ ଫଟୋ ସଂଗ୍ରହ କରିଥିବା ନେଇ ଜିଲ୍ଲା ସମ୍ପାଦିକା ଶ୍ରୀମତୀ ରଥ ଅଭିଯୋଗ କରିଛନ୍ତି। ରାଜ୍ୟ ସଂଘ ଆହ୍ୱାନକ୍ରମେ ଆସନ୍ତା ୧୭ ତାରିଖ ଦିନ ଅନ୍ୟ କେତେକ ଦାବି ସହ ଏହି ବାୟୋମେଟ୍ରିକ ନିୟମକୁ ବିରୋଧ କରି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା କରାଯିବ ବୋଲି ଶ୍ରୀମତୀ ରଥଙ୍କ ସହ ରାଜନଗର ବ୍ଲକ ସଂଘର ନେତ୍ରୀ ରମାବତୀ ସ୍ୱାଇଁ, ଅବିଚାରୀ ବାରିକ, ମିନତୀ ଭୂୟାଁ, କବିତା ବାରିକ, ମଧୁସ୍ମିତା ପ୍ରଧାନ, ସେବତୀ ପରିଡ଼ା ଓ ପ୍ରମିଳା ପ୍ରଧାନ ପ୍ରମୁଖ ସିଡିପିଓ ଦୀପାଳି ମିଶ୍ରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

**● ତିଖିରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟିଂ ଶେଷ**

# ଫଳାଫଳ ସଂରକ୍ଷିତ, କୋର୍ଟ ନିର୍ଦ୍ଦେଶନାମା ଦେଲେ ଚାମେଲୀ



ମହାକାଳପଡ଼ା, ୧୩।୮ (ସମିସ): ମହାକାଳପଡ଼ା ବ୍ଲକ ଅଧୀନ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ନେଇ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟିଂ ଶେଷ ହୋଇଛି। କଡ଼ା ସୁରକ୍ଷା ମଧ୍ୟରେ ଭୋଟିଂ ହୋଇଥିବାବେଳେ ସରପଞ୍ଚ ଚାମେଲୀ ଓଝା ନିଜେ ଉପସ୍ଥିତ ଥିଲେ। ତେବେ ଭୋଟିଂ ଶେଷ ହୋଇଥିଲେ ମଧ୍ୟ ଏହାର ଫଳାଫଳ ପ୍ରକାଶ କରାଯାଇନାହିଁ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଫଳାଫଳ ସଂରକ୍ଷିତ ରଖାଯାଇଛି। ଭୋଟିଂ ପୂର୍ବରୁ ସରପଞ୍ଚ ଚାମେଲୀ ଓଝା ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଅନ୍ତରୀଣ ଆଦେଶର ନିର୍ଦ୍ଦେଶନାମା କପି ଭୋଟିଂ ଦାୟିତ୍ୱରେ ଥିବା ରିଟର୍ନିଂ ଅଫିସର ତଥା ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ତାଙ୍କ ବିରୋଧରେ ମିଥ୍ୟା ଆରୋପ ଲଗାଯାଇଥିବା ନେଇ ଚାମେଲୀ ଅଫିସରଙ୍କ ନିକଟରେ ମତ ରଖିଥିବା ଜଣାପଡ଼ିଛି। ତିଖିରି ପଞ୍ଚାୟତର ୨୨ ଜଣ ୱାର୍ଡ ସଭ୍ୟସଭ୍ୟା ସରପଞ୍ଚ ଚାମେଲୀ ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଉପଜିଲାପାଳ ଅରୁଣ କୁମାର ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଗୁରୁବାର ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଅନ୍ୟପକ୍ଷରେ ଅନାସ୍ଥା ପ୍ରସ୍ତାବକୁ ଚ୍ୟାଲେଞ୍ଜ କରି ସରପଞ୍ଚ ଚାମେଲୀ ଓଝା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ରିଟ୍ ପିଟିସନ ଦାଖଲ କରିଥିଲେ। ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଅନ୍ତରୀଣ ଆଦେଶ ଜାରି ରହିଥିବାରୁ ଭୋଟିଂ ପରେ ମଧ୍ୟ ଫଳାଫଳ ପ୍ରକାଶ ନକରି ସଂରକ୍ଷିତ ରଖାଯାଇଛି।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୩୪ ● ପାଉଣ୍ଡ ୧୨୮.୮୯
- ୟୁରୋ ୧୧୦.୧୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୮୦୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୦୭୯.୦୦
- ନିଫ୍ଟି ୨୪,୩୯୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ତେଜୁଛି ଇ-୨୦ ପେଟ୍ରୋଲ ବିବାଦ
# ମୁହଁ ଖୋଲିଲେ ବଡ଼ କାର ନିର୍ମାତା

## ଯାନ୍ତ୍ରିକ ତ୍ରୁଟିକୁ ନେଇ ମାରୁତି, ଟାଟା ମୋଟର୍ସ, ମହିନ୍ଦ୍ରାର ଚିନ୍ତା ପ୍ରକଟ

## ସିଜେପିର ଯନ୍ତରମନ୍ତର ସିଜନ୍-୨ ଖୁବ୍ ଶୀଘ୍ର

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି): ସମ୍ପ୍ରତି ଦେଶରେ ଇ-୨୦ ପେଟ୍ରୋଲ ବିବାଦ ଏକ ବଡ଼ ରୂପ ନେବାକୁ ଯାଉଛି। କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ଏହା ବିରୋଧରେ ଯନ୍ତରମନ୍ତର ସିଜନ୍-୨ ଆରମ୍ଭ ହେବାକୁ ଯାଉଛି। ବର୍ତ୍ତମାନ ଦେଶର ଶ୍ରେଷ୍ଠ କାର ନିର୍ମାତାମାନେ ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ି ଖରାପ ହେବା ଏବଂ ଇଞ୍ଜିନ୍‌କୁ କ୍ଷତି ପହଞ୍ଚିଥିବାକୁ ନେଇ ବ୍ୟକ୍ତିଗତ ଭାବରେ ଚିନ୍ତା ପ୍ରକଟ କରିଛନ୍ତି। ଏଥିରେ ଦେଶର ବଡ଼ ବଡ଼ ଗାଡ଼ି ନିର୍ମାତା ମାରୁତି ସୁଜୁକି, ଟାଟା ମୋଟର୍ସ ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ବ୍ୟକ୍ତିଗତ ଭାବରେ ଚିନ୍ତା ପ୍ରକଟ କରିଛନ୍ତି।

ରିପୋର୍ଟ ଅନୁଯାୟୀ, ଭାରତର ଶ୍ରେଷ୍ଠ କାର ନିର୍ମାତାମାନେ ଇ-୨୦ ପେଟ୍ରୋଲ ଯୋଗୁ ଇନ୍ଧନରେ କ୍ଲୋରାଇଡ୍ ମିଶ୍ରଣ ବିଷୟରେ ବ୍ୟକ୍ତିଗତ ଭାବରେ ଗମ୍ଭୀର ଚିନ୍ତା ପ୍ରକଟ କରିଛନ୍ତି। ଭାରତୀୟ ଅଟୋମୋବାଇଲ ନିର୍ମାତା ସଂଘ (ସିଆମ୍) ଜୁଲାଇ ୨୮ରେ ଏ ନେଇ ସରକାରଙ୍କୁ ଚିଠି ଲେଖିଥିଲା। ତେବେ ଇ-୨୦ ପେଟ୍ରୋଲ ବିଷୟରେ କେନ୍ଦ୍ରର ସର୍ବସାଧାରଣରେ ପ୍ରତିଶ୍ରୁତି ଦେବା ପରେ ସିଆମ୍ ଏହାକୁ ପ୍ରତ୍ୟାହାର କରିଥିଲା। ଏଥିରେ ଦାବି କରିଥିଲା ଯେ ଚିଠିରେ ଥିବା କିଛି ସଂଖ୍ୟାକୁ ଆହୁରି ପ୍ରମାଣୀକରଣ କରିବା ଆବଶ୍ୟକ। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଦେଶବ୍ୟାପୀ ଇ-୨୦ ବାଧ୍ୟତାମୂଳକ କରାଯାଇଛି। ଏହି ଅଭିଯାନର ଲକ୍ଷ୍ୟ ପ୍ରଦୂଷଣ ହ୍ରାସ କରିବା ଏବଂ ତେଲ ଆମଦାନୀ ହ୍ରାସ କରିବା। ଏହି ଇନ୍ଧନ ବ୍ୟବହାର ପରେ ଯାନବାହାନ ଗୁଡିକର ମାଇଲେଜ୍ ଏବଂ କାର୍ଯ୍ୟଦକ୍ଷତା ସମ୍ପର୍କରେ ଗ୍ରାହକଙ୍କ ଅଭିଯୋଗ ବୃଦ୍ଧି ପାଇବାରେ ଲାଗିଛି। ଅନେକ ଗାଡ଼ି ଚାଳକ ମାଇଲେଜ୍ ହ୍ରାସ ଏବଂ କାରର ବଢ଼ୁଥିବା କ୍ଷତି ନେଇ ରିପୋର୍ଟ କରିଛନ୍ତି। ଶିଳ୍ପ ପରୀକ୍ଷଣରେ ସାରା ଦେଶରେ ୨୫୦ ରୁ ଅଧିକ ଇନ୍ଧନ ନମୁନା ସଂଗ୍ରହ କରାଯାଇଥିଲା। ଏହି ନମୁନାଗୁଡ଼ିକ ଦେଶବ୍ୟାପୀ ୨୧ଟି ରାଜ୍ୟ ଏବଂ ଅଞ୍ଚଳରୁ ଆସିଥିଲା। ୧୮ଟି ରାଜ୍ୟରୁ ନମୁନାରେ ଉଚ୍ଚ କ୍ଲୋରାଇଡ୍ ପ୍ରଦୂଷଣ ଦେଖାଦେଇଥିଲା। ଅନେକ ସ୍ଥାନରେ ତେଲରେ ଉଚ୍ଚ ଆର୍ଦ୍ରତା ମଧ୍ୟ ଚିହ୍ନଟ ହୋଇଥିଲା। ରାଜସ୍ଥାନରେ ଏଥିରେ କ୍ଲୋରାଇଡ୍ ସ୍ତର ପ୍ରତି ନିୟୁତରେ ୫୭୦ ପାର୍ଟସ ପର୍ଯ୍ୟନ୍ତ ପହଞ୍ଚିଥିବା ଜଣାପଡ଼ିଛି। ଦିଲ୍ଲୀ ପରୀକ୍ଷଣରେ ୪୨୦ ପିପିଏମ୍ ପର୍ଯ୍ୟନ୍ତ ସ୍ତର ରେକର୍ଡ କରିଛି। ମହାରାଷ୍ଟ୍ରରେ ଏହା ୩୫୭ ପିପିଏମ୍ ପର୍ଯ୍ୟନ୍ତ ଉଚ୍ଚ ରିଡିଂ ଦେଖାଇଛି। ଭାରତର ଅନୁମତିପ୍ରାପ୍ତ କ୍ଲୋରାଇଡ୍ ସୀମା ବର୍ତ୍ତମାନ ମାତ୍ର ୩ ପିପିଏମ୍ ରହିଛି। ତେଣୁ, ଏହି ଫଳାଫଳଗୁଡ଼ିକ ସରକାରୀ ସରକାରୀ ମାନଦଣ୍ଡକୁ ଯଥେଷ୍ଟ ଅଧିକ ଅତିକ୍ରମ କରିଛି। ତେଲରେ ଆର୍ଦ୍ରତା ସ୍ତର ମଧ୍ୟ ଅନେକ ରାଜ୍ୟରେ ଅନୁମତିପ୍ରାପ୍ତ ସୀମା ଉଲ୍ଲଂଘନ କରିଛି।





ଆନ୍ଧ୍ର ପ୍ରଦେଶରେ ଏହା ୧୩,୦୦୦ ପିପିଏମ୍ ପର୍ଯ୍ୟନ୍ତ ସ୍ତର ରେକର୍ଡ କରିଛି। ଉତ୍ତର ପ୍ରଦେଶ ପ୍ରାୟ ୧୨,୫୦୦ ପିପିଏମ୍ ପର୍ଯ୍ୟନ୍ତ ସେହିପରି ଉଚ୍ଚ ରିଡିଂ ଦେଖାଇଛି। ସରକାରଙ୍କ ଆର୍ଦ୍ରତା ମାନଦଣ୍ଡ ବର୍ତ୍ତମାନ ସର୍ବାଧିକ କେବଳ ୩୦୦୦ ପିପିଏମ୍ ଅନୁମତି ଦିଏ। ମାରୁତିର ବରିଷ୍ଠ କାର୍ଯ୍ୟନିର୍ବାହୀ ଅନୁପ ଭଟ୍ଟ ଆଭ୍ୟନ୍ତରୀଣ ଭାବରେ ଏହି ଚିନ୍ତାଧାରା ଉଠାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଇନ୍ଧନ ଇଞ୍ଜେକ୍ଟରଗୁଡ଼ିକ କେବଳ ୧ ପିପିଏମ୍ କ୍ଲୋରାଇଡ୍ ସହ୍ୟ କରିପାରିବେ। ମହିନ୍ଦ୍ରାର ଇଞ୍ଜିନିୟର ଆର ରାମପ୍ରଭୁ ଇ-୨୦ ପେଟ୍ରୋଲରେ ଜୈବିକ କ୍ଲୋରାଇଡ୍ ବିଷୟରେ ସତର୍କ କରାଇ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ମିଶ୍ରଣ ୨୦୦ କିଲୋମିଟର ମଧ୍ୟରେ ଗାଡ଼ିରେ ଦ୍ରୁତ ମାତ୍ରାରେ ସମସ୍ୟା ବିଫଳତା ସୃଷ୍ଟି କରିଛି। ସେ ଦାବି କରିଛନ୍ତି ଯେ ଇନ୍ଧନ ପରବର୍ତ୍ତୀ ଅଧିକାଂଶ ତୁରନ୍ତ ବିଫଳତା ଏହି ମିଶ୍ରଣରୁ ସୃଷ୍ଟି ହୋଇଛି। ସିଆମ୍ କହିଛି ଯେ ତଥ୍ୟ କେବଳ ଆଭ୍ୟନ୍ତରୀଣ ଆଲୋଚନା ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ବହୁତ କମ୍ ଅଟୋ ନିର୍ମାତା ବାସ୍ତବରେ ଏହି ତଥ୍ୟ ସଂଗ୍ରହ କରିଛନ୍ତି। ଯଦିବା ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ କୌଣସି ମତାମତ ଦେଇନାହିଁ।

# ଟାଟା ସନ୍ସରେ ଚନ୍ଦ୍ରଶେଖରନଙ୍କ ସ୍ଥାନ ନେଇପାରନ୍ତି ଟିଭି ନରେନ୍ଦ୍ରନ୍

## ଅଧ୍ୟକ୍ଷ ପଦ ପାଇଁ ଦୌଡ଼ରେ ଆଗରେ

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି): ଟାଟା ସନ୍ସର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍‌ଙ୍କ ଇସ୍ତଫା ଘୋଷଣା ପରେ, ଏବେ ଗ୍ରୁପରେ ଉତ୍ତରାଧିକାରୀଙ୍କ ଖୋଜା ଆରମ୍ଭ ହୋଇଛି। ସାର୍ ଦୋରାବଜୀ ଟାଟା ଟ୍ରଷ୍ଟ ଆଜି ଏକ ପ୍ରସ୍ତାବ ମଞ୍ଜୁର କରି ଏକ ୫ ଜଣିଆ ଚୟନ କମିଟି ଗଠନ ପ୍ରକ୍ରିୟା ଆରମ୍ଭ କରିଛି। ତେବେ ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ୍ ଏହି ପଦବୀ ପାଇଁ ଦୌଡରେ ଆଗରେ ରହିଥିବା କୁହାଯାଉଛି। ଶ୍ରୀ ନରେନ୍ଦ୍ରନ୍ ୧୯୮୮ରୁ ଟାଟା ଗ୍ରୁପ୍ ସହିତ ଅଛନ୍ତି ଏବଂ ତାଙ୍କର ସମଗ୍ର କ୍ୟାରିଅର୍ ଟାଟା ଷ୍ଟିଲ୍‌ରେ ବିତାଇଛନ୍ତି। ପଦରୁ ଇସ୍ତଫା ଦେଇଥିବା ଶ୍ରୀ ଚନ୍ଦ୍ରଶେଖରନ୍ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଟାଟା ସନ୍ସର ଅଧ୍ୟକ୍ଷ ଭାବରେ ରହି ତାଙ୍କର ପୂର୍ଣ୍ଣ କାର୍ଯ୍ୟକାଳ ପୂରଣ କରିବେ। ଫଳସ୍ୱରୂପ, ଟାଟା ସନ୍ସ ପାଖରେ ନୂତନ ମୁଖ୍ୟ ଚୟନ କରିବା ଏବଂ ଏକ ସୁଗମ ପରିବର୍ତ୍ତନ ପାଇଁ ଯୋଜନା କରିବା ପାଇଁ ପ୍ରାୟ ୬ ମାସ ସମୟ ଅଛି। ଟାଟା ସନ୍ସର ନିୟମାବଳୀ ଅନୁଯାୟୀ, ଅଧ୍ୟକ୍ଷ ଚୟନ କରିବା ପାଇଁ ୫ ଜଣିଆ ଏକ ସ୍ୱତନ୍ତ୍ର କମିଟି ଗଠନ ହେବ। ନାମଗୁଡ଼ିକୁ ଯାଞ୍ଚ କରିବା ପରେ କମିଟି ସେମାନଙ୍କ ସାକ୍ଷାତକାର ନେବ। ଏହା ପରେ ଟାଟା ସନ୍ସ ବୋର୍ଡକୁ ଚୂଡ଼ାନ୍ତ ନାମ ସୁପାରିଶ କରାଯିବ।



# କ୍ୟାବ୍‌ଙ୍କ ଟିପ୍ ନେବା ଖେଳ ଶେଷ
# 'ଆଡଭାନ୍ସ ଟିପ୍' ଫିଚର ଉପରେ ରୋକ୍

## କନ୍‌ଫର୍ମ ବୁକିଂ ପାଇଁ ଅତିରିକ୍ତ ଦେୟ ନେଇପାରିବେନି ରାଇଡ୍-ହେଲିଂ ପ୍ଲାଟଫର୍ମ

## ରହିବନି 'ଆଡ-ଅନ୍' ବିକଳ୍ପ

## ବଦଳିଲା ଅନ୍‌ଲାଇନ ରାଇଡ୍ ବୁକିଂ ନିୟମ

## ସଡ଼କ ପରିବହନ ମନ୍ତ୍ରାଳୟର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି): ବଦଳିଲା ଅନଲାଇନ ରାଇଡ ବୁକ୍ କରିବାର ନିୟମ। ଏଥିରେ କ୍ୟାବ୍ ଯାତ୍ରୀଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି ସରକାର। ଶେଷ ହୋଇଛି କ୍ୟାବ୍‌ଗୁଡିକର ଟିପ୍ ନେବା ଖେଳ। କାରଣ 'ଆଡଭାନ୍ସ ଟିପ୍' ଫିଚର ଉପରେ ରୋକ୍ ଲଗାଇଛନ୍ତି ସରକାର। କେନ୍ଦ୍ର ସରକାର ରାଇଡ୍-ହେଲିଂ ପ୍ଲାଟଫର୍ମ ଓଲା, ଉବର ଓ ରାପିଡୋକୁ ରାଇଡର୍ସଙ୍କୁ ଆଡଭାନ୍ସ ଟିପ୍ ଦେବା ସୁବିଧା ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଉବର, ଓଲା ଏବଂ ଅନ୍ୟାନ୍ୟ କ୍ୟାବ୍‌ଗୁଡିକ ଯାତ୍ରା ଆରମ୍ଭ ହେବା ପୂର୍ବରୁ ଆଉ ଯାତ୍ରୀମାନଙ୍କୁ ଟିପ୍ ଦେବାକୁ କହିପାରିବେନାହିଁ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସମସ୍ତ ମୋଟର ଯାନ ସଂଗ୍ରହକାରୀଙ୍କୁ ସେମାନଙ୍କର ଆପ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମରୁ ପ୍ରି-ରାଇଡ୍ ଟିପ୍ ବିକଳ୍ପ ହଟାଇବାକୁ ନିର୍ଦ୍ଦେଶ ଦେଇଛି।

ସରକାର ବର୍ତ୍ତମାନ ଏହି ପଦକ୍ଷେପ ନେଇଛନ୍ତି କାରଣ କିଛି କ୍ୟାବ୍ ଆପ୍ ପୂର୍ବରୁ ବୁକିଂ ସମୟରେ ଯାତ୍ରୀମାନଙ୍କୁ ଟିପ୍ ଦେବାର ବିକଳ୍ପ ଦେଖାଉଥିଲେ। କିଛି ସ୍ଥାନରେ 'ଆଡଭାନ୍ସ ଟିପ୍', 'ଏକ ଆଡ-ଅନ୍ ବାଛନ୍ତୁ' ଏବଂ ଶୀଘ୍ର ଯାତ୍ରା କନ୍‌ଫର୍ମର ସମ୍ଭାବନା ବଢ଼ାଇବା ଭଳି ମେସେଜ୍ ଦେଖାଯାଉଥିଲା। ଏହା ଯାତ୍ରୀଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଏ ଯେ, ଯଦି ସେମାନେ ପୂର୍ବରୁ ଟିପ୍ ଦିଅନ୍ତି, ତେବେ ସେମାନଙ୍କର କ୍ୟାବ୍ ଶୀଘ୍ର ବୁକ୍ ହୋଇଯିବ କିମ୍ବା ଡ୍ରାଇଭର ସେମାନଙ୍କ ଯାତ୍ରା ଅନୁରୋଧକୁ ଶୀଘ୍ର ଗ୍ରହଣ କରିବେ। ସରକାର ଏବେ ଏପରି ଏକ ବ୍ୟବସ୍ଥା ପ୍ରତି ଆପତ୍ତି ଉଠାଇଛନ୍ତି।

ସରକାର ସମସ୍ତ କ୍ୟାବ୍ ଏଗ୍ରିଗେଟରମାନଙ୍କୁ ତୁରନ୍ତ ସେମାନଙ୍କର ମୋବାଇଲ୍ ଆପ୍ସ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ସମୀକ୍ଷା କରିବାକୁ ଏବଂ ମୋଟର ଯାନବାହନ ଏଗ୍ରିଗେଟର ନିର୍ଦ୍ଦେଶାବଳୀ ୨୦୨୫ ଉଲ୍ଲଂଘନ କରୁଥିବା ଯେକୌଣସି ବୈଶିଷ୍ଟ୍ୟକୁ ହଟାଇବାକୁ କହିଛନ୍ତି। ଯାତ୍ରା ସମାପ୍ତ ହେବା ପୂର୍ବରୁ ଆପ୍ସ ଆଉ ଟିପ୍ ବିକଳ୍ପ, ମେସେଜ୍ କିମ୍ବା ପେମେଣ୍ଟ ବିକଳ୍ପ ପ୍ରଦର୍ଶନ କରିପାରିବ ନାହିଁ ଯାହା ସୂଚାଇଥାଏ ଯେ ଜଣେ ଯାତ୍ରୀ ଅତିରିକ୍ତ ଦେୟ ଦେଇ ଭଲ କିମ୍ବା ଦ୍ରୁତ ସେବା ପାଇପାରିବେ। ପୂର୍ବରୁ ଏଥିରେ ଡ୍ରାଇଭର ଯାତ୍ରା ଗ୍ରହଣ କରୁଛନ୍ତି, କେତେ ଶୀଘ୍ର ବୁକିଂ ନିଶ୍ଚିତ ହେବ, କେଉଁ ଡ୍ରାଇଭର ଉପଲବ୍ଧ ହେବେ, କିମ୍ବା ଯାତ୍ରୀଙ୍କୁ କେତେ ସମୟ ଅପେକ୍ଷା କରିବାକୁ ପଡିବ ପରି ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା। ସରଳ ଭାବରେ କହିବାକୁ ଗଲେ, ଏଣିକି ଶୀଘ୍ର କ୍ୟାବ୍ ପାଇବା ପାଇଁ ଯାତ୍ରୀମାନଙ୍କୁ ପୂର୍ବରୁ ଟିପ୍ ଦେବାକୁ କୁହାଯାଇପାରିବ ନାହିଁ।

ଏହା ନୁହେଁ ଯେ ସରକାର ଟିପ୍ସକୁ ନିଷେଧ କରିନାହାଁନ୍ତି। ଯାତ୍ରୀମାନେ ଏବେ ବି ଇଚ୍ଛାନୁସାରେ ଡ୍ରାଇଭରମାନଙ୍କୁ ଟିପ୍ ଦେଇପାରିବେ। ତଥାପି, ଏବେ ଯାତ୍ରା ସମାପ୍ତ ହେବା ପରେ ଟିପ୍ ଦେବାର ବିକଳ୍ପ ଦିଆଯାଇପାରିବ। ଏହାର ଅର୍ଥ ହେଉଛି ଯଦି ଡ୍ରାଇଭର ଭଲ ସେବା ପ୍ରଦାନ କରିଛନ୍ତି ଏବଂ ଯାତ୍ରୀ ଅତିରିକ୍ତ ଦେୟ ଦେବାକୁ ଚାହାଁନ୍ତି, ତେବେ ଯାତ୍ରା ଶେଷ ହେବା ପରେ ସେମାନେ ତାହା କରିପାରିବେ। ଏହା ବ୍ୟତୀତ, ସମ୍ପୂର୍ଣ୍ଣ ଟିପ୍ ଡ୍ରାଇଭରଙ୍କ ପାଖକୁ ଯିବା ଉଚିତ। କ୍ୟାବ୍ ଏଗ୍ରିଗେଟର ଟିପ୍‌ର କୌଣସି ଅଂଶ ଯାତ୍ରୀଙ୍କଠାରୁ କାଟି ପାରିବେନାହିଁ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଟିପ୍ ଦେବା ଯାତ୍ରୀଙ୍କ ପସନ୍ଦ ଏବଂ ଏହାକୁ କ୍ୟାବ୍ ଗ୍ରହଣ କରିବା ସହିତ ଯୋଡା ଯାଇପାରିବନାହିଁ।

# ଫୋନ୍‌ପେ'ର ଡେଲି ଆର୍‌ଡି ଓ ଫିକ୍ସଡ ଡିପୋଜିଟ ଡିଷ୍ଟ୍ରିବ୍ୟୁଶନ

ଭୁବନେଶ୍ୱର,୧୩।୮ : ଫୋନପେ ପକ୍ଷରୁ ପ୍ରମୁଖ ବ୍ୟାଙ୍କ ଓ ଏନବିଏଫସିଗୁଡିକ ସହ ସହଭାଗିତାରେ ଏହାର ପ୍ଲାଟଫର୍ମରେ ଫିକ୍ସଡ ଡିପୋଜିଟ ଡିଷ୍ଟ୍ରିବ୍ୟୁଶନର ଆନୁଷ୍ଠାନିକ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ବିସ୍ତୃତ ଆର୍ଥିକ ସେବା ଶୃଙ୍ଖଳାର ବିସ୍ତାର କରି ଫୋନ୍‌ପେ, ଶିବାଲିକ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହ ସହଭାଗିତାରେ ଏକ ଅଭିନବ, ପ୍ରଥମ ଧରଣର ଡିଜିଟାଲ ମାଇକ୍ରୋ-ସେଭିଙ୍ଗସ ପ୍ରଡକ୍ଟ –ଡେଲି ରିକରିଂ ଡିପୋଜିଟର ମଧ୍ୟ ଶୁଭାରମ୍ଭ କରିଛି। ଏହି ଉତ୍ପାଦ ଉପଭୋକ୍ତାଙ୍କୁ ଦୈନିକ ୧୦୦ ଟଙ୍କାରୁ ଆରମ୍ଭ ହେଉଥିବା ନିବେଶଗୁଡିକ ସହ ଏକ ଶୃଙ୍ଖଳିତ ସଞ୍ଚୟ ଅଭ୍ୟାସ ସ୍ଥାପନ କରିବା ପାଇଁ ସକ୍ଷମ କରିଥାଏ।

# ବିତରଣ ବ୍ୟବସ୍ଥା ସୁଦୃଢ଼ କଲା ବନ୍ଧନ ଲାଇଫ୍

ଭୁବନେଶ୍ୱର, ୧୩।୮: ବନ୍ଧନ ଗ୍ରୁପ୍‌ର ଜୀବନ ବୀମା ଶାଖା ବନ୍ଧନ ଲାଇଫ୍ ଏକ ନୂତନ ଏବଂ ସୁଦୃଢ଼ ବିତରଣ ବ୍ୟବସ୍ଥା ବିଷୟରେ ଘୋଷଣା କରିଛି। ଏହା ସ୍ଥାୟୀ ପ୍ରଗତି ଏବଂ ବଜାରରେ ଅଧିକ ସକ୍ରିୟ ପହଂଚ ପାଇଁ କମ୍ପାନୀର ବଦ୍ଧପରିକରତାକୁ ଦର୍ଶାଉଛି। ବ୍ୟାଙ୍କାସ୍ୟୁରାନ୍ସ, ଗ୍ରୁପ୍, କର୍ପୋରେଟ୍ ଏଜେନ୍ସି ଏବଂ ବ୍ରୋକିଂ ଡିଜିଟାଲ୍ ଭାଗିଦାରୀ ଏବଂ ଉଦୀୟମାନ ଭାରତ ବ୍ୟବସାୟକୁ ଏକତ୍ରିତ କରି ଏକ ସମନ୍ୱିତ ବିତରଣ ରଣନୀତି ପ୍ରସ୍ତୁତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।




ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଅନ୍ତର୍ଗତ ଭୁବନେଶ୍ୱରସ୍ଥିତ ଜୀବନ ଜ୍ୟୋତି ଅନାଥ ଆଶ୍ରମର ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ।

# ନୂଆ ରୂପରେ ମହିନ୍ଦ୍ରା ସ୍କର୍ପିଓ-ଏନ୍ ବଜାରରେ

ଭୁବନେଶ୍ୱର, ୧୩।୮ (ସମିସ): ଏସ୍‌ୟୁଭି ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଆଜି ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ଉତ୍କଳ ଅଟୋମୋବାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ରେ ସ୍କର୍ପିଓ-ଏନ୍‌ରେ ଅନେକ ନୂଆ ଓ ଅତ୍ୟାଧୁନିକ ଫିଚର୍ ସାମିଲ କରାଯାଇଥିବା ନେଇ ଘୋଷଣା କରିଛି। ଏହି ଅବସରରେ ମହିନ୍ଦ୍ରା ଏବଂ ଉତ୍କଳ ଅଟୋମୋବାଇଲ୍ସର ଟିମ୍ ସଦସ୍ୟମାନେ ଉପସ୍ଥିତ ଥିଲେ। ନୂଆ ସ୍କର୍ପିଓ-ଏନ୍ ଭାରତୀୟ ବଜାରରେ ୧୩.୬୯ ଲକ୍ଷ ଟଙ୍କାର ଏକ୍ସ-ଶୋ'ରୁମ୍ ମୂଲ୍ୟରୁ ଉପଲବ୍ଧ ହୋଇଥିବାବେଳେ ଟପ୍-ସ୍ପେକ୍ ଭାରିଆଣ୍ଟର ମୂଲ୍ୟ ୨୫.୪୯ ଲକ୍ଷ ଟଙ୍କା (ଏକ୍ସ-ଶୋ'ରୁମ୍)। ଭାରିଆଣ୍ଟ, ଟ୍ରାନ୍ସମିଶନ୍ ଓ ଡ୍ରାଇଭ୍‌ଟ୍ରେନ୍ ଅନୁଯାୟୀ ଏହା ବିଭିନ୍ନ ପେଟ୍ରୋଲ୍ ଓ ଡିଜେଲ୍ ଭାରିଆଣ୍ଟରେ ଉପଲବ୍ଧ। ଉତ୍କଳ ଅଟୋମୋବାଇଲ୍ସର ଡିଲର୍ ପ୍ରିନ୍ସିପାଲ୍ ଶୌନାକ୍ ଆର୍. ପାରିଖ କହିଛନ୍ତି ଯେ, ସ୍କର୍ପିଓ – ଏନ୍ ଉଚ୍ଚସ୍ତରୀୟ ସିକ୍ୟୁରିଟି ଫିଚର୍ ପାଇଁ ଏକ ଆକର୍ଷଣୀୟ ଏସ୍‌ୟୁଭି ମଡେଲ୍।




# କାନାରା ବ୍ୟାଙ୍କ ପକ୍ଷରୁ "କାନାରା ବିଦ୍ୟା ଜ୍ୟୋତି" ଛାତ୍ରବୃତ୍ତି ବଣ୍ଟନ



ଭୁବନେଶ୍ୱର,୧୩।୮ (ସମିସ) : କାନାରା ବ୍ୟାଙ୍କ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ କାନାରା ବିଦ୍ୟା ଜ୍ୟୋତି ଯୋଜନା-୨୦୨୬ ଅନ୍ତର୍ଗତ କଟକ ଟାଉନ୍‌ହଲ୍‌ଠାରେ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଓ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୩୫ଟି ବିଦ୍ୟାଳୟର ପଞ୍ଚମରୁ ଦଶମ ଶ୍ରେଣୀର ୧୦୫ ଜଣ ମେଧାବୀ ଏସ୍‌ସି/ଏସ୍‌ଟି ଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୭ଟି ଶାଖା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ଡିଭିଜନାଲ ମ୍ୟାନେଜର ଅମରେଶ୍ୱର ପଣ୍ଡା, କ୍ଷେତ୍ରୀୟ ମୁଖ୍ୟ ଶ୍ରୀକାନ୍ତ ପଣ୍ଡା ଏବଂ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଲ୍ୟାଣ ଅଧିକାରୀ ମଧୁସ୍ମିତା ମହାପାତ୍ର ଉପସ୍ଥିତ ଥିଲେ।

# ଆଇଆର୍‌ସିଟିସିର ନୂଆ ଭ୍ରମଣ ପ୍ୟାକେଜ୍

ଭୁବନେଶ୍ୱର, ୧୩।୮ (ସମିସ): ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆର୍‌ସିଟିସି) ପକ୍ଷରୁ ଏହାର ନୂତନ ନୂଆ ଭ୍ରମଣ ପ୍ୟାକେଜ୍ ଘୋଷଣା କରାଯାଇଛି। ଚଳିତ ମାସ ୮ରୁ ଏହି ଟୁର୍ ଗୁଜରାଟର ଷ୍ଟାଚ୍ୟୁ ଅଫ୍ ଲିବର୍ଟିରୁ ଆରମ୍ଭ ହେଉଛି। ଚଳିତଥର ପ୍ୟାକେଜ୍‌ରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୋନପୁରଠାରୁ ଆରମ୍ଭ କରି କାଶ୍ମୀର, ମେଘାଳୟ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ଏବଂ ଭିଏତ୍‌ନାମ୍ ଭଳି ପର୍ଯ୍ୟଟନ ସ୍ଥଳୀ ରହିଛି। ବିମାନ ଭଡ଼ାକୁ ମିଶାଇ ଏଥିରେ ସମ୍ପୂର୍ଣ୍ଣ ପ୍ୟାକେଜ୍ ରଖାଯାଇଛି। ଚଳିତଥର ଆଇଆର୍‌ସିଟିସି ପକ୍ଷରୁ ୧୪ଟି ଘରୋଇ ଏବଂ ୪ଟି ଅନ୍ତର୍ଜାତୀୟ ଭ୍ରମଣ ପ୍ୟାକେଜ୍ ଅଣାଯାଇଛି। ୫ରାତି ଓ ୬ ଦିନ ପୁରୀ- ଅଯୋଧ୍ୟା ବାରଣସୀ ଟୁର୍ ପାଇଁ ପ୍ୟାକେଜ୍ ୨୦,୦୦୦ ଟଙ୍କା ରଖାଯାଇଛି। ସେହିପରି ୫ରାତି ଓ ୬ ଦିନ ସିଙ୍ଗାପୁର-ମାଲେସିଆ (କ୍ରୁଜ୍ ଯାତ୍ରା) ଟୁର୍ ପାଇଁ ପ୍ୟାକେଜ୍ ୧,୫୦,୦୦୦ ଟଙ୍କା ରହିଥିବା ରଖାଯାଇଥିବା ଆଇଆର୍‌ସିଟିସି ଭୁବନେଶ୍ୱରର ରିଜିଓନାଲ ମ୍ୟାନେଜର ଡ. କ୍ରାନ୍ତି ପି ସବରକର କହିଛନ୍ତି।



**ଗବେଷିକାଙ୍କ ଡକ୍ଟରେଟ୍ ଲାଭ**



ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ଓଡ଼ିଆ ବିଭାଗର ଗବେଷିକା ସୁଶ୍ରୀ ସିମ୍ରନ୍ ରାଉତ୍ ଓଡ଼ିଆ ସାହିତ୍ୟରେ ଗବେଷଣା କରି ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ତଥା ପ୍ରଫେସର ବବ୍ରୁବାହନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ଗବେଷଣା ନିବନ୍ଧର ଶୀର୍ଷକ ହେଉଛି "ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପ୍ରାକୃତିକ ବିପର୍ଯ୍ୟୟର ଚିତ୍ର"। ନିବନ୍ଧଟି ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଓ କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ବିଜୟାନନ୍ଦ ସିଂହଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ସିମ୍ରନ୍ ରାଉତ୍ ସମ୍ପ୍ରତି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରଠାରେ ଅଧ୍ୟାପିକା ଭାବେ କାର୍ଯ୍ୟରତ। ସେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଅନ୍ତର୍ଭୁକ୍ତ ତୁଳସୀ ଚଉରା ନିବାସୀ ଶ୍ରୀମତୀ କୁମୁଦିନୀ ହାତୀ ଓ ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର ରାଉତଙ୍କ ଏକ ମାତ୍ର କନ୍ୟା ଓ ପୂର୍ବତନ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସକ ଡାକ୍ତର ନଟବର ରାଉତଙ୍କ ନାତୁଣୀ ଅଟନ୍ତି। ମହାପ୍ରଭୁ ଜଗନ୍ନାଥ ଓ ମାଆ ଅମ୍ବିକାଙ୍କ ଅପାର କୃପାରୁ ତାଙ୍କୁ ଏହି ସଫଳତା ମିଳିଥିବାରୁ ତାଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି ଜଣାଇଛନ୍ତି। ଏହାଛଡ଼ା ସେ ଅଜା, ଆଈ, ବଡ଼ବାପା, ବଡ଼ମାଆ, ବଡ଼ ଭଉଣୀ, ସାନ ଭାଇ ଆଦର୍ଶ ତଥା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶୁଭେଚ୍ଛୁମାନଙ୍କ ଆନ୍ତରିକ ପ୍ରେରଣା ନିମନ୍ତେ କୃତଜ୍ଞତା ଜ୍ଞାପନ କରିଛନ୍ତି।

**ଆଜି ଅନ୍ତେଷ୍ଟିକ୍ରିୟା ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



✓ ଗୋବିନ୍ଦ ଚନ୍ଦ୍ର ବେହେରୁକ
ଅବସରପ୍ରାପ୍ତ ଶିକ୍ଷକ
ଆବିର୍ଭାବ: ୦୫.୧୦.୧୯୪୮
ତିରୋଧାନ: ୦୫.୦୮.୨୦୨୬

ଆପଣଙ୍କ ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲ ପାଇବା, ତ୍ୟାଗ ଆମ ସାରା ଜୀବନ ଅଭୁଲା ହୋଇ ରହିବ, ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତିକୁ ଆମେ ଅନୁଭବ କରିବୁ, ଜଗତର ନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାଙ୍କୁ ଶାନ୍ତି ଓ ମୁକ୍ତି ପ୍ରଦାନ କରନ୍ତୁ

**ଶୋକସନ୍ତପ୍ତ:** ପୁତ୍ର-ମହାଦେବ, କୃପାସିନ୍ଧୁ, ପୁତ୍ରବଧୂ-ନିର୍ମଳା, ବିଷ୍ଣୁପ୍ରିୟା, ଝିଅ-ଉର୍ମିଳା, ପ୍ରମିଳା, ଉର୍ବଶୀ, ସାଙ୍କସେନୀ, ପଙ୍କଜିନୀ ତଥା ବେହେରୁକ ପରିବାର ଓ ଆତ୍ମୀୟ ସୌଜନ୍ୟ ବୃନ୍ଦ ଇଛାପୁର, କଳମପୁର କଳାହାଣ୍ଡିଇଛାପୁର, କଳମପୁର କଳାହାଣ୍ଡି।

# କଣ୍ଟେନର ଅଭାବ; ବିଦେଶ ଯାଇପାରୁନି ଚାଉଳ

## ସମସ୍ୟାରେ ବାସମତୀ ରପ୍ତାନିକାରୀ

## କାର୍ଗୋ କ୍ଲିୟରାନ୍ସ ପାଇଁ ୪୦ ଦିନ ଲାଗୁଛି

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି): ସମ୍ପ୍ରତି ଭାରତୀୟ ଚାଉଳ ରପ୍ତାନିକାରୀମାନେ ଏକ ନୂତନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ଲଜିଷ୍ଟିକ୍ସ ବା ପରିବହନ ସହିତ ଜଡିତ। କଣ୍ଟେନର ଅଭାବ ଯୋଗୁ ବିଦେଶକୁ ରପ୍ତାନି ପ୍ରଭାବିତ ହେଉଛି। ଏଥିରେ ସବୁଠାରୁ ଅଧିକ ଚାଉଳ ରପ୍ତାନି ପ୍ରଭାବିତ ହୋଇଛି। ଏମିତିକି କାର୍ଗୋ କ୍ଲିୟରାନ୍ସ ପାଇଁ ବର୍ତ୍ତମାନ ୩୫-୪୦ ଦିନ ସାମୟ ଲାଗିଯାଉଛି। ଏଭଳି ସ୍ଥିତି ବିଦେଶୀ ବଜାରରେ ଆମଦାନିକାରୀଙ୍କ ନିକଟରେ ହଇଚଇ ସୃଷ୍ଟି କରିଛି। ଏହା ଏବେ ରପ୍ତାନିକାରୀଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଆମଦାନୀ ପରମିଟର ବୈଧତା ଅବଧି ରହିଥିଲେ, ଏହି ସମସ୍ୟା ଆହୁରି ଗମ୍ଭୀର ହୋଇଯାଉଛି। ରପ୍ତାନିକାରୀମାନେ ବିଳମ୍ବ ରପ୍ତାନିକୁ ନେଇ ଏବେ ଚିନ୍ତା ପ୍ରକାଟ କରିଛନ୍ତି। କାରଣ ହେଉଛି ବନ୍ଦରକୁ ଚାଉଳ ଭଳି ନଷ୍ଟଶୀଳ ସାମଗ୍ରୀର ପଠାଇବା ସହିତ ଇସ୍ପାତ, ଲୁହା, କୋଇଲା ଏବଂ ୟୁରିଆ ଭଳି ଭାରୀ କାର୍ଗୋ ପରିଚାଳନା କରିବାକୁ ପଡ଼ିଥାଏ। ଭାରତୀୟ ଚାଉଳ ରପ୍ତାନିକାରୀ ମହାସଂଘ ଏପିଇଡିଏ ଅଧ୍ୟକ୍ଷ ଅଭିଷେକ ଦେବଙ୍କୁ ଏକ ଚିଠି ଲେଖି ଏହି ଜରୁରୀ ପ୍ରସଙ୍ଗ ପ୍ରତି ରପ୍ତାନିକାରୀମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ଅଗଷ୍ଟ ୬ରେ କାଣ୍ଡଲାରେ ପହଞ୍ଚିଥିବା ଏବଂ ଆଙ୍ଗୋଲା ପାଇଁ ପ୍ରାୟ ୨୬,୭୫୦ ଟନ୍ ଚାଉଳ ଲୋଡ୍ କରିବାର କ୍ଷମତା ଥିବା ପାଇଁ ପ୍ରାଥମିକତା ବର୍ଥ ପାଇଁ ଅନୁରୋଧ କରିଥିଲେ।



ଆମଦାନିକାରୀଙ୍କୁ ସଂଘ ସତର୍କ କରାଇ ଦେଇଥିଲା ଯେ ଆଙ୍ଗୋଲାର ଆମଦାନୀ ଅନୁମତି କେବଳ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୈଧ। ତେଣୁ ବର୍ଥ, ଲୋଡିଂ ଏବଂ ରପ୍ତାନିରେ ବିଳମ୍ବ ବାଣିଜ୍ୟିକ କ୍ଷତି, ଚୁକ୍ତିଭିତ୍ତିକ ଦାୟିତ୍ୱ ଏବଂ କନସାଇନମେଣ୍ଟ ପ୍ରତ୍ୟାଖ୍ୟାନର ବିପଦ ସୃଷ୍ଟି କରିପାରେ। ଭାରତ ବିଶ୍ୱ ବଜାରକୁ ପ୍ରାୟ ୨୧ ନିୟୁତ ଟନ୍ ଚାଉଳ ଯୋଗାଣ କରେ। ଏହି ବାଧା ଏପରି ସମୟରେ ଆସିଛି ଯେତେବେଳେ ଭାରତରେ ଅତିରିକ୍ତ ଚାଉଳ ଷ୍ଟକ୍ ରହିଛି। କଣ୍ଟେନରର ଅଭାବ ସମସ୍ୟାକୁ ଆହୁରି ତୀବ୍ର କରିଛି। ଭାରତୀୟ ଚାଉଳ ରପ୍ତାନିକାରୀ ମହାସଂଘ (ଆଇଆର୍‌ଇଏଫ୍)ର ଉପାଧ୍ୟକ୍ଷ ଦେବ ଗର୍ଗ କହିଛନ୍ତି, ଏହି ପରିସ୍ଥିତି ଭାରତର ଚାଉଳ ରପ୍ତାନି କ୍ଷେତ୍ର ପାଇଁ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପଶ୍ଚିମ ଏସିଆରେ ସଙ୍କଟ ଜାରି ରହିଛି। ଏହା ବ୍ୟତୀତ, କାଣ୍ଡଲା ଏବଂ ମୁନ୍ଦ୍ରା ବନ୍ଦରରେ କଣ୍ଟେନରର ତୀବ୍ର ଅଭାବ ଯୋଗୁଁ, ବନ୍ଦରଗୁଡିକର ଗୋଦାମଗୁଡ଼ିକରେ ପ୍ରାୟ ୫୦,୦୦୦-୮୦,୦୦୦ ଟନ୍ ଚାଉଳ ଜମା ହୋଇଛି।

ଗର୍ଗଙ୍କ ଅନୁଯାୟୀ, ଏହି ସମସ୍ୟା ମାର୍ଚ୍ଚ ମାସରୁ ଜାରି ରହିଛି। ଅକ୍ଟୋବରରେ ନୂତନ ଫସଲ ଆସିଲେ ସ୍ଥିତି ଆହୁରି ସାଂଘାତିକ ହୋଇପାରେ। ଏହି ଯୋଗାଣ ଜନିତ ସମସ୍ୟା ବିଶ୍ୱ ମୂଲ୍ୟକୁ ମଧ୍ୟ ପ୍ରଭାବିତ କରୁଛି। ଗର୍ଗ କହିଛନ୍ତି ଯେ ଲଜିଷ୍ଟିକ୍ସ ସମସ୍ୟା ଦୁର୍ଭାଗ୍ୟଜନକ। କାରଣ ଭାରତ ବର୍ତ୍ତମାନ ବିଶ୍ୱ ଚାହିଦାରେ ସମ୍ଭାବ୍ୟ ବୃଦ୍ଧିକୁ ପୂରଣ କରିବା ସ୍ଥିତିରେ ଅଛି।

### ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କୁ ବିଧାୟକ ପ୍ରକାଶ ସେଠୀଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

## ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଘଟଣା ଚାପିଦେବାକୁ ଉଦ୍ୟମ ହୋଇଛି: ବିଜେଡି

ଭୁବନେଶ୍ୱର,୧୩।୮ (ସମିସ): କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଦ୍ୱାରା ଦୁର୍ବ୍ୟବହାର ଅଭିଯୋଗ ଆଣି ରେଭେନ୍ସା ବିଶ୍ୱ ବିଦ୍ୟାଳୟରେ ସମୂହ ଇସ୍ତଫା ଦେଇଥିବା ୩୦ ଜଣ ୱାଡେନ ଓ ଡେପୁଟି ୱାର୍ଡେନଙ୍କ ସ୍ଥାନରେ ନୂତନ ଚିପ୍ ୱାଡେନ, ୱାଡେନ ଓ ଡେପୁଟି ୱାଡେନ ନିଯୁକ୍ତି ଦିଆଯାଇଛି। ଯାହାକୁ ନେଇ ଗୁରବାର ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ସରକାରଙ୍କ ଚାପରେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଉପୁଜିଥିବା ବିବାଦକୁ ଚାପି ଦେବା ପାଇଁ ଉଦ୍ୟମ କରାଯାଇଛି, ଯାହା ରେଭେନ୍ସା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ନଷ୍ଟ କରିଛି ବୋଲି ବିଜେଡି ଅଭିଯୋଗ କରିଛି।



■ ବିଜେପି ସରକାରଙ୍କ ସମୟରେ ରାଜ୍ୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି

■ ବିଧାୟକଙ୍କ ଦୋଷକୁ ରାଜ୍ୟ ସରକାର ଘଷ୍ଟ ଘୋଡାଉଛନ୍ତି

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି, ରାଜ୍ୟରେ ବିଜେପି ସରକାରଙ୍କ ଶାସନରେ ଶିକ୍ଷା ଅନୁଷ୍ଠାନରେ ଗୈରୀକି କରଣ ହେବା ସହିତ ଶୈକ୍ଷିକ ବାତାବରଣ ଅବକ୍ଷୟ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଇପ୍ସିତା ସାହୁ କହିଥିଲେ ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ର ମାନଙ୍କ ଦ୍ୱାରା ଆନ୍ଦୋଳନ ଚାଲିଥିଲା ବେଳେ ବିନା ନିମନ୍ତ୍ରଣରେ କଟକ ସଦର ବିଧାୟକ ସେଠାରେ ପହଞ୍ଚି ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଅଧ୍ୟାପକ ମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ବିଶ୍ୱବିଦ୍ୟାଳୟର ପ୍ରାୟ ତିରିଶ ଜଣ ୱାର୍ଡେନ ସମୂହ ଇସ୍ତଫା ଦେଇଥିଲେ। ବିଧାୟକଙ୍କ ଦୋଷକୁ ଘୋଡାଇବା ଉଦ୍ଦେଶ୍ୟରେ ଏବେ ଇସ୍ତଫା ଦେଇଥିବା ଚିପ୍ ୱାଡେନ, ୱାର୍ଡେନ ଓ ଡେପୁଟି ୱାର୍ଡେନଙ୍କ ସ୍ଥାନରେ କର୍ତ୍ତୃପକ୍ଷ ନୂତନ ଚିପ୍ ୱାର୍ଡେନ, ୱାର୍ଡେନ ଓ ଡେପୁଟି ୱାର୍ଡେନ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାର ଚାପରେ ଏହି ପଦକ୍ଷେପ ନିଆଯାଇଛି। ବିଜେପି ସରକାରଙ୍କ ସମୟରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ସୋମ୍ୟାଶ୍ରୀ ଆତ୍ମଦାହ କଲା, ରମାଦେବୀ ବିଶ୍ୱବିଦ୍ୟାଳୟରେ ବିଜେପିର ଗୁଣ୍ଡା ଶ୍ରେଣୀୟ ସମର୍ଥକ ମାନେ ପଶି ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କଲେ ଓ ଏବେ ବିଧାୟକ ଅଧ୍ୟାପକ ମାନଙ୍କୁ ଦୁର୍ବ୍ୟବହାର କରିବା ଭଳି ଘଟଣା ରାଜ୍ୟର ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି। ପରିସ୍ଥିତି ଏପରି ରହିଲେ, ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଥିଲେ। ଡ.ମହାନ୍ତି କହିଥିଲେ ଯେ ରାଜ୍ୟ ସରକାରଙ୍କ ଚାପରେ ବିଧାୟକ ପ୍ରକାଶ ସେଠୀଙ୍କ ଦ୍ୱାରା ଦୁର୍ବ୍ୟବହାର ଯୋଗୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଉପୁଜିଥିବା ବିବାଦକୁ ଚାପି ଦେବାକୁ ଉଦ୍ୟମ କରାଯାଇଛି, ଯାହାକୁ ଆମେ ନିନ୍ଦା କରୁଛୁ। ରାଜ୍ୟର ଉଚ୍ଚଶିକ୍ଷାମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗରେ ମୁହଁ ଖୋଲିନାହାନ୍ତି, ଯାହା ଦୁର୍ଭାଗ୍ୟଜନକ। ବିଜେପି କ୍ଷମତାସୀନ ହେବା ପରଠାରୁ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଅନାବଶ୍ୟକ ହସ୍ତକ୍ଷେପ, ଶିକ୍ଷା ଅନୁଷ୍ଠାନ ଗୁଡିକରେ ଗୈରୀକ କରଣ ଯୋଗୁ ରାଜ୍ୟର ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି । ପୂର୍ବତନ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ହଠାତ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ଏକ ଅନାବଶ୍ୟକ ପ୍ରସ୍ତାବ ରଖିଥିଲେ, ଯାହାକୁ ନେଇ ପ୍ରାୟ ୬ ମାସ କାଳ ପ୍ରତିବାଦ ଲାଗି ରହିଥିଲା ଓ ଏଥିଯୋଗୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହୋଇଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ବିଜେଡି ଚୁପ ବସିବ ନାହିଁ। ସମ୍ବିଧାନର ବିଧି ବ୍ୟବସ୍ଥାରେ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଉଦ୍ୟମ ଜାରି ରଖିବ ବୋଲି ଡ. ମହାନ୍ତି କହିଥିଲେ।

## ଅଙ୍ଗଦାନ ଅନ୍ୟ ଜଣଙ୍କୁ ନୂଆ ଜୀବନ ଦେବାର ସ୍ୱର୍ଣ୍ଣିମ ସୁଯୋଗ

ଭୁବନେଶ୍ୱର,୧୩।୮ (ସମିସ): ଅଙ୍ଗଦାନ କେବଳ ଏକ ନିଷ୍ପତ୍ତି ନୁହେଁ ଏହା ଅନ୍ୟ ଜଣଙ୍କ ଆଖିରେ ନୂଆ ସ୍ୱପ୍ନ ଓ ଜୀବନ ଦେବାର ଏକ ସ୍ୱର୍ଣ୍ଣିମ ସୁଯୋଗ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମନ୍ତ୍ରୀ




### ୨୪ ଜଣଙ୍କୁ 'ସୁରଜ ସମ୍ମାନ'ପ୍ରଦାନ

ଡ. ମହାଲିଙ୍ଗ ଅଙ୍ଗଦାନ କରି ଅନ୍ୟମାନଙ୍କୁ ନୂଆ ଜୀବନ ଦେଇଥିବା ଅଙ୍ଗଦାତାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଏହି ଅବସରରେ ୧୧ଟି ଜିଲ୍ଲାର ଅଙ୍ଗ ଦାନ କରିଥିବା ମୋଟ ୨୪ ଜଣ ଅଙ୍ଗଦାତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନ ରାଶି ସହ ସମ୍ମାନପତ୍ର ପ୍ରଦାନ କରାଯାଇଛି। 'ସୁରଜ', ଯାହାଙ୍କ ନାମରେ ଏହି ସମ୍ମାନ ଦିଆଯାଉଛି ତାଙ୍କ ଅବଦାନକୁ ସାଧୁବାଦ ଏବଂ କୃତଜ୍ଞତା ଜଣାଇଥିଲେ। ଜଣେ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଦ୍ୱାରା ବୃକକ୍, ଯକୃତ, ଫୁସଫୁସ, ହୃତପିଣ୍ଡ, ଅଗ୍ନ୍ୟାଶୟ ଓ ଅନ୍ତନଳୀ ଭଳି ବିଭିନ୍ନ ଅଙ୍ଗ ଦାନ କରାଯାଇ ଏକାଧିକ ଲୋକଙ୍କ ଜୀବନ ରକ୍ଷା କରାଯାଇପାରେ। ସଚେତନତା ମାଧ୍ୟମରେ ଅଧିକରୁ ଅଧିକ ପ୍ରଚାର ପ୍ରସାର ଫଳରେ ଅଙ୍ଗଦାନ ଯେପରି ଲୋକାଦୃତ ହେବ ସେଥିପାଇଁ ପଦକ୍ଷେପ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସଚିବ ଅଶ୍ୱତୀ ଏସ., ନଟୋ (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ନିର୍ଦ୍ଦେଶକ ଅନିଲ କୁମାରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ; ୨ ସରକାରୀ କର୍ମଚାରୀ ଗିରଫ

ଜଗତସିଂହପୁର,୧୩।୮ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍‌ରେ ନିଯୁକ୍ତି ପାଇଥିବା ଦୁଇ ସରକାରୀ କର୍ମଚାରୀ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜାଲିଆତି କରିଥିବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସୂଚନା ଅନୁସାରେ ଗତ ୨୦୧୧-୧୨ଠାରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ତିର୍ତ୍ତୋଲ ବ୍ଲକ୍‌ରେ ପ୍ରାୟ ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଅଡିଟ ବେଳେ ଜଣାପଡ଼ିଥିଲା। ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ସହିତ ଏହାର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ପରେ ସେ ସମୟରେ ଦାୟିତ୍ୱରେ ଥିବା ବରିଷ୍ଠ ରାଜସ୍ୱ ସହାୟକ ଭଞ୍ଜ କିଶୋର ବେହେରା(ବର୍ତ୍ତମାନ ନାଉଗାଁ ତହସିଲରେ କାର୍ଯ୍ୟରତ), ଅବସରପ୍ରାପ୍ତ ପିଇଓ ପ୍ରଦୀପ୍ତ କୁମାର ମଲ୍ଲିକ ଏବଂ ତତ୍କାଳୀନ ସହକାରୀ ଯନ୍ତ୍ରୀ ରାଜଦୀପ ହାଁସଦାଙ୍କ ଏହି ମାମଲାରେ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିଲା। ତେବେ ଇତି ମଧ୍ୟରେ ରାଜଦୀପ ହାଁସଦାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଭଞ୍ଜ କିଶୋର ବେହେରା ଏବଂ ପ୍ରମୋଦ କୁମାର ମଲ୍ଲିକଙ୍କୁ ଭିଜିଲାନ୍ସ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ଅର୍ଥ ଆତ୍ମସାତ ମାମଲାର ତଦନ୍ତ ଜାରି ରହିଛି ବୋଲି କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।





24001/395/2627

ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

No **RDM-LAA-MBJ-0027-2024**-20229 R&DM, Dated:14.05.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଜାମଶୁଳ, ଥାନା- ବୈଶିଙ୍ଗା, ନଂ. ୧୭୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ , କୁରାଢୀକ ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୬୧ ତା. ୦୮.୦୧.୨୦୨୫ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ଜାମଶୁଳ, ଥାନା- ବୈଶିଙ୍ଗା, ନଂ. ୧୭୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜାମଶୁଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୭୨.୯୮ | ଏକର ୧୫.୨୨ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୨.୦୭.୨୦୨୬ ।

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୬୮ /୨୦୨୩
ଏ.୧୫.୨୨ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ, କୁରାଢୀକ ସବ-ମାଇନର ନିମନ୍ତେ**

**ମୌଜା- ଜାମଶୁଳ, ଥାନା- ବୈଶିଙ୍ଗା ନଂ -୧୭୮ , ତହସିଲ - ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 1 | 204 | ଶାରଦ ଦୁଇ | 1.40 | 0.10 | ଅର୍ଜୁନ ମହାନ୍ତ ପି:ରଘୁନାଥ ମହାନ୍ତ ଜା:କୁଡୁମି ବା:,ଚନ୍ଦ୍ର ମୋହନ ମହାନ୍ତ,କନ୍ଦି ମହାନ୍ତ,ଗୁଣ୍ଡୁ ମହାନ୍ତ,ସୁଲୋଚନା ମହାନ୍ତ ପି:ରଘୁନାଥ ମହାନ୍ତ, ଗୁହିଆ ମହାନ୍ତ ସ୍ୱା:ରଘୁନାଥ ମହାନ୍ତ ଜା:କୁଡୁମି ବା:ନିଜଗାଁ,ଜଗନ୍ନାଥ ମହାନ୍ତ ପି: ପ୍ରହରାଜ ମହାନ୍ତ ଜା:କୁଡୁମି ବା:କାପୋଇ |
| | 29 | ଡାହିଏକ | 1.78 | 0.21 | |
| 3 | 5 | ଶାରଦ ଦୁଇ | 0.145 | 0.09 | ଅମୃତା ମହାନ୍ତ ସ୍ୱା:ମନବୋଧ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 4 | 109 | ଶାରଦ ଦୁଇ | 0.66 | 0.27 | ଆନନ୍ଦ ମହାନ୍ତ, ବାଙ୍ଗୁ ମହାନ୍ତ ପି: ବଲାଇ ମହାନ୍ତ, ଚନ୍ଦ୍ର ମୋହନ ମହାନ୍ତ, ହର ମୋହନ ମହାନ୍ତ ପି: ଅଘୁନ ମହାନ୍ତ, ବୁଧି ମହାନ୍ତ ସ୍ୱା: ବଲାଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 109/345 | ଶାରଦ ଦୁଇ | 0.13 | 0.13 | |
| | 11 | ଡାହିଏକ | 0.36 | 0.02 | |
| 7 | 121 | କ୍ଷେତହୁଡା | 0.30 | 0.15 | ଆଶୁତୋଷ ବେହେରା, ଭବତୋଷ ବେହେରା, ସର୍ବତୋଷ ବେହେରା, ମନତୋଷ ବେହେରା, ଦେବତୋଷ ବେବେରା ପି: ସଦାନନ୍ଦ ବେହେରା ଜା: ନିଆରି ବା:ବାରିପଦା |
| 13 | 288/300 | ଶାରଦ ଦୁଇ | 0.15 | 0.08 | କାଳି ପ୍ରଶାଦ ମହାନ୍ତ ପି:ଘାସିରାମ ମହାନ୍ତ ଜା: କୁଡୁମି ବା: ଫାଲଝରୀ |
| 16 | 106 | ଡାହିଏକ | 1.07 | 0.39 | କୃପାସିନ୍ଧୁ ମହାନ୍ତ ପି:ଉର୍ଦ୍ଧବ ମହାନ୍ତ ଜା: କୁଡୁମି ବା: ମଗୁଶିରିଆ |
| 18 | 23 | ଘରବାରି | 1.12 | 0.03 | ଗୋବିନ୍ଦ ମାଝୀ, ଦାର୍ଘା ମାଝୀ, ଲାଙ୍ଗ ମାଝୀ, ହିରା ମାଝୀ ପି: ଦାସ ମାଝୀ, ମିଟି ମାଝୀ ସ୍ୱା: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 30 | ଡାହିଏକ | 0.70 | 0.06 | |
| 19 | 12 | ଡାହିଏକ | 0.52 | 0.02 | ଗୌର ହରି ମହାନ୍ତ, ଭୋଳି ମହାନ୍ତ, କୁନ୍ତି ମହାନ୍ତ, କର୍ମୀ ମହାନ୍ତ, ଚିନ୍ତା ମହାନ୍ତ ପି: ଲୋଚନ ମହାନ୍ତ ଜା: କୁଡୁମି ବା: କୁରାଢିକ, ବିଦ୍ୟାଧର ମହାନ୍ତ, ଚଞ୍ଚଳା ମହାନ୍ତ ପି: ତାର ମହାନ୍ତ ଜା: କୁଡୁମି ବା: ସଂସା, କେଶରୀ ମହାନ୍ତ ସ୍ୱା: ଲୋଚନ ମହାନ୍ତ ଜା: କୁଡୁମି ବା: କୁରାଢିକ, ଗୋଲାପି ମହାନ୍ତ, ଝୀଲିପି ମହାନ୍ତ ପି: ରାମ ହରି ମହାନ୍ତ, ମୁଶରୀ ମହାନ୍ତ ସ୍ୱା: ରାମ ହରି ମହାନ୍ତ ଜା: କୁଡୁମି ବା: ଚହଲାପଦା |
| 21 | 191 | ଶାରଦ ତିନି | 1.39 | 0.20 | ଜଗ ମୋହନ ମହାନ୍ତ, ପରେଶ ମହାନ୍ତ, ଉପେନ୍ଦ୍ର ମହାନ୍ତ, କାଞ୍ଚନ ମହାନ୍ତ ପି: ବିଶ୍ୱ ନାଥ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 191/349 | ଶାରଦ ତିନି | 0.38 | 0.05 | |
| 22 | 285 | ଶାରଦ ଦୁଇ | 0.60 | 0.53 | ଜୟ ରାମ ମହାନ୍ତ ପି:ବଳ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 256/308 | ଆଡି | 0.02 | 0.02 | |
| | 197/338 | ଡାହିଏକ | 0.65 | 0.04 | |
| 23 | 218 | ଶାରଦ ତିନି | 0.63 | 0.27 | ଜାସେର ମାଝୀ, ନାରାୟଣ ମାଝୀ ପି: ବାହାଦୁର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 28 | 42 | ଶାରଦ ଦୁଇ | 0.74 | 0.15 | ତାପସ କୁମାର ମହାନ୍ତ, ଭଜ ହରି ମହାନ୍ତ, ରବିନା ମହାନ୍ତ, ଦମୟନ୍ତି ମହାନ୍ତ ପି: ଗୌର ହରି ମହାନ୍ତ, ଲତିକା ମହାନ୍ତ ସ୍ୱା: ଗୌର ହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| 29 | 121/304 | ଆଡି | 0.48 | 0.03 | ଦଶରଥ ମାଝୀ ପି: କନ୍ଦା ମାଝୀ, ରଘୁନାଥ ମାଝୀ, ଗଦା ମାଝୀ, ଦଶରଥ ମାଝୀ ପି: ପାଗାନ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 199 | ଡାହିଏକ | 1.06 | 0.03 | |
| 35 | 119 | ଶାରଦ ଦୁଇ | 7.62 | 1.31 | ଦୁଲଗି ମାଝୀ, ନାଛ ମାଝୀ, ଚାଟିନ ମାଝୀ ପି: ଲାଙ୍ଗ ମାଝୀ, ରାଜ ମାଝୀ ସ୍ୱା: ଲାଙ୍ଗ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 129 | ଘରବାରି | 0.22 | 0.03 | |
| | 131 | ଡାହିଏକ | 2.19 | 0.03 | |
| | 127 | ଡାହିଏକ | 1.35 | 0.03 | |
| 38 | 3 | ଶାରଦ ଦୁଇ | 0.93 | 0.10 | ଧୁଜେଇ ମାଝୀ, ଡମୁଣି ମାଝୀ ପି: ଗଙ୍ଗା ମାଝୀ, ଉତ୍ତା ମାଝୀ, ରେଙ୍ଗଟା ମାଝୀ, ମଙ୍ଗଲ ମାଝୀ ପି: ବାର୍ଷା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 4 | ଶାରଦ ଦୁଇ | 0.55 | 0.21 | |
| 39 | 197/339 | ଡାହିଏକ | 0.54 | 0.05 | ନରହରି ମହାନ୍ତ ପି:ବଳ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 42 | 255 | ଶାରଦ ଦୁଇ | 1.15 | 0.08 | ନିତ୍ୟାନନ୍ଦ ମହାନ୍ତ, ମୁକ୍ତା ମହାନ୍ତ, ଶାନ୍ତି ମହାନ୍ତ, ସାନଚନି ମହାନ୍ତ, ସରଧା ମହାନ୍ତ ପି: ନବୀନ ମହାନ୍ତ, ଭାନୁ ମହାନ୍ତ ସ୍ୱା: ନବୀନ ମହାନ୍ତ, ମନୋରଥ ମହାନ୍ତ, ସୁରଥ ମହାନ୍ତ, କମଳୀ ମହାନ୍ତ, ସମଲି ମହାନ୍ତ ପି: ଗୌରହରି ମହାନ୍ତ, ଶିଶୁ ମହାନ୍ତ ସ୍ୱା: ଗୌର ହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 256/320 | ଆଡି | 0.08 | 0.02 | |
| 50 | 136 | ଡାହିଏକ | 2.60 | 0.12 | ବଂଶିଧର ମହାନ୍ତ, ଗିରିଧାରୀ ମହାନ୍ତ, ଗଙ୍ଗାଧର ମହାନ୍ତ ପି: ଦୁଲାଲ ମହାନ୍ତ, ଦଶରଥ ମହାନ୍ତ ପି: ଶିବ ମହାନ୍ତ, ଚୁକ୍ ମହାନ୍ତ ସ୍ୱା: ଦୁଲାଲ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 54 | 189 | ଶାରଦ ତିନି | 0.22 | 0.02 | ଭରତ ମହାନ୍ତ ପି:କହ୍ନେଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 55 | 190 | ଶାରଦ ତିନି | 0.23 | 0.02 | ଭରତ ଚନ୍ଦ୍ର ମହାନ୍ତ ପି: କହ୍ନେଇ ମହାନ୍ତ, ସୁବ୍ରୀ ମହାନ୍ତ ସ୍ୱା: କହ୍ନେଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 57 | 219 | ଶାରଦ ତିନି | 0.86 | 0.29 | ଭିମା ମାଝୀ ପି:ସାଉନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 236 | ଶାରଦ ତିନି | 0.32 | 0.18 | |
| | 126 | ଡାହିଏକ | 0.95 | 0.02 | |
| | 132 | ଡାହିଏକ | 0.43 | 0.07 | |
| 59 | 286/321 | ଶାରଦ ତିନି | 0.75 | 0.25 | ମଦନ ମହାନ୍ତ, କୃର୍ତ୍ତିବାସ ମହାନ୍ତ ପି: ପାନ୍ଦୁ ମହାନ୍ତ, ଇନ୍ଦ୍ରମଣି ମହାନ୍ତ ସ୍ୱା: ପାନ୍ଦୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 60 | 254 | ଶାରଦ ତିନି | 0.37 | 0.17 | ମଙ୍ଗଳ ମାଝୀ, ବୈଷ୍ଣବ ମାଝୀ, ବାଜିନାଥ ମାଝୀ ପି: ସାଗର ମାଝୀ, ଉଚ ମାଝୀ, ସାଗର ମାଝୀ ପି: ମୋହନ ମାଝୀ, ମୋହନ ମାଝୀ, ବିଶରାୟ ମାଝୀ, ରୋହିଆ ମାଝୀ, ବିଜୟ ମାଝୀ ପି: ବାହାଦୁର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 62 | 284 | ଶାରଦ ଦୁଇ | 2.10 | 0.50 | ମହେଶ୍ୱର ମଳିକ ପି:ଗୁହି ମଳିକ ଜା: ସୁଣ୍ଡି ବା: ଛାତନା |
| 64 | 37 | ଶାରଦ ତିନି | 0.25 | 0.12 | ମୁସୁରୀ ମହାନ୍ତ ସ୍ୱା:ଲାଲ ମୋହନ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 46 | ଶାରଦ ତିନି | 0.10 | 0.04 | |
| | 6 | ଶାରଦ ଦୁଇ | 3.50 | 0.41 | |
| | 242 | ଶାରଦ ତିନି | 1.01 | 0.02 | |
| 68 | 107 | ଶାରଦ ଦୁଇ | 4.30 | 1.05 | ରାଇସେନ ମାଝୀ, ଲକ୍ଷ୍ମଣ ମାଝୀ ପି: ସିଂହରାଏ ମାଝୀ, ସିଂହରାଏ ମାଝୀ, ଶ୍ୟାମ ମାଝୀ, ରାଙ୍ଗ ମାଝୀ, ଲକ୍ଷ୍ମଣ ମାଝୀ, ରାଇସେନ ମାଝୀ ପି: ଲାଙ୍ଗ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 125 | ଘରବାରି | 0.45 | 0.04 | |
| | 134 | ଘରବାରି | 0.62 | 0.01 | |
| | 135 | ଡାହିଏକ | 1.03 | 0.01 | |
| 76 | 203 | ଶାରଦ ତିନି | 1.39 | 1.31 | ଲଛମନ ମାଝୀ, ବୁଧୁ ମାଝୀ ପି: ଫୁଲରାଏ ମାଝୀ, ସାନଲଛୁ ମାଝୀ ପି: ସାଗରାମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 77 | 9 | ଡାହି ଏକ | 0.32 | 0.04 | ଲାଲ ମୋହନ ମହାନ୍ତ ପି:ମଙ୍ଗଲ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 78 | 288/315 | ଶାରଦ ଦୁଇ | 0.18 | 0.01 | ସହଦେବ ମହାନ୍ତ ପି:ଗୋକୁଳ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 79 | 221/301 | ଶାରଦ ଦୁଇ | 0.04 | 0.02 | ସହଦେବ ମହାନ୍ତ, ଭଗ ମହାନ୍ତ ପି: ଗୋକୁଳ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 27 | ଡାହିଏକ | 0.57 | 0.02 | |
| 82 | 110 | ଶାରଦ ଦୁଇ | 0.48 | 0.10 | ସୁକ ଚାନ୍ଦ ମହାନ୍ତ ପି:ବଡନାଲୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 221 | ଶାରଦ ତିନି | 0.25 | 0.09 | |
| | 222 | ଶାରଦ ତିନି | 0.20 | 0.20 | |
| 84 | 138 | ଡାହିଏକ | 0.76 | 0.01 | ସୁରାୟ ମାଝୀ ପି:ସୁନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 87 | 41 | ଶାରଦ ଦୁଇ | 0.33 | 0.01 | ହଳଧର ମହାନ୍ତ, ଗୁରୁ ପ୍ରସାଦ ମହାନ୍ତ ପି: ଜଗନ୍ନାଥ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 88/12 | 137/367 | ଡାହିଏକ | 0.97 | 0.07 | ଅଭିରାମ ମହାନ୍ତ ପି:ଚୈତନ ମହାନ୍ତ ଜା: ବ୍ରାହ୍ମଣ ବା: କୁରାଢିକ |
| 88/15 | 24 | ଡାହିଦୁଇ | 0.74 | 0.02 | ଗୋବିନ୍ଦ ମାଝୀ, ବାର୍ଷା ମାଝୀ, ଲାଙ୍ଗ ମାଝୀ ପି: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 88/24 | 223 | ଶାରଦ ଦୁଇ | 1.50 | 0.21 | ମଙ୍ଗଲ ମାଝୀ, ବୈଷ୍ଣବ ମାଝୀ, ବାଜିନାଥ ମାଝୀ ପି: ସାଗର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 88/34 | 284/394 | ଶାରଦ ଦୁଇ | 0.35 | 0.22 | ରାମେଶ୍ୱର ମହାନ୍ତ ପି:ଲଦୁ ମହାନ୍ତ ଜା: କୁର୍ମୀ କ୍ଷତ୍ରୀୟ ବା: କୁରାଢିକ |
| 88/35 | 241 | ଶାରଦ ତିନି | 0.62 | 0.13 | ଭାଗ ଟୁଡୁ ସ୍ୱା:କାଦୁ ଟୁଡୁ ଜା: ସାନ୍ତାଳ ବା: କୁରାଢିକ |
| 88/38 | 196 | ଡାହିଏକ | 0.44 | 0.04 | ଛିତା ଦେଇ ପି:ଭୀମା ମାଝୀ ଜା: ସାନ୍ତାଳ ବା: ନିଦଗାଁ |
| 88/40 | 217/398 | ଶାରଦ ଦୁଇ | 0.91 | 0.01 | ଚମ୍ପକ ଲତା ମହାନ୍ତ ସ୍ୱା:ଦୟାନିଧି ମହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: କୁରାଢିକ |
| 88/49 | 120/404 | ଶାରଦ ଦୁଇ | 0.47 | 0.31 | ସପନ କୁମାର ବେହେରା ପି:ଭବତୋଷ ବେହେରା ଜା: ନିଆରି ବା: ଚାଞ୍ଚପଦା |
| | 120 | ଶାରଦ ଦୁଇ | 0.48 | 0.30 | |
| 88/116 | 41/470 | ଶାରଦ ଦୁଇ | 0.33 | 0.04 | ପ୍ରଫୁଲ୍ଲ ମହାନ୍ତ ପି:ଲକ୍ଷ୍ମଣ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/117 | 288 | ଶାରଦ ଦୁଇ | 0.36 | 0.30 | କେଶବ ଚନ୍ଦ୍ର ସେଠୀ ପି:ଶ୍ରୀବସ୍ତ ସେଠୀ ଜା: ଧୋବା ବା: ମଗୁସିରିଆ |
| 88/121 | 285/334 | ଶାରଦ ଦୁଇ | 0.24 | 0.07 | ରାଜେନ୍ଦ୍ର ମହାନ୍ତ ପି:ବିଷ୍ଣୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/127 | 5/475 | ଶାରଦ ଦୁଇ | 0.4350 | 0.29 | ତାପସ କୁମାର ମହାନ୍ତ, ଭଜହରି ମହାନ୍ତ, ରହିନା ମହାନ୍ତ ପି: ଗୌରହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/136 | 202 | ଶାରଦ ଦୁଇ | 0.20 | 0.04 | ଭୀମସେନ ମହାନ୍ତ ପି:ଲାଲମୋହନ ମହାନ୍ତ ଜା: କୁଡୁମି ବା: କାପୋଇ |
| 88/137 | 287 | ଶାରଦ ଦୁଇ | 0.65 | 0.08 | କାଙ୍ଗାଳି ମହାନ୍ତ ପି:ଭୀମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/143 | 235 | ଶାରଦ ଦୁଇ | 2.35 | 0.53 | ନାରାୟଣ ମାରାଣ୍ଡି ପି:ବାହାଦୁର ମାରାଣ୍ଡି ଜା: ସାନ୍ତାଳ ବା: ନିଜଗାଁ |
| 88/144 | 47 | ଶାରଦ ତିନି | 0.60 | 0.06 | ପୂର୍ଣ୍ଣଚନ୍ଦ୍ର ମହାନ୍ତ ପି: ନିରଞ୍ଜନ ମହାନ୍ତ, ଶ୍ରୀମତୀ ମହାନ୍ତ ସ୍ୱା: ନିରଞ୍ଜନ ମହାନ୍ତ ଜା: କୁଡୁମି ବା: ଚହଲାପଦା |
| 88/156 | 221/495 | ଶାରଦ ତିନି | 0.12 | 0.09 | ଜାନକୀ ମହାନ୍ତ ସ୍ୱା:ଚିନିବାସ ମହାନ୍ତ ଜା: କୁଡୁମି ବା: ମଗୁସିରିଆ |
| | 222/496 | ଶାରଦ ତିନି | 0.12 | 0.12 | |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| 15 | 102 | ଡାହି ଏକ | 0.22 | 0.09 | କାହ୍ନୁ ମହାନ୍ତ ପି:ଗୋବିନ୍ଦ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 16 | 106 | ଡାହି ଏକ | | 0.15 | କୃପାସିନ୍ଧୁ ମହାନ୍ତ ପି:ଉର୍ଦ୍ଧବ ମହାନ୍ତ ଜା: କୁଡୁମି ବା: ମଗୁଶିରିଆ |
| 26 | 99 | ଶାରଦ ଦୁଇ | 0.55 | 0.06 | ଝୁନ୍ ଫୁକି ମହାନ୍ତ ସ୍ୱା:ଶଶଧର ମହାନ୍ତ ଜା: କୁଡୁମି ବା: କୁରାଢିକ |
| 27 | 116 | ଶାରଦ ଦୁଇ | 1.38 | 0.49 | ଠାକୁରା ମାଝୀ, ସଙ୍କାର ମାଝୀ ପି: ଗଦା ମାଝୀ ଜା: ସାନ୍ତାଳ ବା: କୁରାଢିକ |
| 36 | 116/322 | ଶାରଦ ଦୁଇ | 0.31 | 0.10 | ଧୁଜି ମାଝୀ ସ୍ୱା: ଭିମା ମାଝୀ, ଡୁମୁଣି ମାଝୀ ସ୍ୱା: ସୁନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 61 | 87 | ଶାରଦ ତିନି | 1.09 | 0.38 | ମଝିଲା ଜାସାଇ ମାଝୀ ପି: ବାର୍ଷା ମାଝୀ, ମାନ୍ଦ ମାଝୀ ସ୍ୱା: ବାର୍ଷା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 76 | 100 | ଶାରଦ ତିନି | 0.32 | 0.11 | ଲଛମନ ମାଝୀ, ବୁଧୁ ମାଝୀ ପି: ଫୁଲରାଏ ମାଝୀ, ସାନଲଛୁ ମାଝୀ ପି: ସାଗରାମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 81 | 34 | ଶାରଦ ଦୁଇ | 1.22 | 0.26 | ସାଲଖାନ ମାଝୀ, କାଲା ମାଝୀ, ସାଉନା ମାଝୀ, ଲକ୍ଷ୍ମଣ ମାଝୀ, ଡମାନ ମାଝୀ ପି: କୁଆଁର ମାଝୀ ଜା: ସାନ୍ତାଳ ବା: ସରଡିହା |
| 82 | 98 | ଶାରଦ ଦୁଇ | 1.17 | 0.30 | ସୁକ ଚାନ୍ଦ ମହାନ୍ତ ପି:ବଡନାଲୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 103 | ଡାହି ଏକ | 0.58 | 0.17 | |
| 88/118 | 97 | ଶାରଦ ଦୁଇ | 0.73 | 0.19 | କାଙ୍ଗାଳି ମହାନ୍ତ ପି:ଭୀମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/144 | 47 | ଶାରଦ ତିନି | | 0.11 | ପୂର୍ଣ୍ଣଚନ୍ଦ୍ର ମହାନ୍ତ ପି: ନିରଞ୍ଜନ ମହାନ୍ତ, ଶ୍ରୀମତୀ ମହାନ୍ତ ସ୍ୱା: ନିରଞ୍ଜନ ମହାନ୍ତ ଜା: କୁଡୁମି ବା: ଚହଲାପଦା |
| ମୋଟ | ୮୭ ପ୍ଲଟକୁ | | ଏ.୭୨.୯୮ ଡେ.ମି. | ଏ.୧୫.୨୨ ଡେ.ମି. | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0128

# ୧୭ ବର୍ଷ ପରେ ଭାରତରେ ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି)

ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଭାରତରେ ହେବାକୁ ଯାଉଛି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ ତଥା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଆରେନାରେ ଅଗଷ୍ଟ ୧୭ରୁ ୨୩ ତାରିଖ ଯାଏ ଏହି ସମ୍ମାନଜନକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ସମସ୍ତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବେ। ମୋଟ ୫ଟି ବିଭାଗରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପୁରୁଷ ଓ ମହିଳା ବିଭାଗର ଏକକ ଓ ଯୁଗଳ (ସିଙ୍ଗଲ୍ସ ଓ ଡବଲ୍ସ), ମିଶ୍ରିତ ଯୁଗଳ (ମିକ୍ସଡ ଡବଲ୍ସ)ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଭାରତରେ ଏହା ଶେଷଥର ୨୦୦୯ ହାଇଦରାବାଦ୍‌ରେ ଖେଳାଯାଇଥିଲା। ଏଥର ପ୍ରତିଯୋଗିତାକୁ ସଫଳ କରିବା ଲାଗି ଭାରତ ସରକାର ଓ ବ୍ୟାଡମିଣ୍ଟନ ଫେଡେରେସନ ଅଫ୍ ଇଣ୍ଡିଆ ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି। କୋଟି କୋଟି ଟଙ୍କା ବିନିମୟରେ ଷ୍ଟାଡିୟମ୍‌ର ନବୀକରଣ କରାଯାଇଛି।




**ଫର୍ମାଟ ଓ ଟାଇମ୍**

ଏକ ସପ୍ତାହ ଧରି ଖେଳାଯିବାକୁ ଥିବା ଏହି ଉଚ୍ଚମାନର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଫର୍ମାଟରେ ଲଢ଼େଇ ହେବ। ଏକକରେ ରାଉଣ୍ଡ ଅଫ୍ ୬୪ ବା ୬୪ ଜଣ ଖେଳାଳିଙ୍କୁ ନେଇ ଏହା ଆରମ୍ଭ ହେବ। ଡବଲ୍ସରେ ୪୮ ଯୋଡି ଭାଗନେବେ। ପ୍ରତିଯୋଗିତାର ପ୍ରଥମ ଦୁଇ ଦିନ ଅର୍ଥାତ୍ ଅଗଷ୍ଟ ୧୭ ଓ ୧୮ରେ ପ୍ରାରମ୍ଭିକ ରାଉଣ୍ଡ ଖେଳାଯିବ। ଅଗଷ୍ଟ ୧୯ରେ ରାଉଣ୍ଡ ଅଫ୍ ୩୨, ଅଗଷ୍ଟ ୨୦ରେ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲା ହେବ। ଅଗଷ୍ଟ ୨୧ରେ କ୍ୱାର୍ଟର ଫାଇନାଲ, ୨୨ରେ ସେମିଫାଇନାଲ ଓ ୨୩ରେ ସମସ୍ତ ୫ଟି ବିଭାଗରେ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

**ସମସ୍ତ ତାରକା ଖେଳାଳି ଉପଲବ୍ଧ**

ପୁରୁଷ ବିଭାଗ ଏକକରେ ବିଶ୍ୱର ନଂ-୧ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ୩୦ ବର୍ଷୀୟ ଶି ୟୁ କିଂଙ୍କୁ ଫେବରାଇଟ ବିବେଚନା କରାଯାଉଛି। ଟାଇଟଲ ଲଢ଼େଇରେ ତାଙ୍କୁ ଟକ୍କର ଦେବେ ୨୦୨୩ର ଚାମ୍ପିଅନ ତଥା ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଥାଇଲାଣ୍ଡର କୁନ୍‌ଲାଭଟ ବିଦିତସର୍ଣ୍ଣ। ଭାରତର ୨୪ ବର୍ଷୀୟ ଲକ୍ଷ୍ୟ ସେନ୍ ମଧ ପଦକ ଦୌଡ଼ରେ ରହିଛନ୍ତି। ମହିଳା ଏକକରେ ପୂର୍ବତନ ବିଶ୍ୱଚାମ୍ପିଅନ ତଥା ୫ଥରର ପଦକ ବିଜେତା ଭାରତର ପିଭି ସିନ୍ଧୁ ଟାଇଟଲ ଦୌଡ଼ରେ ରହିଛନ୍ତି। ଦକ୍ଷିଣ କୋରିଆର ଡିଫେଣ୍ଡିଂ ଅଲିମ୍ପିକ୍ ତଥା ୨୦୨୩ର ବିଶ୍ୱ ଚାମ୍ପିଅନ ଆନ୍ ସେ ୟଙ୍ଗ ମଧ ଟାଇଟଲର ଦାବିଦାର ଅଛନ୍ତି। ଏମାନଙ୍କ ବ୍ୟତୀତ ୩ଥରର ବିଶ୍ୱଚାମ୍ପିଅନ ଜାପାନର ଆକାନେ ୟାମାଗୁଚି, ଚୀନ୍‌ର ଦୁଇ ଖେଳାଳି ତଥା ପୂର୍ବତନ ନଂ-୧ ଓ ଚଳିତବର୍ଷର ଅଲ୍ ଇଂଲଣ୍ଡ ଚାମ୍ପିଅନ ୱାଙ୍ଗ ଝି ୟି ଏବଂ ଗତଥରର ରନର୍ସ ଅପ୍ ଚେନ୍ ୟୁଫେଇ ମଧ ଟାଇଟଲ ଦୌଡ଼ରେ ରହିଛନ୍ତି।

- ଅଗଷ୍ଟ ୧୭ରୁ ଆରମ୍ଭ, ୨୩ରେ ଶେଷ
- ନୂଆଦିଲ୍ଲୀରେ ହେବ ସମସ୍ତ ମ୍ୟାଚ୍
- ଭାଗନେବେ ବିଶ୍ୱର ସମସ୍ତ ଶ୍ରେଷ୍ଠ ଖେଳାଳି
- ୫ଟି ବିଭାଗରେ ହେବ ପ୍ରତିଯୋଗିତା
- ପୁରୁଷ ଓ ମହିଳା ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ
- ସିନ୍ଧୁ, ଲକ୍ଷ୍ୟ, ସାତ୍ୱିକ-ଚିରାଗଙ୍କ ଉପରେ ଆଶା
- ଭାରତ ଶେଷଥର ୨୦୦୯ରେ ଆୟୋଜକ ଥିଲା

**ଭାରତରୁ ୧୬ ପ୍ରତିଯୋଗୀ**

ଏହି ପ୍ରତିଯୋଗିତାର ସମସ୍ତ ୫ଟି ବିଭାଗରେ ଭାରତର ୨ଜଣ କିମ୍ବା ୨ ଯୋଡା ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ସେମାନଙ୍କ ମଧ୍ୟରୁ ମହିଳା ଏକକରେ ପିଭି ସିନ୍ଧୁ ଓ ଉନ୍ନତି ହୁଦା, ପୁରୁଷ ଏକକରେ ଲକ୍ଷ୍ୟ ସେନ୍ ଓ ଆୟୂଷ ସେଟ୍ଟୀ ଭାଗନେଉଛନ୍ତି। ସେହିପରି ପୁରୁଷ ଯୁଗଳରେ ସାତ୍ୱିକ ସାଇରାଜ- ଚିରାଗ ସେଟ୍ଟୀ, ହରିହରନ-ଏମ୍‌ଆର ଅର୍ଜୁନ, ମହିଳା ଯୁଗଳରେ ତ୍ରିଶା ଜଲି- ଗାୟତ୍ରୀ ଗୋପୀଚାନ୍ଦ ଓ କେ. ସେଲଭାମ- ସିମରନ ସିଂଘି, ମିଶ୍ରିତ ଯୁଗଳରେ ଧ୍ରୁବ କପିଳା-ତନିଶା କ୍ରାଷ୍ଟୋ, ରୋହନ କପୁର-ରତଭିକା ଶିବାନୀ ଗାଡେଙ୍କ ଯୋଡି ଭାଗନେଉଛନ୍ତି।

## ଓଡ଼ିଶାର ସ୍ୱସ୍ତି ବର୍ଷର ଶ୍ରେଷ୍ଠ ସାଇକ୍ଲିଷ୍ଟ




ଭୁବନେଶ୍ୱର, ୧୩।୮ (ସମିସ): ଓଡ଼ିଶାର ସାଇକଲ ଚାଳିକା ସ୍ୱସ୍ତି ସିଂ ତାଙ୍କ କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ପାଇଛନ୍ତି। ବର୍ଷ ୨୦୨୫ ଲାଗି ସ୍ୱସ୍ତି ଉଭୟ ଟ୍ରାକ୍ ଆଣ୍ଡ ରୋଡ୍ ଡିସିପ୍ଲିନରେ ଭାରତର ଶ୍ରେଷ୍ଠ ସାଇକ୍ଲିଷ୍ଟ ବିବେଚିତ ହୋଇଛନ୍ତି। ଭାରତୀୟ ସାଇକଲ୍ ମହାସଂଘ (ସିଏଫ୍‌ଆଇ) ପକ୍ଷରୁ ଏହି ଘୋଷଣା କରାଯାଇଛି। ୨୫ ବର୍ଷୀୟା ସ୍ୱସ୍ତିଙ୍କ ପାଇଁ ଏହା ପ୍ରମୁଖ ସଫଳତା ଓ ଜାତୀୟ ସ୍ୱୀକୃତି ବୋଲି କୁହାଯାଉଛି। ସ୍ୱସ୍ତି ଗତବର୍ଷ ଡିସେମ୍ବରରେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ସିନିୟର ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନସିପରେ ତିନୋଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଥିଲେ। ଯେଉଁଥି ପାଇଁ ତାଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ସାଇକ୍ଲିଷ୍ଟ ଟ୍ରଫି ମିଳିଥିଲା। ସେହିଭଳି ୩୮ତମ ଜାତୀୟ କ୍ରୀଡ଼ାରେ ସେ ମୋଟ୍ ୫ଟି ପଦକ ବିଜୟୀ ହୋଇଥିଲେ। ଯେଉଁଥିରେ ଦୁଇଟି ଲେଖାଏ ରୌପ୍ୟ ଏବଂ କାଂସ୍ୟ ଓ ଗୋଟିଏ ସ୍ୱର୍ଣ୍ଣ ପଦକ ରହିଥିଲା। ଏଥିସହ ଗତ ମେ ମାସରେ ଉଜବେକିସ୍ତାନରେ ଅନୁଷ୍ଠିତ ଗ୍ରାଁପ୍ରି'ରେ ସେ ମହିଳା ୨୦ କିମି ମାଡିସନ ଇଭେଣ୍ଟରେ କାଂସ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଦେଶର ଶ୍ରେଷ୍ଠ ସାଇକ୍ଲିଷ୍ଟ ବିବେଚିତ ହୋଇଥିବାରୁ ସ୍ୱସ୍ତିଙ୍କ ଘରୋଇ ସହର ରାଉରକେଲାରେ ଖୁସିର ଲହରି ଖେଳିଯାଇଛି।

■ ଟରୋଣ୍ଟୋ ମାଷ୍ଟର୍ସ

## ରିବାକିନା-ସ୍ୱିଆଟେକ୍ ଫାଇନାଲ

ଟରୋଣ୍ଟୋ, ୧୩।୮ (ଏଜେନ୍ସି): ଦୁଇ କୋଟି ୩୮ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଟରୋଣ୍ଟୋ ମାଷ୍ଟର୍ସ/କାନାଡିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ପୋଲାଣ୍ଡ ଲଳନା ଇଗା ସ୍ୱିଆଟେକ ଓ କାଜାଖସ୍ତାନର ଏଲିନା ରିବାକିନାଙ୍କ ମଧ୍ୟରେ ଶୁକ୍ରବାର ଫାଇନାଲ ମୁକାବିଲା ଖେଳାଯିବ। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ରିବାକିନା ୫-୭, ୬-୨, ୬-୨ ସେଟରେ ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲ ସ୍ୱିଆଟେକ ଓ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ମଧ୍ୟରେ ହୋଇଥିଲା। ସପ୍ତମ ସିଡ୍ ସ୍ୱିଆଟେକ୍ ଏହି ମ୍ୟାଚକୁ ୬-୩, ୧-୬, ୬-୩ ସେଟରେ ବିଜୟୀ ହୋଇ ଫାଇନାଲକୁ ଉଠିଥିଲେ। ଅପରପକ୍ଷରେ ଦୁଇ ଆମେରିକୀୟ ଖେଳାଳି ବେନ୍ ସେଲଟନ୍ ଓ ବ୍ରାଣ୍ଡନ ନାକାସିମାଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଖେଳାଯିବ।





ଏସିଆନ ଗେମ୍‌ସ କ୍ରିକେଟ

## ମେଡାଲ ମ୍ୟାଚ୍‌ରେ ଭାରତ-ପାକ୍ ମୁକାବିଲା

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି)

ଜାପାନରେ ଖେଳାଯିବାକୁ ଥିବା ଏସିଆନ୍ ଗେମ୍ସ କ୍ରିକେଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ମେଡାଲ ମ୍ୟାଚ୍‌ରେ ହେବ। ଏହା ହୁଏତ ସ୍ୱର୍ଣ୍ଣ କିମ୍ବା କାଂସ୍ୟ ପଦକ ଲାଗି ହେବାକୁ ଥିବା ମୁକାବିଲାରେ ହୋଇପାରେ। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ଯାଏ ଏସିଆନ୍ ଗେମ୍ସ ଜାପାନର ନାଗାୟୋଠାରେ ଆୟୋଜିତ ହେବ। କିନ୍ତୁ କ୍ରିକେଟ ଖେଳ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୩ରେ ଶେଷ ହେବ। କ୍ରିକେଟରେ ଖେଳସୂଚୀ ଏପରି ସ୍ଥିର କରାଯାଇଛି ଯେ ପଦକ ଲାଗି ହେବାକୁ ଥିବା ମ୍ୟାଚ୍ ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ନାହିଁ। ପ୍ରଥମେ ମହିଳା ବିଭାଗରେ ଖେଳ ସେପ୍ଟେମ୍ବର ୧୭ରୁ ଓ ପରେ ପୁରୁଷ ବିଭାଗରେ ମ୍ୟାଚ୍ ଖେଳାଯିବ।

ପୁରୁଷ ବିଭାଗରେ ୧୦ଟି ଦଳ ଭାଗନେଉଛନ୍ତି। ଫର୍ମାଟ ଅନୁଯାୟୀ ଭାରତ, ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବେ। ସେପ୍ଟେମ୍ବର ୨୮ରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ପାକିସ୍ତାନ ଓ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଭାରତ ଖେଳିବ। ଅକ୍ଟୋବର ୧ରେ ହେବାକୁ ଥିବା ସେମିଫାଇନାଲରେ କ୍ୱାର୍ଟର ୨ର ବିଜେତା କ୍ୱାର୍ଟର ୩ର ବିଜେତା ସହ ଏବଂ କ୍ୱାର୍ଟର ୧ର ବିଜେତା କ୍ୱାର୍ଟର ୪ର ବିଜେତା ସହ ଖେଳିବ। ଏଥିରୁ ସ୍ପଷ୍ଟ ହୋଇଛି ଯେ ଫାଇନାଲ ତଥା ସ୍ୱର୍ଣ୍ଣ ପଦକ କିମ୍ବା ତୃତୀୟ ସ୍ଥାନ (କାଂସ୍ୟ ପଦକ) ଲାଗି ହେବାକୁ ଥିବା ମୁକାବିଲା ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ନାହିଁ। ଅକ୍ଟୋବର ୩ରେ ଦୁଇଟିଯାକ ମେଡାଲ ମ୍ୟାଚ୍ ଖେଳାଯିବ। ମହିଳା ବିଭାଗରେ ୮ଟି ଦଳ ଭାଗନେଉଥିଲାବେଳେ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବେ। କ୍ୱାର୍ଟରରେ ଜାପାନ ସହ ଭାରତ ଖେଳିବ। ଖେଳସୂଚୀ ଅନୁଯାୟୀ ଭାରତ ସେମିଫାଇନାଲରେ ବାଂଲାଦେଶ କିମ୍ବା ହଂକଂ ଚାଇନା ସହ ମୁକାବିଲା କରିବ। ପୁରୁଷ ପରି ମହିଳା ବିଭାଗରେ ମଧ ପଦକ ଲାଗି ସେପ୍ଟେମ୍ବର ୨୨ରେ ହେବାକୁ ଥିବା ମ୍ୟାଚ୍ ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ନାହିଁ।

## ଅସ୍ମିତାଙ୍କୁ ଅଗରତାଳାରେ ମିଳିଲା ଜମି

ଅଗରତାଳା,୧୩।୮ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପ୍ରଥମ ଜୁଡୋ ଖେଳାଳିଭାବେ ପଦକ (ତାହା ପୁଣି ସ୍ୱର୍ଣ୍ଣ) ଜିତିଥିବା ତ୍ରିପୁରାର ଅସ୍ମିତା ଦେ'ଙ୍କୁ ମୁଖ୍ୟମନ୍ତ୍ରୀ ମାନିକ ସାହା ଅଗରତାଳାରେ ଘର କରିବା ଲାଗି ଏକ ଜମି ପ୍ରଦାନ କରିଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିଶୃତି ରକ୍ଷା କରିଛନ୍ତି। ଏଥିଲାଗି ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ମଧ ଅସ୍ମିତାଙ୍କୁ ୧୦ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଭାରତର ଗୌରବ ବଢ଼ାଇବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଦକ୍ଷିଣ ତ୍ରିପୁରାର ଏକ ଛୋଟ ଗାଁରେ ଜଣେ ସାଇକଲ ମିସ୍ତ୍ରୀର ଝିଅ ଭାବେ ଖେଳରେ ତିଷ୍ଠି ରହିବା କେତେ କଷ୍ଟକର ତାହା ଅସ୍ମିତା ବର୍ଣ୍ଣନା କରିଥିଲେ। ଝିଅ ସଫଳତା ପାଇଲାବେଳକୁ ପିତା ଆଉ ଇହଜଗତରେ ନାହାନ୍ତି। ଅସ୍ମିତା କିନ୍ତୁ ଉତ୍ତରପ୍ରଦେଶ ପୁଲିସ୍‌ରେ କନଷ୍ଟେବଲ ଭାବେ କାମ କରୁଛନ୍ତି। ତାଙ୍କୁ ସେଠାରେ ଡିଏସ୍‌ପି ପଦୋନ୍ନତି ଦିଆଯାଇଛି।



## ବ୍ରାଜିଲ ମୁକାବିଲା ଲାଗି ଆସିଆନ କପ୍‌ରୁ ଓହରିଲା ଭାରତ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ପାଞ୍ଚ ଥର ବିଶ୍ୱଚାମ୍ପିଅନ ବ୍ରାଜିଲ ସହ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମୁକାବିଲା ଲାଗି ନୂଆକରି ଆୟୋଜିତ ହେଉଥିବା ଆସିଆନ୍ କପ୍‌ରୁ ଭାରତ ଓହରିଯାଇଛି। ସର୍ବ ଭାରତୀୟ ଫୁଟବଲ ମହାସଂଘ ଅନୁଯାୟୀ ଏକା ସାଙ୍ଗେ ଆମେ ଦୁଇଟି ମ୍ୟାଚ୍‌ରେ ଖେଳିବା ସମ୍ଭବ ନୁହେଁ। ଫିଫା ଦ୍ୱାରା ସ୍ୱୀକୃତି ପାଇଥିବା ଆସିଆନ କପ୍ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୬ ଯାଏ ଅନୁଷ୍ଠିତ ହେବ। ଏଥିରେ ଏସିଆର ଶ୍ରେଷ୍ଠ ଫୁଟବଲ ଟିମ୍ ମାଲେସିଆ, ଇଣ୍ଡୋନେସିଆ ଓ ସିଙ୍ଗାପୁର ସହ ଭାରତ ଗୋଟିଏ ଗ୍ରୁପ୍‌ରେ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଅକ୍ଟୋବର ୩ରେ ବ୍ରାଜିଲ ସହ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ମ୍ୟାଚ୍ ଖେଳାଯିବା ସ୍ଥିର ହେବା ପରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରୁ ଓହରି ଆସିଛି। ବ୍ରାଜିଲ ବିପକ୍ଷ ଖେଳସୂଚୀ ଘୋଷଣା ହେବା ପରେ ଏକ 'ଏ' ଟିମ୍‌କୁ ମହାସଂଘ ଆସିଆନ କପ୍‌ରେ ଖେଳିବାକୁ ପଠାଇବ ବୋଲି କହିଥିଲା। କିନ୍ତୁ ଭିନ୍ନ ଭିନ୍ନ କାରଣରୁ ଏହାକୁ ପ୍ରତ୍ୟାହାର କରିନିଆଗଲା ବୋଲି କୁହାଯାଇଛି।

## ହାସନଙ୍କୁ ୬ ୱିକେଟ; ଅଷ୍ଟ୍ରେଲିଆ ୧୯୮ରେ ଆଉଟ

ଡାରୱିନ୍,୧୩।୮ (ଏଜେନ୍ସି)



୨୬ ବର୍ଷୀୟ ଡାହାଣହାତୀ ଫାଷ୍ଟ ବୋଲର ହାସନ ମାମୁଦଙ୍କ ଘାତକ ବୋଲିଂ ବଳରେ ଏଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ବାଂଲାଦେଶ ଦମ୍‌ଦାର ପ୍ରଦର୍ଶନ କରିଛି। ମାମୁଦ୧୭ ଓଭରରେ ୫୫ ରନ୍ ଦେଇ ୬ଟି ୱିକେଟ ଅକ୍ତିଆର କରିବା ଫଳରେ ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୫୩ ଓଭରରେ ୧୯୮ ରନ୍ କରି ପ୍ରଥମ ଇନିଂସରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ କେବଳ ଷ୍ଟିଭେନ ସ୍ମିଥ ୭୧ ରନ୍ କରି କିଛିଟା ଲଢ଼େଇ କରିଥିଲେ। ଦୁଇ ଓପନର ଜେକ୍ ୱିଥରଲାଡ୍ ୨୩ ଓ ଟ୍ରାଭିସ୍ ହେଡ ୨୨ ରନ୍ କରିଥିଲେ। ଜବାବରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ପ୍ରଥମ ଇନିଂସରେ ୨୪ ଓଭର ଖେଳି ସଦମାନ ଇସ୍‌ଲାମ (୨୦)ଙ୍କ ୱିକେଟ ହରାଇ ୯୬ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ତିନଜିଦ୍ ହାସନ ୩୨ ଓ ମୋମିନୁଲ ହକ୍ ୩୫ ରନ୍‌ରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଶ୍ରେଷ୍ଠ ୪ଜଣ ବୋଲର ଅଧିନାୟକ କମିନ୍‌ସ, ଷ୍ଟାର୍କ, ହାଜଲେଉଡ୍ ଓ ନାଥନ୍ ଲିଅନ୍ ୨୧ ଓଭର ବୋଲିଂ କରି ଗୋଟିଏ ୱିକେଟ ନେବାରେ ସଫଳ ହୋଇଥିଲେ।

## ରେକର୍ଡ ରନ ସହ ଆଫଗାନିସ୍ତାନର ସିରିଜ କବ୍‌ଜା

ବେଲ୍‌ଫାଷ୍ଟ, ୧୩।୮ (ଏଜେନ୍ସି): ଆୟର୍ଲାଣ୍ଡ ଗସ୍ତରେ ଯାଇଥିବା ଆଫଗାନିସ୍ତାନ କ୍ରିକେଟ୍ ଦଳ ଗୋଟିଏ ମ୍ୟାଚ୍ ବାକିଥାଇ ଦିନିକିଆ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଏଠାରେ ଗତକାଲି ରାତିରେ ଖେଳାଯାଇଥିବା ଚତୁର୍ଥ ଦିନିକିଆ ମ୍ୟାଚରେ ଆଫଗାନିସ୍ତାନ ୪୨ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥିସହ ୩-୦ରେ ଆଗୁଆ ସିରିଜ ହାତେଇ ନେଇଛି। ଅନ୍ତିମ ତଥା ୫ମ ଦିନିକିଆ ଶନିବାର ଖେଳାଯିବ। ପୂର୍ବରୁ ପ୍ରଥମ ଦିନିକିଆ ବର୍ଷା ଲାଗି ବାତିଲ ହୋଇଥିବାବେଳେ ପରବର୍ତ୍ତୀ ଦୁଇଟି ମ୍ୟାଚକୁ ଆଫଗାନିସ୍ତାନ ୯୨ ରନ ଓ ୩ ୱିକେଟରେ ବିଜୟୀ ହୋଇଥିଲା। ଚତୁର୍ଥ ଦିନିକିଆରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଆଫଗାନିସ୍ତାନ ୯ ୱିକେଟ୍‌ରେ ୩୪୩ ରନର ରେକର୍ଡ ସ୍କୋର କରିଥିଲା। ଓପନର୍ ଇବ୍ରାହିମ ଜର୍ଦାନ (୧୦୭) ଓ ସେଦିକୁଲ୍ଲା ଅଟଳ (୧୪୩) ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ଫଳରେ ଦିନିକିଆ କ୍ରିକେଟରେ ଆଫଗାନିସ୍ତାନର ଏହା ସର୍ବବୃହତ୍ ସ୍କୋର କରିଥିଲା। ଜବାବରେ ଓପନର୍ ଆଣ୍ଡ୍ରିଉ ବଲର୍ବିନ (୧୦୯)ଙ୍କ ଶତକ ସତ୍ତ୍ୱେ ଆୟର୍ଲାଣ୍ଡ ୪୮ ଓଭରରେ ୩୦୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଫଗାନିସ୍ତାନ ପକ୍ଷରୁ ୟାମିନ ଅହମ୍ମଦାଜାଇ ୪ ଓ ରଶିଦ ଖାନ ୩ଟି ୱିକେଟ୍ ନେଇଥିଲେ।

## ପିତାଙ୍କ ମୃତ୍ୟୁର ୪ ଦିନ ପରେ ଖେଳିଲେ ମେସି

ମିଆମି,୧୩।୮ (ଏଜେନ୍ସି): ପିତା, ବନ୍ଧୁ, ମ୍ୟାନେଜର ଓ ଦିଗଦର୍ଶକ ଜୋର୍ଜ ମେସିଙ୍କ ବିୟୋଗର ୪ ଦିନ ପରେ ଲିଓନେଲ ମେସି ନିଜ କ୍ଲବ୍ ଇଣ୍ଟର ମିଆମି ପକ୍ଷରୁ ଫୁଟବଲ ଖେଳିଥିଲେ। କିନ୍ତୁ ଏହି ମ୍ୟାଚରେ ପ୍ରତିପକ୍ଷ ଦଳ ଲିଅନ ୩-୨ ଗୋଲ୍‌ରେ ଜିତିବା ପରେ ଇଣ୍ଟର ମିଆମିର ନକ୍‌ଆଉଟ୍ ଖେଳିବା ଆଶା ଧୂଳିସାତ ହୋଇଯାଇଥିଲା। ଅଗଷ୍ଟ ୬ରେ ପିତା ଜୋର୍ଜଙ୍କ ପରଲୋକ ପରେ ମେସି ନିଜ ହୋମ୍ ଟାଉନ୍ ଆର୍ଜେଣ୍ଟିନାର ରୋଜାରିଓକୁ ଯାଇଥିଲେ। ସେଠାରେ ଅନ୍ତ୍ୟେଷ୍ଟିକ୍ରିୟା ଶେଷ କରିଥିଲେ ମଧ ଫୁଟବଲ ପଡ଼ିଆକୁ କେବେ ଫେରିବେ ସେ କହିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଜଣେ ବଦଳ ଖେଳାଳିଭାବେ ଆସି ସେ ସମସ୍ତଙ୍କୁ ଚକିତ କରିଦେଇଥିଲେ। ମେସି ପଡ଼ିଆକୁ ପଶିବା ପରେ ଷ୍ଟାଡିୟମ୍‌ରେ ଉପସ୍ଥିତ ଉଭୟ ଦଳର ସମର୍ଥକ ଛିଡ଼ା ହୋଇ କରତାଳି ଦ୍ୱାରା ତାଙ୍କୁ ସ୍ୱାଗତ ଓ ଉତ୍ସାହିତ କରିଥିଲେ।



ଦିନକ ପରେ ହକି ବିଶ୍ୱକପ୍

## '୭୫'ର ଖୁସି ଆଶାରେ ଭାରତ

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି)

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ଷୋଡଶ ସଂସ୍କରଣ ବେଲ୍‌ଜିୟମ ଓ ନେଦରଲ୍ୟାଣ୍ଡସରେ ଅଗଷ୍ଟ ୧୫ରୁ ୩୦ ଯାଏ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୧୫ଟି ସଂସ୍କରଣରେ ଭାରତୀୟ ପୁରୁଷ ଦଳ ଥରେ ମାତ୍ର ଚାମ୍ପିଅନ ହୋଇଛନ୍ତି। ମାଲେସିଆରେ ୧୯୭୫ ବିଶ୍ୱକପ୍‌ରେ ଭାରତ ୩-୨ ଗୋଲରେ ପାକିସ୍ତାନକୁ ହରାଇ ଚାମ୍ପିଅନ ହୋଇଥିଲା। ଏହା ପୂର୍ବରୁ ୧୯୭୩ରେ ରୌପ୍ୟ ଓ ୧୯୭୧ର ପ୍ରଥମ ବିଶ୍ୱକପ୍‌ରେ କାଂସ୍ୟ ଜିତିଥିଲା। ୧୯୭୫ ପରେ ଭାରତ ଟାଇଟଲ ଜିତିବା ତ ଦୂରର କଥା ଶେଷ ୧୨ଟି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଦଳ ଥରେ ହେଲେ ସେମିଫାଇନାଲରେ ମଧ ପ୍ରବେଶ କରିପାରି ନାହିଁ। ତେଣୁ ୫୧ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏଥର ପଦକ ଆଶାରେ ରହିଛି। ଅପରପକ୍ଷରେ ଭାରତୀୟ ମହିଳା ଦଳ ୧୯୭୪ରେ ସେମିଫାଇନାଲ ଖେଳିବା ଦଳର ଶ୍ରେଷ୍ଠ ସଫଳତା। ପୁରୁଷ ଦଳ ୧୯୭୮ରେ ଷଷ୍ଠ, ୧୯୮୨ରେ ପଞ୍ଚମ, ୧୯୮୬ରେ ଦ୍ୱାଦଶ, ୧୯୯୦ରେ ଦଶମ, ୧୯୯୪ରେ ପଞ୍ଚମ, ୧୯୯୮ରେ ନବମ, ୨୦୦୨ରେ ଦଶମ, ୨୦୦୬ରେ ଏକାଦଶ, ୨୦୧୦ରେ ଅଷ୍ଟମ, ୨୦୧୪ରେ ନବମ, ୨୦୧୮ରେ ଷଷ୍ଠ ଓ ୨୦୨୩ରେ ୯ମ ସ୍ଥାନ ଅଧିକାର କରିଥିଲା। ଭାରତୀୟ ମହିଳା ଦଳ ୧୯୭୬, ୧୯୮୧, ୧୯୮୬, ୧୯୯୦, ୧୯୯୪, ୨୦୦୨ ଓ ୨୦୧୪ରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନାହିଁ। ଅନ୍ୟ ସଂସ୍କରଣ ମଧ୍ୟରୁ ୧୯୭୮ରେ ୭ମ, ୧୯୮୩ରେ ଏକାଦଶ, ୧୯୯୮ରେ ଦ୍ୱାଦଶ, ୨୦୦୬ରେ ଏକାଦଶ, ୨୦୧୦ରେ ନବମ, ୨୦୧୮ରେ ଅଷ୍ଟମ ଓ ୨୦୨୨ରେ ଦଶମ ସ୍ଥାନ ଅଧିକାର କରିଥିଲା।

ଟେଷ୍ଟ ଲଢ଼େଇ ଲାଗି ଜୋରଦାର୍ ଅଭ୍ୟାସ

## ଗଲ୍‌ରେ ଗିଲ୍-ଗମ୍ଭୀରଙ୍କ ସ୍ପିନ୍ ଟେଷ୍ଟ

ଗଲ୍,୧୩।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁଯାଉଛି। ସଂଖ୍ୟା ଦୃଷ୍ଟିରୁ ଏହା ହୁଏତ ନଗଣ୍ୟ ହୋଇପାରେ, କିନ୍ତୁ ଟେଷ୍ଟ କ୍ରିକେଟରେ ସ୍ପିନରଙ୍କୁ ମୁକାବିଲା କରିବା ଲାଗି ଯେଉଁ ଟେକନିକ୍ ଆବଶ୍ୟକ ତାହାର ପ୍ରକୃତ ପରୀକ୍ଷା ଏଠାରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ଦେବାକୁ ହେବ। ସ୍ପିନ ପିଚ୍ ଓ ସ୍ପିନରଙ୍କ ବିପକ୍ଷରେ ଦମ୍‌ର ସହ ଖେଳିବା ଭାରତର ପରିଚୟ ଥିଲା। କିନ୍ତୁ ଗତ ଦୁଇ ବର୍ଷରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାଠାରୁ ଘରୋଇ ମାଟିରେ ପରାଜିତ ହେବାପରେ ଭାରତର ସ୍ପିନ୍ ଦୁର୍ଗ ଭୁଷୁଡି ପଡ଼ିଛି। ଏଭଳି ସମୟରେ ବିରାଟ କୋହଲି, ରୋହିତ ଶର୍ମା, ଚେତେଶ୍ୱର ପୂଜାରା ଓ ଆଜିଙ୍କ୍ୟ ରାହାଣେଙ୍କୁ ନେଇ ଗତ ଏକ ଦଶନ୍ଧି ଭାରତ ଟେଷ୍ଟରେ ଯେଉଁ ଦମ୍ ଦେଖାଉଥିଲା ତାହା ଆଉ ସମ୍ଭବ ହେଉନାହିଁ। ଏହାର କାରଣ ହେଲା ଉପରୋକ୍ତ ଟେଷ୍ଟ ବିଶାରଦଙ୍କ ଅବସର। ଏବେ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଏକପ୍ରକାର ନୂଆ ଦଳ ଟେଷ୍ଟ ଖେଳୁଛି। ସାମ୍ପ୍ରତିକ ବିଶ୍ୱ କ୍ରିକେଟରେ ଏତେ ସଂଖ୍ୟାରେ ସୀମିତ ଓଭର କ୍ରିକେଟ ଖେଳାଯାଉଥିଲାବେଳେ ଭାରତର ଅନ୍ତର୍ଜାତୀୟ ଖେଳାଳିମାନେ ଘରୋଇ କ୍ରିକେଟ ଖେଳି ସେମାନଙ୍କ ସ୍ପିନ୍ ଦକ୍ଷତା ବୃଦ୍ଧି କରିବାରେ ସମର୍ଥ ହୋଇପାରୁ ନାହାନ୍ତି। ଯାହା ଫଳରେ ସେମାନେ ଗତ ଦୁଇ ବର୍ଷରେ ସ୍ପିନ୍ ଟେଷ୍ଟରେ ଫେଲ୍ ମାରିଛନ୍ତି। ଅଗଷ୍ଟ ୧୫ରୁ ଯେଉଁଠାରେ ଭାରତ ଟେଷ୍ଟ ଖେଳିବାକୁ ଯାଉଛି, ସେଠାରେ ସ୍ପିନରଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏବେ ଘରୋଇ ଶ୍ରୀଲଙ୍କା ଦଳରେ ବିଶ୍ୱସ୍ତରୀୟ ସ୍ପିନର ନାହାନ୍ତି ସତ, କିନ୍ତୁ ଯେଉଁମାନେ ବି ଅଛନ୍ତି ସେମାନଙ୍କୁ ମୁକାବିଲା କରିବା ଲାଗି ଭାରତୀୟ ବ୍ୟାଟରମାନେ ଟେକନିକାଲି ସମର୍ଥ ନୁହଁନ୍ତି। ଟପ୍ ଅର୍ଡରରେ ଗିଲ୍, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲଙ୍କ ସହ ୱିକେଟ ରକ୍ଷକ ଋଷଭ ପନ୍ତ୍ ଯଦି କିଛି ପରିମାଣରେ ସଫଳ ହୁଅନ୍ତି, ତେବେ ଭାରତର ଶ୍ରୀଲଙ୍କା ଟେଷ୍ଟ ସଫଳ ହୋଇପାରେ। ସେ ଯାହା ହେଉ ଦଳକୁ ସଫଳତା ପାଇବାକୁ ହେଲେ ଉଭୟ ଧୈର୍ଯ୍ୟ ଓ ଟେକ୍‌ନିକ୍‌ର ମିଶ୍ରଣ କରିବାକୁ ହେବ ନିଶ୍ଚୟ।


ଦେବଦତ୍ତ ପାଡିକଲ୍‌ଙ୍କ ଅଭ୍ୟାସ

### ୩ ବାମହାତୀ ସ୍ପିନର ଖେଳିପାରନ୍ତି

ଏହି ଟୁର୍ ଲାଗି ଭାରତୀୟ ଦଳରେ ୪ଜଣ ସ୍ପିନରଙ୍କ ମଧ୍ୟରୁ ୩ଜଣ ବାମହାତୀ ରହିଛନ୍ତି। କିନ୍ତୁ ଏହି ୩ ଜଣ ଭିନ୍ନ ଧରଣର ସ୍ପିନର। ଶ୍ରୀଲଙ୍କା ଇନିଂସର ୨୦ଟିଯାକ ୱିକେଟ ନେବା ଲାଗି ଏମାନେ ସମର୍ଥ ହୋଇପାରିବେ ବୋଲି ଗଲ୍‌ରେ ଆଜି ଜୋରଦାର ଅଭ୍ୟାସ ପରେ ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲ କହିଛନ୍ତି। ତାଙ୍କ କହିବା କଥା ହେଲା ଅଭିଜ୍ଞ ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ମାନବ ସୂତାରଙ୍କ ବୋଲିଂ ଶୈଳୀ ଭିନ୍ନ। ଏଣୁ ସେମାନଙ୍କୁ ଏକ ସଙ୍ଗେ ଖେଳାଇଲେ ପ୍ରତିପକ୍ଷ ଦଳକୁ ଫାଇଦା କମ୍ ମିଳିବ। ଏଠାରେ ଭାରତର ଦୁଇଟି ସମସ୍ୟା ରହିଛି। ଗୋଟିଏ ହେଉଛି ବର୍ଷା ଏବଂ ଅନ୍ୟଟି ହେଉଛି ଅସହ୍ୟ ଗରମ। ବର୍ଷା ହେଲେ କୁକାବୁରା ବଲ ଅଳ୍ପ ସମୟ ମଧ୍ୟରେ ନରମ ହୋଇଯିବ। ସ୍ପିନରଙ୍କୁ ଏହା ସୁହାଇ ନ ପାରେ, କିନ୍ତୁ ବଲ ରିଭର୍ସ ସୁଇଂ ହେବ। ଏଭଳି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିବା ସୁବିଧାଜନକ। କିନ୍ତୁ ବୋଲିଂ କରିବାକୁ ପଡ଼ିଲେ, ବୋଲରମାନେ ଶୃଙ୍ଖଳିତ ହୋଇ ଠିକଣା ସ୍ଥାନରେ ବଲ ପକାଇବାକୁ ପଡ଼ିବ। ଏହି ପିଚ୍‌ରେ ଖେଳର ପ୍ରଥମ ଦୁଇଦିନ ବ୍ୟାଟରଙ୍କୁ ସୁହାଇଥାଏ। ବୋଲିଂ କରିବାକୁ ସୁଯୋଗ ମିଳିଲେ ବୋଲରଙ୍କ ଦାୟିତ୍ୱ ବଢ଼ିବ। ଯାହା ଫଳରେ ମ୍ୟାଚର ଫଳାଫଳ ନିଜ ସପକ୍ଷରେ ଯାଇପାରିବ ବୋଲି ମୋର୍କେଲ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS

# ବର୍ଷା ଓ ବନ୍ୟାରେ ଉବୁଟୁବୁ ଉତ୍ତର-ପଶ୍ଚିମ ଓଡ଼ିଶା

**ମୟୂରଭଞ୍ଜରେ ପ୍ରବଳ ବର୍ଷା ପାଇଁ ବନ୍ୟା ଓ ଜଳବନ୍ଦୀ ସ୍ଥିତି**

## ବୃଦ୍ଧି ପାଉଛି ସମସ୍ତ ନଦୀର ଜଳସ୍ତର; ୨୨ ବ୍ଲକ୍, ୨୮ ପଞ୍ଚାୟତର ୪୫ଟି ଗାଁ ପ୍ରଭାବିତ

ବାରିପଦା, ୧୩।୮(ସମିସ): ବୁଧବାର ରାତିରୁ ଗୁରୁବାର ପୂର୍ବାହ୍ନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ବାଦଲ ପଠା ବର୍ଷା ପାଇଁ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାର ୨୨ଟି ବ୍ଲକ୍‌ରେ ଏହି ବର୍ଷା ଓ ବନ୍ୟାର ପ୍ରଭାବରେ ପଡ଼ିଛି। ବଡ଼ସାହି, ବେତନଟୀ, ବାରିପଦା, ବାଙ୍ଗିରିପୋଷି, ଶୁକ୍ରୁଳି, ରରୁଆଁ, ମୋରଡ଼ା ଓ ବିଜାତଳା ଆଦି ବ୍ଲକରେ ଜଳବନ୍ଦୀ ପରିସ୍ଥିତି ଦେଖାଦେଇଛି। ଜିଲ୍ଲାରେ ପ୍ରବାହିତ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜମ୍ବୀରା, ଗଙ୍ଗାହାର, ଖଡଖାଇ, କାହ୍ନୁ, ଖଇରୀଭଣ୍ଡନ, ବାଉଁଶ, ଦେଓ ଆଦି ନଦୀରେ ବନ୍ୟା ଜଳ ଦ୍ରୁତଗତିରେ ବୃଦ୍ଧି ପାଉଛି। ରିପୋର୍ଟ ଲେଖାଯିବା ବେଳକୁ ଉଳମୁଣ୍ଡର ବହଳଦା, ଗୋପବନ୍ଧୁନଗର, ଖୁଣ୍ଟା, କୁସୁମୀ, କୁଳିଅଣା, କରଞ୍ଜିଆ, ଠାକୁରମୁଣ୍ଡା, ତିରିଂ, ରାସଗୋବିନ୍ଦପୁର, ଶାମାଖୁଣ୍ଟା, ଜାମଦା, ଯଶିପୁର, ଶୁଳିଆପଦା, ରାଇରଙ୍ଗପୁର, ତଳିଆ ଓ ଚାଷଜମିରେ ବନ୍ୟା ଜଳ ପ୍ରବେଶ କରିଛି। ଅନେକ ସ୍ଥାନରେ ବର୍ଷା ଓ ବନ୍ୟା ଜଳ ରାସ୍ତା ଓ ପୋଲ ଉପରେ ପ୍ରବାହିତ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି।

ଏହି ପରିସ୍ଥିତିରେ ୨୮ଟି ପଞ୍ଚାୟତ ଓ ୪୫ଟି ଗ୍ରାମ ପ୍ରଭାବିତ ହୋଇଛି। ବାରିପଦା ମୁନିସିପାଲିଟିର ୬ଟି ୱାର୍ଡରେ ମଧ ଡ୍ରେନ ପାଣି ଲୋକଙ୍କ ଘରେ ପ୍ରବେଶ କରିଛି। ଏ ପର୍ଯ୍ୟନ୍ତ ପ୍ରାୟ ୧,୭୩୫ ଲୋକ ପ୍ରଭାବିତ ହୋଇଛନ୍ତି ଓ ୨୧୫ଟି ଘର କ୍ଷତିଗ୍ରସ୍ତ ହୋଇଛି। ଯେଉଁଥିରେ ଦୁଇଟି କୁଡ଼ିଆ ଓ ୧୧ଟି ଗୁହାଳ ଅଛି। ପ୍ରଶାସନ ପକ୍ଷରୁ ୧୦ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି ଓ ୧୪ଟି ସ୍ଥାନରେ ବିପନ୍ନ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

ବାରିପଦା ସହରରେ ପରିସ୍ଥିତି ଅଧିକ ଖରାପ ରହିଛି। ମ୍ୟୁନିସିପାଲିଟିର ଅଧିକାଂଶ ୱାର୍ଡରେ ଡ୍ରେନ୍ ପାଣି ଲୋକଙ୍କ ଘରେ ପ୍ରବେଶ କରିଛି। ଜରାଳୀ, ସରାଳୀ ଓ ଶୁକଯୋଡ଼ା ମହାନାଳ ବର୍ଷାଋତୁ ପୂର୍ବରୁ ଖନନ ଓ ସଫେଇ ଅଭାବରୁ ଏହି ସମସ୍ୟା ତୀବ୍ର ହୋଇଥିବା କୁହାଯାଉଛି। ଗତକାଲି ରାତିରୁ ଆଜି ସକାଳ ୧୦ଟା ମଧ୍ୟରେ ଜିଲ୍ଲାର ଶ୍ୟାମାଖୁଣ୍ଟା ବ୍ଲକ୍‌ରେ ସର୍ବାଧିକ ୨୩୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ବାରିପଦାରେ ୨୦୮ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି। ଏହାଛଡ଼ା ବାଙ୍ଗିରିପୋଷିରେ ୧୭୦.୮ ମିମି, ବେତନଟୀରେ ୧୬୭ ମିମି, ବଡ଼ସାହିରେ ୧୫୨ ମିମି, ମୋରଡାରେ ୧୩୨ ମିମି, କୁଳିଅଣାରେ ୧୩୦ ମିମି, ରାସଗୋବିନ୍ଦପୁରରେ ୧୨୮ ମିମି ଓ ଯଶିପୁର ବ୍ଲକରେ ୧୨୭.୪ ମିମି ବର୍ଷା ରେକର୍ଡ ହୋଇଛି। ଫଳରେ ବିଭିନ୍ନ ସ୍ଥାନରେ ଜଳନିଷ୍କାସନ ବ୍ୟବସ୍ଥା ବିଫଳ ହୋଇଛି। ସହର ଉପକଣ୍ଠ ଅସନଯୋଡ଼ା ନିକଟରେ ୧୮ ନଂ ଜାତୀୟ ରାଜପଥ ଉପରେ ବର୍ଷାଜଳ ପ୍ରବାହ କାରଣରୁ ଦୁଇଚକିଆ ଓ ଛୋଟ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିଥିଲା। ସନ୍ଧ୍ୟା ବେଳକୁ ବୁଢ଼ାବଳଙ୍ଗ ବନ୍ୟା ଜଳ ବାରିପଦା ସହରର ମଧୁବନ ଅଞ୍ଚଳରେ ପ୍ରବେଶ କରୁଛି। ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଓ ଆବଶ୍ୟକ ସ୍ଥାନରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଆବଶ୍ୟକ ସ୍ଥାନରେ ବିଦ୍ୟାଳୟଗୁଡ଼ିକୁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର ପାଇଁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଜିଲ୍ଲାର ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ବନ୍ଦ ରଖାଯାଇଥିଲା। ବଡ଼ସାହି ବ୍ଲକରେ ଜଣେ ଯୁବକ ମାଛ ଧରିବାକୁ ଯାଇ ବନ୍ଧପାଣିରେ ଭାସି ମୃତ୍ୟୁବରଣ କରିଥିବାବେଳେ ବାଙ୍ଗିରିପୋଷିରେ ପୋଲ ପାରି ସମୟରେ ଭାସିଯାଇ ଗଛ ଡାଳରେ ଆଶ୍ରୟ ନେଇଥିବା ଜଣେ ଯୁବକ ନୂଆଗାଁର ବାଜୁନ ହାଁସଦା (୩୫)ଙ୍କୁ ଓଡ୍ରାଫ ଟିମ ସୁରକ୍ଷିତ ଭାବରେ ଉଦ୍ଧାର କରିଛି। ବର୍ଷା କମିଥିଲେ ହେଁ ଉପମୁଣ୍ଡର ବର୍ଷା ଜଳ ପାଇଁ ନଦୀରେ ବନ୍ୟା ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି। ଜିଲ୍ଲାପାଳ, ଏସପିଙ୍କ ସମେତ ସମସ୍ତ ଅଧିକାରୀ ବିଭିନ୍ନ ଅଞ୍ଚଳ ଗସ୍ତ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି।





- ବାରିପଦା ମ୍ୟୁନିସିପାଲଟିର ୬ ୱାର୍ଡରେ ଘରେ ପଶିଲା ଡ୍ରେନ୍ ପାଣି
- ପ୍ରଭାବିତ ୧,୭୩୫ ଲୋକଙ୍କ ପାଇଁ ୧୨ ଆଶ୍ରୟସ୍ଥଳୀ
- ୧୪ଟି ସ୍ଥାନରେ ରନ୍ଧାଖାଦ୍ୟ ବ୍ୟବସ୍ଥା
- ମାଛ ଧରିବାକୁ ଯାଇ ଜଣେ ମୃତ
- ଭାସିଯାଇ ଗଛରେ ଆଶ୍ରିତ ଯୁବକ ଉଦ୍ଧାର



ପାଣି ଘେରରେ କେନ୍ଦୁଝର ଜିଲ୍ଲାର ପାଟଣା ବୈତରଣୀ ନଦୀ ତଟସ୍ଥ ପରମେଶ୍ୱର ମନ୍ଦିର

**ପାଟଣା ଓ ଆନନ୍ଦପୁରରେ ଜଳସ୍ତର ବିପଦ ସଙ୍କେତ ଉପରେ**

## ପୁଣି ଆନନ୍ଦପୁର ରିଂ ବନ୍ଧରେ ଘାଇ

କେନ୍ଦୁଝର/ଆନନ୍ଦପୁର, ୧୩।୮(ସମିସ): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୁଧବାର ରାତ୍ରିରୁ ଲାଗିରହିଥିବା ଲଗାଣ ବର୍ଷା କାରଣରୁ ବୈତରଣୀ ପୁଣିଥରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଫଳରେ ବୈତରଣୀ ଜଳସ୍ତର ଲଗାତାର ବୃଦ୍ଧି ପାଉଛି। ପାଟଣାଠାରେ ବୈତରଣୀ ଜଳସ୍ତର ବିପଦ ସଂକେତ ଟପି ସାରିଛି। ଏଠାରେ ବିପଦ ସଙ୍କେତ ୩୧୧.୧୦ ମିଟର ରହିଛି। ରାତି ୯ଟା ସୁଦ୍ଧା ବୈତରଣୀରେ ଜଳସ୍ତର ୩୯.୨୭୦ ମିଟର୍‌ରେ ପ୍ରବାହିତ ହେଉଥିବା ସୂଚନା ରହିଛି। ଏଠାରେ ବୈତରଣୀର ସତର୍କ ସଂକେତ ୩୭.୪୪୫ ମିଟର ରହିଛି। ବିପଦ ସଂକେତ ୩୮.୩୬୦ ମିଟର ରହିଛି। ଆଜି ସନ୍ଧ୍ୟା ୭ରେ ଏଠାରେ ସତର୍କ ସଂକେତ ଉପରେ ଜଳ ପ୍ରବାହିତ ହେଲାଣି। ଏଠାରେ ୭ଟା ବେଳକୁ ୩୮.୧୮୦ ମିଟରରେ ବୈତରଣୀ ପ୍ରବାହିତ ହେଉଛି। ରାତ୍ରି ବେଳକୁ ବିପଦ ସଂକେତ ଟପିବ ବୋଲି ଅନୁମାନ କରାଯାଉଛି। ବୈତରଣୀ ଜଳସ୍ତର ବୃଦ୍ଧିକୁ ଆଖିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତା ପଦକ୍ଷେପ ନିଆଯାଉଛି। ତେବେ ଆନନ୍ଦପୁର ବୈତରଣୀ ରିଙ୍ଗରୋଡ୍‌ରେ ପୁଣି ଘାଇ ସୃଷ୍ଟି ହୋଇଥିବାରୁ କ୍ଷୟକ୍ଷତି ଆଶଙ୍କା ବୃଦ୍ଧି ପାଇଛି।



## ଲଗାଣ ବର୍ଷାରେ ଗାଁଠୁ ସହର ଜଳବନ୍ଦି





ବାଲେଶ୍ୱର,୧୩।୮(ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଆଜି ଜିଲ୍ଲାରେ ସମୁଦାୟ ୧୩୪୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ବର୍ଷା ପରିମାଣ ୧୧୨.୧୭ ମିଲିମିଟର ରହିଛି। ବିଶେଷ କରି ଭୋଗରାଇ ବ୍ଲକରେ ସର୍ବାଧିକ ୨୩୬ ମିମି ବର୍ଷା ହୋଇଥିବା ବେଳେ ବସ୍ତା ବ୍ଲକରେ ୨୦୨ ମିମି, ଜଳେଶ୍ୱରରେ ୧୬୨ ମିମି, ବାଲିଆପାଳରେ ୧୩୭ ମିମି, ରେମୁଣାରେ ୧୨୬ ମିମି, ବାହାନଗାରେ ୧୨୦ ମିମି, ବାଲେଶ୍ୱର ସଦରରେ ୯୫ ମିମି, ନୀଳଗିରିରେ ୮୮ ମିମି, ଔପଦାରେ ୬୨ ମିମି, ସୋରୋରେ ୫୭ ମିମି, ସିମୁଳିଆରେ ୩୫ ମିମି ଏବଂ ଖଇରାରେ ୨୬ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ସମୟରେ ଭାରି ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହଠାତ ବର୍ଷାର ପରିମାଣ ବୃଦ୍ଧି ପାଇବା ଯୋଗୁଁ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ସହରରେ ସଠିକ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଛି।

ପୌରପାଳିକାର ୨୬ନମ୍ବର ୱାର୍ଡ ଅନ୍ତର୍ଗତ କଂଗ୍ରେସ ଅଫିସ ଲେନ, ଓଟି ରୋଡ, ଏକତା ନଗର, ଗୁଡ଼ିଦା,ଚଡ଼ିଆ ପୋଲ ଓ ସିନେମା ଛକ ଭଳି ଜନବହୁଳ ଅଞ୍ଚଳଗୁଡ଼ିକରେ ରାସ୍ତା ଉପରେ ଦୁଇଫୁଟ ପର୍ଯ୍ୟନ୍ତ ପାଣି ପ୍ରବାହିତ ହେଉଛି। ମୁଖ୍ୟ ରାସ୍ତା ନୂଆସାହି ଛକ ନିକଟରେ ଜଳମଗ୍ନ ହୋଇ ପଡ଼ିଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଡ୍ରେନ ନାଳ ଗୁଡିକ ନିୟମିତ ସଫା ହେଉ ନ ଥିବାରୁ ଦୂଷିତ ପାଣି ସିଧାସଳଖ ଲୋକଙ୍କ ଘର ଭିତରକୁ ପଶିଯାଉଛି। ଫଳରେ ରୋଷେଇ କରିବାଠାରୁ ଆରମ୍ଭ କରି ପିଲାଙ୍କ ପାଠପଢ଼ା ପର୍ଯ୍ୟନ୍ତ ସବୁକିଛି ଠପ୍ ହୋଇଯାଇଛି। ପ୍ରତିବର୍ଷ ବର୍ଷା ଦିନେ ସହରବାସୀ ଏହି ଦୁର୍ଦ୍ଦଶା ଭୋଗୁଥିବା ବେଳେ ପ୍ରଶାସନ ଓ ପୌରପାଳିକା କେବଳ କାଗଜକଲମରେ ପ୍ରସ୍ତୁତି ନାମରେ ନାଟକ କରୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଜୟଶ୍ରୀ ଆଚାର୍ଯ୍ୟ ଓ ବିଧାନ ଚନ୍ଦ୍ର ଜେନା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ପ୍ରମୁଖ ନଦୀ ଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବୁଢ଼ାବଳଙ୍ଗ ଓ ଜଳକା ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ସନ୍ଧ୍ୟା ସୁଦ୍ଧା ନଦୀର ଜଳସ୍ତର ଅଧିକ ବଢ଼ିବା ଆଶଙ୍କା କରାଯାଉଛି। ବର୍ଷା ପ୍ରଭାବରେ ବୈଶିଙ୍ଗା-ରୁପସା ରାସ୍ତା ବିଚ୍ଛିନ୍ନ ହୋଇଯାଇଥିବା ବେଳେ ବସ୍ତା ଶମ୍ଭୁନାଥ ସ୍କୁଲର ପାଚେରୀ ଭୁଶୁଡ଼ି ପଡ଼ିଛି। ସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନିକ କଳ ସମ୍ପୂର୍ଣ୍ଣ ସଜାଗ ରହିଛି। ଜିଲ୍ଲା ଜରୁରୀକାଳିନ ଅଧିକାରୀ ଚିନ୍ମୟ କୁମାର ରାଉତଙ୍କ ସୂଚନା ଅନୁସାରେ, ପ୍ରଭାବିତ ତଳିଆ ଅଞ୍ଚଳଗୁଡ଼ିକରେ ତୁରନ୍ତ ରିଲିଫ କ୍ୟାମ୍ପ ଖୋଲାଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ୧୨ଟି ଅଗ୍ନିଶମ ବାହିନୀ ଓ ଗୋଟିଏ ଓଡ୍ରାଫ ଟିମ୍ ମୁତୟନ ହୋଇଛନ୍ତି। ପ୍ରଭାବିତଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ଜଳ ନିଷ୍କାସନ ପାଇଁ ପମ୍ପସେଟ ଓ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱାସ୍ଥ୍ୟ ଟିମ୍ ପ୍ରସ୍ତୁତ ରଖାଯାଇଛି। କେବଳ ସାମୟିକ ରିଲିଫ ବ୍ୟବସ୍ଥା ନୁହେଁ ବରଂ ଏକ ବ୍ୟାପକ ଡ୍ରେନେଜ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟକାରୀ କଲେ ହିଁ ବାଲେଶ୍ୱରବାସୀଙ୍କୁ ଏହି କୃତ୍ରିମ ବନ୍ୟା ଦାଉରୁ ସ୍ଥାୟୀ ମୁକ୍ତି ମିଳିପାରିବ। ଅନ୍ୟପଟେ ସଦର ବ୍ଲକର ୬ଟି ପଞ୍ଚାୟତ ହଳଦୀପଦା, କଶିପଦା, ରୁପସା, ଆଙ୍କୋ, ଗୋପୀନାଥପୁର, ରାଇସୁଆଁ ଆଦି ଗାଁର ଲୋକ ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଜଳବନ୍ଦୀରେ ରହିଥିବା ଲୋକଙ୍କ ମଧ୍ୟରୁ ୨ଶହରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି ବୋଲି ସଦର ବିଡ଼ିଓ ଉତ୍ତମ କୁମାର ଜେନା ସୂଚନା ଦେଇଛନ୍ତି।

## ବର୍ଷାରେ ବେହାଲ ଇସ୍ପାତନଗରୀ

ରାଉରକେଲା,୧୩।୮(ସମିସ): ଦୁଇ ଘଣ୍ଟା ଧରି ମୂଷଳ ଧାରାରେ ବର୍ଷା ଯୋଗୁଁ ଉବୁଟୁବୁ ହୋଇଛି ସ୍ମାର୍ଟସିଟି ରାଉରକେଲା। ଯୁଆଡ଼େ ଚାହିଁବ ଖାଲି ପାଣି ଆଉ ପାଣି। ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବାବେଳେ ବିଭିନ୍ନ ଅଞ୍ଚଳରେ ଆଣ୍ଠୁଏରୁ ଛାତି କିମ୍ବା ବେକ ପର୍ଯ୍ୟନ୍ତ ପାଣି ଜମି ରହିବା ଦ୍ୱାରା ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସହରର ତଳିଆ ଅଞ୍ଚଳ ବସ୍ତିଠୁ ଆରମ୍ଭ କରି ଭିଆଇପି ଏରିଆ କ୍ୱାର୍ଟର୍ସ, ରାସ୍ତାଘାଟ ସବୁଆଡ଼େ ଜଳମଗ୍ନ ହୋଇପଡ଼ିଛି। ରାସ୍ତା ଓ ଡ୍ରେନ୍ ସବୁ ଏକାକାର ହୋଇପଡ଼ିଛି। ସବୁଠାରୁ ଅଧିକ ଚିନ୍ତାର କାରଣ ପାଲଟିଛି ତଳିଆ ଓ ବସ୍ତି ଅଞ୍ଚଳ। ଘର ଆଗରେ ପାଣି ଜମିବା ସହ ଅନେକ ସ୍ଥାନରେ ଘରେ ପାଣି ପଶିବାର ଆଶଙ୍କା ଦେଖାଦେଇଛି। ଲୋକମାନେ ନିଜ ଘରର ସାମଗ୍ରୀ ସୁରକ୍ଷିତ ସ୍ଥାନକୁ ନେବାରେ ବ୍ୟସ୍ତ ରହିଛନ୍ତି। ବର୍ଷା ଜାରି ରହିଲେ ସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ତେଣୁ ଜଳବନ୍ଦୀ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ସହ ଅତ୍ୟାବଶ୍ୟକ ନଥିଲେ ପାଣି ଭର୍ତ୍ତି ରାସ୍ତାରେ ଯାତାୟାତ ନ କରିବାକୁ ଅନୁରୋଧ କରାଯାଉଛି। ରାଉରକେଲାର ବର୍ଷାର ଏହି ଦୃଶ୍ୟ ଏବେ ସହରର ଜଳନିଷ୍କାସନ ବ୍ୟବସ୍ଥା ଓ ନିମ୍ନାଞ୍ଚଳର ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି।

ସୂଚନାଯୋଗ୍ୟ ଯେ, ବୁଧବାର ରାତିଠାରୁ ଅଞ୍ଚଳରେ ବର୍ଷା ଲାଗି ରହିଥିବା ବେଳେ ଗୁରୁବାର ସକାଳେ ପ୍ରାୟ ଦୁଇ ଘଣ୍ଟା ଧରି ମୂଷଳଧାରାରେ ବର୍ଷା ହେବାରୁ ସହରର ସ୍ଥିତି ବେହାଲ୍ ହୋଇ ପଡ଼ିଥିଲା। ବିପର୍ଯ୍ୟନ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁ ଜଳ ନିଷ୍କାସନ ହୋଇ ନପାରି ଚାହୁଁ ଚାହୁଁ ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା। ରିଂ ରୋଡ୍ ଓ ମେନ୍ ରୋଡ୍ ସମେତ ବିଭିନ୍ନ ପ୍ରମୁଖ ରାସ୍ତାରେ ପାଣି ଜମିଥିବା ବେଳେ ବାସନ୍ତୀ କଲୋନୀର ଜିଏମ ବ୍ଲକ ରାସ୍ତାରେ ୪ ଫୁଟର ପାଣି ବହିବା ସହ ସମସ୍ତ ଘର ଭିତରେ ଡ୍ରେନ ପାଣି ପଶିଯାଇଥିଲା। ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ଅନିତା ନାୟକ ପହଞ୍ଚି ଜଳବନ୍ଦୀ ଥିବା ଲୋକଙ୍କୁ ଭେଟିଥିଲେ।

ସେହିପରି ଏହି ପ୍ରବଳ ବର୍ଷା ଯୋଗୁଁ ବାସନ୍ତୀ କଲୋନୀର ଡିଏଭି ପୋଖରୀ ଭର୍ତ୍ତି ହୋଇ ଓଭରଫ୍ଲୋ ହୋଇ ରାସ୍ତା ଉପରେ ୨ ଫୁଟ ଉଚ୍ଚର ପାଣି ଲହଡ଼ି ମାରିଥିଲା। ସେଠାରେ ଥିବା ସରୋବର ପାର୍କରେ ଏହି ପାଣି ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି।

ଛେଣ୍ଡ କଲୋନୀର ଆଫୋଡେବୁଲ ଆପାର୍ଟମେଣ୍ଟର ଗ୍ରାଉଣ୍ଡ ଫ୍ଲୋର ଘରଗୁଡିକରେ ୫ ଫୁଟର ପାଣି ଜମି ରହିଛି। ଛେଣ୍ଡ କଲୋନୀ ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ର ୬ ନମ୍ବର ଗେଟ ସମ୍ମୁଖରେ ୪ ଫୁଟ ପାଣି ପ୍ରବାହିତ ହେବା ସହ ସେଠାରେ ଥିବା ସବୁ ଘର ଭିତରେ ୪/୫ ଫୁଟ ଉଚ୍ଚର ପାଣି ଜମି ରହିଛି। ରିମ୍ପ ଛକ, ବିଏସଏନଏଲ ଛକ, କଳିଙ୍ଗ ବିହାର, ପାନପୋଷ ପୁରୁଣା ହାଟ, ଛେଣ୍ଡ ରେଲଓ୍ୱେ ଟ୍ରାକ, କୋଅପରେଟିଭ କଲୋନୀ, ଛେଣ୍ଡ ଆରଡିଏ କଲୋନୀ, ପାନପୋଷ ସ୍ପୋର୍ଟସ ହଷ୍ଟେଲ ନିକଟ ପୋଲ ତଳ ଆଦି ଅଞ୍ଚଳରେ ୨ରୁ ୩ ଫୁଟ ପାଣି ଲହଡି ମାରିଥିଲା। ଠାରୁ ବନ୍ଧମୁଣ୍ଡାର ତିଳକନଗର ପର୍ଯ୍ୟନ୍ତ ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିଲା। ପ୍ରବଳ ବର୍ଷା ଯୋଗୁଁ ଶଙ୍ଖ, କୋଏଲ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି।



- ଯୁଆଡେ ଦେଖିବ ପାଣି ଆଉ ପାଣି
- ବସ୍ତି, ରାସ୍ତାଠାରୁ ଘର ଭିତରରେ ୨ରୁ ୫ ଫୁଟ ପାଣି
- ଜୀବନଯାତ୍ରା ବ୍ୟାହତ; ଯାତାୟାତ ଠପ୍



## ବୈତରଣୀରେ ଆସୁଛି ପୁଣି ବଡ଼ବନ୍ୟା !

ବାରିକପୁର,୧୩।୮(ସମିସ): ପ୍ରଥମ ବନ୍ୟାକୁ ୧୫ ଦିନ ଯାଇ ନ ଥିବାବେଳେ ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ପୁଣି ବଡ଼ ବନ୍ୟା ଆସୁଛି। ନଦୀର ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ମୂଷଳ ଧାରାରେ ହେବା ଯୋଗୁଁ ଏହି ବନ୍ୟା ଦେଖା ଦେଇଥିବା କୁହାଯାଇଛି। ଗତ ବୁଧବାରଠାରୁ ଗୁରୁବାର ସକାଳ ଯାଏଁ ଆନନ୍ଦପୁରଠାରେ ୨୧.୬ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଚମ୍ପୁଆଠାରେ ୧୧୯ ମିମି, ସ୍ୱାମପାଟଣାଠାରେ ୭୨.୮ ମିମି ଓ କେନ୍ଦୁଝରଠାରେ ୪୭ ମିମି ବର୍ଷା ରେକର୍ଡ ହୋଇଛି। ସେହିଭଳି ଗୁରୁବାର ସକାଳଠାରୁ ସନ୍ଧ୍ୟା ଯାଏଁ ଚମ୍ପୁଆଠାରେ ୭୩.୨ ମିମି, ସ୍ୱାମପାଟଣାଠାରେ ୩୭.୪ ମିମି ଓ ଆନନ୍ଦପୁରଠାରେ ୧୧.୮ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏହାଛଡ଼ା କେନ୍ଦୁଝର ଜିଲ୍ଲା ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାରେ ମାତ୍ରାଧିକ ବର୍ଷା କାରଣରୁ ବୈତରଣୀ ନଦୀ ସହିତ ସଂଯୋଗ ରହିଥିବା କିଛି ପାହାଡ଼ିଆ ନାଳରେ ପାଣି ଆସୁଥିବା କୁହାଯାଉଛି। ତେଣୁ ନଦୀର ଆନନ୍ଦପୁରଠାରେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ବନ୍ୟାଜଳ ବିପଦ ସତର୍କ ସୂଚନା ଟପିଥିବା ସୂଚନା ମିଳିଛି। ଏଠାରେ ବିପଦ ସଂକେତ ୩୮.୩୬୦ ମିଟର ଥିବାବେଳେ ବନ୍ୟା ପାଣି ସତର୍କ ସ୍ତର ୩୭.୪୪୫ ମିଟର ଉପରେ ପ୍ରବାହିତ ହେଉଛି। ସେହିଭଳି ଆଖୁଆପଦା ଆନିକଟଠାରେ ସନ୍ଧ୍ୟା ୬ଟାରୁ ଜଳସ୍ତର ବୃଦ୍ଧି ପାଉଥିବା ଜଣାପଡ଼ିଛି। ଦିନ ତମାମ ଜଳସ୍ତର ହ୍ରାସ ପାଉଥିବାବେଳେ ସନ୍ଧ୍ୟାବେଳୁ ଏହା ବୃଦ୍ଧି ହୋଇଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ରହିଥିବାବେଳେ ସନ୍ଧ୍ୟା ୭ଟା ସୁଦ୍ଧା ୧୭.୨୧ ମିଟରରେ ଜଳ ପ୍ରବାହିତ ହେଉଛି। ଶୁକ୍ରବାର ସକାଳୁ ବନ୍ୟାର ରୂପରେଖ ସ୍ପଷ୍ଟ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

